ପୃଷ୍ଠରେ ମାଙ୍କଡ଼ ଉପଦ୍ରବ ଅତ୍ୟନ୍ତ ହେବାରୁ ମାନ୍ଦ୍ରାଜ ସମାଗ୍ରର ସେମାନଙ୍କୁ ଧରି ସ୍ଥାନାନ୍ତର କରିବା କାରଣ ତୃଶୀ ମିଉନିସିପାଲ କମିଶନରମାନଙ୍କୁ ଅନୁରୋଧ କରିଅଛନ୍ତି ଏବଂ ମିଉନିସିପାଲ ଅଫିସରରେ ମର୍କଟ ଉପଦ୍ରବ ନିବାରଣ କରିବା ମିଉନିସିପାଲିଟିର ଅଫିସଙ୍କର କାର୍ଯ୍ୟ ବୋଲି ଦେଖାଇ ଦେଇଅଛନ୍ତି । ମାତ୍ର ବଣର ଧରିଦେବେ ଓ କେଉଁଠାରେ ଛାଡ଼ିଦେଲେ ସହରକୁ ଫେରି ଆସିବେ ନାହିଁ କେହି ସେ ଉପାୟ କହିଦେଲେ ଭଲ ହେବ । ମାଙ୍କଡ଼ ଜ୍ୱାଳା ସବୁ ଗାଁରେ ଦେଖାଯାଏ । କହିଁର କାରଣ ଯାନିମାନେ ମନରେ ସେମାନଙ୍କୁ ସୁଖ ପାଉ ନ ଥିଲେହେଁ ନାହିଁଲେ ଅଧର୍ମୀ ପତିତ ହେବା ଭୟରେ ସେମାନଙ୍କୁ ମାରିବାର କୈଶିଦ ଥାଇ ଭୂଜା ନଣା ଇତ୍ୟାଦ ଗଣି ଖାଇବାକୁ ଦଅନ୍ତି । ଏ ରୋଗର ପ୍ରତିକାର ସହଜ ନୁହେ ।

---

ଯେଉଁମାନେ ସନ ୧୮୧୮ ସାଲର ଆଇନ ଅନୁଯାୟୀ ନିର୍ବାସିତ ହୋଇଅଛନ୍ତି ସେମାନେ ବିଚାରରେ ଦଣ୍ଡ ପ୍ରାପ୍ତ ନ ହେଲେ ସାଧାରଣ କାର୍ଯ୍ୟ କରିବା ଅକ୍ଷମ ବୋଲି ଧାର୍ଯ୍ୟ ହେବେ କି ନାହିଁ ଏ ବିଷୟ ବିଲାତ ପାର୍ଲିଆମେଣ୍ଟ ମହାସଭାରେ ମାନ୍ୟବର ମାକ୍‌ଡୋନେଲ ସାହେବ ମହୋଦୟ ପ୍ରଶ୍ନ କରନ୍ତେ ଆମମାନଙ୍କର ନୂଆ ସେକ୍ରେଟେରୀ ଉତ୍ତର ଦେଲେ ଯେ ଲର୍ଡ ମର୍ଲି ମହୋଦୟ ଏ ସମ୍ବନ୍ଧରେ ଏମନ୍ତ ଉତ୍ତର ଦେବାକୁ ଅକ୍ଷମ ମାତ୍ର ନିର୍ବାସିତ ବ୍ୟକ୍ତି ଉଭୟଙ୍କ ସହାଯେ ବ୍ୟବସ୍ଥାପକ ସଭାରେ ସ୍ଥାନ ପାଇବାକୁ ଅକ୍ଷମ ନୁହନ୍ତି ବୋଲି ସେ ବିବେଚନା କରନ୍ତି ।—ଲାଲ ଲଜପତ୍‌ରାୟ ମହୋଦୟ ନିର୍ବାସିତ ହୋଇ ସୁଦ୍ଧା ବର୍ତ୍ତମାନ ଓକାଲତି କରିବା କାରଣ ଅନୁମତି ପାଇଅଛନ୍ତି । ଫଳତଃ କୌଣସି ଅପରାଧର ଦୋଷୀ ହୋଇ ଦଣ୍ଡ ନ ପାଇବା ଯାଏ କେବଳ ଶାସନ ଦଣ୍ଡ ହେତୁ ସାଧାରଣ କାର୍ଯ୍ୟ କରିବା କୌଣସି ଲୋକଙ୍କୁ ଅକ୍ଷମ କରିବ ଯୁକ୍ତିସିଦ୍ଧ ହୋଇ ନ ପାରେ ।

---

ପ୍ରତ୍ୟେକଠାରେ କାୟସ୍ଥମାନଙ୍କର ଯେଉଁ ସମସ୍ତ ସଭା ବସିଥିଲା ଏହି ମାସ ତା ୧୬ ରଖରେ ତହିଁର ଶେଷ ଅଧିବେଶନ ହୋଇଥିବାର ସମ୍ବାଦ ମିଳଇ । ଯେ ଦଉ ଶ୍ରୀ କିଶୋ, ବେଲୁଣିଆ, ଲଣ୍ଡ ମାଯୁସ୍ତ ମେମ୍ବର ମଣ୍ଡଳିର ଅବାଧ ପ୍ରଦାନ ଏବଂ ଧର୍ମ୍ମ ଯାଜନ ସମ୍ବନ୍ଧରେ ପ୍ରସ୍ତାବମାନ ଧାର୍ଯ୍ୟ ହେଲା, ଯେଉଁମାନେ ଧର୍ମ୍ମ ଧାର ହୋଇ ବିଦେଶକୁ ଯାଇଥିବେ ହେବେ ସେମାନଙ୍କୁ ଜାତି ଅପକ୍ତିରେ ମିଶାଇ ନେବାରେ ଗ୍ରହଣ କରିବା ଉଚିତ ସବ

ସ୍ପଷ୍ଟରୂପେ ସ୍ଥିର ହେଲା । ଅତଏ ଏ ବିଷୟରେ ଯେତେଦୂର ଧରାଧରି ହୋଇ ବନା ପ୍ରାୟଶ୍ଚିତ୍ତରେ ଜାତିରେ ନ ନେବାର ଦେଖାଯାଉଥିଲା ବର୍ତ୍ତମାନ ତାହା କ୍ରମଶଃ ଶିଥିଳ ହୋଇ ଯାଉଅଛି । ତଥାପି ସଭାରେ ଏରୂପ ଧାର୍ଯ୍ୟ ହେବା ସୁଖର ବିଷୟ ଏବଂ ତାହା ଉନ୍ନତିର ପରିଚାୟକ । ଭାରତ ସମ୍ପ୍ରଦାୟର କାୟସ୍ଥମାନଙ୍କ ମଧ୍ୟରେ ବିବାହ ବଙ୍ଗଳାରେ ଆରମ୍ଭ ହୋଇ ସଭାରେ ଧାର୍ଯ୍ୟ ହୋଇଅଛି ଏବଂ ଲୋକେ ସ୍ୱଚ୍ଛନ୍ଦମତରେ ତାହା ପ୍ରତିପାଳନ କଲେ ଏକତା ବର୍ଦ୍ଧିତ ହେବାଦ୍ୱାରା ନାନା ପ୍ରକାରରେ ମଙ୍ଗଳ ସାଧିତ ହେବ ।

---

ଗତ ପୂର୍ବ ବୁଧବାର ଦିନ ଆମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ନୂତନ ମାଜିଷ୍ଟ୍ରେଟ ବର୍ଲି ସାହେବ ମହୋଦୟ ସ୍ତ୍ରୀ ସମଭିବ୍ୟାହାରେ ଏଠା ରେଭେନ୍‌ସା ବାଳିକା ବିଦ୍ୟାଳୟ ପରିଦର୍ଶନାର୍ଥ ଶୁଭାଗମନ କରିଥିଲେ । ଏହି ବିଦ୍ୟାଳୟ ଲୁମାଗ୍ରୀ ଦାସଙ୍କ ତତ୍ତ୍ୱାବଧାନରେ ଉଚ୍ଚ ଶ୍ରେଣୀର ବିଦ୍ୟାଳୟରେ ପରିଣତ ହେବାଅବଧିରୁ ଅନେକେ ଜିଲ୍ଲା ମାଜିଷ୍ଟ୍ରେଟ ଦେଖିବାକୁ ଆସିନ ଥିଲେ ଏବଂ ବର୍ତ୍ତମାନ ମାଜିଷ୍ଟ୍ରେଟ ମହୋଦୟ ଆପଣାର ବିଦୁଷୀ ସ୍ତ୍ରୀଙ୍କ ସଙ୍ଗେ ଯେଉଁ ବିଦ୍ୟାଳୟରେ ପଦାର୍ପଣ କରିବା ସ୍କୁଲର ଛାତ୍ରୀ ଓ ଶିକ୍ଷୟିତ୍ରୀ ଏବଂ ପରିଚାଳକଙ୍କ ପକ୍ଷେ ଅବଶ୍ୟ ଆହ୍ଲାଦଜନକ । ଶାସନକର୍ତ୍ତାଙ୍କ ମହିଳାମାନେ ଏହି ବିଦ୍ୟାଳୟପ୍ରତି ଏହିରୂପ ଦୃଷ୍ଟି ରଖିଥିଲେ ଅଚିରେ ଯେ ତହିଁର ପ୍ରଭୂତ ମଙ୍ଗଳ ହେବ ଏଥିରେ ସନ୍ଦେହ ନାହିଁ ଏବଂ ଏ ହେତୁ ପତି ପତ୍ନୀ ଉଭୟେ ଆମ୍ଭମାନଙ୍କର ଧନ୍ୟବାଦାର୍ହ ଅଟନ୍ତି । ସ୍ତ୍ରୀ ଶିକ୍ଷାର ଉନ୍ନତି କର୍ତ୍ତୃପକ୍ଷଙ୍କ ବିଦୁଷୀ ମହିଳାମାନଙ୍କ ଯତ୍ନ ଉପରେ ଯେ ଏକାନ୍ତ ନିର୍ଭର କରେ ବୋଲିବା ବାହୁଲ୍ୟ ।

---

ଗତ ଅକ୍ଷୟତୃତୀୟାଠାରୁ ଶ୍ରୀ ଜଗନ୍ନାଥଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହୋଇଅଛି । ମେଡିକାଲର ରାଜବହାଦୁର ବାବୁ ଅସିତାଦନ ଯାହାର ଯେପରି ଉଚିତ କେଉଁଅଛନ୍ତି ଏ ବର୍ଷ ମଧ୍ୟ ସେହିପରି ଚନ୍ଦନମଣ୍ଡପ ଓ ଶ୍ରୀ ସାଙ୍ଗସଙ୍ଗ ବିଭୂଷିତ ଏବଂ ଝାଡ଼ ଓ ନାନାବାତିରେ ଆଲୋକିତ ହୋଇଅଛି । ବିଶେଷତଃ ଛ ହଜାର ଟଙ୍କା ବ୍ୟୟରେ ରୌପ୍ୟନିର୍ମ୍ମିତ ଓ ସ୍ୱର୍ଣ୍ଣମଣ୍ଡିତ ଗୋଟିଏ ଅପୂର୍ବ ସିଂହାସନ ବନାଇଦେଇ ଭଦ୍ରତା ହୋଇ ଅଛିଅଛି ସେ ତାହା ଚନ୍ଦନପୁର ଉପରେ ସ୍ଥାପିତ ହୋଇ ତହିଁରେ ଶ୍ରୀ ମଦନମୋହନ ଜିଉ, ଲକ୍ଷ୍ମୀ ଓ ସରସ୍ୱତୀ ବିଜେ ହୋଇ ଶୋଭାପା ପାଉଅଛନ୍ତି । ସିଂହାସନର ଶିଳ୍ପ କୌଶଳ ଅତି ଚମତ୍କାର ହୋଇ

ଅଛି । ମାତ୍ର ସହରରେ ବର୍ଷାଯୋଗୁଁ ଯାତ୍ରା-ଲୋକର ଶୀତଳୋପଚାରରେ ଲୋକଙ୍କର ଦୃଷ୍ଟି ହେଉନାହିଁ । ଏବଂ ନାନା ଆମୋଦରେ ସାହି ଦେଖି ବୁଲିବା ଉତ୍ସାହ ଲାଗି ଯାଉଅଛି । ବର୍ଷା ହେଲେ ଚନ୍ଦନଯାତ୍ରାର ସୁଖ କି ରହେ ? ଠାକୁରମାନଙ୍କ ନୀତି ଯଥାଶୀଘ୍ର ହେଉଅଛି । ଠାକୁରମାନେ ଅପରାହ୍ନ ପ୍ରାୟ ୩ ଘଣ୍ଟାରେ ଯାଇ ବାହାରି ସନ୍ଧ୍ୟା ୮ଟା ପୂର୍ବେ ମନ୍ଦିରକୁ ପ୍ରତ୍ୟାଗମନ କରୁଅଛନ୍ତି ।

---

'ବଙ୍ଗୀୟ ଷ୍ଟିମ ନାଭିଗେସନ କମ୍ପାନି' ନାମରେ ଗୋଟିଏ ନୂତନ କମ୍ପାନି ପ୍ରତିଷ୍ଠିତ ହୋଇଅଛି । ଏହି କମ୍ପାନି ବର୍ତ୍ତମାନ ଯଶୋହର ଜିଲ୍ଲାର ଝିନ୍ଦଗାଗାଛଠାରୁ କଲିକତା-ପର୍ଯ୍ୟନ୍ତ ଧୂଆଁକଳ ଜାହାଜ ଚଳାଇ ଦେଉଅଛନ୍ତି । କ୍ରମେ ଅନ୍ୟାନ୍ୟ ସ୍ଥାନକୁ ଷ୍ଟିମରରେ ଯାତ୍ରୀ ଓ ମାଲ ବୋଝାଇ କରିବେ । ସ୍ୱଦେଶ ଲେଖିଅଛନ୍ତି ପୂର୍ବେ ଏହିପରି ଗୋଟିଏ କମ୍ପାନି କାର୍ଯ୍ୟ କରିବାର ବ୍ୟୁହକୁ ଜୀବବାନ ହୋଇ ପାରି ନ ଥିଲେ । ଏହି କମ୍ପାନିର କାର୍ଯ୍ୟାଧ୍ୟକ୍ଷ ଡିରେକ୍ଟର ଦଳରେ ପ୍ରସିଦ୍ଧ ଜମିଦାର ଶ୍ରୀଯୁକ୍ତ ଶଶିଭୂଷଣ ବାନାର୍ଜ୍ଜୀ, କାଳୀକୃଷ୍ଣ ଠାକୁର ଷ୍ଟେଟର, ବୃନ୍ଦାବନ ମାନେଜରର ଶ୍ରୀଯୁକ୍ତ ସୁଧାକଚନ୍ଦ୍ର, ଦେବ, ଏ, ଏବଂ ଉତ୍କଳର ଭୂମ୍ୟଧିକାରୀ ଶ୍ରୀଯୁକ୍ତ ପଦ୍ମଲୋଚନ ମହାନ୍ତି ଅଛନ୍ତି । ଏମାନଙ୍କ ହାତରେ କମ୍ପାନିର କାର୍ଯ୍ୟ ସୁଶୃଙ୍ଖଳିତ ହେବାର ସମ୍ପୂର୍ଣ୍ଣ ଆଶା ଅଛି । ଆମ୍ଭେମାନେ ମଧ୍ୟ ସେହିପରି ଆଶା କରୁଁ । ବଙ୍ଗ ଓ ଉତ୍କଳର ସୁଦକ୍ଷ ବ୍ୟକ୍ତିଙ୍କ ସଂଯୋଗରେ କମ୍ପାନିର ଶ୍ରୀବୃଦ୍ଧି ହେଲେ ଉତ୍କଳର ମଧ୍ୟ ଗୌରବ ବଢ଼ିବ ।

---

ଆମ୍ଭମାନଙ୍କର ଗଡ଼ପୁର ସମ୍ବାଦଦାତା ଲେଖିଅଛନ୍ତି ଯେ ଖରସୁଆ ନଦୀର ଦକ୍ଷିଣ ତଟସ୍ଥ ଲକ୍ଷ୍ମୀପୁର ମଉଜା ଦକ୍ଷିଣ ପଶ୍ଚିମ କୋଣ ବାଙ୍କି ଉପରେ ଗଡ଼ବଣ ଜଙ୍ଗଲବାହି ସମସ୍ତେ ଏକ ନୂତନ ଗାଡ଼ ଆରମ୍ଭ ହୋଇ ପ୍ରାୟ ଫ ୧୫୦ ଟ ଲମ୍ବା ୧୦୦ ଫୁଟ ଓସାର ଓ ୧୦ ଫୁଟ ଗଭୀର ହୋଇ ଯାଇଅଛି ଉକ୍ତ ନୂତନ ଗାଡ଼କୁ ଶୀଘ୍ର ବନ୍ଦ ନ କଲେ ଚାଲିବର୍ଷରେ ଯେ ଗାଡ଼ ବୃଦ୍ଧି ହୋଇ ସ୍ରୋତ ଅବାଧ ଧାରଣ କରି ଲକ୍ଷ୍ମୀପୁର, ଭଣପୁର, ନରଣପୁର, ବହୁଲପା ଓ ବାଲିଗାଁ ଆଦି ଗ୍ରାମର ସର୍ବନାଶ ସାଧନ କରିବ ଉକ୍ତ ଗ୍ରାମସ୍ଥ ଲୋକର ଶିମିଳ ଗାଡ଼, ତନ୍ତ୍ରୀ ଗାଡ଼, ଓ ପାଣିଘରା ଗାଡ଼ମାନ ପ୍ରଥମେ ଏହିପରି ସାମାନ୍ୟ ଭାବରେ ଗାଡ଼ ହୋଇଥିଲା କ୍ରମଶଃ ତାହା ବୃଦ୍ଧି ହୋଇ ସେଠା ଗ୍ରାମବାସୀମାନଙ୍କର ଦୁଃଖର ଅତ ଦୁଃଖ

Split by PDF Splitter

Digitized by srujanika@gmail.com

naturally or from self interest some small faction in Orissa may incline in favour of a continuance under Bengal. But is that to the best interests of Orissa and the Oriyas? Let not the vociferations of a clamorous few at the surface pass for the interests or wishes of rural Orissa, and mislead Government. Our leaders ought to see to this.

Fortunately, Government have recognized the claims to their consideration of backward Orissa, with an identity and potentialities all her own; they have not of late taken any step irrevocably committing themselves to any course dooming Orissa to disappointment. If any memorial goes up, it should be one praying for a separate Government or administration. We want the undivided care and attention of a parent, and not the unequal combination with so predominant a partner as Bengal.

Yours sincerely,
An Oriya
in the Moffusil

22-4-09

---

To
The Editor Utkal Dipika

Sir,

With reference to the article of "Orissa" found in your issue of the 17th inst. I am glad to learn that there are Oriyas in Orissa who now and then show signs of political life. In the midst of the struggle now going on among the advanced races of India to get a fair share of the loaves and fishes of the state, it is difficult to understand what share the Oriyas will have in any scheme of Reform which the British Raj may be pleased to pass, considering the narrow physical and numercal limits within which the Oriyas are placed by reason of the excision of Ganjam from Orissa. Ofcourse every Indian who realises the Indian conditions of life must admit, what a serious loss it means to Orissa if she be deprived of her independent entity by having to merge it partly in Madras and partly in Bengal. This is a position, which every Indian who has any patriotism in him must pity and try to remedy. Unfortunately, the Indian is not yet sufficiently capable of that broad sympathy which alone can realise the real difficulties of the Oriyas. Be it however what it may, why are the Oriyas themselves sleeping while the whole India is awake. There is so much sensation in Bengal every day after the partition of Bengal why is there not a word heard in the wide Orissa about the partition of Orissa. This shows that the Oriyas have not risen from their decadent condition yet except for one man the Hon. M. S. Das. But however, where there is a will there is a way viz. we can give some fees to the pleaders of Orissa to fight our cause and so what we can not secure by an appeal to patriotic motives, we can secure by an appeal to mercenery motives. Any how the result is the same, whatever the motives may be. I would therefore offer Rs 10000 to prepare the petition and work up the other materials necessary for the despatch to England, which our "Orissa" has kindly suggested. Expecting a sympathetic response to this earnest appeal.

I remain
Yours &c.
A Ganjami Oriya

---

ମହାଶୟ !

ଏହି କି ପକ୍ଷପାତ ଶିକ୍ଷା ବିଭାଗ ?

'ଶିକ୍ଷା ବିଭାଗର ଦେହ ପୁଣ୍ୟମୟ ଛାଞ୍ଚରେ ଗଠିତ ଓ ସେଥିରେ ପାପର ପରମାଣୁ ଅଟେ ନାହିଁ;' ଏ କଥା ସର୍ବବାଦିସମ୍ମତ । ଏପରି ପବିତ୍ର ବିଭାଗ ଉପରେ ଦୋଷାରୋପ କରିବା ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେ । ତଥାପି ଏଥି ବିରୁଦ୍ଧରେ ଘଟିତ ଘଟଣା ଗୁଡ଼ିକ ପ୍ରକାଶ ନ କରି ରହି ପାରିଲି ନାହିଁ । ମୋହର ଦୋଷ ମାର୍ଜନା କରି ବାଧିତ କରିବେ ।

ଶିକ୍ଷା ବିଭାଗ ଧର୍ମ ବିଭାଗ । ସରକାର ବାହାଦୁର ଧର୍ମ ପରବଶ ହୋଇ ସ୍ଥାନେ ସ୍ଥାନେ ବିଦ୍ୟାଳୟ ସ୍ଥାପନ କରି ତାହାର ସମୁଦାୟ ବ୍ୟୟ ବହନ-ପୂର୍ବକ ଦେଶର ବାଳକ ବାଳିକାମାନଙ୍କୁ ଶିକ୍ଷା ଦେଉଅଛନ୍ତି । ଧ୍ରୁବଦେ ଶରେ ଏହିପରି ବହୁ ପ୍ରଚଳିତ ଅଛି । ଏଥିରେ କେତେ ଟଙ୍କା ଖରଚ ହେଉଅଛି ଓ ବଡ଼ ଗୀୟୁ ଇନ୍‌ସ୍ପେକ୍ଟରଠାରୁ ଚଟ-ଶାଳାର ଅବଧାନ ପର୍ଯ୍ୟନ୍ତ କେତେ କେତେ ଲୋକ ପୋଷି ହେଉଅଛନ୍ତି; ସେ ସବୁର ସଂଖ୍ୟା ନାହିଁ । ମାନ ସରକାର ବାହାଦୁର ଓ ଶିକ୍ଷା ବିଭାଗର କର୍ତ୍ତାମାନେ ଧର୍ମଗୁରୁ ନିଯୁକ୍ତ କରିବାବେଳେ ତାହାର ସଦ୍‌ଗୁଣ ପ୍ରତି ଦୃଷ୍ଟି ରଖନ୍ତି ନାହିଁ । କେବଳ ଟଙ୍କା ଲୋଭରେ ବ୍ୟକ୍ତି ବିଶେଷ ଶିକ୍ଷକ ପଦ ଲାଭ୍ୟ ।

ଏହି ବୃତ୍ତାନ୍ତ ଶ୍ରୀବାସନ୍ତ କର୍ମଚାରୀମାନଙ୍କଦ୍ୱାରା କେଉଁଠାରେ କି ଅନିଷ୍ଟ ସାଧିତ ହେଉଅଛି; ସେମାନେ ସଂଗତ କରି କହିବା ଉଚିତ । ଭର୍ତ୍ତିବ୍ୟର ବଡ଼ ହୋଇ ହେବଳ ଦୁଇ ଏକ ଗୋଟି ଲିପିବଦ୍ଧ କଲି । ଭଦ୍ରୋକ ଥାନାର ଜଣେ ସ୍କୁଲ ସବ୍ ଇନ୍‌ସ୍ପେକ୍ଟରଙ୍କ ଯୋଗରୁ ଗୋଟିଏ ବୃଦ୍ଧ ଶିକ୍ଷକଙ୍କୁ ଆପଣର ଜୀବନ-ସର୍ବସ୍ୱ ପୁତ୍ରକୁ ହରାଇବାକୁ ହୋଇଅଛି । ତାହାର ମୀମାଂସା ମଧ୍ୟ ଶେଷ ହୋଇ ନାହିଁ । ବର୍ତ୍ତମାନ ଜଗତସିଂହପୁର ଥାନାର ଅନ୍ତଃପାତୀ ଅସର କୂଳ ସ୍କୁଲର ଜଣେ ଶିକ୍ଷକ, ସମ୍ପାଦକଙ୍କ ଯାଇ ଅମାରକୁ ଯାଇ ସ୍ନେହକରି ଯତ୍ନ କରୁଅଛନ୍ତି । ସତ୍ୟରେ ପ୍ରକାଶ ଯେ ପାଠିଶୁ ଏହିପରି ହେ-ଲେଖ ଶର ସ୍ନେହ କରି ସ୍ୱୀୟ ଉଦର ପୂରଣ କରିବାରେ କଷ୍ଟ ବୋଧ କରି ନାହିଁ । ଅନ୍ତର ମଧ୍ୟ କେତେକ ସ୍ତ୍ରୀଲୋକ ଦୂଷିତ ଚରିତ୍ର ଶିକ୍ଷକ-ବର୍ଗରୁ କେତେ ସୁକୋମଳ ମତି ନିର୍ଦ୍ଦୋଷ ବାଳକ ତାଙ୍କ ଘୋର କଳଙ୍କିତ ପଙ୍କରେ ନିମଗ୍ନ ହୋଇଅଛି ଓ ହେଉଅଛି । ସେ ସବୁ ପ୍ରକାଶ କରି ଆପଣଙ୍କ ପୁଣ୍ୟମୟୀ ପତ୍ରିକାକୁ କଳୁଷିତ କରିବାକୁ ଇଚ୍ଛା କରୁ ନାହିଁ । ଶିକ୍ଷକ କାର୍ଯ୍ୟରେ ନିଯୁକ୍ତ ହୋଇ ଏପରି ଅନ୍ୟାୟ କାର୍ଯ୍ୟ କରିବା ଦେଖିଲେ ଗବର୍ନମେଣ୍ଟଙ୍କ ନିକଟରେ ମହାଅପରାଧୀ ହେବାକୁ ହୁଏ । ଶିକ୍ଷକ ମହାଶୟ ଭାବ ପାରନ୍ତି ଯେ ଏ ଗୋପନୀୟ କାର୍ଯ୍ୟ ଗୁପ୍ତରେ ରହିବ; କିନ୍ତୁ ତାହା ନୁହେ । ଇତ୍ୟାଦି ପରମେଶ୍ୱର ଆପଣଙ୍କ ଶିକ୍ଷକ ଆସନରେ ବସାଇ ଆପଣଙ୍କର ସମ୍ମୁଖରେ ଉପସ୍ଥିତ ହୋଇଅଛନ୍ତି । ସେ ଆପଣଙ୍କର ଗୋପ୍ୟ କାର୍ଯ୍ୟ ସକଳ ଦେଖୁଅଛନ୍ତି, ଆପଣ ଏହି ପାପରୁ କେବେହେଲେ ମୁକ୍ତ ହେବେ ନାହିଁ ।

ଏହିପରି ହୋଇ ନାନା ଘଟନା ଶିକ୍ଷା ବିଭାଗର କର୍ମଚାରୀମାନଙ୍କ ଉପରେ ପ୍ରତିଦିନ ଶୁଣା ଯାଉଥିବା ପ୍ରତ୍ୟେକ ଶିକ୍ଷା ବିଭାଗର କେତାମାନେ ଶିକ୍ଷକ ବା କର୍ମଚାରୀ ରଖିବା ସମୟରେ ସେଥିପ୍ରତି ଲକ୍ଷ୍ୟ ନ ରଖୁଥିବା ବଡ଼ ଦୁଃଖର କଥା । ପ୍ରାର୍ଥନା କରୁଅଛୁ ଶିକ୍ଷାବିଭାଗର କର୍ତ୍ତାମାନେ ଓ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟର ସମ୍ପାଦକମାନେ ନୂତନ ଶିକ୍ଷକ ନିଯୁକ୍ତ କରିବା-ବେଳେ ତାହାର ଚରିତ୍ର ପ୍ରତି ବିଶେଷ ଦୃଷ୍ଟି ରଖିବେ । ଦୂଷିତ ଚରିତ୍ରସମ୍ପନ୍ନ ବ୍ୟକ୍ତି ଶିକ୍ଷକ ପଦରେ ନିଯୁକ୍ତ ହେଲେ କେତେ ଅନିଷ୍ଟର ସମ୍ଭାବନା ହେବ ଏହା ଏକ ଲେଖା ମାଧ୍ୟମରେ ବର୍ଣ୍ଣନା କରାଯାଇ ନ ପାରେ । କଲ ପାଠ ପଢ଼ି ଯାଇଛି ବୋଲି ଉପଯୁକ୍ତ ଶିକ୍ଷକ ହେବାର ଏହା ଯୌକ୍ତିକତାରେ ସମ୍ଭବ ନୁହେ । ଏପରି ଶିକ୍ଷକ ରଖିବାଦ୍ୱାରା ସରକାର ପ୍ରକୃତରୂପେ ଈଶ୍ୱରଙ୍କଠାରେ ଅନ୍ୟାୟକାରୀ ହୋଇଅଛନ୍ତି ।

ଜନୈକ ଓଡ଼ିଆ

Split by PDF Splitter

Digitized by srujanika@gmail.com

# ନିଲାମୀ ଇସ୍ତାହାର ।

ଜିଲ୍ଲା କଟକ ତେନ୍ତୁଳିପଡ଼ା । ମୁ । ମୁନସଫି ଅଦାଲତ ର ୮୨ ନମ୍ବର ଡିକ୍ରୀଜାରି । ବା । ସନ ୧୯୦୯ ମସୀହା ।

ଦ୍ୱାରବନ୍ଧୁ ବେହେରା । ସା । ବଡ଼ହାଟ । ପ୍ର କଟକ ଡିକ୍ରୀଦାର

(ବନାମ)

ବାବୁ ବୃନ୍ଦାବନ ହରିଚନ୍ଦନ । ସା । କାକଟ ପୁର । କଟକ ଦେଣଦାର

ଉପର ଲିଖିତ ନମ୍ବର ଡିକ୍ରୀଜାରି ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୫୨୩।/୧ ଆଦାୟ ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ମଇ ମାସ ତା ୧୫ ରଖେ ଦିବା ଘ ୮ ଘା ସମୟେ ଏହି ତେନ୍ତୁଳିପଡ଼ା ମୁନ୍‌ସଫି ଅଦାଲତ କଚେରୀଘରଠାରେ ନିଲାମ କରାଯିବ ।

ତପସିଲ ସମ୍ପତ୍ତି ।

କଟକ ଜିଲ୍ଲା ଅନ୍ତର୍ଗତ ତେନ୍ତୁଳିପଡ଼ା ପୁଲିସ ଷ୍ଟେସନ ଓ ଉକ୍ତ ସବରେଜେଷ୍ଟ୍ରୀର ଏଲାକାର । ପ୍ର । ସୁଲାବାଦ ନ ୩୦୧୯ ମ୍ବର ତଉଜି ଭୁକ୍ତ । ତା, ସମ୍ଭଦପୁର । ମୌ । ସମ୍ଭଦପୁର ଜମିଦାରୀର ଚହଁଳ ଷୋଳପଣ ସଦରଜମା ଟ ୫୪୫ କା ଅଟେ ଉକ୍ତ ଦୋରବସ୍ତ ଜମିଦାରୀ ପକ୍ଷେ ବାବୁ ବଳରାମ ହରିଚନ୍ଦନ ଓ ବାବୁ ଶ୍ୟାମ ସୁନ୍ଦର ନରେନ୍ଦ୍ର ଓ ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜ ଓ ବାବୁ ବୃନ୍ଦାବନଚନ୍ଦ୍ର ହରିଚନ୍ଦନ ଓ ବାବୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ପାଇଁଙ୍କ ନାମ ସନ୧୮୭୭ସାଲ ଆଇନରେ ଏ ଜିଲାର କଲେଟ୍ଟରୀ ସେରସ୍ତାରେ ଦରଜ ଅଛି ତହିଁ ମଧ୍ୟରୁ ଦେଣଦାର ବୃନ୍ଦାବନଚନ୍ଦ୍ର ହରିଚନ୍ଦନଙ୍କ ଭୋଗ ଦଖଲ ଅଂଶ । ୬ । ଟ ୦୮/୪ ଜମିଦାରୀରୁ ମୋଟ ସଦରଜମା ଟ ୧୦୯ କା ଏ ମୋକଦ୍ଦମାରେ ନିଲାମ ହେବ । ଅନୁମାନିକ ମୂଲ୍ୟ ଟ ୨୦୦ କା ଅଟେ ।

---

ର ୨୭୫ ନମ୍ବର ଡିଃ ଜାରି ସନ ୧୯୦୯ ମସୀହା ।

ହ୍ୱିତୀୟ ମୁନସଫି

ହରେକୃଷ୍ଣ ନାଏକ ଓ; ଭାଗୀରଥୀ । ସା । ନୟାସଡ଼ାକ ସହର କଟକ ବାଦୀ ଡିଃ

( ବନାମ )

୧ ବାଞ୍ଛାନିଧି ମହାନ୍ତି । ସା । ବ୍ରାହ୍ମଣ ସାଇଲୋ । ପ୍ର । ସାଇଲୋ ୨ ଶ୍ରୀଦେବଚନ୍ଦ୍ର ଦତ୍ତ ଓରଫ ଶ୍ରୀଦେବପ୍ରସାଦ ଦତ୍ତ । ସା । କଦସୋ । ପ୍ର । ଅନ୍ତ-ରୋଧ ପ୍ରତିବାଦୀ ଦେଃ

ଉପର ଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀ-ଦାରଙ୍କର ପାଉଣା । ମ । ଟ ୮୯୭ ୩/ ସକାଶେ ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତି କଟକ ସ୍ଥିତାରୁ ଜାଜା କଟକ ମୁନ୍‌ସଫ ୨ୟ ମୁନ୍‌ସଫି ଅଦାଲତରେ ସନ ୧୯୦୯ ମସୀହା ମଇ ମାସ ତା ୧୫ ରଖେ ନିଲାମ ହେବ ।

୧ । କଟକ । ଜି । ଅନ୍ତଃପାତୀ ପୁଲିସ ଷ୍ଟେସନ ଓ ସବରେଜେଷ୍ଟ୍ରୀ । ମୁ । ଜଗତସିଂହପୁର ଏଲାକା । ପ୍ର । ସାଇଲୋ କୋଠମୂଳ । ତା । କାଟପୁର ର ୨୧୬୬ ନମ୍ବର ତଃ ଭୁକ୍ତ । ମୌ । ବଡ଼ଲ ରହବାରେ ଥିବା ଶରତା ଜମାବନ୍ଦୀ ଏ ୫-୧୬ ଜମି ର ତହିଁର ଆଦାୟ ଜମା ଟ ୫୯୬/୯ ପାଇ ଅଟେ ତହିଁ ମଧ୍ୟରୁ ନ ୧ ନମ୍ବର ପ୍ରତିବାଦୀର ଶରଦ ଦଖଲ ଏ ୩—୬୬ ରୁ ଜମା ଟ ୪୦/ ଅଟେ ଉକ୍ତ ଜମି ନିଲାମ ହେବ । ଆଃ ମୂଲ୍ୟ ଟ ୨୦୦ ୧


୨ । କଟକ ଜିଲ୍ଲା ଅନ୍ତଃପାତୀ ପୁଲିସ ଷ୍ଟେସନ ଓ ସବରେଜେଷ୍ଟ୍ରୀ । ମ । ଜଗତସିଂହପୁର ଏଲାକା । ପ୍ର । ସାଇଲୋ ନ ୨୧୦୬ ନମ୍ବର ତଃ ଭୁକ୍ତ । ମୌ । ନେଉଳପୁର ଜମିଦାରୀ ର ତହିଁର ଦୋରବସ୍ତ ସଦରଜମା ଟ ୧୦୬୧ କା ଅଟେ ତହିଁ ମଧ୍ୟରୁ ନ ୨ ନମ୍ବର ପ୍ରତିବାଦୀର ଭୋଗ ଦଖଲ ଅଂଶ । ୭ । ଟ ୦ । ଶାଲୁ ମଧ୍ୟରୁ ସଦର ଜମା ଟ ୨୬୫ ଣା ଦେଉଅଛି । ତାହା ବନ୍ଧକଥିବାରୁ ନିଲାମ ହେବ ଆଃ ମୂଲ୍ୟ ଟ ୨୫୦

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ବାବୁ ହରିପଦ ଘୋଷ ଜଟିହାର ପଶ୍ଚ | | ଟ | ୩୧ |
| ” | ଦୀନବନ୍ଧୁ ସାହୁ ଫୁଲନଖରା | ଟ | ୩୧ |
| ” | ସୁଧୀରକୁମାର ଗୋସ୍ୱାମୀ ନଗାଧ | ଟ | ୩୧ |
| ” | ବାଞ୍ଛାନିଧି ମହାନ୍ତି ମଲୟୁର | ଟ | ୩୧ |
| ” | ନରହରି ପ୍ରହରାଜ ସିଦ୍ଧେଶ୍ୱରପୁର | ଟ | ୨୧ |
| ” | ପଦ୍ମନାଭ ଦାସ ଦକ୍ଷିଣ ଭଣ୍ଡା | ଟ | ୩୧ |
| ” | ଗୋପାଳଚନ୍ଦ୍ର ନାଇକ ଓଡ଼ିଆ ବଜାର | ଟ | ୩୧ |
| ” | ନନ୍ଦଲାଲ ମିଶ୍ର କଟକ | ଟ | ୩୧ |
| ” | ନେକୋମ୍ବର ଚନ୍ଦ୍ର ଭାଗ୍ୟବତ ବୟଲବୁଣ୍ଡା | ଟ | ୩୧ |
| ” | ବୃନ୍ଦାବନ ମହାନ୍ତି ପୁରୁଷୋତ୍ତମପୁର | ଟ | ୩୧ |
| ” | ବ୍ରଜବନ୍ଧୁ ପଣ୍ଡାପାଣ୍ଡ ବୈଦେୟଶ୍ୱର | ଟ | ୩୧ |
| ବାମାପ୍ରେମୟୀ ଦାସୀ କଟକ | | ଟ | ୩୧ |
| ଶ୍ରୀ ବାବୁ ସୁଦର୍ଶନ ମହାପାତ୍ର ଲେଙ୍କେପୁର | | ଟ | ୩୧ |
| ” | ନାରାୟଣ ମିଶ୍ର ନୂଅଗାଁ | ଟ | ୩୧ |
| ” | ଉପେନ୍ଦ୍ର ଭୂୟାଁ ଜଗନ୍ନାଥପୁର | ଟ | ୨୧ |
| ” | ଲୋକନାଥ ମିଶ୍ର ମିଶ୍ରପାଟଣା | ଟ | ୩୧ |
| ” | ରାଧାମାଧବ ଭାଗ୍ୟବତ କଟକ | ଟ | ୩୧ |
| ” | ଗୋପାଳବଲ୍ଲଭ ଦାସ ମୁକୁନ୍ଦପୁର | ଟ | ୩୧ |
| ” | ଭଗବାନ ଭୂୟାଁ ଘୋଡ଼ାନାଥପୁର | ଟ | ୩୧ |
| ” | ରଘୁନାଥ ରଥସଥୀ ରାମଚନ୍ଦ୍ରପୁର | ଟ | ୩୧ |


# SINGER AND WHEELER & WILSON
## Sewing Machines.

For Cash or on Hire Purchase system by easy monthly dayments.



Prices from Rs. 30 and upwards.

We have 400 varities of sewing machines for, families tailors manufacturers &c. &c.

These are profitable and useful for families.
These are giving livelihood to several poor tailors.
These are earning money to manufacturers.
Apply to the sole Proprietors and manufacturers.
The Singer manufacturing Company
District office :—Vizagapatam
or to their
Sub-offices; Berhampore( Ganjam Bezwada, Coconada *Cuttack*: Gunteer, Nellore and Parvatipur.

# ସିଙ୍ଗର ଏବଂ ହୁଇଲର ଏବଂ ଉଇଲସନ କୋମ୍ପାନୀ ସିଲାଇ କଳ ।

ନଗଦ ଟଙ୍କା ପ୍ରତିମାସିକ ସୁଲଭ କିସ୍ତି-ବନ୍ଦୋବସ୍ତ ଦାମ ଆଦାୟ କରାଯାଏ । } ମୂଲ୍ୟ ଟ ୩୦ ୧ କା ଓ ତହିଁରୁ ଅଧିକ ।

ବୃହତ୍ ପରିବାରମାନଙ୍କ ଓ ଦରଜିମାନଙ୍କ ବ୍ୟବହାର ନିମିତ୍ତ ୪୦୦ ପ୍ରକାର ସିଲାଇ କଳ ଆମ୍ଭମାନଙ୍କଠାରେ ପାଯାଯାଏ ଏହା ପରିବାରମାନଙ୍କ ନିମନ୍ତେ ବିଶେଷ ଉପଯୋଗୀ ଓ ଲାଭଜନକ

ଏହି କଳମାନ ଶତ ଶତ ଗରିବ ଦରଜିମାନଙ୍କୁ ପ୍ରତିପୋଷଣ କରୁଅଛି ।

ଏହା ମଧ୍ୟ କାରିଗରମାନଙ୍କ ପ୍ରତି ଟଙ୍କା ଉପାର୍ଜନ କରିବାର ବିଶେଷ ଉପାୟ ।

ଏକମାତ୍ର ସ୍ୱତ୍ୱାଧିକାରୀ ଓ ଅଧ୍ୟକ୍ଷ କର୍ତ୍ତା "ସିଙ୍ଗର କୋମ୍ପାନୀ" ।

ସଦର ଅଫିସ ଭିଜାଗାପଟମ,

ସବଅଫିସ ବ୍ରହ୍ମପୁର ( ଗଞ୍ଜାମ ) ବେଜବାଡ଼ା କୋକନଡ଼ା କଟକ,, ଗୁଣ୍ଟୁର ନେଲୋର ଏବଂ ପାର୍ବତୀପୁର ।


Split by PDF Splitter
Digitized by srujanika@gmail.com

Split by PDF Splitter



ଶ୍ରୀ ଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଅଠଗଡ଼ର ପଟ୍ଟମହିଷୀ ଶ୍ରୀମତୀ ଶ୍ରୀ ରାଧାପ୍ରିୟା ପଟ୍ଟମହାଦେବୀ ନିଜର ସଞ୍ଚିତ ଧନରୁ ଗଭର୍ଣ୍ଣମେଣ୍ଟ ପ୍ରମିସରି ନୋଟ (କୋମ୍ପାନୀକାଗଜ) କ୍ରୟ କରିବା ସକାଶେ ଟ ୧୮୬୦୦ଙ୍କା ଜମା ଦେଇ ଅଛନ୍ତି । ଶତକଡ଼ା ବାର୍ଷିକ ଟ ୩॥ ହାରରେ ଉକ୍ତ ଟ ୧୮୬୦୦ ଙ୍କାରୁ ଏକହଜାର ଟଙ୍କା ସୁଦ ମିଳିବ, ସେହି ସୁଦ ନିମ୍ନଲିଖିତରୂପେ ଉତ୍କଳର ଭିନ୍ନ ଭିନ୍ନ ସ୍ଥଳରେ ସାଧାରଣ ପୁଷ୍କରିଣୀ ଖନନରେ ବ୍ୟୟିତ ହେବ । ପ୍ରତି ଦୁଇବର୍ଷରେ ଯେଉଁ ଟ ୨୦୦୦ ସୁଦ ମିଳିବ ସେଥିରେ ଯଥାକ୍ରମେ, ଅଠଗଡ଼ ରାଜ୍ୟରେ, କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ପଥିକ ଓ ଦରିଦ୍ର ପ୍ରଜାମାନଙ୍କର ବ୍ୟବହାରୋପଯୋଗୀ ନିର୍ଜଳ ସ୍ଥାନରେ ବର୍ତ୍ତମାନ ମାନ୍ୟବର ଲେଫଟନାଣ୍ଟ "ସାର ଏଡ୍‌ୱାର୍ଡ ବେକର" ଙ୍କ ନାମରେ ଗୋଟିଏ ଲେଖାଏ ସାଧାରଣ ଜଳାଶୟ ଖୋଳିତ ହେବ । ୧ ମ ବର୍ଷ ଟ ୨୦୦୦ ଙ୍କା ବ୍ୟୟରେ ଅଠଗଡ଼ର ସୁବିଧାଜନକ ସ୍ଥାନରେ ପୋଖରୀ ଖୋଳା ହେବ । ୪ ର୍ଥ ବର୍ଷ କଟକରେ ୬ ଷ୍ଠ ବର୍ଷ ପୁରୀରେ ୮ ମ ବର୍ଷ ବାଲେଶ୍ୱରରେ ୧୦ ମ ବର୍ଷ ସମ୍ବଲପୁରରେ, ଏହିପରି ପ୍ରତି ଦଶବର୍ଷରେ ଉପରୋକ୍ତ ପାଞ୍ଚଗୋଟି ସ୍ଥାନ ମଧ୍ୟରୁ ଗୋଟିଏ ସ୍ଥାନର ପାଳି ପଡ଼ିବ । ଅଠଗଡ଼ ରାଜ୍ୟରେ ଉକ୍ତ ଜଳାଶୟ ଖୋଳାଇବାର ଓ ସମୟକ୍ରମେ ମରାମତି ଓ ପଙ୍କୋଦ୍ଧାର ଆଦି କରିବାର ଭାର ଅଠଗଡ଼ର ରାଜାଙ୍କଠାରେ ନ୍ୟସ୍ତ ରହିବ ଓ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ପୋଖରୀ ଖୋଳାଇବାର ଓ ସମୟକ୍ରମେ ତହିଁର ଜୀର୍ଣ୍ଣ ସଂସ୍କାର କରିବାର ଭାର ତତ୍ତତ୍ ଜିଲାର ଡିଷ୍ଟ୍ରିକ୍ଟବୋର୍ଡମାନଙ୍କ ଉପରେ ନ୍ୟସ୍ତ ହେବ । ଏହି ଟ ୧୮୬୦୦ ଙ୍କା ଦ୍ୱାରା ଯେଉଁ ଫଣ୍ଡ ଗଠିତ ହେବ ତାହା "ସାର ଏଡ୍‌ୱାର୍ଡ ବେକର ଫଣ୍ଡ" ନାମରେ ଅଭିହିତ ହେବ । ରାଣୀଙ୍କର ଏହି ପ୍ରଶସ୍ତ ଦାନ କେବଳ ଅଠଗଡ଼ର ସୀମାବଦ୍ଧ ନ ହୋଇ ସମଗ୍ର ଉତ୍କଳର ଫଳ ପ୍ରଦ ହେବ । ଏଥିରୁ ରାଣୀଙ୍କର ଜନହିତଲିପ୍ସା ଦେଖି ମୁଁ ମୁଗ୍ଧ ହୋଇଅଛି । ଏହି ଫଣ୍ଡର ଅର୍ଥ ଉପରେ ଅଠଗଡ଼ର କୌଣସି ରାଜା ଭବିଷ୍ୟତରେ ହସ୍ତକ୍ଷେପ କରି ପାରିବେ ନାହିଁ । କିମ୍ବା ଉକ୍ତ ଅର୍ଥରୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟୟ କରି ପାରିବେ ନାହିଁ । ଏହି ଫଣ୍ଡର ଅର୍ଥ କଟକର କଲେକ୍ଟର ସାହେବଙ୍କ ତତ୍ତ୍ୱାବଧାନରେ ରହିବ । ପ୍ରଥମ ଦୁଇବର୍ଷର ଅର୍ଥରୁ ଯେଉଁ ଜଳାଶୟ ଖୋଳା ହେବାର କଥା, ରାଣୀଙ୍କର ଅନୁରୋଧ କ୍ରମେ ତାହାର କାର୍ଯ୍ୟ ଆରମ୍ଭ ହୋଇଅଛି ଓ ତାହା କଟକ ଅନୁଗୁଳ ସଡ଼କର ନିକଟବର୍ତ୍ତୀ ସ୍ଥାନରେ କଟକର ମାଇଲ ୧୦ ରଇ ଦୂରରେ ଅଠଗଡ଼ର କେତେକ ବସତି ନିକଟବର୍ତ୍ତୀ ଗୋଟିଏ ନିର୍ଜଳ ସ୍ଥାନରେ ଖୋଳାଇବା ପାଇଁ । ଅଠଗଡ଼ର ରାଜାବାହାଦୁର ସ୍ଥିର କରିଅଛନ୍ତି ଆଗାମୀ ବର୍ଷ ଲେଫଟନାଣ୍ଟ ବାହାଦୁର ଓଡ଼ିଶାକୁ ପରିଦର୍ଶନ କରି ଆସିବା ବେଳେ ଅଠଗଡ଼ ରାଜ୍ୟକୁ ଗଲେ ତାଙ୍କର ନାମାଙ୍କିତ ଗୋଟିଏ ନୂତନ ଜଳାଶୟ ଅଠଗଡ଼ରେ ଦେଖି ଅବଶ୍ୟ ଖୁସୀ ହେବେ ବୋଲି ଆଶା କରାଯାଏ । ଏହି ଫଣ୍ଡ ସଙ୍ଗେ ଆପଣା ନାମ ସଂଲଗ୍ନ କରିବା ପାଇଁ ମାନ୍ୟବର "ସାର ଏଡ୍‌ୱାର୍ଡ ବେକର" ମହୋଦୟ ସ୍ୱୀକୃତ ହୋଇଅଛନ୍ତି ।

ଉପରୋକ୍ତ ଫଣ୍ଡ ଛଡ଼ା ପଟ୍ଟମହାଦେବୀ ଆଉ ଟ ୧୮୬୦୦ ଙ୍କା ଗଭର୍ଣ୍ଣମେଣ୍ଟରେ ଜମା କରି ଅଛନ୍ତି । ତହିଁରୁ ବାର୍ଷିକ ଟ ୧୦୦୦ ଙ୍କା ଆୟ ହେବ । ଗଭର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀକ୍ରମେ ପଟ୍ଟମହାଦେବୀ ଅଠଗଡ଼ ରାଜା ବାହାଦୁରଙ୍କଠାରୁ ଚିରକାଳ ନିଷ୍କରରୂପେ ୧୦୦୦ ଏକର ଜଙ୍ଗଲ ଜମି ପଟ୍ଟା ନେଇ ନିଜ ବ୍ୟୟରେ ତାହା ଆବାଦ କରିବେ । ତହିଁର ଉତ୍ପନ୍ନରୁ ବାର୍ଷିକ ଟ ୧୦୦୦ଙ୍କା ମିଳିବ । ଏହିରୂପେ ମୋଟ ବାର୍ଷିକ ଟ ୨୦୦୦ ଙ୍କା ନିମ୍ନଲିଖିତରୂପେ ବ୍ୟୟ କରିବା ପାଇଁ, ରାଣୀ କଳ୍ପନା କରିଅଛନ୍ତି ଓ ଯେତେ ଦିନ ପର୍ଯ୍ୟନ୍ତ ନୟାବାଦ ଜମିରୁ ଟ ୧୦୦୦ ଙ୍କା ଆୟ ନ ହେବ ସେତେଦିନ ପର୍ଯ୍ୟନ୍ତ ରାଣୀ ନିଜ ହସ୍ତରୁ ଟ ୧୦୦୦ ଙ୍କା ଦେଉଥିବେ ବୋଲି ସ୍ଥିର କରିଅଛନ୍ତି ।

ନିମ୍ନଲିଖିତ ଭାବରେ ଉକ୍ତ ବାର୍ଷିକ ଦୁଇ ହଜାର ଟଙ୍କା ବ୍ୟୟିତ ହେବ ।

୧ ରାଣୀ ବୃନ୍ଦାବନଠାରେ "ରାଧାନାଥକୁଞ୍ଜ" ନାମକ ଗୋଟିଏ ଆଶ୍ରମ ସ୍ଥାପନ କରିଅଛନ୍ତି, ସେହିଠାରେ ପ୍ରତିଦିନ ଟ ୧ ଙ୍କା ମୂଲ୍ୟର ଅଟା ଓ ଲୁଣ ଜନ୍ନାଥୀ ବୈଷ୍ଣବମାନଙ୍କୁ ବଣ୍ଟନ କରାଯିବ । ଏଥିପାଇଁ ବାର୍ଷିକ ବ୍ୟୟ ଟ ୩୬୫ ଙ୍କା ।

୨ ପ୍ରତିବର୍ଷ କାର୍ତ୍ତିକ, ମାଘ ଓ ବୈଶାଖ ଏହି ତିନି ମାସରେ ପ୍ରତିଦିନ ଟ ୧ ଙ୍କାର ଅଟା ଲୁଣ ବୃନ୍ଦାବନସ୍ଥ ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡଠାରେ ଜନ୍ନାଥୀ ବୈଷ୍ଣବମାନଙ୍କୁ ବଣ୍ଟନ କରାଯିବ । ଏଥିପାଇଁ ବର୍ଷମଧ୍ୟରେ ଏହି ତିନିମାସର ବ୍ୟୟ ଟ ୯୦ଙ୍କା ।

୩ ରାଣୀ ବୃନ୍ଦାବନଠାରେ କରିଥିବା "କୃଷ୍ଣକୁଞ୍ଜ" ନାମକ ଆଶ୍ରମରେ "ରାଧାପ୍ରିୟା ରଘୁନାଥ ସଂସ୍କୃତ ଟୋଲ" ସ୍ଥାପିତ ହୋଇ ଉକ୍ତ ଟୋଲର ବୈଦିକ ଅଧ୍ୟାପକଙ୍କୁ ମାସିକ ଟ ୫ ଙ୍କା ଲେଖାଏ ବେତନ ଦିଆଯିବ । ଉକ୍ତ ଶିକ୍ଷକ ଦୈନିକ ଟ ୦ । ମୂଲ୍ୟର ଖାଦ୍ୟ ପାଇବା ସକାଶେ ରାଧାନାଥ କୁଞ୍ଜରେ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇ ଅଛି । ତାହା ଏ ଫଣ୍ଡରୁ ଦିଆଯିବ ନାହିଁ । ଏଥି ପାଇଁ ବାର୍ଷିକ ବ୍ୟୟ ଟ ୬୦ ଙ୍କା ।

୪ ଶ୍ରୀକ୍ଷେତ୍ର ପୁରୀଠାରେ ଦୈନିକ ଏକଟଙ୍କାର ମହାପ୍ରସାଦ ଭୋଗ ହୋଇ ଉକ୍ତ ମହାପ୍ରସାଦ ତିନିଜଣ ବିଦେଶୀୟ ପଣ୍ଡିତ ଓ ମୁକ୍ତିମଣ୍ଡପସ୍ଥ ଏକ ଜଣ ଦେଶୀୟ ପଣ୍ଡିତଙ୍କୁ ବଣ୍ଟନ କରାଯିବ । ଏଥିପାଇଁ ବାର୍ଷିକ ବ୍ୟୟ ଟ ୩୬୫ ଙ୍କା ।

୫ ଅଠଗଡ଼ ରାଜ୍ୟର ଏକଶତ ଜଣ ଅସହାୟ ବିଧବା ବ୍ରାହ୍ମଣୀଙ୍କୁ ପ୍ରତିବର୍ଷ କାର୍ତ୍ତିକ ମାସରେ ବସ୍ତ୍ର କିଣିବା ସକାଶେ ଟ ୧ ଙ୍କା ଲେଖାଏ ଦିଆଯିବ । କେଉଁ ବିଧବା ସାହାଯ୍ୟ ପାଇବାର ଉପଯୁକ୍ତା ତାହା ଅଠଗଡ଼ର ରାଜା ସ୍ଥିର କରିବେ । ଏଥିପାଇଁ ବାର୍ଷିକ ବ୍ୟୟ ଟ ୧୦୦ ଙ୍କା ।

୬ ଅଠଗଡ଼ ରାଜଧାନୀରେ ରାଜା ବାହାଦୁରଙ୍କଦ୍ୱାରା ପ୍ରତିଷ୍ଠିତ ଶ୍ରୀ ରାଧାମୋହନ ଜୀଉ ଓ ଜଗନ୍ନାଥ ଜୀଉଙ୍କ ମନ୍ଦିରରେ ପ୍ରସ୍ତର ମୂର୍ତ୍ତିମାନ ଖୋଦିତ ହୋଇ ସଜ୍ଜିତ ହେବା ସକାଶେ ମାସିକ ଟ ୧୫ ଙ୍କା ବେତନରେ ଜଣେ ପଥୁରିଆ ଚାକରରେ ନିଯୁକ୍ତ ହେବ । ଏଥିସକାଶେ ବାର୍ଷିକ ବ୍ୟୟ ଟ ୧୮୦ ଙ୍କା ।

୭ ଉପରୋକ୍ତ କାର୍ଯ୍ୟସକାଶେ ପ୍ରତିବର୍ଷ [illegible] ପଥର ଯୋଗାଇବାର ବ୍ୟୟ ଟ ୨୦ ଙ୍କା ।

୮ ଅଠଗଡ଼ ରାଜ୍ୟର ଯେଉଁ କୃଷିମାନେ ହଳୁଆ ବଳଦ ଅଭାବରୁ କୃଷି କାର୍ଯ୍ୟ କରି ନ ପାରିବେ ପ୍ରଥମ ବର୍ଷ ଏପରି ଦଶଜଣ କୃଷକଙ୍କୁ ପ୍ରତ୍ୟେକ ଟ ୨୦ ଙ୍କା ମୂଲ୍ୟର ହଳେ ଲେଖାଏ ବଳଦ ଖରିଦ କରି ଦିଆଯିବ ଓ ଉକ୍ତ ଟ ୨୦ ଙ୍କା ସେହି କୃଷିମାନେ ମାସିକ ଏକ ପଇସା ହିସାବରେ ସୁଦସହିତ ଏକବର୍ଷ ପରେ ଆଦାୟ ଦେଉଥିବେ । ଏହିପରି ପ୍ରଥମ ପାଞ୍ଚବର୍ଷ ଟ ୨୦୦ ଙ୍କା ଲେଖାଏ ଦିଆଯିବ ଓ ଆଦାୟ ହେଉଥିବ । ବାର୍ଷିକ ଟ ୨୦୦ ଙ୍କା ହିସାବରେ ପାଞ୍ଚ ବର୍ଷରେ ଏକ ହଜାର ଟଙ୍କା ଗଚ୍ଛିତ ହେଲାରୁ ଉକ୍ତ ଏକ ହଜାର ଟଙ୍କା ପ୍ରତିବର୍ଷ ବଳଦ ସକାଶେ ଦିଆଯାଉଥିବ ଓ ଆଦାୟ ହେଉଥିବ । ୬ଷ୍ଠ ବର୍ଷଠାରୁ ନିର୍ଦ୍ଦିଷ୍ଟ ଦୁଇଶତ ଟଙ୍କା ଓ ଉକ୍ତ ଏକହଜାର ଟଙ୍କାର ସୁଦରେ ଅଠଗଡ଼ ରାଜ୍ୟର ଦେବାଳୟମାନଙ୍କର ଜୀର୍ଣ୍ଣ ସଂସ୍କାର କରାଯିବ । ଏଥିପାଇଁ ବାର୍ଷିକ ବ୍ୟୟ ଟ ୨୦୦ ଙ୍କା ।

୯ ପ୍ରତିବର୍ଷ ସମ୍ଭବରେ ଶ୍ଳୋ ୮୮୦ ର ନିର୍ଦ୍ଦିଷ୍ଟ ଗୋଟିଏ ଲେଖାଏ କାବ୍ୟ ରଚିତ ହୋଇ ସଂଶୋଧିତ ଓ ମୁଦ୍ରିତ ହେବ । ଆଧୁନିକ ରୁଚିର ଅନୁକୂଳ ରଚନାମାନ ଉକ୍ତ କାବ୍ୟରେ ସ୍ଥାନ ପାଇବ ଓ ଅନ୍ୟ ଉକ୍ତ ପୁସ୍ତକମାନ ପାଠ୍ୟପୁସ୍ତକରୂପେ ବ୍ୟବହୃତ ହୋଇ ପାରିବା ଏହି ଉଦ୍ଦେଶ୍ୟ

Digitized by srujanika@gmail.com

ପ୍ରତି ଲକ୍ଷ୍ୟ ରଖି ରଚକମାନେ ପୁସ୍ତକ ପ୍ରଣୟନ କରିବେ । ରଚନା କଲାବେଳେ ପୁସ୍ତକ ସଂଶୋଧନ ଓ ମୁଦ୍ରଣର ଭାର କଲିକତା ସମ୍ମତ କଲେଜର ପ୍ରିନ୍ସିପାଲଙ୍କଠାରେ ନ୍ୟସ୍ତ ରହିବ । ଏଥିପାଇଁ ବାର୍ଷିକ ଟ ୫··୧ ଙ୍କା ।

ଏଥିରେ ମୋଟ ୧୦୦୦୧ ଙ୍କା ବାର୍ଷିକ ବ୍ୟୟ ହେବ । ଗଭର୍ଣ୍ଣମେଣ୍ଟ ପ୍ରମିସରି ନୋଟ (କୋମ୍ପାନୀ କାଗଜ) ରୁ ବାର୍ଷିକ ଏକହଜାର ଟଙ୍କା ସୁଧ ମିଳିବ ଓ ନୟାବାଦ ଜମିରୁ ଏକହଜାର ଟଙ୍କା ମିଳିବ । ନୟାବାଦରୁ ଏକହଜାର ଟଙ୍କା ଆଦାୟ ନ ହେବା ପର୍ଯ୍ୟନ୍ତ ଏ ଟଙ୍କା ରାଣୀ ନିଜେ ଦେଉଥିବେ ।

ରାଣୀଙ୍କର ଏ ବଦାନ୍ୟତାପାଇଁ ତାଙ୍କୁ ଶତଶଃ ଧନ୍ୟବାଦ ପ୍ରଦାନ କରୁଅଛୁ । ବାସ୍ତବିକ ହୃଦୟରେ ଅବଗତ ହେଲ ଯେ ରାଣୀଙ୍କ ନିଜର ବ୍ୟୟ ଓ ଅଲଙ୍କାର ଓ ପରିଧାନପ୍ରକାଶେ ସାମୟିକ ଯାହା ପ୍ରଦତ୍ତ ହେଉଥାଏ ତାହା ଛେଁ ନ କରି ଯତ୍ନ ସଞ୍ଚୟ କରିଥିଲେ ସେ ତାହା ଏ ସବୁ ସତ୍କାର୍ଯ୍ୟରେ ବ୍ୟୟ କରିବାକୁ ସଙ୍କଳ୍ପ କରିଅଛନ୍ତି । ଏହି ଦାନରୁ ରାଣୀଙ୍କର ଉତ୍କଳ-ପ୍ରୀତି, ସଂସ୍କୃତ-ସାହିତ୍ୟପ୍ରତି ନିଷ୍ଠା, ବିଲକ୍ଷଣ ଅନୁରାଗ ଓ ଭକ୍ତି ସ୍ପଷ୍ଟ ଅନୁଷ୍ଠିତ ନିଦର୍ଶନମାନଙ୍କଠାରୁ ସହାନୁଭୂତି ଓ ପ୍ରଜାପ୍ରୀତି ସ୍ପଷ୍ଟରୂପେ ପ୍ରତୀୟମାନ ହେବ । ଉକ୍ତ ସଭାରେ ପଠିତ ଥିବା ବିଷୟ ସଭାପତି ମହାଶୟଙ୍କ ରଚିତ "ରୁକ୍ମିଣୀହରଣମ୍" କାବ୍ୟର ରାଣୀଙ୍କ ନୂତନ ଟୀକାରୁ ସମସ୍ତେ ଅବଗତ ହୋଇଅଛନ୍ତି । ଉକ୍ତ କାବ୍ୟ ଓ ଟୀକାର ଗୁଣ ଦେଖି ଦେଶୀୟ ଓ ପ୍ରାଚ୍ୟ ପଣ୍ଡିତମାନେ ମୁକ୍ତକଣ୍ଠରେ ରାଜା ଓ ରାଣୀଙ୍କର ବହୁଗୁଣର ଭୂୟୋଭୂୟଃ ପ୍ରଶଂସା କରିଅଛନ୍ତି । ରାଜାଙ୍କର ଅନ୍ତଃପୁରରେ ରାଣୀ ନିଜେ କେତେଗୁଡ଼ିଏ ବାଳିକାଙ୍କୁ ସଂସ୍କୃତ ଶିକ୍ଷା ଦେଉଅଛନ୍ତି । ତାଙ୍କର ଅଧିକାଂଶ ସମୟ ବିଦ୍ୟାଚର୍ଚ୍ଚା ଓ ଅନ୍ତଃପୁରସ୍ଥ ରାଧାକୃଷ୍ଣ ଜୀଉଙ୍କ ସେବାରେ ଅତିବାହିତ ହୁଏ । ଉତ୍କଳ ରାଜନ୍ୟମଣ୍ଡଳୀରୁ ଯେ ଯେଉଁ ମହତ ଉଦାହରଣ ଦେଖାଇଗଲେ ଏହା ଉନ୍ନତମନା ରାଜାମାନଙ୍କ ଅନ୍ତଃପୁରରେ ଅନୁସୃତ ହେବ ବୋଲି ଆଶା କରାଯାଏ । ଅପଣାର ଏ ରପ୍ରୋଷିତ ମନସ୍ୱୀମାନଙ୍କୁ କାର୍ଯ୍ୟରେ ଅନେକ ଜନତାଙ୍କଠି ଯନ୍ତ୍ରଣା, ଦେବା ସଙ୍କଳ୍ପ ମୁଖାଭିଲାଷରେ ଚଳାଞ୍ଚଳୀ ଦେଇ ବ୍ୟୟ ସଙ୍କୋଚ କରି ବନ୍ଧନାଳରେ ଟେକି ଅର୍ଥ ସଞ୍ଚୟ କରିଥିଲେ ତାହା ଏପରି ସ୍ୱଦେଶ ଭାବରେ ବ୍ୟୟ କର ଅପଣାଙ୍କୁ, ଆପଣାର ସ୍ୱାମୀଙ୍କୁ ଓ ଅଠଗଡ଼କୁ ଯଥା ଦେଶକୁ ଧନ୍ୟ କରିପାରନ୍ତି । ଅଜ ସମସ୍ତ ଉତ୍କଳ ତାଙ୍କ ନାମରେ ଗର୍ବିତ ଓ ଆନନ୍ଦିତ ହୋଇଅଛି । କେହି କହି ପାରନ୍ତି ଯେ ଏ ଦାନର ସୀମା କ୍ଷୁଦ୍ର ଅଟେ । କିନ୍ତୁ ଏକଶତ ବା ଦୁଇଶତବର୍ଷ ପରେ ଏହି ଦାନର ଫଳ ଜାଣି ହେବ ତାହା ଅରେ ତଳ୍କାଳକ୍ଷେତ୍ରରେ ଭାବି ପାରଲେ ଏପରି ସନ୍ଦେହର ହେବାର କୌଣସି କାରଣ ରହିବ ନାହିଁ । ଏହି କାର୍ଯ୍ୟଗୁଡ଼ିକ ଚିରସ୍ଥାୟୀ ହେବା ଅଭିପ୍ରାୟରେ ରାଣୀ ଟଙ୍କାଗୁଡ଼ିକ ଗଭର୍ଣ୍ଣମେଣ୍ଟଙ୍କ ହସ୍ତରେ ନ୍ୟସ୍ତ କରିଥିଲେ ଓ ଗଭର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀକ୍ରମେ ରାଜାଙ୍କଠାରୁ ଏକ ହଜାର ଏକର ଜମି ନିଷ୍କରଭାବରେ ଗ୍ରହଣ କରିଅଛନ୍ତି ଯେତେ ହେଁ ଉଭୟଙ୍କ କାର୍ଯ୍ୟରେ ଉଭୟଙ୍କର ସର୍ବତୋଭାବରେ ସହାନୁଭୂତି ଅଛି । ଏପରି ଦମ୍ପତି ପୃଥିବୀରେ ବିରଳ ଦେଖାଯାନ୍ତି । ଅଠଗଡ଼ର ରାଜା ଶ୍ରୀ ବିଶ୍ୱନାଥଦେବ ବର୍ମା ବାହାଦୁରଙ୍କ ସଙ୍ଗେ ବ୍ୟକ୍ତିଗତଭାବରେ ମୋର ଘନିଷ୍ଠତା ଅଛି । ସତ୍ୟ କିନ୍ତୁ ଏପରି ନିଃସ୍ୱାର୍ଥ ଓ ପ୍ରଶସ୍ତ ଦାନରେ ମୁଁ ଅନ୍ତରରେ ବିମୋହିତ ହୋଇ ନ ଥିଲେ ବ୍ୟକ୍ତିଗତ ବନ୍ଧୁଙ୍କର ସ୍ତୁତି ବାଦ କରି ସମ୍ବାଦପତ୍ରର ଅଙ୍ଗ କଳଙ୍କିତ କରିବାକୁ ପଶ୍ଚାତ୍‌ପଦ ହୋଇଥାନ୍ତି ।

କଥିତ ଅଛି

ଦାନୋପଭୋଗ ହୀନେନ
ଧନେନ ଧନିନୋ ଯଦି
ପୃଥ୍ୱୀ ଖାଇ କଖାଁବେନ
ନ ଭବାମୋ ବୟଂ କଥଂ ।

କଟକ
୨୮।୪।୦୯ } ବଶମ୍ବଦ
ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

ମହାଶୟ

ଗତମାସ ତା ୧୬ ରଖ ରବିବାର ଦିନ ୯ ଙ୍କା ସମୟରେ ମାନ୍ୟବର ଶ୍ରୀଯୁକ୍ତ କମିଶନର ମହୋଦୟ ଓ ପୁରୀ କଲେକ୍ଟର ମହୋଦୟ ଘଟଣାରେ ଘଟେ ଏ ସ୍ଥାନକୁ ଶୁଭାଗମନ କରିଥିଲେ । ଏଥି ପୂର୍ବରୁ ଉକ୍ତ ପୁରୀ ଡିଷ୍ଟ୍ରିକ୍ଟବୋର୍ଡ ମହାଶୟ ବର୍ତ୍ତମାନ ହୋଇଥିଲେ । ଗ୍ରାମର ହୋଇଥିବାରୁ ସ୍ଥାନୀୟ ଭଦ୍ରଲୋକମାନେ ଅତ୍ୟନ୍ତ ସ୍କୁଲ ଗୃହ ଓ ଉଚ୍ଚ ଇଂରେଜୀ ସ୍କୁଲ ପୁଷ୍ପ, ପତ୍ର, ଲତାରେ ମଣ୍ଡିତ କରିଥିଲେ ସ୍କୁଲଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ପତାକାମାନ ସୁଶୋଭିତ କରାଇଥିଲେ । ଭଙ୍ଗାଗଡ଼ ନୂତନ ଜମିଦାର ଉଭୟ ଶ୍ରୀ ନୀଳକଣ୍ଠ ଦାଶ ଶ୍ରୀ ଜଗନ୍ନାଥ ଦାଶ ଏବଂ ଜମିଦାର ମାନେଜର ଶ୍ରୀ ହେମେନ୍ଦ୍ରନାଥ ଘୋଷ ମହୋଦୟମାନେ ଏଠାରେ ଉପସ୍ଥିତ ହୋଇ ଡାକ୍ତରଖାନା ଆଦି ... ଗନ୍ଧାବତ ଟଣାଇ ... ଥିଲେ । ସାହେବ ମହୋଦୟମାନେ ତାହିଁକୁ ଅବଲୋକନ କରି ଉକ୍ତ ଦିନ ସଂସ୍କୃତ ପାଠଶାଳା ଏବଂ ସ୍ଥାନୀୟ ସମସ୍ତ ଭଦ୍ରବ୍ୟକ୍ତିମାନଙ୍କୁ ଦେଖା ଦେଇ ଉକ୍ତ ଗ୍ରାମ୍ୟ ଉନ୍ନତିର ବିଷୟ ପଚାରି ଏବଂ ଉକ୍ତ ପାଠ୍ୟ କାର୍ଯ୍ୟ ସମାଧାନ କରି ନବପ୍ରତିଷ୍ଠିତ ଡାକ୍ତରଖାନାର ଉଦ୍‌ଘାଟନପୂର୍ବକ ସଭାମଣ୍ଡପରେ ସମାସୀନ ହେଲେ । ଅନନ୍ତର ଅତ୍ରତ୍ୟ ସ୍କୁଲ ପଣ୍ଡିତ ଶ୍ରୀ ବଳଭଦ୍ର ମିଶ୍ର ମହାଶୟ ଓ ତାହାଙ୍କର ଜଣେ ଛାତ୍ର ଶୁଭାଶୀର୍ବାଦସୂଚକ ପାଞ୍ଚ ଗୋଟି ସଂସ୍କୃତ ପଦ୍ୟ ପାଠ କଲାପରେ ପଣ୍ଡିତ ଶ୍ରୀ ହରିକୃଷ୍ଣ ମହାପାତ୍ର ମହାଶୟ ଉକ୍ତ ଭାଷାରେ ଏକ ନାତି ଦୀର୍ଘପ୍ରବନ୍ଧ ପାଠ କଲେ । ସେଥିରେ ସାହେବମାନଙ୍କ ଏଠାରେ ଆଗମନ ଦେଖି ସାଧାରଣର ଉଲ୍ଲାସ ପ୍ରକାଶ, ଡିସ୍‌ପେନସରୀର ଆବଶ୍ୟକତା ଗତ ବା ୩୦ ବର୍ଷ ମଧ୍ୟରେ ଏ ସ୍ଥାନରେ କ୍ରମଶଃ ଅନାବଶ୍ୟ ଦାର୍ଯ୍ୟାଳୟ ସ୍ଥାପିତ ହେବାରେ ଏ ଅଞ୍ଚଳୀୟ ଲୋକମାନଙ୍କର କଷ୍ଟ-ଲାଘବ ଏବଂ ଏଠାରେ ଗୋଟିଏ ସବ୍‌ରେଜିଷ୍ଟ୍ରୀ ଅଫିସ ସ୍ଥାପନର ପ୍ରାର୍ଥନା ଇତ୍ୟାଦି ବିଷୟ ଉଲ୍ଲିଖିତ ହୋଇଥିଲା । ଜମିଦାର ମାନେଜର ମହାଶୟ ଉକ୍ତ ପ୍ରବନ୍ଧର ସାର ମର୍ମ ଇଂରାଜୀରେ ବୁଝାଇଦେଲାପରେ ମାନ୍ୟବର କମିଶନର ମହୋଦୟ ପାଠଶାଳା ଥିବାପୂର୍ବକ କହିଲେ ଯେ ସ୍ଥାନୀୟ ଲୋକମାନଙ୍କର ଯଥେଷ୍ଟ ଭକ୍ତି ଓ ସମ୍ମାନରେ ସେ ଅତ୍ୟନ୍ତ ପ୍ରୀତ ହୋଇଅଛନ୍ତି ଏବଂ ଏସ୍ଥାନର ସମୁନ୍ନତି ସେ କାମନା କରନ୍ତି । ସବ୍‌ରେଜିଷ୍ଟ୍ରୀ ଅଫିସ ସମ୍ବନ୍ଧରେ ସାହେବ ମହୋଦୟଙ୍କର କୌଣସି ମନ୍ତବ୍ୟ ଶୁଣାଯାଇ ନାହିଁ । ସଭାଶେଷରେ ମାନ୍ୟ ମହୋଦୟ ସଭା ଭଙ୍ଗକରି ମଟରକାରରେ ଶ୍ରୀ କଲେକ୍ଟରଙ୍କ ସହିତ ଅସ୍ତରଙ୍ଗ ଯାତ୍ରା କଲେ ।

ନିମାପଡ଼ା
ତା ୧୬।୩।୦୯ } ବଶମ୍ବଦ
ଶ୍ରୀ ଜଗନ୍ନାଥ ମିଶ୍ର

ପୁରୀ ସମ୍ବାଦ ।

ପୁରୀର ଉଦିତ ଯୋଗୀ ମହାତ୍ମା ଭୂଷଣାନନ୍ଦ ବାବୁ ... ର ଦେହ ତ୍ୟାଗ ହୋଇଅଛି । ଶ୍ରୀ ... ର ... ଏଠାରେ ... ଛ । ... ବୋର୍ଡିଙ୍ଗ ଓ ଯୋଗାଭ୍ୟାସ ... ରେ ଏହିମାନେ ... ପ୍ରଭୃତି ... ଓ ... ଭକ୍ତଙ୍କର ... ଅଛନ୍ତି । ତାହାଙ୍କର ... ଉପଦେଶ ଓ ... ଅବସ୍ଥା ... ନାହିଁ । ଏହାଙ୍କର ... ହୋଇଥିଲା ।

ଏ ସପ୍ତାହରେ ... ଦିନ ... ରେ ବର୍ଷା ହେଉଅଛି । ଅତଏବ ବର୍ଷା ... ବଲମାନଙ୍କରେ ପାଣି ଜମା ହୋଇ ପାଗ ନ ହେବାରୁ ଚାଷୀମାନେ ଚାଷ କାର୍ଯ୍ୟ କରିପାରୁ ନାହାନ୍ତି ।

ଅନୁଗୁଳ ସମ୍ବାଦ ।

ଏ ସପ୍ତାହରେ ବିଶେଷ ଝଡ଼ ଓ ତୋଫାନ ହୋଇଥିବା ଏହି ... ବୃଷ୍ଟି ହୋଇ ... ଭାଙ୍ଗି ଯାଇ ଅଛି ।

... ପାଠ ... ଓ ... ପାଇବ ... ମିଳୁ ... ।

... ( ... ) ... ଦର ... ୧୦ ... ରେ ୧୧ ... ମିଳିବାର ... ।

... ଦାମ ... ୫ ... ଏଠା ... ଜଳମୂଲ ... ବେଶୀ ... ।

... ଏବ ... ଦୈନିକ ... କରୁଅଛି ।

... ଯାହ ... ସହଜ ... ମିଳୁଅଛି ।

Split by PDF Splitter



NOTICE

Wanted a Civil Hospital Assistant for Dhenkanal State Service on a Salary of Rs 30 per month. Applications will be received to the undersigned up to 20th instant.

Dhenkanal 4-5-09 } Sarada Prasad Das, Assistant Surgeon

NOTICE.

Wanted a Head clerk for the Raj Office on Rs 40 per mensem and a Head Mistress for the Dhenkanal Upper Primary Girl's School on Rs 12 per mensem. The former should have at least passed the Entrance Examination and possess good knowledge of English and Office experience. The latter must have training in the Kinder garten system and experience in teaching. She will have free quarters in addition to her pay.

Applications should reach the undersigned before the 25th Instant.

Dhenkanal Raj Office 5th May 1909 } Sriam Ch. Bose. Dewan.

ADVERTISEMENT.

Wanted an Apprentice Assistant Jailor on an allowance of Rs 20 a month for the Angul Jail. Applications will be received up to the 31st May 1909. The candidate shall posses the following qualifications.

(1) He must be certified by a Civil Surgeon or a Presidency Surgeon to be of good health and physically fit for Government Service.

(2) He must be under age of 25 and not under 5'—6" in height.

(3) He must have passed the Entrance Examination of the Calcutta University and must have thorough knowledge of English and Bengali or Hindi or Urdu.

Satis Chandra Mukerjee
Superintendent.

NOTICE.

The next session of the Orissa Medical School, Cuttack, will open on the 16th June 1909

Candidates for admission must apply personally to the undersigned between the 1st and the 15th June.

Odinarily certificates of having passed the Matriculation Examination or any higher examination in arts or Science of the Calcutta University or the school Final examination are accepted. Candidates who cannot produce the above certificates shall be examined by the Superintendent who may admit them at his discretion if he is satisfied that they are sufficiently educated and intelligent to study Medicine efficiently.

Every candidate for admission is required to produce certificates of character and respectability from a Government officer not below the rank of a Deputy Magistrate.

Candidates shall not be under 16 or over 23 years of age.

Six scholarships of Rs 10 each and six free studentships are available for male students. These are awarded to the Uriya and Domiciled students according to their merit in the general education.

Female candidates should not be less than 18 years of age and must hold certificates of having passed the Primary Examination held at the end of Standard VI under the Vernacular scheme of education, and of being qualified in English upto that stage. They must also produce certificates of character and respectability stated above. Government scholarships of Rs 10 are available for these students.

Cuttack The 5th May 1909 } R. P. Wilson I M S, Superintendent, Medical School, Cuttack

ନୋଟିସ ।

ଅତ୍ର ଉତକଷ୍ଟେଟ ଅନ୍ତର୍ଗତ ନେବେଲ ମାହାଲରେ ଛକନଣ ତହସିଲଦାର ପ୍ରତ୍ୟେକ ମାସିକ ଟ ୧୦୧ ଙ୍କା ହିସାବ ବେତନରେ ନିଯୁକ୍ତ ହୋଇବେ । ଭଲ୍ ପ୍ରତ୍ୟେକ ତହସିଲଦାରଙ୍କୁ ଟ ୧୫୦୦ ୧ ଙ୍କା ମୂଲ୍ୟର ଭୂସମ୍ପତ୍ତି (ଲାଖରାଜ ବାହେଲ, ଜାଗୀର, ଜମିଦାରୀ ଏବଂ ମହଦମୀ) ଜାମିନ ଦେବାକୁ ହେବ । ଅତଏବ କାର୍ଯ୍ୟପ୍ରାର୍ଥୀମାନେ ସ୍ୱ ସ୍ୱ ପ୍ରଶଂସା ପତ୍ରର ନକଲ ଓ ଜାମିନ ସମ୍ପତ୍ତିର ତାଲିକା ସହିତ ଆସନ୍ତା ମଇ ମାସ ତା ୧୦ ଉଣ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଆବେଦନ କରି ପାରିବେ ।

୩୦ । ୪ । ୦୯ ଭୂଲସିପୁର କଟକ } ଶ୍ରୀ ଗୋପେନ୍ଦ୍ରନାଥ ବସୁ ଜମିଦାର ଉତକଷ୍ଟେଟ

# ଉତ୍କଳ ଦୀପିକା ।

ଅଗରପଡ଼ାଠାରେ ତୃତୀୟଶ୍ରେଣୀର ରେଳଗାଡ଼ିରେ ବମ୍ ବାବୁ ବ୍ରଜମୋହନ ମଜୁମଦାର ଓ ବଶୀନାଥପାଲ ନାମକ ଦୁଇଜଣ ବଙ୍ଗାଳି ଅଟକ ହୋଇଥିଲେ । ସେମାନେ ଅଗେଗ୍ୟ ଲାଭ କରି ହସପତାଲରୁ ବାହାର ଅଛି ଅନ୍ତର୍ଗ ଏବଂ ହସପତାଲ ଛାଡ଼ିବା ପୂର୍ବେ ସେମାନଙ୍କଠାରୁ ଜବାନବନ୍ଦୀ ନିଆ ଯାଇଅଛି ମାତ୍ର ପ୍ରକାଶିତ ହୋଇ ନାହିଁ ।

—※—

ଗତ ତା ୨୪ ଉଣରେ ଶେଷହେବା ସପ୍ତାହରେ ଭାରତରେ ପେଲେଗ ରୋଗରେ ୪୦୦୭ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ଏକା ପଞ୍ଜାବ ପ୍ରଦେଶ ୨୧୬୫, ବମ୍ବେଇ ୭୭୨ ଓ ଯୁକ୍ତପ୍ରଦେଶ ୫୦୪ ଏହି ସବୁ ଅଙ୍କ ଉଚ୍ଚ ଥିଲା । ଏହି ସମସ୍ତ ପ୍ରଦେଶ ଏବଂ ରାଜପୁତାନାରେ ପୂର୍ବସପ୍ତାହଠାରୁ ମୃତ୍ୟୁ ଊଣା ପଡ଼ିବାରେ ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୪୬୯୪ ରୁ ଏ ସପ୍ତାହରେ ଓହ୍ଲାଇ ଆସିଅଛି । ଉତ୍ତମ ।

———

ଗତ ତା ୨୪ ଉଣରେ ଶେଷ ହେବା ସପ୍ତାହରେ ସମସ୍ତ ଭାରତ ମଧ୍ୟରେ ପୂର୍ବବଙ୍ଗରେ ୯୧୩୨, ବଙ୍ଗରେ ୮୫୨୭୭, ଯୁକ୍ତପ୍ରଦେଶରେ ୩୦୮୩୨, ମଧ୍ୟପ୍ରଦେଶରେ ୧୨୭୭ ଏବଂ ବମ୍ବେଇରେ ୨୯୮ ଗାଏ ୧,୨୭,୨୯୭ ଜଣ ଦୁର୍ଭିକ୍ଷସାହାଯ୍ୟ ପାଇଥିଲେ । ପୂର୍ବ ସପ୍ତାହର ଅଙ୍କ ୧୨୫୨୨୭ ଥିଲା । ଏକା ଯୁକ୍ତପ୍ରଦେଶରେ ୭୧୦୩ ବୃଦ୍ଧି ଓ ବଙ୍ଗରେ ୩୫୭୮ ଓ ଅନ୍ୟାନ୍ୟ ପ୍ରଦେଶରେ ସାମାନ୍ୟ ହ୍ରାସହ୍ରାସ ଏ ଫଳ ଘଟିଅଛି ।

—※—

ଗତ ତା ୨୯ ଉଣରେ ଶେଷହେବା ସପ୍ତାହରେ ଭାରତର ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶଠାରୁ ବଙ୍ଗ ପର୍ଯ୍ୟନ୍ତ ଅଧିକ ବୃଷ୍ଟି ହୋଇଥିଲା ଏବଂ ଏହାଦ୍ୱାରା ଏସମସ୍ତ ପ୍ରଦେଶ ବିଶେଷତଃ ବଙ୍ଗ ଓ ଯୁକ୍ତପ୍ରଦେଶ ଓ ମଧ୍ୟପ୍ରଦେଶର ପୂର୍ବଭାଗ ଏବଂ ରାଜପୁତାନାର ପଶ୍ଚିମଭାଗରେ ଏ ସମୟୁପ୍ରତି ବୃଷ୍ଟିର ପରମାଣ ବୃଦ୍ଧି ହୋଇଅଛି । ଏହି ବୃଷ୍ଟିଦ୍ୱାରା ସର୍ବତ୍ର ଉପକାର ହୋଇଅଛି । କେବଳ ପଞ୍ଜାବ ଓ ମଧ୍ୟପ୍ରଦେଶର ଗହମ ଫସଲର କିଛି ଅନିଷ୍ଟ ଘଟିଅଛି ।

—୦—

କଲିକତାର ଜଣେ ପୁଲିସ ପ୍ରହରୀ ଦୁଇଜଣ ମୁସଲମାନ ନଟରୁ ଦେଢ଼ଟଙ୍କା ଉତ୍କୋଚ ଗ୍ରହଣ କରିଥିବା ;ଅପରାଧରେ ଚାଲାଣ ହୋଇ ବିଚାର ସମୟରେ ଆପଣାର ଦୋଷ ସ୍ୱୀକାର କରି କ୍ଷମା ପ୍ରାର୍ଥନା କଲା । ବିଚାରପତି ଆସାମିର

Digitized by srujanika@gmail.com

Split by PDF Splitter



ବୟସ ଅଳ୍ପ ଏବଂ କଲିକତାର ପୁଲିଶପ୍ରହରୀଙ୍କ ମଧ୍ୟରେ ଏହା ପ୍ରଥମ ଘଟଣା ଥିବା ଦୃଷ୍ଟିରେ ତାହାପ୍ରତି ଟ ୨୦ ଙ୍କା ଅର୍ଥଦଣ୍ଡର ଆଦେଶ କଲେ ।—କଲିକତାର ପୁଲିଶ ପ୍ରହରୀଙ୍କ ମଧ୍ୟରେ ଏହା ପ୍ରଥମ ଅପରାଧ ଓ ଏହିଭଳି ଅପରାଧର ଏହା ପ୍ରଥମ ମୋକଦ୍ଦମା ?

—o—

ବଙ୍ଗଳାର [illegible] ଗତ ପଞ୍ଚବର୍ଷ ମଧ୍ୟର ଯେଉଁ ବିବରଣ ପ୍ରକାଶିତ ହୋଇଅଛି ତହିଁରୁ ଓଡ଼ିଶାର ଜିଲାମାନଙ୍କରେ ୧୯୦୩-୦୪ ସନ ମାଲ ଯାହା [illegible] ଏବଂ ୧୯୦୭-୦୮ ରେ ଯାହା [illegible] ହୋଇଥିବାର ଦେଖାଯାଏ । ଗତବର୍ଷ [illegible] ମାଲ ୮୩୯୨ [illegible] ଟ ୪୫୯୨୦ ଙ୍କା ହୋଇଥିଲା । ଓଡ଼ିଶା [illegible] ମଧ୍ୟ [illegible] ମାଲ ୪୨୨୩୭ [illegible] ଟ ୨୧୯.୭୯ ଙ୍କା [illegible] ୪୫୩୪ [illegible] ଟ ୨୩୬୯୧ ଙ୍କା ହୋଇଅଛି । ପ୍ରତି [illegible] ୨୮ ମହଣ ଅଟେ । ଏଥିରୁ ମଦର କାଟତି ବୃଦ୍ଧି ହେଉଥିବାର ପ୍ରମାଣ [illegible] ଏ ଫଳ ପ୍ରଶଂସନୀୟ ଅଟଇ ।

———

କଟକ ସିଂହପୁର ଥାନାର ମୌ । କସର୍ଦନବାସୀ ପଣ୍ଡିତ ଶ୍ରୀକୃଷ୍ଣ ଷଡ଼ଙ୍ଗୀ ତା ୧୦।୪।୦୯ ରାତ୍ର ଦଶ ଏହି ପ୍ରହରଠାରେ ଇହଧାମରୁ ବିଦାୟ ହେବାରୁ ତାଙ୍କର ପରିବାରବର୍ଗ ଓ ଅଞ୍ଚଳର ଅଧିକାଂଶ ସଜ୍ଜନମଣ୍ଡଳୀ ଶୋକାକୁଳ ଅଛନ୍ତି । ଏ ମହାତ୍ମା ଜଣେ ବ୍ୟବସ୍ଥା ପଣ୍ଡିତ ଓ ସାଧୁପୁରୁଷ ଥିଲେ, ମୃତ୍ୟୁର ୧ବର୍ଷ ପୂର୍ବରୁ ସନ୍ନ୍ୟାସ ଧର୍ମାବଲମ୍ବୀ ହୋଇ ୨ ମାସ ପୂର୍ବରୁ ଅନ୍ନ ପରିତ୍ୟାଗ କରି କେବଳ ମାତ୍ର ଗୋଦୁଗ୍ଧ ପାନରେ ଜୀବନ ଧାରଣ କରୁଥିଲେ ଆଉ ମଧ୍ୟ ତାହାଙ୍କର ସ୍ୱକୀୟ କୌଳିକପ୍ରଥାନୁସାରେ ଅବସ୍ଥାନୁରୂପ ଆତ୍ମାର ସଦ୍ଗତି ଶେଷ ହୋଇଅଛି ବର୍ତ୍ତମାନ ଈଶ୍ୱର ମୃତମହାତ୍ମାଙ୍କର ପରିବାରଙ୍କୁ ସଦ୍ଗତି ପ୍ରଦାନ କରନ୍ତୁ ଏହାହିଁ ପ୍ରାର୍ଥନା ।

———

ନାନାପ୍ରକାର ଖେଳ କୌତୁକର ସ୍ଥାନ କଲିକତାଠାରେ କେତେଗୁଡ଼ିଏ ଉଚ୍ଚପଦସ୍ଥ ଏବଂ ମାନ୍ୟ ଗଣ୍ୟ ଇଉରୋପୀୟ ଏବଂ ଦେଶୀୟ ସମ୍ଭ୍ରାନ୍ତ ଲୋକେ କଲିକତା ପାର୍ଲିଆମେଣ୍ଟ ନାମରେ [illegible] ଖୋଲିଅଛନ୍ତି । ଏଥିରେ ପାର୍ଲିଆମେଣ୍ଟ ପରି ଏଥିର ଅଧିବେଶନ ହେବ ଏବଂ ସେଠାର ନିୟମାନୁସାରେ ନାନା ବିଷୟର ଆଲୋଚନା ଏବଂ ଶାସନକାର୍ଯ୍ୟ ସମ୍ବନ୍ଧରେ ବାଦ ପ୍ରତିବାଦ ହେବ । ସୁଶିକ୍ଷିତମାନଙ୍କ ପକ୍ଷେ ଏପରି କାର୍ଯ୍ୟକର ସ୍ଥାନରେ ସମୟ ଅତିପାତ ପୂର୍ବକ ଆପଣାର ଯୋଗ୍ୟତା ବୃଦ୍ଧି କରିବା ଅବଶ୍ୟ ପ୍ରଶଂସନୀୟ ଅଟଇ । ଯେଉଁମାନେ ଅକାରଣ ଖେଳ କୌତୁକରେ ସମୟାତିପାତ ପୂର୍ବକ ଆଳସ୍ୟମୟ ଜୀବନର ଦୁଃଖମୟ ଫଳ ଭୋଗ କରନ୍ତି ସେମାନେ ଏଥିରୁ ଶିକ୍ଷା ଲାଭ କରିବାର ଚେଷ୍ଟା କରିବେ ।

———

ତ୍ରିବାଙ୍କୁଡ଼ ଓ ମାଲବାରର ଲୋକେ ନାଗପୂଜକ ଥିବାରୁ ସେ ଅଞ୍ଚଳରେ ନାଗ ବା ଗୋଖର ସାପର ପୂଜା ଘରମାନ ଅଛି ସେ ଲୋକେ ତହିଁରେ ସାପମାନ ପୋଷି ତାଙ୍କୁ ଦୁଅନ୍ତି ଓ ପୂଜା କରନ୍ତି । ଗୋଖରସାପକୁ କେହି ନ କଲେ କେବେ ଆଗ ହୋଇ କାମୁଡ଼େ ନାହିଁ ଏବଂ କାମୁଡ଼ିଲେ ଆଉ କେବେ କ୍ଷମା ନ କରେ । ଏ ଗୁଣ ଜାଣି ସେଠାଲୋକେ କର୍ପୂରରେ ତାଙ୍କୁ ରଖନ୍ତି ପଣନ୍ତ ଏବଂ ଏକ ସ୍ଥାନରେ ସାପର ସଂଖ୍ୟା ଅଧିକ ହୋଇଗଲେ ତହିଁ ମଧ୍ୟରୁ କେତେଗୁଡ଼ିକୁ ନେଇ ସେମାନେ ଅନ୍ୟ ପୂଜାଘରମାନଙ୍କରେ ଛାଡ଼ି ଥାନ୍ତି । ଏହି ପୂଜାଘରମାନଙ୍କ ନିକଟବର୍ତ୍ତୀ ସ୍ଥାନରେ ସାପକାମୁଡ଼ା ଅତି ଅଳ୍ପ ଘଟିବାର ଦେଖାଯାଏ । ତହିଁର କାରଣ ପୂଜାର ଫଳ ନ ଥାଇ ଲୋକେ ସାବଧାନ ହୋଇ ଚଳିବାର ଫଳ ଅଟେ ଏବଂ ତାହା ପୂଜା ବର୍ଜ୍ଜିତ ସ୍ଥାନରେ ମଧ୍ୟ ସମାନରୂପେ ଫଳପ୍ରଦ ।

———

କଲିକତାଠାରେ ଜଣେ ବ୧୮ ବର୍ଷ ବୟସର ଯୁବକ ଏକ ଗୁଜୁରାଟୀ ଦୋକାନରେ ଜାଲ ଟଙ୍କା ଦେବାରୁ ଦୋକାନୀ ତାହା ଉପରେ ସନ୍ଦେହ କରି ତାହାକୁ ପୁଲିସ ଜିମ୍ମା କରନ୍ତେ ତଦନ୍ତର ଯୁବକଟି ସେହିପରି ଅନ୍ୟ ଦୁଇ ଦୋକାନରେ ତିନିଗୋଟି ଜାଲ ଟଙ୍କା ଦେଇଥିବାର ପ୍ରକାଶ ହେଲା । ଅସାମୀ ସଙ୍ଗରେ ଅନ୍ୟ ଜଣେ ଥିଲା ଏବଂ ସେ ପୁଲିସ ଦେଖି ପଳାୟନ କରିଅଛି । ଅନ୍ୟ ଲୋକେ ତାହାକୁ ଜାଲ ଟଙ୍କାମାନ ଦେଉଥିବାର ଅସାମୀ ପ୍ରକାଶ କରେ । ଟଙ୍କାର ମୂଲ୍ୟ ରୂପାଠାରୁ ଅଧିକ ଥିବାରୁ ଲୋକଙ୍କର ଅନେକେ ଜାଲିଆତି ପ୍ରସ୍ତୁତ କରୁଅଛନ୍ତି ଏବଂ ପଲରେ ଅନେକ କୃତ୍ରିମ ମୁଦ୍ରା ବାଣ୍ଡରେ ଦେଖାଯାଉଅଛି । ଟଙ୍କାର ମୂଲ୍ୟ ରୂପାଠାରୁ ଅଧିକ ହେବା କୃତ୍ରିମ ଏବଂ ଏ କୃତ୍ରିମ ଭାଣ୍ଡ ଦୂର ନ ହେଲେ ଅନ୍ୟ କୃତ୍ରିମ କାଣ୍ଡ ଦୂର ହେବା ଅସମ୍ଭବ । କେବେ ଟଙ୍କାର ମୂଲ୍ୟ ରୂପାରଙ୍କେ ସମାନ ହେବ?

—o—

କଲିକତାଠାରେ ଜଣେ ପଣ୍ଡିତା ଅନ୍ୟ ତିନିଜଣ ପଣ୍ଡିତାର ନାକ କାଟି ଦେଇଥିବା ଅପରାଧରେ ଦୁଇମାସ କାରାଦଣ୍ଡର ଆଦେଶ ପାଇଅଛି । ଅସାମୀ ଜଣକ ନିକଟରେ ଟ ୨୦ ଙ୍କା ସରଦ ଜମା ରଖିଥିଲା । ସେ ତାହା ଦେବାରୁ ଟାଳଟୁଳ କରିବାରେ ଅନ୍ୟ ଦୁଇଜଣ ପଣ୍ଡିତା ଟଙ୍କା ଫେରି ନ ଦେବା କାରଣ ଶିଖାଉଥିବାର ବିଶ୍ୱାସ କରି ତିନିଜଣଙ୍କର ଜୁଟିଦ୍ୱାରା ନାକ କାଟି ଦେଲା । ଶେଷ ବ୍ୟକ୍ତି ଟିକିଏ ବଳବାନ୍ ଥିବାରୁ ଅସାମୀକି ଧରି ପୁଲିସର ଜିମ୍ମା ଦେଲା । ବିଚାରସମୟରେ ନାଲିଶ ନ କରି ଏପରି କାଣ୍ଡ କରିବାର କାରଣ ପଚାରନ୍ତେ ଅସାମୀ ହାକିମଙ୍କୁ କହିଲା ଯେ ନାଲିଶ କରିବା କଥା ତାକୁ ଜଣା ନାହିଁ । କେବଳ ଛୁରୀ ଚଳାଇବାର କଥା ଜଣା ଥିବାରୁ କହି ହାକିମ ତାହାକୁ ବନ୍ଦୀବାସକୁ ପ୍ରେରଣ କଲେ । ଏଭଳି ମୂର୍ଖ ଯଦ୍ୟପି ଅନେକେ ଅଛନ୍ତି ।

———

କଲିକତା ହାଇକୋର୍ଟରେ ନୂତନ ଫୌଜଦାରୀ ଆଇନାନୁଯାୟୀ ପ୍ରଧାନ ବିଚାରପତିଙ୍କ ସହିତ ଅନ୍ୟ ଦୁଇଜଣ ବିଚାରପତି ବର୍ତ୍ତମାନ ବଗ ଡକାଏତି ମୋକଦ୍ଦମାର ବିଚାର କରୁଅଛନ୍ତି । ଉକ୍ତ ମୋକଦ୍ଦମାର ବିଚାର ହେଉଥିବା ସମୟରେ ପୂର୍ବପ୍ରାପ୍ତ ପୁଲିସ କାର୍ତ୍ତିକଚନ୍ଦ୍ର ଦତ୍ତ ନାମକ ଜଣେ ଅସାମୀକି ବେଡ଼ି ଓ ହାତକଡ଼ି ପିନ୍ଧାଇ ଆଣିବାରେ ଅସାମୀର ବାରିଷ୍ଟର ତାହା ଖୋଲିଦେବା କାରଣ ପ୍ରାର୍ଥନା କରନ୍ତେ ପ୍ରଧାନ ବିଚାରପତି ମହାଶୟ ବେଡ଼ି ଖୋଲିଦେବା କାରଣ ପୁଲିସପ୍ରତି ଆଦେଶ କଲେ । ପୁଲିସ ଇନ୍ସପେକ୍ଟର ହୋଇ ସରକାର ପକ୍ଷର ବାରିଷ୍ଟରଦ୍ୱାରା ଲିଖିତ ଆଦେଶ ନ ହେଲେ ବେଡ଼ି ଖୋଲି ନ ପାରିବାର ଜଣାଇବାରୁ ନ୍ୟାୟପର ପ୍ରଧାନ ବିଚାରପତି ମହାଶୟ ପୁଲିସକୁ ଧମକ ଦେବାରୁ ତତ୍କ୍ଷଣାତ ପୁଲିସ ସେ ଆଜ୍ଞା ପ୍ରତିପାଳନ କଲେ ।—ପ୍ରଧାନ ବିଚାରପତିମହାଶୟ କେମନ୍ତ ଉଦାରଚେତା ଓ ସ୍ୱାଧୀନ ପାଠକେ ବୁଝିନିଅନ୍ତୁ ।

———

କୋଚିନ ରାଜ୍ୟର ଗତବର୍ଷର ଯେଉଁ ବିବରଣୀ ପ୍ରକାଶିତ ହୋଇଅଛି ତହିଁରୁ ଦେଖାଯାଏ ଯେ ସେ । ଅଧିବାସୀଙ୍କ ସଂଖ୍ୟା ୮୧୨୦୨୫ ମଧ୍ୟରୁ ଅର୍ଦ୍ଧେ କୃଷିଜୀବୀ ଥିବାରୁ ସେଠା ମହାରାଜା ଲୋକଙ୍କ କୃଷିଶିକ୍ଷା ପ୍ରଦାନାର୍ଥ ଗୋଟିଏ ପରୀକ୍ଷାକ୍ଷେତ୍ର ପ୍ରସ୍ତୁତ କରି ତହିଁରେ ନାନାପ୍ରକାର ଫସଲ କରାଉ ଅଛନ୍ତି ଏବଂ ଜଙ୍ଗଲମାନ ମଧ୍ୟ ନିୟମରେ ସଂରକ୍ଷିତ ହୋଇ ଲାଭକର ହୋଇପାରେ ତହିଁର ଯତ୍ନ କରୁଅଛନ୍ତି । କୃଷିଶିକ୍ଷା ସମ୍ବନ୍ଧୀୟ ଉପଦେଶମାଳା ପୁସ୍ତିକାମାନ ନାନାପ୍ରକାର ଭାଷାରେ ଛପାଇ କୃଷକମାନଙ୍କ ମଧ୍ୟରେ ବିତରଣ କରିବାର ବ୍ୟବସ୍ଥା ହୋଇଅଛି । ମହାରାଜଙ୍କର ଏ କାର୍ଯ୍ୟ ଆମ୍ଭମାନଙ୍କ ମନଲୋଭା ଅଟେ ଏବଂ ଭରସା କରୁଁ ଗଡ଼ଜାତର ରଜାମାନେ ଆପଣା ରାଜ୍ୟରେ ଏ ଉପାୟ ଅବଲମ୍ବନ କଲେ ଅଶେଷ ସୁଫଳ ପ୍ରାପ୍ତ ହେବ । ଗତ ଦ୍ୱାଦଶବର୍ଷ ମଧ୍ୟରେ କୋଚିନଠାରେ ପୁରୁଷ ଓ ସ୍ତ୍ରୀ ଉଭୟର ଶିକ୍ଷାର ବିଶେଷ ଉନ୍ନତି ହୋଇଅଛି

Digitized by srujanika@gmail.com

Split by PDF Splitter



ବଙ୍ଗଦେଶାନ୍ତର୍ଗତ ନବଦ୍ୱୀପ, ଭାଟପଡ଼ା ଅନ୍ୟାନ୍ୟ ସଂସ୍କୃତବିଦ୍ୟାର ସ୍ଥାନସମୂହର ପ୍ରଧାନ ପଣ୍ଡିତମାନେ ଶ୍ରୀଯୁକ୍ତ କାଳୀପ୍ରସନ୍ନ ଘୋଷ ବାହାଦୁରଙ୍କୁ ବିଦ୍ୟାସାଗର ଉପାଧି ପ୍ରଦାନ କରିଅଛନ୍ତି। ଏହି ଉପାଧି ଦାନ ନିମନ୍ତେ ଢାକାରେ ନିକଟରେ ଏକ ସଭା ହୋଇଥିଲା ଏବଂ ନଦୀଆର ମହାମହୋପାଧ୍ୟାୟ ଯଦୁନାଥ ସାର୍ବଭୌମ ସଭାପତିର ଆସନ ଗ୍ରହଣ କରିଥିଲେ । ଘୋଷ ବାହାଦୁର ସଂସ୍କୃତଶାସ୍ତ୍ରରେ ବିଶେଷ ପାଣ୍ଡିତ୍ୟଲାଭ କରି ସେଥିର ଉନ୍ନତି ନିମନ୍ତେ ଅଶେଷ ଯତ୍ନବାନ୍ ଥିବାହେତୁ ପଣ୍ଡିତମଣ୍ଡଳୀ ତାହାଙ୍କର ଗୁଣ ଗ୍ରହଣର ନିଦର୍ଶନ ସ୍ୱରୂପ ଏହି ପଦ ପ୍ରଦାନ କରିଅଛନ୍ତି ବଡ଼ ଆନନ୍ଦର ବିଷୟ ଅଟେ । ଘୋଷ ବାହାଦୁରଙ୍କୁ ଏପରି ସମ୍ମାନ ଦେଇ ପଣ୍ଡିତମାନେ ଆପଣା ଉଦାରତାର ସୁନ୍ଦର ପରିଚୟ ଦେଇଅଛନ୍ତି । ଯେଉଁ ବ୍ରାହ୍ମଣମାନେ ଅବଧି ମନେ କରନ୍ତି ଯେ କାୟସ୍ଥମାନେ ଶୂଦ୍ରଜାତି ତେଣୁ ଶାସ୍ତ୍ର ଅଧ୍ୟୟନର ଅଧିକାରୀ ନୁହନ୍ତି ସେମାନେ ଏଥିରୁ ସୁଶିକ୍ଷା ଲାଭ କରିବେ ।

———

ପୁରୀ ଉତ୍ତରପାର୍ଶ୍ୱ ମଠର ମହନ୍ତ ଶ୍ରୀ ଗୋବିନ୍ଦ ରାମାନୁଜ ଦାସ ମାନ୍ୟବର ବଙ୍ଗେଶ୍ୱର ସର ବେକର ବାହାଦୁରଙ୍କ ନାମରେ ପୁରୀ ସ୍କୁଲରେ ଗୋଟିଏ ଛାତ୍ରବୃତ୍ତି ସ୍ଥାପନ ନିମନ୍ତେ ଟ ୧୭୫୦ ଙ୍କା ଦାନ କରିବାରେ ମାନ୍ୟବର ମହୋଦୟ ଅତ୍ୟନ୍ତ ପ୍ରୀତ ହୋଇ ମହନ୍ତ ମହାରାଜଙ୍କୁ ଆନ୍ତରିକ ଧନ୍ୟବାଦ ଦେଇ ସେହି ଦାନ ସମ୍ବନ୍ଧରେ ନିମ୍ନଲିଖିତ ବ୍ୟବସ୍ଥା କରିଅଛନ୍ତି ଯଥା—ସେହି ଟ ୧୭୫୦:୮ ଙ୍କାରେ ବାର୍ଷିକ ଟ ୩୫ ସୁଧର ପ୍ରମିସରୀନୋଟ କିଣାଯିବ ହୋଇ ଗୋଟିଏ ପାଣ୍ଠି ହେବ ଯେ ତାହାର ନାମ ବେକରବୃତ୍ତି ପାଣ୍ଠି ହେବ । ପୁରୀ କଲେକ୍ଟର ସେହି ପାଣ୍ଠିର କାର୍ଯ୍ୟ ନିର୍ବାହକ ହେବେ । ପୁରୀସ୍କୁଲର ଯେଉଁମାନେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ପାସ କରିବେ ଏବଂ ଅନ୍ୟ କୌଣସି ବୃତ୍ତି ନ ପାଇବେ ସେମାନଙ୍କ ମଧ୍ୟରୁ ଯେଉଁ ଛାତ୍ର ସାହାଯ୍ୟ ନ ପାଇଲେ କଲେଜରେ ପଢ଼ି ପାରିବ ନାହିଁ ଛାତ୍ର ମାସକୁ ଟ ୨୮ ଙ୍କା ଲେଖାଏଁ ବୃତ୍ତି ପାଇବ ଓ ଦୁଇବର୍ଷ ଇଣ୍ଟରମିଡିଏଟ ଶ୍ରେଣୀରେ ପଢ଼ିବା କାଳରେ ତାହା ଭୋଗ କରିବ । ସୁତରାଂ ପ୍ରତି ଦୁଇବର୍ଷରେ ଏକଜଣ ଛାତ୍ର ଏହି ବୃତ୍ତି ପାଇବ ।

———

ଜର୍ମାନୀରେ କୋ ପେଲିନ ମହୋଦୟ ଯେଉଁ ବ୍ୟୋମଯାନ ନିର୍ମାଣ କରିଅଛନ୍ତି ତାହା ଘ ୨୪ ଣ୍ଟା କାଳ ଆକାଶରେ ରହି ୩୦୦ ମାଇଲରୁ ଅଧିକ ଦୂର ଭ୍ରମଣ କରିବା, ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ପାରିବା, ନିର୍ଦ୍ଦିଷ୍ଟ ସ୍ଥାନରେ ଅବତରଣ କରିବା-ଘଣ୍ଟାକରେ ୩୦ ମାଇଲରୁ ଅଧିକ ଯାଇପାରିବା ଏବଂ ନ ୨୬ ଣ ମନୁଷ୍ୟ ନେଇପାରିବାର ପରୀକ୍ଷାଦ୍ୱାରା ଦେଖା ଯାଇଅଛି । କୋ ପେଲିନ ମହୋଦୟ ଗତ ମାସ ତା ୨ ରିଖରେ ବେଭେରିୟା ଅନ୍ତର୍ଗତ ଜିଦରଭିବାନଠାରୁ ଦିବା ୧୧ ଘଣ୍ଟା ସମୟରେ ବାହାରି ସହଜରେ ୬୮ ମାଇଲ ଦୂରବର୍ତ୍ତୀ ଦକ୍ଷିଣ ପୂର୍ବଦିକସ୍ଥ ମିଉନିଚଠାରେ ଅପରାହ୍ଣ ଘ ୧।୪୫ ମିନିଟ ସମୟରେ ଅବତରଣ କଲେ ଏବଂ ସେଠାରୁ ପୁଣି ଘ ୩।୩୬ ମିନିଟ ସମୟରେ ବାହାରି ଦକ୍ଷିଣ ପଶ୍ଚିମଦିକସ୍ଥ ମନକେଲଠାରେ ରାତ୍ର ଘ ୮ ଟା ସମୟରେ ପହଞ୍ଚିଲେ । ଏ ଅପୂର୍ବକାଣ୍ଡ ଦେଖିବାକୁ ସେ ଅଞ୍ଚଳରେ ଲୋକଙ୍କର ଭାରି ଭିଡ଼ ହେଉଅଛି ଏବଂ ଏଥିଉପରେ ପୁଣି ଅତିଶୀଘ୍ର ବ୍ୟୋମଯାନରେ ତୋପ ଲଗାହୋଇ ତାହା ଲଢ଼ାଇରେ କି ରୂପେ ବ୍ୟବହୃତ ହେବ ତହିଁର ପରେଟ ହେବ । ଏ ବିଦ୍ୟାରେ ଜର୍ମାନୀ ସମସ୍ତଙ୍କୁ ଜିଣି ଯାଉଅଛି । ବିଳାତରେ ସାହେବମାନେ ଗଲାବେଳେ ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇ ଅନାଇଁ ରହୁଁ । ଯେବେ ବ୍ୟୋମଯାନଟାଏ ଅସିବ ତେବେ ବୁଦ୍ଧି ହଜିଯିବ । ମନୁଷ୍ୟତାର ମାର୍ଗରୁ କେତେଦୂରରେ ଆମ୍ଭେମାନେ ଅଛୁଁ ପାଠକେ ଅନୁଧାବନ କରି ଦେଖିବେ କି ?

—o—

ଗତ ଅପ୍ରେଲ ମାସ ତା ୧୫ ରିଖରେ କଲିକତାର ମହାକାଳୀ ପାଠଶାଳାର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରଣାର୍ଥ ବିଦ୍ୟାଳୟ ଗୃହରେ ଗୋଟିଏ ସଭା ହୋଇଥିଲା । ଦ୍ୱାରବଙ୍ଗର ମହାରାଜା ବାହାଦୁର ସଭାପତିର ଆସନଗ୍ରହଣପୂର୍ବକ ଯଥାରୀତି ପୁରସ୍କାର ବିତରଣ କରିଥିଲେ । ସେକ୍ରେଟରୀ ଏତଦୁପଲକ୍ଷେ ଯେଉଁ ରିପୋର୍ଟ ପାଠ କଲେ ତହିଁରୁ ପ୍ରକାଶ ଯେ ବିଦ୍ୟାଳୟଟି ପ୍ରଥମେ ୩୦ ଗୋଟି ବାଳିକା ନେଇ ଆରମ୍ଭ ହୋଇଥିଲା ମାତ୍ର ବର୍ତ୍ତମାନ ତହିଁର ଛାତ୍ରୀ ସଂଖ୍ୟା ୪୩୬ ଅଟେ । ବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ଅନୁଷ୍ଠାନକ ହିନ୍ଦୁଭାବରେ ହେଉଥିଲେହେଁ ପାଶ୍ଚାତ୍ୟପଦ୍ଧତିଧାରୀ ଦେଶୀୟ ଲୋକେ ସୁଦ୍ଧା ସେମାନଙ୍କର କନ୍ୟାଙ୍କୁ ଏହି ବିଦ୍ୟାଳୟକୁ ଶିକ୍ଷାର୍ଥ ପଠାଉ ଅଛନ୍ତି । ତଥାପି ବିଦ୍ୟାଳୟର ଆର୍ଥିକ ଅବସ୍ଥା ଭଲ ନୁହେ ଏବଂ ବିଦ୍ୟାଳୟ ଗୃହଟି ବନ୍ଧକ ଦେଇ ଯେ ଋଣ ହୋଇଥିଲା ତହିଁର ଟ ୩୦,୦୦୦ ଙ୍କା ପରିଶୋଧିତ ହେବାକୁ ଅବଶିଷ୍ଟ ଅଛି । ବର୍ଷ ମଧ୍ୟରେ ମହାରାଜା ବାହାଦୁର ଟ୨୦୦୦ଙ୍କା ଦେଇ ଥିବାରୁ ସୁଧ ପରିଶୋଧରେ ତାହା ଖର୍ଚ୍ଚ ହୋଇଅଛି । ଏଥିରେ ସମ୍ପାଦକ ମହାଶୟ ଯଥାର୍ଥ କହି ଅଛନ୍ତି ଯେ ସ୍ତ୍ରୀ ଶିକ୍ଷାପ୍ରତି ଅବଧି ଲୋକଙ୍କର ଆଗ୍ରହ ବଢ଼ିନାହିଁ । ସ୍ତ୍ରୀଶିକ୍ଷା ଯେ ସମଧିକ ବ୍ୟୟ ସାପେକ୍ଷ ଏଥିରେ ସନ୍ଦେହ ନାହିଁ ମାତ୍ର ଦେଶୀୟ ଲୋକେ ତହିଁ କି ମୁକ୍ତହସ୍ତ ନ ହେଲେ ଆଶାନୁରୂପ ଫଲାଭ ଅସମ୍ଭବ । ଯେଉଁ ସ୍ତ୍ରୀମାନଙ୍କର ଉନ୍ନତି ଉପରେ ଜାତୀୟ ଉନ୍ନତି ଏକାନ୍ତ ନିର୍ଭର କରେ ସେମାନଙ୍କ ଶିକ୍ଷାର୍ଥ ସମସ୍ତଙ୍କର ଅଗ୍ରସର ହେବା ଅବଶ୍ୟ କର୍ତ୍ତବ୍ୟ ।

—o—

ଅଳ୍ପଦିନ ତଳେ ଜଣେ ବ ୩୦ ବର୍ଷ ବୟସ୍କ ସନ୍ନ୍ୟାସୀବେଶଧାରୀ ସ୍ୱାମୀ ସତ୍ୟାନନ୍ଦ ନାମକ ହିନ୍ଦୁଯୁବକ ମୁର୍ଶିଦାବାଦର ହସପିଟାଲରେ ଚିକିତ୍ସିତ ହେବାକାରଣ ଉପସ୍ଥିତ ହେଲା । ତାହାର ଛାତିରେ ଆଘାତ ହୋଇଅଛି ଏବଂ ଜଣେ ପଞ୍ଜାବୀ ସହିତ ତାହାର ଦ୍ୱନ୍ଦ ହେବାରୁ ସେ ଛାତିରେ ବଂଧା ଦ୍ୱାରା ଗୁରୁତର ଆଘାତ ପ୍ରଦାନ କରିଥିବାର ପ୍ରକାଶ କଲା । କିରୂପରେ ତାହାର ଛାତିରେ ଆଘାତ ବସିଲା ତାହା ସ୍ଥିର ହୋଇ ନାହିଁ ମାତ୍ର ଡାକ୍ତରଙ୍କ ମତରେ ବଂଧା ଦ୍ୱାରା ସେପରି ଆଘାତ ହୋଇ ନ ପାରେ । ସୁତରାଂ ଡାକ୍ତର ପୁଲିଶକୁ ସମ୍ବାଦ ଦେବାରୁ ସେ ପୁଲିଶର ନଜରବନ୍ଦୀରେ ଅଛି । ସାଧୁଟି ଇଂରାଜୀ ଜାଣେ ଏବଂ କଲିକତାରୁ ଏତେଦୂର ବାଟ ରେଲରେ ନ ଯାଇ ଚାଲି ଯିବାର କାରଣ ପଚାରନ୍ତେ ସେ କହିଲା ରେଲ ଫିରିଙ୍ଗିଙ୍କର ଏବଂ ସେ ଫିରିଙ୍ଗିଙ୍କ ସହିତ କୌଣସି ସମ୍ପର୍କ ନ ରଖିବାର ପ୍ରତିଜ୍ଞା କରିଥିବାରୁ ଇଚ୍ଛାପୂର୍ବକ ଚାଲି ଆସିଅଛି । ଏ ଲୋକର ତତ୍ତ୍ୱାନୁସନ୍ଧାନ ଲାଗିଅଛି । ଏରୂପ ଫିରିଙ୍ଗି ବିଦ୍ୱେଷରେ ଯେ କିଛିମାତ୍ର ଫଳ ନାହିଁ ବୋଲିବା ବାହୁଲ୍ୟ ମାତ୍ର । ଇଂରାଜମାନେ ରେଲ ବସାଇ ଉପକାର କରିବାରୁ କହିଲେ ସୁବାଗେରଲୁ ମାନ କରି ଶପଥରେ ଶାଇବା ନୀତି ଯୁକ୍ତିସଙ୍ଗତ କି ? ଯେବେ ଫିରିଙ୍ଗିର ଅନୁଷ୍ଠିତ ବୋଲି ରେଲ ପରିତ୍ୟାଜ୍ୟ ତେବେ ସାଧୁ ଫିରିଙ୍ଗି ଅନୁଷ୍ଠିତ ହସପିଟାଲକୁ ଯିବା କିରୂପେ ନ୍ୟାଯ୍ୟ ? ଯେବେ ଫିରିଙ୍ଗି ନ ହେଲେ ବର୍ତ୍ତମାନ ପ୍ରାଣରକ୍ଷା ଅସମ୍ଭବ ତେବେ ଫିରିଙ୍ଗି ବିଦ୍ୱେଷ କି ଶୋଭନୀୟ ? ଯେଉଁମାନେ ବୁଦ୍ଧି ଓ ବିଚାରଶକ୍ତି ହରାଇ ଏରୂପ ମତାବଲମ୍ବନ କରିଅଛନ୍ତି ସେମାନେ ଅଡ଼ବାୟୁ ଏବଂ ତାଙ୍କରି ହେତୁ ଦେଶରେ ଯେ ପ୍ରଭୂତ ଅନିଷ୍ଟର ସୂତ୍ରପାତ ହୋଇଅଛି ଏଥିରେ ସନ୍ଦେହ ନାହିଁ ।

—oOo—

ଶିଳ୍ପବିଜ୍ଞାନ ଶିକ୍ଷୋନ୍ନତି ସମିତିର ଷଷ୍ଠ ବାର୍ଷିକ ଅଧିବେଶନ ଗତଟରେ କଲିକତା ଟାଉନ ହଲରେ ହୋଇଥିଲା । ଶ୍ରୀଯୁକ୍ତ ନରେନ୍ଦ୍ରନାଥ ସେନ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ସମ୍ପାଦକଙ୍କର ପ୍ରକାଶିତ ବିବରଣୀରୁ ଜଣାଗଲା ଯେ ଏହି ସମିତି ଏପର୍ଯ୍ୟନ୍ତ ୧୩୬ ଜଣ ଯୁବା ଶିଳ୍ପବିଜ୍ଞାନ ଶିକ୍ଷାର୍ଥେ ବିଦେଶକୁ ପଠାଇ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜ. ୨୨ଣ

Digitized by srujanika@gmail.com

ଯେଉଁଅଛି ମାସିକ ଟ ୧୬୦ ଙ୍କାର ଟ ୫୫୦ ଙ୍କା ବେତନରେ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ଜେନେରଲ ମନେଜେଷ୍ଟାଙ୍କର ବହୁଧ କାରଖାନା ସ୍ଥାପନ କରଅଛନ୍ତି । ସେହି ସମସ୍ତ କାରଖାନାରେ ପ୍ରସ୍ତୁତ ହୋଉଥିବା ବସ୍ତ୍ରାଦିଜାତ, ପେନସଲ, ବୋତାମ, ଛତିବାସନ, ରସାୟନ ଦ୍ରବ୍ୟ, ସାବୁନ, ବିସ୍କୁଟ, ଛାପାଖାନାର କାଳି, ବସ୍ତ୍ରାଦି ରଙ୍ଗିବାର ରଙ୍ଗ ଇତ୍ୟାଦି ଏହି ଏଜେନ୍‌ସି ପ୍ରଦର୍ଶିତ ହୋଇଥିଲା । ଏ ସମସ୍ତ ଶୁଭଲକ୍ଷଣ ଅଟେ । ମାନ୍ଦ୍ରାଜ ପଠାଯାଇଥିବା ଭାରତୀୟ ଯୁବା ମଧ୍ୟରୁ ଜେନେକଣ ଫେରି ଆସିଅଛନ୍ତି ଓ ସେମାନେ ଶିକ୍ଷା କରିଅଛନ୍ତି ବ୍ୟବସାୟରେ ନିଯୁକ୍ତ ହୋଇ କାର୍ଯ୍ୟ ନିର୍ବାହ କରୁଅଛନ୍ତି ଏବଂ ସେମାନଙ୍କର ଜନସାଧାରଣର ଲାଭ କରଅଛନ୍ତି ଏ ସମସ୍ତ ବସ୍ତ୍ରାଦିରୂପେ ପ୍ରକାଶ ହୋଇଥିଲେ ଭଲ ହୋଇଥାନ୍ତା । ଆଶା କରୁଁ ଆଗାମୀବର୍ଷ ସେ ସମସ୍ତ ପ୍ରକାଶ ହେବ । ଏଥର ମଧ୍ୟ ଜ ୧୦୦ ଣ ଯୁବା ପ୍ରେରିତ ହୋଇଅଛନ୍ତି ଏବଂ ସେହି ମଧ୍ୟରେ ଉତ୍କଳ ପ୍ରବାସୀ ଶ୍ରୀ ଏନ୍, ସି, ଦାସ୍ ଏକଜଣ ଅଛନ୍ତି । ଏଥିରୁ ବିଦ୍ୟାର୍ଥୀ ଯୁବାଦଳର ସଂଖ୍ୟା ଅଧିକ ଥିବାର ଦେଖଯାଏ । ସେମାନେ ଯହି ଓ ଅଧ୍ୟବସାୟରେ ଏମାନେ ଭଲ ଶିଳ୍ପବାଣିଜ୍ୟ ଶିକ୍ଷା କରି ଆସିବେ ସେହିପରି ସାହସ, ଦୃଢ଼ତା ଏବଂ ସଦାଗ୍ରହ ଦେଖି ସେମାନେ ନାଲିଖେଇ କାମରେ ଜୀବିକା ନିର୍ବାହ କରିବାର ପେଶାରେ ବଡ଼ ଆନନ୍ଦର ବିଷୟ ହେବ । ପ୍ରଭଣ୍ଟା ବା ଧନ ବଳରେ ଯେଉଁ କାମ ହୁଏ ନାହିଁ ତାହା କାହାରି ସ୍ୱାର୍ଥରେ ଗୋଟି ଘଟେ ତାହିଁ ମଧ୍ୟ ସନ୍ଦେହ କରିବା ଉଚିତ ନୁହେଁ । ସଦାଗ୍ରହରୁ ଯେଉଁ ଯେଉଁ କାର୍ଯ୍ୟ କରି ଦେଶ ଯାତ କରନ୍ତି ସେ ଜନ ଅଲ୍ପ କାଳ ମଧ୍ୟ ହୋଇ ଯେତେ ଲୋକ ଯିବେ ଏବଂ ଅନନ୍ତରେ ରହିବ ।

———

## ବିଶ୍ୱବିଦ୍ୟାଳୟର ଆଇନ କଲେଜ ।

ଆଗାମୀ ଜୁଲାଇମାସ ତା ୫ ଋଖ ସୋମବାର ଦିବସ ଏହି କଲେଜ ଖୋଲିବ । ନିମ୍ନ ଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗୋଟିଏ ପରିଚାଳନା କମିଟି ଓ କଲେଜ ଏହି କମିଟୀର ଅଧୀନରେ ରହିବ ଯଥା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସିଲର କଲିକତା ହାଇକୋର୍ଟର ବିଚାରପତି, ବଙ୍ଗ, ଲାର ଆଡ୍‌ଭୋକେଟ୍ ଜେନେରଲ, ହାଇକୋର୍ଟର ବିଚାରପତି ସାର୍‌କାର୍ ଓଁକାଲ, ଶିକ୍ଷା-ବିଭାଗର ଡାଇରେକ୍ଟର, ବଙ୍ଗାଳ ଗଭର୍ଣ୍ଣମେଣ୍ଟର ଆଇନ ସମ୍ବନ୍ଧୀୟ ଲିଗେଲ ରିମେମ୍ବ୍ରାନସର, କଲିକତା କର୍ପୋରେସନ ପ୍ରୋପ୍ରାଇଟର ଏବଂ ପ୍ରଥମ, ବିଶ୍ୱବିଦ୍ୟାଳୟର ଏହି କଲେଜର ତିନି ଜଣ, ଓ ଦୁଇଜଣ ପ୍ରୋଫେସର ।

ଡାକ୍ତର ସତୀଶଚନ୍ଦ୍ର ବାଗଚି ବି, ଏ, ଏଲ, ଏଲ, ଡି, ବାରଷ୍ଟର ଏହି କଲେଜର ପ୍ରିନ୍ସିପଲ, ପ୍ରୋଫେସର ଗୋପାଳଚନ୍ଦ୍ର ସରକାର ଶାସ୍ତ୍ରୀ ଏମ୍ ଏ, ଓ ବାବୁ ହାରାଧନ ନାଗ ଏମ୍ ଏ, ବରହମପୁର କଲେଜର ଆଇନ ଅଧ୍ୟାପକ ଏମାନେ ପ୍ରୋଫେସର ହୋଇ ଏବଂ ଅନ୍ୟ ଅଠଜଣ ହାଇକୋର୍ଟର ଓକିଲ ଓ ବାରିଷ୍ଟର ସହକାରୀ ପ୍ରୋଫେସର ପଦରେ ନିଯୁକ୍ତ ହୋଇଅଛନ୍ତି । ନିୟମ ମତେ ଲେକ୍‌ଚର (ଉପଦେଶ) ସମ୍ପନ୍ନ ଦେବାର ଓ ଶିକ୍ଷା ସମ୍ବନ୍ଧରେ ଅନୁଶୀଳନ କରିବାର ସୁବନ୍ଦୋବସ୍ତ ହୋଇଅଛି । କଲେଜ ଛୁଟୀ ଉତ୍ତାରୁ ଛାତ୍ରମାନେ ଇଚ୍ଛା କଲେ ଲାଇବ୍ରେରୀରେ ବସି ପଢ଼ି ପାରିବେ ।

କଲେଜର ଯେ ମାସିକ ଛଅ ଟଙ୍କା ଧାର୍ଯ୍ୟ ହୋଇଅଛି । ମାସିକ ଦଶଟଙ୍କା ଲେଖାଏ ପ୍ରତିବର୍ଷ କ୍ରମରେ ଆଠଗୋଟି ବୃତ୍ତି ସ୍ଥାପିତ ହୋଇଅଛି । ଚାରିଗୋଟି ବୃତ୍ତି ୧ମ ବର୍ଷୀୟ ଶ୍ରେଣୀର ଛାତ୍ରମାନେ ପ୍ରତିଯୋଗିତା ଫଳରେ ପାଇବେ । ଦ୍ୱିତୀୟ ଶ୍ରେଣୀ ଛାତ୍ରମାନଙ୍କ ମଧ୍ୟରେ ବାକୀ ଚାରିଗୋଟି ବୃତ୍ତିର ପ୍ରତିଯୋଗିତା ହେବ । ସେପ୍ଟେମ୍ବର ମାସରେ ବୃତ୍ତି ପରୀକ୍ଷା ହୋଇ ବୃତ୍ତି ଦିଆଯିବ । ଯେଉଁମାନେ ବୃତ୍ତି ପାଇବାର ଯୋଗ୍ୟ ହେବେ ସେମାନେ ସେପ୍ଟେମ୍ବରମାସର ପୂର୍ବବର୍ତ୍ତୀ ଜୁଲାଇମାସରୁ ବୃତ୍ତି ପାଇବେ । ଅତଃପର ୨ୟ ବାର୍ଷିକ ଶ୍ରେଣୀର ଛାତ୍ରମାନଙ୍କ ବୃତ୍ତି ୧ମ ବର୍ଷୀୟ ଶ୍ରେଣୀର ପରୀକ୍ଷାର ଫଳାନୁସାରେ ଦିଆଯିବ ।

ମାସିକ କୋଡ଼ିଏ ଟଙ୍କା ଦରରେ ଦୁଇଗୋଟି ବୃତ୍ତି ଦୁଇବର୍ଷ ସକାଶେ ରକ୍ଷା ହୋଇଅଛି । ଯେଉଁ ଛାତ୍ରମାନେ ଅନ୍ୟୂନ ୨ବର୍ଷ ଆଇନ ବିଦ୍ୟାଳୟରେ ଅଧ୍ୟୟନ କରିଥିବେ ଓ ଶେଷ ପରୀକ୍ଷାର ଫଳରେ ପ୍ରତିଯୋଗିତା କରି ପାରିବେ ଏବଂ କଲେଜର ପ୍ରଧାନ ଅଧ୍ୟକ୍ଷଙ୍କ ଆଦେଶରେ ଆଇ ଏମ, ଏଲ, ପରୀକ୍ଷା କ୍ରମରେ ପ୍ରସ୍ତୁତ ହେବେ ସେମାନେ ଏହି ବୃତ୍ତିର ଅଧିକାରୀ ହେବେ । ଯେଉଁ ଛାତ୍ରମାନେ ପିତା ମାତା ଅଥବା ଅନ୍ୟ କୌଣସି ଅଭିଭାବକ ସହିତରେ ଅବସ୍ଥାନ କରନ୍ତି ନାହିଁ ସେମାନଙ୍କ ନିମନ୍ତେ କଲେଜରେ ରହିବାର ସୁନ୍ଦର ବ୍ୟବସ୍ଥା କରା-ହେବ । ଏପରି ଛାତ୍ରମାନେ ଆଗାମୀ ଜୁନମାସ ତା ୧୫ ଋଖ ଅବା ତହିଁ ପୂର୍ବରୁ ବିଶ୍ୱବିଦ୍ୟା-ଳୟର ରେଜିଷ୍ଟ୍ରାରଙ୍କ ନିକଟକୁ ଆବେଦନପତ୍ର ପଠାଇବେ । ଆଗାମୀ ଜୁଲାଇମାସର ପ୍ରଥମଦିନ-ଠାରୁ ଛାତ୍ରମାନଙ୍କର ଭର୍ତ୍ତି ହେବାର ଅବଶ୍ୟକ ପ୍ରଥମ ଓ ଦ୍ୱିତୀୟବର୍ଷ ଶ୍ରେଣୀ ଦ୍ୱୟ ଏକ ସମୟରେ ଖୋଲା ହେବ । ଉଚ୍ଚତର ଶ୍ରେଣୀ ସାଧାରଣ ପ୍ରକୃଷ୍ଟ ଶ୍ରେଣୀ ଓ ପଠନ ପ୍ରଣାଳୀ ନିମ୍ନ ଦର୍ଶାଯିବ ବସିବ ।

କଲେଜରେ ଭର୍ତ୍ତି ହେବାର ଆବେଦନପତ୍ର ରେଜିଷ୍ଟ୍ରାରଙ୍କ ନିକଟରେ କରିବାକୁ ହେବ ଓ ଅନ୍ୟ କଥା ଜାଣିବାର ଆବଶ୍ୟକ ହେଲେ ପ୍ରିନ୍‌ସିପାଲଙ୍କ ନିକଟକୁ ଆବେଦନ କରିବାକୁ ହେବ ।

ଏଥିରୁ ପାଠକମାନେ ଦେଖିବେ ଯେ କଲିକତା ବିଶ୍ୱବିଦ୍ୟାଳୟ ଯେଉଁ ଉଚ୍ଚଶ୍ରେଣୀର ଆଦର୍ଶ ଆଇନ କଲେଜ ସ୍ଥାପନ କରିବାର ଇଚ୍ଛା ପ୍ରକାଶ କରିଥିଲେ ତାହା ଆଉ ଦୁଇମାସମଧ୍ୟରେ ଖୋଲିବ । ଏହି କଲେଜ କେଉଁ ସ୍ଥାନରେ ବସିବ ବିଜ୍ଞାପନରେ ଲେଖା ନାହିଁ ସମ୍ଭବତଃ କଲିକତା ସହରରେ ତାହାର ସ୍ଥାନ ନିରୂପିତ ହୋଇଅଛି । ଅନ୍ୟ ବନ୍ଦୋବସ୍ତ ଯାହା ହେଉ ଛାତ୍ର ବେତନ ଟ ୬ ୧ ଙ୍କା ଅବଶ୍ୟ ଗୁରୁତର ବୋଲିବାକୁ ହେବ । ଏଥି ପୂର୍ବେ ପ୍ରେସିଡେନ୍‌ସି କଲେଜର ଆଇନ ଶ୍ରେଣୀରେ ଛାତ୍ରବେତନ ଟ ୧୦୧ ଙ୍କା ଥିଲା ଓ ତାହା ଦେଇ ଛାତ୍ରମାନେ ନେ

— ※ —

## ବନ୍ଦୋବସ୍ତ ବିବରଣୀ ।

ସନ ୧୯୦୮ ମସିହା ସେପ୍ଟେମ୍ବର ମାସ ତା ୩୦-ଋଖରେ ଶେଷହେବା ବର୍ଷମଧ୍ୟରେ ଯେଉଁ ଜରିପ ଓ ଜମାବନ୍ଦୀ କାର୍ଯ୍ୟ ହୋଇଥିଲା ତହିଁପ୍ରତି ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ଗତ ମାସ ତା ୭ ଋଖର କଲିକତା ଗେଜେଟରେ ପ୍ରକାଶିତ ହୋଇ-ଅଛି । ତହିଁରୁ ଉତ୍କଳ ସମ୍ବନ୍ଧେ ନିମ୍ନଲିଖିତ ବିବରଣ ସଂଗ୍ରହ କରାଯାଉଅଛି । ଗତ ବର୍ଷାପେକ୍ଷା ମୋଟରେ ଅଧିକ ଭୂମି ଜରିପ ଏବଂ ଖାନେ ଖତିଆନ ତାଲିକା ଉପସ୍ଥିତ ଉତ୍କଳରେ ୧୦୩ ବର୍ଗମାଇଲ ଭୂମିର ସାନ ଜରିପ କାର୍ଯ୍ୟ ଶେଷ ହୋଇଥିଲା । ୭୬୯ ବର୍ଗମାଇଲ ପରିମିତ ଅନୁଗୁଳ ଖାସମହାଲର ସାନବନ୍ଦୋବସ୍ତ କାର୍ଯ୍ୟ ଶେଷ ହୋଇଥିଲା । ଏଥିରେ ଟ ୨୧୦ ୦୨ ଙ୍କା ରାଜସ୍ୱ ବୃଦ୍ଧି ହେଲା ଏବଂ ଖର୍ଚ୍ଚ ଟ ୧୪୨୨୭ ଙ୍କା ହ ତାହା ଏକରପ୍ରତି ହାରାହାରି ଚାରି ପାହୁଲା ପଡ଼ିଥିଲା । ଜମାବନ୍ଦି-ସମୟରେ ନଜରାନା ନେବାର ଜମା ଧାର୍ଯ୍ୟ କରି-ବାରେ ବିଶେଷ ବିଘ୍ନ ଉପସ୍ଥାଇଥିଲା । ସ୍ଥାନ ଲିପି ସଂରକ୍ଷଣ ସମ୍ବନ୍ଧରେ ଓଡ଼ିଆ ସାନବନ୍ଦୋ-ବସ୍ତ କାର୍ଯ୍ୟ ଗ୍ରାମ ବନ୍ଦୋବସ୍ତ ହେବେ ସ୍ଥାନରୁ ଉଠାଇନେବେ ଉତ୍ତମରୂପେ ଚଳିଥିଲା ଏବଂ ପୂର୍ବବର୍ଷର ଅଭିଜ୍ଞତାରୁ କାର୍ଯ୍ୟ ଏବଂ ବର୍ଣ୍ଣନାରେ ଯେ ପରିବର୍ତ୍ତନ ହୋଇଥିଲା ତହିଁରେ କାର୍ଯ୍ୟ ଭଲରୂପେ ଚଳିବା ସମ୍ଭାବନା ଅଛି । ଷ୍ଟେଟେଷ୍ଟିକ (ସଂଖ୍ୟା)-ରେ ଯେଉଁ ତାଲିକା ଅଛି ତହିଁରୁ ଅନ୍ତର୍ଦ୍ଦେଶୀୟ ବନ୍ଦୋବସ୍ତ କାମର ଉଚିତ ହେବାର ଆବଶ୍ୟକତା ସ୍ପଷ୍ଟରୂପେ ଜଣାଯାଉଅଛି । ବର୍ଷ ମଧ୍ୟ ୩୬୨୮୭ ଏକର ଭୂମିର କାର୍ଯ୍ୟ ହୋଇଥିଲା ଏବଂ

Split by PDF Splitter
Digitized by srujanika@gmail.com

ଗତ ବନ୍ଦୋବସ୍ତ ସମୟରୁ ଏହି ଦଶ ବର୍ଷ ମଧ୍ୟରେ ଶତକଡ଼ା ୬୩ ବୃଦ୍ଧି ମାଲର ଓ ଶତକଡ଼ା ୩୩ ବୃଦ୍ଧିର ଚୌହଦୀ ପରିବର୍ତ୍ତିତ ହୋଇଅଛି । ରୟତମାନେ ସକ ବନ୍ଦୋବସ୍ତରୁ ଉକ୍ତ ସୁଖ ପାଉଥିବାର ଭୂମିହର ଡାଇରେକ୍ଟର ମହାଶୟ ଲେଖିଅଛନ୍ତି ଏବଂ ବନ୍ଦୋବସ୍ତ କର୍ମଚାରୀ ଟେଲର ସାହେବଙ୍କ ରିପୋର୍ଟରେ ଉର୍ଦ୍ଧ୍ୱ ଲ ଥାନାର ଯୋଗୁ ଅଞ୍ଚଳର ରୟତମାନଙ୍କ ଚାଷ ବାଦନର ଅର୍ଥ ଖର୍ଚ୍ଚ ଖୋଇ ଯାଇ ନ ଥିବାର ମିଥ୍ୟାରେ କହି ସାନ ବନ୍ଦୋବସ୍ତ ହେବାର ପ୍ରାର୍ଥନା କରିବାର ଯାହା ଲେଖାଅଛି ଏବଂ ଯେ ବିଷୟ ଆମ୍ଭେମାନେ ପୂର୍ବେ ପ୍ରବନ୍ଧାନ୍ତରରେ ପାଠକମାନଙ୍କ ଜଣାଇ ଅଛୁଁ ତାହା କର୍ତ୍ତାରିଣୀରେ ଛିନ୍ନ ହୋଇଅଛି । ସମ୍ବଲପୁରର ସ୍ୱତ୍ୱଲିପି ସଂରକ୍ଷଣ କାର୍ଯ୍ୟ ସନ୍ତୋଷଜନକରୂପେ ଶେଷ ହୋଇଅଛି । ସ୍ୱତ୍ୱଲିପି ସମ୍ବନ୍ଧୀୟ କାଗଜ ଓ ନକସାମାନ ଛପା କର୍ମଚାରୀମାନେ ଅବଧି ସନ୍ତୁଷ୍ଟିରୂପେ ବ୍ୟବହାର କରିପାରୁ ନାହାନ୍ତି । ହାଇକୋର୍ଟର ଅନୁମୋଦନ ଅନୁସାରେ କେତେକ ମୋକ୍ତାରଙ୍କୁ ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ କରାଯାଇଥିଲା ଏବଂ ସେମାନଙ୍କର କାର୍ଯ୍ୟ ସନ୍ତୋଷଜନକ ହୋଇଥିବାର ବନ୍ଦୋବସ୍ତ କର୍ମଚାରୀମାନେ ରିପୋର୍ଟ ଦେଇଅଛନ୍ତି । ପରିଶେଷରେ ଗବର୍ଣ୍ଣମେଣ୍ଟ ପ୍ରଚଳିତ ପ୍ରଥାନୁଯାୟୀ କେତେକ ବନ୍ଦୋବସ୍ତ କର୍ମଚାରୀଙ୍କର ପ୍ରଶଂସା କରିଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଟେଲର ସାହେବଙ୍କ ନାମ ଉଲ୍ଲେଖ ହୋଇଅଛି । ଯେଉଁ ବାର୍ଷିକ ରିପୋର୍ଟ ଉପରେ ଗବର୍ଣ୍ଣମେଣ୍ଟଙ୍କ ଉପରୋକ୍ତ ମନ୍ତବ୍ୟ ବାହାରିଅଛି ତହିଁରେ ଡାଇରେକ୍ଟର ମହୋଦୟ ଉକ୍ତ ବନ୍ଦୋବସ୍ତର ଖରଣି ଦ ଯାଇ ଖାନାପୁରୀ ଓ ଅଟେଷ୍ଟେସନ ଯାହା ଦେଖିଅଛନ୍ତି ତହିଁରେ ରୟତମାନେ ଏ ସାନ ବନ୍ଦୋବସ୍ତ କାର୍ଯ୍ୟରୁ ସୁଖ ପାଉଥିବା ଓ ତହିଁ ନିମିତ୍ତ ଅନ୍ତର ପ୍ରକାଶ କରୁଥିବା ଏବଂ ଯେଉଁ ଜଣ କେତେ ଲୋକ ଏହା ରୟତମାନଙ୍କ ହିତକର କରୁଥିବାର କହନ୍ତି ସେମାନେ ନିରର୍ଥକ ବକୁଥିବା ( tallring nonsense ) ର ଲେଖାଅଛି । ସେଥିରେ ଆହୁରି ମଧ୍ୟ ଲେଖାଅଛି ଯେ କେବଳ ପ୍ରଜାପୀଡ଼କ ଜମିଦାରମାନେ ଏହି ବନ୍ଦୋବସ୍ତ କାର୍ଯ୍ୟରେ ଆପତ୍ତି କରନ୍ତି ଏବଂ ସେମାନଙ୍କର ଅନ୍ୟାୟ କାର୍ଯ୍ୟମାନ ଏହି ଦ୍ୱାରା ପ୍ରକାଶ ପାଉଛି । ଡାଇରେକ୍ଟର ମହାଶୟ ଟେଲର ସାହେବଙ୍କ ରିପୋର୍ଟରୁ ଯାହା ଉଦ୍ଧୃତ କରିଅଛନ୍ତି ତହିଁରେ ଅଧିକ ଲେଖାଅଛି ଯେ ସାନ ବନ୍ଦୋବସ୍ତ କାର୍ଯ୍ୟ କରିବାରେ ତାହା ମଫସ୍ୱଲର କାର୍ଯ୍ୟକାରୀଙ୍କ ବିଷୟ ସମ୍ବନ୍ଧରେ ଖାସ କାଗଜମାନଙ୍କରେ ପ୍ରକାଶିତ ହେବାର ଦେଖାଯାଏ ମାତ୍ର ସେଥିର ଲେଖକମାନେ ଯେ ସମ୍ପୂର୍ଣ୍ଣ ରୂପେ ଜମିଦାରଙ୍କଦ୍ୱାରା ପରିଚାଳିତ ଏଥିରେ ସନ୍ଦେହ ନାହିଁ ।—ଏଥିରୁ ପାଠକେ ଦେଖିବେ ଯେ ବନ୍ଦୋବସ୍ତ କର୍ମଚାରୀଙ୍କ ଏ ସାନ ବନ୍ଦୋବସ୍ତ କାର୍ଯ୍ୟ ବଡ଼ ମିଠା ଲାଗିଅଛି ଏବଂ କେହି ତହିଁ ବିରୁଦ୍ଧରେ ପାଟି ଫିଟାଇଲେ ଠେଙ୍ଗା ଧରି ଗୋଡ଼ାଉ ଅଛନ୍ତି । ଆମ୍ଭେମାନେ ସ୍ୱର୍ଗବତଃ କର୍ତ୍ତୃପକ୍ଷଙ୍କଠାରେ ନିବେଦନ କରୁ । ସେତେ ନହେଲେ ତାହା ଅରଣ୍ୟ ରୋଦନ ପ୍ରାୟ ହେଉଅଛି । ଗବର୍ଣ୍ଣମେଣ୍ଟ ଏ ସମ୍ବନ୍ଧରେ ଲୋକଙ୍କର କଥା ଅପେକ୍ଷା ବନ୍ଦୋବସ୍ତ କର୍ମଚାରୀଙ୍କ କଥାକୁ ଅଧିକତର ବିଶ୍ୱାସଯୋଗ୍ୟ ବୋଲି ମାନିଅଛନ୍ତି । ସୁତରାଂ ଯେତେବେଳେ ଦେଶସୁଦ୍ଧା ଜମିଦାର ସମସ୍ତେ ଏଥି ବିରୁଦ୍ଧରେ କହୁଅଛନ୍ତି ସେତେବେଳେ ସମସ୍ତେ ପ୍ରଜାପୀଡ଼କ ଏବଂ ଯଦି କାଗଜରେ ପ୍ରଜାଙ୍କ କଥା ବାହାରିଲା ତେବେ ତାହା ଜମିଦାରଦ୍ୱାରା ପରିଚାଳିତ । ସୁତରାଂ ସ୍ୱର୍ଗକୁ ନିଶୁଣି ନ ଥିଲା ପରି ବଡ଼ଲୋକଙ୍କ କଥାକୁ ଆମ୍ଭମାନଙ୍କର ଉତ୍ତର ନାହିଁ । ଉତ୍କଳ ସଭା ଓ ଜମିଦାର ସଭା ଏ କାର୍ଯ୍ୟକୁ ସାନବନ୍ଦୋବସ୍ତ ଆଖ୍ୟା ପ୍ରଦାନ କରିବାରୁ ଦରବାରରେ ଲାଟସାହେବ ମହୋଦୟ ତାହା ମନା କଲେ ସତ୍ୟ ମାତ୍ର ଦରବାରରେ ଏ କାର୍ଯ୍ୟକୁ ସେହି ଆଖ୍ୟା ପ୍ରଦାନ କରାଯାଇଅଛି ଏବଂ ଲୋକେ ସବୁହିଁ ଏହାକୁ ତାହାହିଁ ବୋଲି ଜାଣି ଅଛନ୍ତି । ଆମିନ ଓ ଅମଲା ପ୍ରଭୃତି କେତେ ଉତ୍କୋଚ ନେଲେ ଏବଂ ତହିଁରେ ତାଙ୍କ ପ୍ରତି କି ଦଣ୍ଡର ଆଦେଶ ହେଲା ଏହା ରିପୋର୍ଟରେ ଲେଖା ହୋଇଥିଲେ ଅଭ୍ୟନ୍ତରଟା ପ୍ରକୃତ କେଉଁଠାରେ ଅଛି ଜଣା ଯାଇ ଥାନ୍ତା । ବୋଧ ହୁଏ ଗବର୍ଣ୍ଣମେଣ୍ଟଙ୍କର ଜାଣିବାର ଏ କଥା ଯାଇ ନାହିଁ । ଯଦି ଯାଇନ ଥାଏ ତେବେ ଏତଥିମଧ୍ୟେ ଏବଂ ଏହି ସାନ ବନ୍ଦୋବସ୍ତ ଯୋଗୁ ଫୌଜଦାରୀ ଓ କଲେକ୍ଟରୀ ଓ ଦେବାନୀ ମହକୁମମାନଙ୍କରେ କେତେ ମାମଲା ଅଗତ ହୋଇଅଛି ଓ ହେଉଅଛି ତାହା ତଦନ୍ତ ହେଲେ ଧରା ପଡ଼ିବ । ଯେତେ କୋର୍ଟଫିସ ଓ ଅଦାଲତ ଓ ନକଲ ଖର୍ଚ୍ଚାଦି ପ୍ରଜାମାନେ ଦେଇଅଛନ୍ତି ଏବଂ କିସ୍ତିମାନ ଉପରେ ଦଳଗଞ୍ଜ କାର୍ଯ୍ୟକାଳ ପର ବନ୍ଦୋବସ୍ତ ଭେଙ୍କ ନକାରେ ପଡ଼ି ଉହ କାର୍ଯ୍ୟ ନଷ୍ଟ କରିଅଛନ୍ତି ତାହା ଜଣାଗଲେ ଅଭ୍ୟନ୍ତରର ମାତ୍ରା ଜଣା ପଡ଼ନ୍ତା । ଆମ୍ଭେମାନେ ଯାହା ମଫସଲରେ ଦେଖିଅଛୁଁ ତାହା ପ୍ରକାଶ କରିଅଛୁଁ ମାତ୍ର ଯେଉଁଠାରେ ଶୁଣା ନ ଯିବ ସେଠାରେ ଗୁହାରି କରିବାକୁ ଯାଇ ଲାଭ ନାହିଁ ଫଳ ଏବଂ ଫଳରେ ତାହା ହୋଇଅଛି । ତଥାପି ଟେଲର ସାହେବ ଆପଣ ରିପୋର୍ଟରେ ଅନାବଶ୍ୟକୀୟ ହଇରାଣି ( Un-nassary harassment ) କଥାଟି ବ୍ୟବହାର କରି ଏ କାର୍ଯ୍ୟ ପ୍ରଜାଙ୍କ ହଇରାଣ କରୁଥିବାର ପ୍ରତିପନ୍ନ କଲେ ମାନି ଅଛନ୍ତି ଏହିତ ସୁଖର ବିଷୟ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଡେପୁଟି କଲେକ୍ଟର ବାବୁ ଶ୍ରୀ କମଳଲୋଚନ, କୋଷ ୪ର୍ଥ ଶ୍ରେଣୀକୁ ଉଠିଅଛନ୍ତି ଓ ବାବୁ ଦୈତାରି ମିଶ୍ର ଓ ବାବୁ ... ସ୍ଥାୟୀ ଶ୍ରେଣୀରେ ବାହାଲ ହୋଇଅଛନ୍ତି ।

ପୁରୀର ଡେପୁଟି ମାଜିଷ୍ଟ୍ରେଟ ବାବୁ ... ୨ୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ସବଡିଭିଜନାଲ ସବଡେପୁଟି କଲେକ୍ଟର ବାବୁ ... ମିଶ୍ର ମା ୧୭ ଦି ଛୁଟି ପାଇଲେ ଏବଂ ତା । ଦି । ଇନସପେକ୍ଟର ବାବୁ ନାରାୟଣ ମିଶ୍ର ୧୦ ଦି । ଇନସପେକ୍ଟର କାର୍ଯ୍ୟ କଲେ ।

ଓଡ଼ିଶାର ସେଟଲମେଣ୍ଟ ଅଫିସର ଶ୍ରୀଯୁକ୍ତ ଟେଲର ସାହେବ କଟକ ବାଲେଶ୍ୱର ଓ ପୁରୀଜିଲ୍ଲାରେ ରଜିଷ୍ଟ୍ରି କାର୍ଯ୍ୟ କରିବାର କ୍ଷମତା ପାଇଲେ ।

ଚାଉଳର ଦର—କଟକ ବାଲେଶ୍ୱର ଅନୁଗୁଳ ଓ ଗଡ଼ଜାତରେ ଟଙ୍କାପ୍ରତି ସର୍ବାଧିକ ୯ ସେର ଓ ସମ୍ବଲପୁରରେ ଅଧିକ ଉଣା ହୁଏ ।

ଗତ ତା ୩ ରଖରେ ଶେଷହେବା ସପ୍ତାହରେ ଓଡ଼ିଶାର ସମସ୍ତ ଗଡ଼ଜାତରେ ବର୍ଷା ହୋଇଅଛି । ବୃଷ୍ଟିର ପରିମାଣ ସର୍ବାପେକ୍ଷା ଅଧିକ ଯଥା ୪-୮୨ ଇଞ୍ଚ ନୀଳଗିରିରେ ଏବଂ ସର୍ବାପେକ୍ଷା ଅଳ୍ପ ଯଥା ୦-୧୨ ଇଞ୍ଚ ଢେଙ୍କାନାଳରେ ହୋଇଅଛି ।

ଗତ ତା ୩ ରଖରେ ଶେଷହେବା ସପ୍ତାହରେ ସୁଦ୍ଧା ୨୪୧ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଅଛନ୍ତି । ତନ୍ମଧ୍ୟରୁ କୋଟିଏ ଏହି ମାସରୁ ବନ୍ଦ ହେଲା ।

---

### ସ୍ଥାନୀୟ ସଂବାଦ ।

ଏ ସପ୍ତାହରେ ଆକାଶ ନିର୍ମଳ ଓ ଟାଣ ଖରାହୋଇ କେବଳ ଗତ ଶୁକ୍ରବାର ଏ ନଗରରେ ମେଘ ବାହାରିଥିଲା ।

ଏ ନଗରର ସ୍ୱାସ୍ଥ୍ୟ ଭଲ ମାତ୍ର ଗତ ବୁଧବାର ତେଲେଙ୍ଗାବଜାରରେ ଓଲଉଠାରେ ଏକଜଣ ମରିପଡ଼ିବାର ଶୁଣି ଅଛୁଁ ।

ଜଣେ ଲେଖିଅଛନ୍ତି ଯେ ଦଶପଲ୍ଲାରେ ଗତ ତା ୨୦ ରଖରେ ଲଙ୍କାପୋଡ଼ି ଯାତ୍ରା ମହାସମାରୋହରେ ହୋଇଥିଲା । ନାଚ, ରୋଷଣାଇ ବାଣ ପ୍ରଭୃତି ପ୍ରଚୁର ପରିମାଣରେ ହୋଇଥିଲା ଏବଂ ପ୍ରାୟ ଦଶହଜାର ଯାତ୍ରୀ ହୋଇଥିଲେ ।

ଏଠା ... ଜଣେ ... ସହିତ ... ଅନ୍ୟ ଏକଜଣ ... ଉଭୟ ... ।

... ଭାଙ୍ଗ୍ ... ମୋକଦ୍ଦମାରୁ ... । ଉଭୟ ... ଓ ... ଧରା ପଡ଼ି ନାହିଁ ।

କଟକ ଗ୍ରୀଣ୍ଡଲ୍ୟାଣ୍ଡ ସୋସାଇଟି ସଭାପତିଙ୍କ ନାମରେ ଏ ସହର ଟେଲିଫୋନ ଟାଇମ୍ସ ପ୍ରକାଶିତ ହୋଇଅଛି ଯେ ଗତ ମସ ତା ୧୯ ରେଲୁ ଚିଠିପତ୍ର । ସ୍ୱର୍ଗ ସନ୍ଦାଦ୍ୟ ଉଭୟ କାମରାରେ ଏହା ପ୍ରତିଷ୍ଠିତ ହୋଇଅଛି । ଏହରେ ଇଂରେଜୀ, ବଙ୍ଗଳା, ଓଡ଼ିଆ ପୁସ୍ତକମାନ ଓ ସମ୍ବାଦପତ୍ରମାନ ରଖା ଯାଇଅଛି । ଯାହାର ସେମାନଙ୍କ ଏଥିର ମେମ୍ବର ହେବ ଏବଂ ଗ୍ରାହକ ହେବେ ସେ ସେକ୍ରେଟେରୀ ଅଟନ୍ତି । ସପ୍ତାହରେ ୨ଥର ସକାଳେ ଏବଂ ଏକଥର ସନ୍ଧ୍ୟାରେ ପୁସ୍ତକାଳୟ ଖୋଲିବାର ନିୟମ ହୋଇଅଛି ।

ମେଡ଼ିକାଲର ପ୍ରଧାନ ଶିକ୍ଷକ ଡାକ୍ତର "ନର୍ଥକଟ୍" ଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ (ଡାକ୍ତରୀ ବିଦ୍ୟା ରେ ଉତ୍ତୀର୍ଣ୍ଣ ହୋଇଥିବା) ଦୋକାନସ୍ୱତ୍ୱ ପ୍ରମାଣପତ୍ର ଦେବା, କରଣ ମହାପାତ୍ର, ସୁରେନ୍ଦ୍ର ଦାସ, ହାରମଣ ଦେ, ଦାଲ, ନାରାୟଣ ପଟ୍ଟନାୟକ ଓ ଉପେନ୍ଦ୍ର ଦାସ ଅନ୍ୟ ଡାକ୍ତରଖାନାର କାର୍ଯ୍ୟ ଚଳାଉ ନେଇ ହୋଇଅଛନ୍ତି ।

ସମ୍ବଲପୁରରେ ନ ୧ ଅଙ୍କ ଦୋକାନ ବାଜା ମଧ୍ୟରେ ସେବା କରିବା ସକାଶେ ବୃତ୍ତି ମିଳିଅଛି ।

କଟକ ଥାନା ଅଧୀନ ତଳାଗାଁ ବଣରେ ସର୍ଦ୍ଦାର ଉପରେ ଭାଲୁ ପଡ଼ିବାରୁ ସେ ପ୍ରାଣ ହରାଇଅଛି ।

କଟକ ଥାନା ସଲେପୁର ଅଧୀନ ଭୋଇ ସାହୀ ପେଟର ହୋଇ ନିଷ୍ଠୁରତା ଓ ସାଲଅ ଗୋଲ ପରେ ଲୁଟ ଉପରେ ବର୍ତ୍ତମାନ କୋଟବ ଶୋଭା ମାନଦଣ୍ଡରେ ଧରାହୋଇ ଅଛି ଓ ପ୍ରଥମ ତଦନ୍ତରେ ନାଇଁ ହୋଇ ଓ ରେଜ ରେଲୁ କେତେକ ଜିନିଷ ଉଦ୍ଧାର ହୋଇ ଉକ୍ତ ଜଣେ ଆସାମୀ ହାଜତରେ ଅଛନ୍ତି ।

ଚୈତ୍ରମାସ ତା ୨୮ ଦିନ ରାତିରେ ସହରର ବକ୍ସି ବଜାରସ୍ଥ ଜଣେ ଲୋକ ଘରୁ ସୋ ୨ ଟି ମେଣ୍ଢା ଚୋରି ହୋଇଥିବା ଯୋଗୁଁ ସେହି ଜଣ ଲୋକଙ୍କର ଚୋରି ମାଲ ବରାମଦ ହେବାରୁ ଅସାମୀଙ୍କ ଚାଲାଣ କରା ଯାଇଅଛି । ଚାରିଜଣ ଓ ଦୁଇଜଣଙ୍କୁ ଦେଶ ଛାଡ଼ିବା ଆଦେଶ ଦିଆଯାଇଅଛି । ମାଜିଷ୍ଟ୍ରେଟଙ୍କ ନିକଟରେ ବିଚାର ହେଉଅଛି ।

ନାଗପୁର ବନ୍ଦର ଷ୍ଟେସନ ପଣ୍ଡା ଓ ତେଲି ତା ୩ ଠ ରେଳ ଲୋକେ ରୋଗୀମାନ ଭର୍ତ୍ତିହବା ସମୟରେ ଦୁଇ ଶହ ସଦରର ତା ୫୧୧ ସାଲ ମ ଠ ଡା ମା ବାବୁ ଶଶୀଭୂଷଣ ଦେ ପଥରୁ ରୋଗରେ ପ୍ରଥମ ମା ୭ ମ କଠିନ ଦଣ୍ଡ ପାଇ ଏଠା ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ ଅପିଲ କରିବାରୁ ଟ ୧୨୦୦ ଙ୍କା ଜାମିନରେ ଅଛନ୍ତି ।

ଜଗତସିଂହପୁର ଥାନା ଅନ୍ତର୍ଗତ ନବାଗାଁ ଧନ ମିଶ୍ର ସରୁ ସେଠାର ବାଲ୍ମୀକି ଗୋସାଇଁ ଗୋରୁ ନେଇ ଯିବା ଅପରାଧରେ ଗତ ଶୁକ୍ରବାର ଡେ ମା ବାବୁ ନରେନ୍ଦ୍ରନାଥ ଦତ୍ତଙ୍କ କୋର୍ଟରେ ମା ୭ ସ କଠିନ ଦଣ୍ଡ ହୋଇଅଛି ।

କେନ୍ଦ୍ରାପଡ଼ା ଥାନା ଜଗନ୍ନାଥ ଘର ଓ ମଧୁବନ ଗିରି ଚୋରି ନାଲ ଲୁଣ ହାନ ଅପରାଧରେ ଏଠା ସେସନ କୋର୍ଟରେ ଯଥାକ୍ରମେ ନ ୪ ଓ ୨ ବର୍ଷ କଠିନ ଦଣ୍ଡ ପାଇଅଛନ୍ତି ।

କଟକ ଥାନା ଅଧୀନ ଉଦ୍ଧବାମୀ ଜମିଦାର ଯାତ୍ରା ପରଲୋକଗତ ହୋଇଥିବାରୁ ତାହା ସ୍ତ୍ରୀ ଜମିଦାର ମହାଜନଙ୍କ ହେବା କାରଣ ଜଣେ ସତ ନାମରେ ଜମିଦାରୀ ଦେଖିବାର କାରଣ ତେ ମଙ୍ଗଳବାର କଲେକ୍ଟର ପାଇଥିଲେ ଜମିଦାରର ପୁତ୍ର ଗୋବିନ୍ଦ ନିଜ କ୍ଷମତାପତ୍ର ରେଜେଷ୍ଟ୍ରି କରେଇ ଦେବାକୁ ଅସମର୍ଥ ହେବାରୁ ମାତା, ପିତା ଓ ପୁତ୍ର ସମସ୍ତେ କଲେକ୍ଟରରେ କଲହ କରି ମାଡ଼ ପିଟାପିଟି ହେବାରୁ ଦଣ୍ଡବିଧି ଆଇନର ଧା ୫ ଧାରା ମତେ ପୁତ୍ର ଗୋବିନ୍ଦ ଟ ୨ ଙ୍କା ଜରିମାନା ହୋଇଅଛି ଜମିଦାର ସମ୍ପତ୍ତି ଓ ତାହାର ସ୍ତ୍ରୀ ନାମରେ ମକଦ୍ଦମା ଚାଲୁଅଛି ।

## ଭୁବନେଶ୍ୱର ସମ୍ବାଦ ।

ଓଡ଼ିଶା ସ୍କୁଲ ଇନସ୍ପେକ୍ଟର ଶ୍ରୀ ଏମ୍. ଏସ୍. ଦାସ ବାହାଦୁର ଏଠା ସ୍କୁଲ ପରିଦର୍ଶନ କରି କଟକ ଫେରିଗଲେ ।

ଭୁବନେଶ୍ୱର ରେଳ ଷ୍ଟେସନ ନିକଟ ଲକ୍ଷ୍ମୀସାଗରରେ ଓଳା ରୋଗ ଉତ୍ପନ୍ନ ହୋଇ ନ ୨।୩ ଜଣ ଲୋକ ମୃତ୍ୟୁ ହେବାରୁ ତଥାକାର ସମସ୍ତେ ଭୟ ଭୀତ ହୋଇଥିବାରୁ ଗ୍ରାମବାସୀ ସାଧାରଣ ହୋମ ଯାଗ ପୂଜା କରାଉଅଛନ୍ତି ।

ଲିଙ୍ଗରାଜଙ୍କ ମନ୍ଦିରର ଦେଉଳ ଅଧିକାରଙ୍କର ଉନ୍ନତି ବୃଦ୍ଧି ନାହିଁ । ଅପରିଷ୍କାର ଥାଏ । ଏପରି ହେଲେ ଓଳାରୋଗ ଉପଶମ ହେବାର ଆମ୍ଭେ ଭାବୁ ନ ପାରୁ !

ସାବଧାନ— କଟକରୋଡ଼ ପୁର ଓ ଭୁବନେଶ୍ୱରକୁ ହୋଇଥିବା ସଡ଼କର ଅଧିକ ନାହିଁ । ଏଠାରେ ମୋଟରକାର ନ ଥିବାରୁ ଏଠାର ଲୋକେ ଚଳିବା ସୁବିଧା ମେଳେ ସୁଦ୍ଧା ଅଛି ଏବଂ ଯମଦଣ୍ଡ ଭଳିଆ ଲୋକଙ୍କ ମୂଲ୍ୟକ ନ ଦେଉଅଛନ୍ତି ।

ଏ ନଗରରେ ଅନେକ ପୁଷ୍କରିଣୀ ପରି କରନ୍ତି ଓ ସର ତାହାରେ ସ୍ନାନ ଏକ ନାବଗାଁ ଟୋଲ ଅଛି । ଦୁଇ ନଗରବାସୀ ମାନଙ୍କ ସନ୍ତାନମାନଙ୍କ ଅଧିକ ବାହାନ୍ତି । ଏହି କାରଣ ଅଳ୍ପ ଉନ୍ନତ ଜନ୍ମଭୂମିର ଶୋଚନୀୟ ଦଶା ଦେଖିବାକୁ ପଡ଼ୁଅଛି ।

ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମିତ୍ତ ଆମ୍ଭେ-ମାନେ ଦାୟୀ ନୋହୁଁ ।

ମହାଶୟ !

ଭୁବନେଶ୍ୱରର ଶ୍ରୀ ମନ୍ଦିରର ଉନ୍ନତି ନିମନ୍ତେ କମେଟୀ ଏବଂ ମେନେଜରର ପଦୋନ୍ନତି ହୋଇ ଅନ୍ତତ୍ର କମେଟୀ ପ୍ରତ୍ୟକ୍ଷ ମନ୍ଦିରର କାର୍ଯ୍ୟ ଦେଖି ପାରନ୍ତି ନାହିଁ । ଅତଏବ କମେଟୀ ଦ୍ୱାରା ପୂର୍ବାପେକ୍ଷା ଅଳ୍ପ କାଳ ମନ୍ଦିରର ଆୟ ବୃଦ୍ଧି ହୋଇଅଛି ମେନେଜର ମହୋଦୟଙ୍କ ଦ୍ୱାରା ମନ୍ଦିରର ନିତ୍ୟକର୍ମ ଉତ୍ତମରୂପେ ସମାଧ ହେବା ଉଚିତ । ଏକାଦଶ ହୋଇ ଯେ ଯାତ୍ରା ଚାଲ୍ୟ କରନ୍ତି ନାନା ରକମର ଉଲଟ ଜଣାଇ ପୂଜା, ପାଠ ଅଧିକେ ବାଧା ଘଟନ୍ତି । ୩ ଟା ଧୂପ, ୫ ଟା ଅବକାଶ ପୂର୍ବରୁ ହୋଇ ଆସୁଥିଲା, ବର୍ତ୍ତମାନ ୧ ଧୂପ ଓ ୫ ଅବକାଶ ହେଉଅଛି, ଏପରି ସ୍ଥଳେ ମେନେଜର ମହୋଦୟଙ୍କ ଅବଶ୍ୟକ ଯେ ନିଯୁକ୍ତିରୂପେ ତଦନ୍ତ କରି ଯଥାନିୟମରେ କାର୍ଯ୍ୟର ସୁବିଧା କରିଦେବା ହେବେ ।

ମେନେଜର ବାବୁ ବଇଅ ମହାରାଣୀଙ୍କ ବାବଦ ଜମା ଏକଶତ ଟଙ୍କା ପୂଜା ପଣ୍ଡାଙ୍କ ଦେବାରେ ପଣ୍ଡାମାନେ ସନ୍ଦେହ କରି ବଇଅ ମହାରାଣୀଙ୍କ ନିକଟ ଟେଲିଗ୍ରାଫ କରି ଟ ୨୦୦ ଙ୍କାର ସମ୍ବାଦ ପାଇଅଛନ୍ତି ।

ପୁରୀ ଜଗନ୍ନାଥ ଶ୍ରୀ ମନ୍ଦିରର ମେନେଜର ମହୋଦୟ ପୂଜା, ପାଠ ଭୋଗ ଆଦି ସକାଶେ ସେବକମାନଙ୍କ ପ୍ରତି ଯେରୂପ ଦୃଷ୍ଟି ରଖିଥାନ୍ତି ସେରୂପ ଏ ମେନେଜରଙ୍କର ଦୃଷ୍ଟି ରହିବା ବାଞ୍ଛନୀୟ ।

ପୋଃ ଭୁବନେଶ୍ୱର } ସେଖ ଓ୍ୱାଜେଦୁଲ୍ଲା
୨୭।୪।୦୯ } ସେକାପଡ଼ିଆ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ରାଜେନ୍ଦ୍ରନାଥ ଘୋଷ | ଜୟନଗର | ଟ ୨ ଙ୍କା |
| ରାଜା ସୁରଙ୍ଗୀ | | ଟ ॥ |
| ବାବୁ ଶ୍ରୀ ମଧୁସୂଦନ ମିଶ୍ର | କଲିକତା | ଟ ॥ |
| ,, ସଦାନନ୍ଦ ଦାସ | କଟକ | ଟ ॥ |
| ,, ଭଗବାନ ପଣ୍ଡା | ଅନାର୍କଲି | ଟ ॥ |
| ,, କୃପାସିନ୍ଧୁ ମହାନ୍ତି | କେନ୍ଦୁଝର | ଟ ॥ |
| ,, ଶ୍ରୀଧର ପଟ୍ଟନାୟକ | ଟିଆଲ | ଟ ॥ |
| ,, ପ୍ରେମ ସାହୁ | କଟକ | ଟ ୨ |
| ,, ନନ୍ଦ କିଶୋର | କଣ୍ଡେଇ | ଟ ॥ |
| ,, ରଘୁନାଥ, ପଟ୍ଟନାୟକ ଚୌଧୁରୀ | | ଟ ॥ |
| ,, ମୋହନ ସାମନ୍ତରାୟ ନରସିଂହପୁର | | ଟ ॥ |
| ,, ସତ୍ୟବାଦୀ ମିଶ୍ର | ଦମପଡ଼ା | ଟ ॥ |
| ରାଜା । କ । ଡାଲଭେର | | ଟ ॥ |
| ବାବୁ ଶ୍ରୀ ହରିହର ନନ୍ଦ | ଦେଓଗଡ଼ | ଟ ୬ |
| ,, ଶ୍ୟାମସୁନ୍ଦର ଦାସ | ଧରାକୋଟ | ଟ ୩ |
| ,, ଚନ୍ଦ୍ରମଣି ମହାପାତ୍ର | ଫୁଲନଖରା | ଟ ୩ |
| ,, ଚକ୍ରଧର ଦାଶ ଭୂଇଁୟା | କଟକ | ଟ ॥ |
| ,, ଗୋବିନ୍ଦ ଚନ୍ଦ୍ର ବେହେରା | ବଣପୁର | ଟ ॥ |
| ,, ଉପେନ୍ଦ୍ରନାଥ ମହାନ୍ତି | କୁଆଁପାଳ | ଟ ॥ |
| ,, ନଟବର ରାୟ | ବଢ଼ଦ | ଟ ॥ |
| ,, ଦାମୋଦର ଭୂୟାଁ | ଶାଲେପୁର | ଟ ॥ |
| ,, ଚୋଳଗୋବିନ୍ଦ ଚମ୍ପତିସିଂହ ମହାପାତ୍ର | | ଟ ॥ |
| ,, ସୁଦାମଚରଣ ନାୟକ | ପୁରୀ | ଟ ॥ |
| ,, ମଦନମୋହନ ପଟ୍ଟନାୟକ ନୟାଗଡ଼ | | ଟ ॥ |
| ,, ଗୌରାଙ୍ଗଚରଣ ପଟ୍ଟନାୟକ | | ଟ ॥ |



# ନିଲାମୀ ଇସ୍ତାହାର ।

ଜିଲ୍ଲା କଟକ । ମୁ । କେନ୍ଦ୍ରାପଡ଼ା ଅଦାଲତ ।

ନ ୫୪ ମୁର ସନ

ସନ ୧୯୦୮ ମସୀହା ।

ଉମେଶ ଚନ୍ଦ୍ର । ସା । ରୁହାଁଗେ । ପ୍ର । ଉତ୍ତରଣ ବାଦୀ ଓଃ

ବନାମ

୧ ସ୍ୱ ନବକୃଷ୍ଣ ଦାସ ୨ ଗୋପାଳ ଦାସ । ସା । ରୁହାଁଗେ । ପ୍ର । ଉତ୍ତରଣ ପ୍ରତିବାଦୀ ଦେଣଦାର

ଉପରୋକ୍ତ ନମ୍ବର ମୋକଦ୍ଦମାରେ ବାଦୀ ଡିକ୍ରୀଦାରର ପାଉଣା ଟ୩୩୨।୯ ଆଦାୟ ସକାଶେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ମଇମାସ ତା ୧୫ ରିଖ ଅତ୍ର କେନ୍ଦ୍ରାପଡ଼ା ମୁନସଫି ଅଦାଲତ କଚେରୀଘରଠାରେ ନିଲାମ ହେବ ।—

୧ କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବଡିଭିଜନ ଓ ସବରେଜିଷ୍ଟ୍ରୀର ଓ ପଟ୍ଟାମୁଣ୍ଡାଇ ପୁଲିସ ଇଲାକାର । ପ୍ର । ଉତ୍ତରଣ ତ ୧୮୭୮ ମୁର ତଉଜି । ତା । ପଟ୍ଟାମୁଣ୍ଡାଇ । ମୌ । ରୁହାଁଗେ ଉପରେ ଥିବା ନ ୧ ମୁର ପ୍ରତିବାଦୀ ନାମର ବନ୍ଦୋବସ୍ତି ଲାଖରାଜ ବାଯ୍ୟ ପ୍ରତି ଏ ୧.୦୧-୭ ବ ଉହିଁର ସାଲିଆନା ଆଦାୟ ଜମା ଟ ୧।୵୭ ଅଟେ ଉକ୍ତ ଏ ୧.୦୧-୭ କଡ଼ା ଲାଖରାଜ ବାଯ୍ୟାପ୍ତି ଜମି ଓ ତହିଁସ୍ଥିତ ଡାହୁସର ଗୋ ୨ ଟା ଘର ୭ ଖଣ୍ଡ ଓ ଟୁଙ୍ଗୀ ଗୋ ୧ ଟା ଘର ୧୫ ଖଣ୍ଡ ମଧ୍ୟେ ପାଚେରି ଓ ତହିଁରେ ଲାଗିଥିବା କବାଟ ମଧ୍ୟେ

Split by PDF Splitter



## NOTICE.

The next session of the Orissa Medical School, Cuttack, will open on the 16th June 1909. Candidates for admission must apply personally to the undersigned between the 1st and the 15th June.

Odinarily certificates of having passed the Matriculation Examination or any higher examination in arts or Science of the Calcutta University or the school Final examination are accepted.

Candidates who cannot produce the above certificates shall be examined by the Superintendent who may admit them at his discretion if he is satisfied that they are sufficiently educated and intelligent to study Medicine efficiently.

Every candidate for admission is required to produce certificates of character and respectability from a Government officer not below the rank of a Deputy Magistrate.

Candidates shall not be under 16 or over 23 years of age.

Six scholarships of Rs 10 each and six free studentships are available for male students. These are awarded to the Uriya and Domiciled students according to their merit in the general education.

Female candidates should not be less than 16 years of age and must hold certificates of having passed the Primary Examination held at the end of Standard VI under the Vernacular scheme of education, and of being qualified in English upto that stage. They must also produce certificates of character and respectability stated above. Government scholarships of Rs 10 are available for these students.

Cuttack
The 5th May 1909 }
R. P Wilson I M S
Superintendent,
Medical School,
Cuttack

---

## କୋଠା ବିକ୍ରୀ ।

ସହର କଟକ ଅସ୍ତାଶ୍ରମ ବଜାରରେ ଥିବା ଶ୍ରୀ ସୁଧାଗୋବିନ୍ଦ ଖାଉଣ୍ଡଙ୍କ ଖାସମାହାଲ ଇଲାକା ଏ ୦—୨୮୯୫ ନର ଜମୀ ଓ ତହିଁର ବାର୍ଷିକ ଖଜଣା ୨ ୧୦୩ ଅଟେ ଓ । ପ୍ର । ବାଙ୍ଗବାଦ ନଂ ୨୪୯୮ ମହଲ ତଉଜି । ତା । ହରିହରପୁର । ମୌ । ଲକ୍ଷ୍ମଣପୁର ନଂ ୨୨୫ ମହଲ ସିଦ୍ଧଲ । ବା ଲଖରାଜ ବାଜ୍ୟାପ୍ତି ଏ ୦—୦୪୭୦ ନର ଜମି ଓ ତହିଁର ବାର୍ଷିକ ଖଜଣା ୨ ୧୫୯ ଅଟେ ଏହି ଦୁଇ ଜମିର ଇଲାକା ସବୁ ଓ ତହିଁ ଉପରେ ଥିବା ପୁରୁଣା କୋଠା ଓ ୨୫ ଖଣ୍ଡ ଓ ତହିଁ ସଂଲଗ୍ନ ଛପର ଘର ଓ କୂପ ଓ ପକ୍କା ପାଇଖାନା ଆଦି ସହିତ ସମସ୍ତ ପ୍ରକାର ଉପସତ୍ତ୍ୱ ଯାହା ଉକ୍ତ ବଲୁଷମ ମହାଶୟଙ୍କର ସ୍ୱ ଉପାର୍ଜିତ ଅଟେ ତାହା ଶ୍ରୀଯୁକ୍ତ ଜଜସାହେବଙ୍କ ମଞ୍ଜୁରରେ ବିକ୍ରୟ କରାଯିବ ।

। ପ୍ର । ବାଙ୍ଗବାଦ ନଂ ୨୪୯୮ ମହଲ ତଉଜି । ତା । ହରିହରପୁର । ମୌ । ବାହାଲପୁରରେ ଥିବା ଶ୍ରୀ ସୁଧାଗୋବିନ୍ଦ ଖାଉଣ୍ଡଙ୍କ ଏ ୦—୧୮୩୨ ନର ଲଖରାଜ ବାଜ୍ୟାପ୍ତି ଜମି ଓ ତହିଁର ବାର୍ଷିକ ଖଜଣା ୨ ୫/୬ ଅଟେ ଏହି ଜମି ଓ ତହିଁ ଉପରେ ଥିବା କୋଠା ଏକମହଲା ଓ ଦୋମହଲା ଓ ୨୦ ଖଣ୍ଡ ଓ ଛପର ଘର ଓ ୨ ଖଣ୍ଡ ଏବଂ ତହିଁ ସଂଲଗ୍ନରେ ଥିବା କୂପ ଓ ପାଇଖାନା ଆଦି ସମସ୍ତ ପ୍ରକାର ଉପସତ୍ତ୍ୱ ଯାହା ଉକ୍ତ ବଲୁଷମ ମହାଶୟଙ୍କର ସ୍ୱ ଉପାର୍ଜିତ ଅଟେ ତାହା ଶ୍ରୀଯୁକ୍ତ ଜଜ ସାହେବଙ୍କ ମଞ୍ଜୁର କଲେ ଜୁନ ମାସ ତା ୧୫ ରଖ ମଧ୍ୟରେ ବିକ୍ରୟ କରାଯିବ ।

ଯେଉଁମାନଙ୍କର ଉପରୋକ୍ତ ସମ୍ପତ୍ତିମାନ ଖରିଦ କରିବାର ଅଭିପ୍ରାୟ ଥିବ ସେମାନେ ଆମ୍ଭ ନିକଟରୁ ସମସ୍ତ ବିଷୟ ବୁଝି ପାରିବେ ।

କଲ୍ୟାଣପୁର, କଟକ
ପୋ: ଅ: ଗୁରୁଜଙ୍ଗ } ଶ୍ରୀ ଶୁକଦେବ ଶର୍ମା

---

## ବିଜ୍ଞାପନ ।

### ଉତ୍କଳ ଗ୍ରନ୍ଥପାଠୀ ।

ଗ୍ରନ୍ଥକାର ରସାୟନ ତତ୍ତ୍ୱ ବେତ୍ତା ଶ୍ରୀ ବନମ ଭଟ୍ଟାଚାର୍ଯ୍ୟଙ୍କ ଆୟୁର୍ବେଦୀୟ ଔଷଧାଳୟର
ନବାବିଷ୍କୃତ ମହାସୁଗନ୍ଧ କେଶୋଦ୍ଦୀପକ

### କାମିନୀକୁସୁମ ତୈଳ ।

ଏହାକୁ ନିୟମିତ ବ୍ୟବହାର କଲେ ଶିରୋଘୂର୍ଣ୍ଣନ ପ୍ରଭୃତି ମସ୍ତିଷ୍କ ସମ୍ବନ୍ଧୀୟ ପୀଡ଼ା ଅଳ୍ପରେ ଶାନ୍ତ ହୁଏ ବ୍ୟବହାର କଲେ ତୈଳର ଉପକାରିତା ସହଜେ ବୁଝି ପାରିବେ । ମୂଲ୍ୟ ପ୍ରତି ଶିଶି ୦ ।୵ ମାତ୍ର

### ଅମୃତମୟ ସ୍ୱର୍ଣ୍ଣଘଟିତ ମକରଧ୍ୱଜ ବଟୀ ।

ଏ ମହୌଷଧ ସେବନ କଲେ ତ୍ରିଦୋଷ ଜନିତ ଶାନ୍ତ ହୋଇ ଜୀବନ୍ତର ସଞ୍ଚାର ହୁଏ ଓ ଶରୀର ବଳ କାନ୍ତି ନବଯୁବାର ନ୍ୟାୟ ଉତ୍ପନ୍ନ ସମ୍ଭବ ହୁଏ । ମୂଲ୍ୟ ମା ୨ ୭, ୫ ୧ ଟା ।

### ସ୍ୱର୍ଣ୍ଣଘଟିତ ସ୍ୱର୍ଣ୍ଣସିନ୍ଦୂର ବଟୀ ।

ଏ ମହୌଷଧ ମାନସିକ ରୋଗ ଓ ପ୍ରମେହ ରୋଗର ଉପଶମ ସମ୍ବନ୍ଧେ ଏକମାତ୍ର ଅବ୍ୟର୍ଥ ମହୌଷଧ ଅଟେ, ଶାରୀରିକ ଦୁର୍ବଳତା ବୃଦ୍ଧି ହେଲେ ଏହା ସେବନ କରିବା । ମୂଲ୍ୟ ମା ୨ ବ ୫ ୧ ଟା

### ରକ୍ତବର୍ଦ୍ଧକ ମୋଦକ ।

ଏହି ମୋଦକ ସେବନରେ ଧାତୁ ସ୍ତମ୍ଭ ହୋଇ ଶରୀର ସବଳ ହୁଏ ଏବଂ ଇନ୍ଦ୍ରିୟ ବୃଦ୍ଧି କରିବାରେ ଏହାର ଅଦ୍ଭୁତ ଶକ୍ତି ଦେଖାଯାଇଅଛି ମୂଲ୍ୟ ମା ୧ ୫ ୧ ଟ

### ଅମୃତବଲ୍ଲୀ ରସାୟନ ।

ଏ ମହୌଷଧ ଅଜୀର୍ଣ୍ଣ ଜନିତ ଉଦରାମୟ ଯାବତୀୟ ପେଟର ପୀଡ଼ା ଅଳ୍ପ ଶାନ୍ତ କରେ ଏବଂ ଶରୀରର ପୁଷ୍ଟି ବୃଦ୍ଧି କରେ ଏବଂ କୃମିମାନଙ୍କୁ ନିର୍ମୂଳ କରଇ । ମୂଲ୍ୟ ମା ୧ ୫ ୧ ଟ

### ଶାସ୍ତ୍ରୀୟ ପରୀକ୍ଷିତ ମହୌଷଧ ।

ଯୁବକମାନଙ୍କ ଏକମାତ୍ର ମହୌଷଧ ଜୀବନୀ ମା ୧ ୫ ୧
ଜ୍ୱରଶ୍ରୀ ( ଯୁବକ କାତର ଶାନ୍ତ କରାଏ)
ସଞ୍ଜୀବନୀ ବଟୀ ମା ୧ ୫ ୧
ଅର୍ଶ ( ମଳଦ୍ୱାରରେ ଶୋଥ ରକ୍ତ ବାହାର ହେବା ଶାନ୍ତ କରାଏ) ଅର୍ଶାରି ବଟୀ ମା ୧ ୫ ୧
ଅଗ୍ନିମାନ୍ଦ୍ୟ (ଆହାର ପାକ ନ ହେବାରୁ କ୍ଷୁଧା ନ ହେବାର ଶାନ୍ତ କରାଏ) କ୍ଷୁଧାସାଗରରସ ମା ୧ ୫ ୧
ଶ୍ୱାସ (ମୁଖ ଦେଇ ଘନ ଘନ ଶ୍ୱାସ ବାହାର ହେବାର ଶାନ୍ତ କରାଏ) ଶ୍ୱାସଚିନ୍ତାମଣି ମା ୧ ୫ ୧
ଓ ଶ୍ୱାସକାସର କୂପ ମା ୨ ୫ ୦
କାସରୋଗର ଶାନ୍ତ କରାଏ କାସକୁଠାର ମା ୧ ୫ ୧
ଯକ୍ଷ୍ମା (କଫ ସଙ୍ଗେ ରକ୍ତ ପଡ଼ିଲେ ତାହାର ଶାନ୍ତ କରାଏ) ମଗାଙ୍କ ବଟୀ ମା ୧ ୫ ୧
ବାତ (ଶରୀର ବା ସନ୍ଧିର ପୀଡ଼ା ହେଲେ ତାହାର ଶାନ୍ତ କରାଏ) ବାତାରି ବଟୀ ମା ୧ ୫ ୧
ଓ ନାରାୟଣ ତୈଳ ଶ ୧ ୫ ୧
ରକ୍ତପିତ୍ତ (ନାକରୁ ବା ପାଟିରୁ ରକ୍ତ ପଡ଼ିବା ଶାନ୍ତ କରାଏ) ରକ୍ତପିତ୍ତାନ୍ତକ ବଟୀ ମା ୧ ୫ ୧
ଶୂଳରୋଗର (ନୂତନ ବା ପୁରାତନ) ଶାନ୍ତ କରାଏ ଶୂଳବଜ୍ରିଣୀ ବଟୀ ମା ୧ ୫ ୧
ପ୍ରମେହ (ମୂତ୍ର ସହ ଧାତୁ ପଡ଼ିବାର ଶାନ୍ତ କରାଏ) ମେହମୁଦ୍ଗର ମା ୧ ୫ ୧
ପ୍ରଦର ( ସ୍ତ୍ରୀମାନଙ୍କର ରକ୍ତ, ଶ୍ୱେତ ଧାତୁ ପଡ଼ିଲେ ପ୍ରଦରାନ୍ତକ ବଟୀ ମା ୧ ୫ ୧
ବାଧକ (ପ୍ରତିମାସ ଋତୁ ଦର୍ଶନ ନ ହେବାର ଶାନ୍ତ କରାଏ) ଚନ୍ଦ୍ରକଳା ବଟୀ ମା ୧ ୫ ୧
ବାଳରୋଗ (ଶୁଷ୍କରୋଗ ବା ମାତୃକା ଦୋଷ ଶାନ୍ତ କରାଏ) ବାଳରୋଗାନ୍ତକ ମା ୧ ୫ ୧
ସାଲସା (ମୂତ୍ର ଜ୍ୱଳନ ଓ ମୂତ୍ରପଥ ହୋଇ ହେବାର) ବ୍ରହ୍ମ ଶୁଦ୍ଧାରୀ ମା ୨ ୫ ୧
ନୂତନ ଦୋଷର ଅବ୍ୟର୍ଥ ମହୌଷଧ ଅର୍ଥାତ୍ ପୁରୁଷାର୍ଥ ଲାଭ ହେଉ ନ ଥିଲେ ଶ୍ରୀ ମଦନାନନ୍ଦ ମୋଦକ ମା ୨ ୫ ୧

ସେଠ କଟିଲ ସନ୍ନ୍ୟାସୀ ପୁରାତନ ରୋଗକୁ ଯାବତୀୟ ଶରୀରରେ ପ୍ରକାଶ ହେଉଅଛନ୍ତି ଏବଂ ସେହି ରୋଗମାନଙ୍କର ମୂଳୋଚ୍ଛେଦ ସମ୍ବନ୍ଧେ ବୃଦ୍ଧ ଶତକ୍ର ବର୍ଷ ପ୍ରଣୀତ ଆୟୁର୍ବେଦ ମତରେ ଯାହା ଶତ ୨ ଲୋକଙ୍କର ପରୀକ୍ଷିତ ସେହି ମହୌଷଧ ସମୂହ ଏହା ଔଷଧାଳୟରେ ପ୍ରସ୍ତୁତ ହେଉଅଛି । ଏଠାରେ ପତ୍ର ଲେଖିଲେ ଔଷଧ ଡାକ ଯୋଗେ ପାଇ ପାରିବେ ।

ବେତନ ଅବସ୍ଥା ରୋଗର ମହୌଷଧ ପ୍ରକାରାନ୍ତରେ ପ୍ରକାଶିତ ହୋଇ ପାରି ନାହିଁ । ରୋଗର ଲକ୍ଷଣ ଲେଖି ପଠାଇଲେ ସେହି ରୋଗର ଔଷଧ ଅନୁରୋଧରେ ପଠାଇବୁଁ ।

ଠିକଣା
କବିରାଜ ଶ୍ରୀ ଜମ୍ୱାଧର ଦେଶ ଶର୍ମା ଚଳକ୍ଷୟ
ଆୟୁର୍ବେଦୀୟ ଔଷଧାଳୟ
ବାଲେଶ୍ୱର ପୋ। (ଓଡ଼ିଶା)

Digitized by srujanika@gmail.com

Split by PDF Splitter




ବିଜ୍ଞାପନ ।

ଆମ୍ଭେ ଗତ ମଇମାସ ତା ୯ ରିଖ ଦିନ ପୁରୀର ୯ ୫ ନମ୍ବର ପାସେଞ୍ଜର ଗାଡ଼ିରୁ ବରହମପୁର ( ଗଞ୍ଜାମ ) ଯିବା ନିମନ୍ତେ ଖୋରଧାରୋଡ଼ ଷ୍ଟେସନରେ ଓହ୍ଲାଇ ରାତିରେ ସେହିଠାରେ ଥିଲୁଁ । ପରଦିନ ପ୍ରାତଃକାଳରେ ସେଠାରୁ ଆମ୍ଭର ହ୍ୟାଣ୍ଡବ୍ୟାଗ ସହିତ ସମସ୍ତ ଦ୍ରବ୍ୟ ଚୋରି ଯାଇଅଛି । ଏହି ମଧ୍ୟରେ ଯେସମସ୍ତ ଦ୍ରବ୍ୟ ନିତାନ୍ତ ପ୍ରୟୋଜନୀୟ ସେସମସ୍ତ ଦ୍ରବ୍ୟର ତାଲିକା ଦେଲୁଁ, ଯେ ଅନୁସନ୍ଧାନ କରି ଉକ୍ତ ଦ୍ରବ୍ୟ ଧରାଇ ଦେଇ ପାରିବେ ତାଙ୍କୁ ଆମ୍ଭେ ଟ ୧୦ ଦଶଟଙ୍କା ପୁରସ୍କାର ଦେବୁ ।

୧ । ସାର୍ଟିଫିକେଟ ୧୨ ଖଣ୍ଡ, ଏହି ମଧ୍ୟରୁ ୧୦ ଖଣ୍ଡ ଗବର୍ଣ୍ଣମେଣ୍ଟ ପ୍ରଦତ୍ତ ।
୨ । ସ୍ୱର୍ଣ୍ଣ ଅଙ୍ଗୁଠି ଗୋ ୩ ଟି, ଏହି ମଧ୍ୟରେ ଦୁଇଟି ଟ ୧୦୦ କା ମୂଲ୍ୟର ।
୩ । ପୁସ୍ତକ ୩୫ ଖଣ୍ଡ; ସଂସ୍କୃତ, ବଙ୍ଗଳା, ଇଂରାଜୀ ।
୪ । ନଗଦ ଟ ୫୦
୫ । ୨୦୦ଟଙ୍କା ମୂଲ୍ୟର ରୌପ୍ୟପଦକ ଗୋ ୧ ଟି ସାରସ୍ୱତ ସମାଜରୁ ପ୍ରାପ୍ତ ।
୬ । ନୋଟବହି ଦୁଇଖଣ୍ଡ, ପ୍ରୟୋଜନୀୟ ନାନାବିଷୟ ଅଛି ।
୭ । ଷଡ୍‌ଦର୍ଶନ ସମୂହର ବଙ୍ଗଳା ବ୍ୟାଖ୍ୟା ଓ ଅନୁବାଦ ୩ କପି ।

ଅନ୍ୟାନ୍ୟ ଦ୍ରବ୍ୟର ତାଲିକା ପୁଲିସରେ ଦିଆ ଯାଇଅଛି । ଇତି

ଶ୍ରୀ ଈଶ୍ୱରଚନ୍ଦ୍ର ସାଂଖ୍ୟତୀର୍ଥ
ନଂ ୭୯ ନମ୍ବର କଲୁଟୋଲାଷ୍ଟ୍ରିଟ
କଲିକତା


# ଉତ୍କଳ ଦୀପିକା ।

ଗତ ତା ୬ ରିଖରେ ଶେଷ ହେବା ସପ୍ତାହରେ ମହୀଶୂର, ମାଲବାର ଏବଂ ଦକ୍ଷିଣ ମାନ୍ଦ୍ରାଜରେ ଅସାଧାରଣ ବର୍ଷା ହୋଇଥିଲା । ବର୍ଷାର ପରିମାଣ କାଲିକଟରେ ୬ ଇଞ୍ଚ ବାଙ୍ଗାଲୋରରେ ୫.୮୨ ଇଞ୍ଚ ଏବଂ ମାନ୍ଦ୍ରାଜରେ ୫.୨୨ ଇଞ୍ଚ ଥିଲା । ଏହି ସପ୍ତାହରୁ ନୂତନ ବର୍ଷାକାଳ ଆରମ୍ଭ ହେଲା ।

---

ଗତ ତା ୧ ରିଖରେ ଶେଷ ହେବା ସପ୍ତାହରେ ପ୍ଲେଗ ରୋଗରେ ଭାରତରେ ୪୪୧୧ ମୃତ୍ୟୁ ହୋଇଥିଲା । ଏହି ପୂର୍ବସପ୍ତାହର ଅଙ୍କ ୪୦୦୭ ଥିଲା । ବୃଦ୍ଧି ପ୍ରଧାନତଃ ପଞ୍ଜାବରେ ଘଟିଅଛି । କେବଳ ସେହି ପ୍ରଦେଶର ମୃତ୍ୟୁ ୨୭୧୨ ଅଥବା ମୋଟ ଅଙ୍କର ଅର୍ଦ୍ଧେ ଥିଲା ।

—※—

ଗତ ତା ୧ ରିଖରେ ଶେଷ ହେବା ସପ୍ତାହରେ ବଙ୍ଗଳେ ୬୭୫୫୮ ପୂର୍ବବଙ୍ଗରେ ୩୯୭୩ ଯୁକ୍ତପ୍ରଦେଶରେ ୩୩୬୩୭ ମଧ୍ୟପ୍ରଦେଶରେ ୮୮୧ ଏବଂ ବମ୍ବେରେ ୫୭୩ ଗାଏ ୧୦୬୭୨୨ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ପୂର୍ବ ସପ୍ତାହର ଅଙ୍କ ୧୨୬୭୬୦ ଥିଲା । କେବଳ ମଧ୍ୟପ୍ରଦେଶ ଓ ବମ୍ବେରେ କିଛି ବୃଦ୍ଧି ମାତ୍ର ଉଭୟ ବଙ୍ଗରେ ଅନେକ ଊଣା ହୋଇ ଅଛି ।

---

ସମ୍ବଲପୁର ଜିଲ୍ଲା ବରଗଡ଼ର ତହସିଲଦାର ବାବୁ ତ୍ରୈଲୋକ୍ୟନାଥ ଚିନ୍ତିଙ୍କୁ ମାନ୍ୟବର ବଙ୍ଗେଶ୍ୱର ଦାଖଲ ଖାରଜ ମୋକଦ୍ଦମାମାନ ବୁଝିବାର କ୍ଷମତା ପ୍ରଦାନ କରିଅଛନ୍ତି । ସହିଲିପିତ ଆପତ୍ତି ନ ଥିବା ଟେମ୍ବୀୟ ମାମଲାମାନ ବୁଝିବେ । ମଧ୍ୟପ୍ରଦେଶର ସନ ୧୮୮୧ ସାଲ ଆ ୧୮ ଆଇନ ୧ ବ ବଙ୍ଗ ଓ ଆସାମର ସନ ୧୯୦୫ ସାଲର ୨ ଆଇନ ଅନୁସାରେ ଏ କ୍ଷମତା ଦିଆଗଲା ।

—※—

ବଙ୍ଗର ଲେପ୍ଟେନାଣ୍ଟ ଗବର୍ଣ୍ଣର ମାନ୍ୟବର ସର୍ ଫ୍ରେଜର ବାହାଦୂର ଆଦେଶ ଦେଇଅଛନ୍ତି ଯେ ପୁଲିସର ଇନ୍‌ସ୍ପେକ୍ଟର ଜେନେରଲ, ସିଭିଲ ହାସପାତାଲ ସମୂହର ଇନ୍‌ସ୍ପେକ୍ଟର ଜେନେରଲ ଏବଂ ରେଭେନ୍ୟୁ ବୋର୍ଡ଼ର ସେକ୍ରେଟରୀ ଏମାନେ ଦାର୍ଜିଲିଂରେ ନ ରହି ଆପଣା ଆପଣା ସଦର ମୁକାମ କଲିକତାରେ ରହିବେ । ସେକ୍ରେଟେରିଏଟ ଦାର୍ଜିଲିଂରେ ଗ୍ରୀଷ୍ମକାଳ କଟାଇବାର ଦେଖି ନାନା ମଫସଲର ପ୍ରଧାନ କର୍ମଚାରୀମାନେ ସେହି ପଥର ପଥିକ ହୋଇଅଛନ୍ତି । ଏଥିରେ ସରକାର କାର୍ଯ୍ୟର କ୍ଷତି ଓ ବ୍ୟୟ ବୃଦ୍ଧି ହୋଇଅଛି ସନ୍ଦେହ ନାହିଁ । ଆଶା କରୁଅଛୁ ମାନ୍ୟବର ମହୋଦୟ ସ୍ୱୟଂ ଦାର୍ଜିଲିଂ ବାସର ସମୟ ଊଣା କରି ଅନ୍ୟ ଶାସନକର୍ତ୍ତାଙ୍କର ଆଦର୍ଶ ହେବେ ।

---

ଜଣେ ଉତ୍କଳରମଣୀ ପ୍ରାୟ ଛଅମାସ ତଳେ ଆପଣା ସ୍ୱାମୀ ସହିତରେ କଲିକତାକୁ ଯିବାରୁ ଜାତିମାନେ ତାଙ୍କୁ ଅଟକ କରିଥିଲେ । ସ୍ୱାମୀ ସ୍ତ୍ରୀ ଉଭୟେ ଜାତି ଲୋକଙ୍କୁ ବୁଝାଇବା କାରଣ ଅନେକ ଚେଷ୍ଟା କଲେ ମାତ୍ର ସେମାନେ ନ ମାନିବାରୁ ସ୍ତ୍ରୀ ଲୋକଟି ସ୍ୱଗୃହକୁ ଫେରି ନ ଆସି ସେହି ଦୁଃଖରେ ଗତମାସ ତା ୫ ରିଖରେ ବେକରେ ଦଉଡ଼ା ଲଗାଇ ଆତ୍ମହତ୍ୟା କରିଅଛି । ରମଣୀର ବୟସ ୨୫ ବର୍ଷ । ଯେଉଁମାନେ ଏପରି ଜାତୀୟ ବନ୍ଧନର ଅଦ୍ୟାପି ପକ୍ଷପାତୀ ସେମାନେ ମନୁଷ୍ୟ ଶ୍ରେଣୀରେ ଭୁକ୍ତ ହେବାର ଉପଯୁକ୍ତ ନହନ୍ତି । ଏଥିରୁ ଶିକ୍ଷାର ବିସ୍ତାର ଅବଧି ଯଥାର୍ଥରୂପେ ହୋଇ ନ ଥିବାର ଉତ୍ତମରୂପେ ଜଣାଯାଉଅଛି ।

---

ନାଟୋରଠାରେ ଡାକ ହରକରାକୁ ବଧ କରି ଡାକ ଥଳୀରୁ ପାର୍ସେଲଟିଏ ଚୋରି ନେଇଥିବା ଅପରାଧରେ ପୁଲିସ ପିତା ପୁତ୍ର ଦୁଇଜଣ ଓ ଅନ୍ୟ ୨ ଜଣ ଏପରି ଚାରିଜଣଙ୍କୁ ଚାଲାଣ ଦେଇଥିଲେ । ପିତା ବିଚାର ସମୟରେ ମରିଗଲା ଏବଂ ଜଣେ ଆସାମୀ କ୍ଷମା ପାଇ ସରକାର ପକ୍ଷରୁ ସାକ୍ଷୀ ହେବାରୁ ୨ ଜଣଙ୍କ ନାମରେ ମାମଲା ଚଳିଲା । ବିଚାରରେ ଜୁରିଙ୍କ ମଧ୍ୟରୁ ଅଧିକାଂଶ ଆସାମୀ ନିର୍ଦ୍ଦୋଷୀ ଥିବାର ମତ ଦେଲେ । ଜଜ ସାହେବ ତହିଁରେ ଅନୈକ୍ୟ ହୋଇ ବିଚାରସକାଶେ ହାଇକୋର୍ଟକୁ ପଠାଇଲେ । ହାଇକୋର୍ଟର ବିଚାରପତି ମାସପର୍ଣ୍ଣ ଓ ଗ୍ରଇଭସ ମହୋଦୟମାନେ ଅଧିକାଂଶ ଜୁରିଙ୍କ ମତରେ ଐକ୍ୟ ହୋଇ ଆସାମୀଙ୍କୁ ମୁକ୍ତି ଦେଇଅଛନ୍ତି । ନ୍ୟାୟବିଚାରଦ୍ୱାରା ହାଇକୋର୍ଟ ଆପଣାର ମର୍ଯ୍ୟାଦା ସ୍ଥିର ରଖିବା ସୁଖର ବିଷୟ ।

---

ବାଲେଶ୍ୱର ମ୍ୟୁନିସିପାଲିଟିର ୩ ଜଣ କମିଶନରଙ୍କର ପ୍ରାର୍ଥନା ମତେ ଗତ ତା ୩୦ ରିଖରେ ମ୍ୟୁନିସିପାଲ କମିଶନରଙ୍କର ଏକ ବିଶେଷ ଅଧିବେଶନ ହୋଇଥିଲା । ମ୍ୟୁନିସିପାଲିଟିର ତହବିଲ ଗୋଲମାଲ ମୋକଦ୍ଦମାର ତଦନ୍ତ ଶେଷପର୍ଯ୍ୟନ୍ତ ଚେୟାରମ୍ୟାନ, ଭାଇସଚେୟାରମ୍ୟାନ ଏବଂ ଓଭରସିୟରମାନଙ୍କୁ ମ୍ୟୁନିସିପାଲ କଚେରୀ ଓ କାଗଜପତ୍ରରୁ ଅନ୍ତରରେ ରଖିବା କାରଣ ଜଏଣ୍ଟମାଜିଷ୍ଟ୍ରେଟଙ୍କୁ ଅନୁରୋଧ କରିବା ଏହି ସଭାର ଅଭିପ୍ରାୟ ଥିଲା । ମାତ୍ର ଏପରି ଅନୁରୋଧ କରିବା ଅନାବଶ୍ୟକ ବୋଲି ଆପତ୍ତି ହେବାରେ ଉପସ୍ଥିତ ୧୮ ଜଣ କମିଶନରଙ୍କ ମଧ୍ୟରୁ ୧୧ ଜଣ ଏହି ପକ୍ଷରେ ମତ ଦେଲେ । ସୁତରାଂ ମୂଳ ପ୍ରସ୍ତାବଟି ଠିକ ପାଇଲା ନାହିଁ । ସରକାରୀ ଅଡ଼ିଟର ଓ ପୁଲିସଦ୍ୱାରା କାଗଜ ପତ୍ର ତଦନ୍ତ ହେଉଥିବାସ୍ଥଳେ ସେମାନେ ସେ ସମସ୍ତ ସାବଧାନରେ ରଖିବା ବିଷୟରେ ଅବଶ୍ୟ ଜାଗ୍ରତ ଅଛନ୍ତି । ଚେୟାରମାନଙ୍କୁ ଅଫିସ ମନା କଲେ କାର୍ଯ୍ୟ ଚଳିବାର ଅସୁବିଧା ହେବ ନାହିଁ କି ?

---

ବଙ୍ଗ ଗବର୍ଣ୍ଣମେଣ୍ଟ ଆଦେଶ ପ୍ରଚାର କରିଅଛନ୍ତି ଯେ ବର୍ତ୍ତମାନ ଏ ପ୍ରଦେଶର ଶିଶୁଶ୍ରେଣୀ କ୍ଲାସ ଏବଂ ଉଚ୍ଚପ୍ରାଇମେରୀ ଓ ମାଇନର ଓ ଭର୍ଣ୍ଣାକ୍ୟୁଲର ବିଦ୍ୟାଳୟ ସମୂହରେ ଯେସମସ୍ତ ପୁସ୍ତକ ପଢ଼ା ଯାଉଅଛି ସେସମସ୍ତ ଆସନ୍ତା ସନ ୧୯୧୦ ସାଲପର୍ଯ୍ୟନ୍ତ ପ୍ରଚଳିତ ରହିବ ଏବଂ ଉଚ୍ଚପ୍ରାଇମେରୀ ମଧ୍ୟପ୍ରବୃତ୍ତିର ଶେଷପରୀକ୍ଷା ସନ ୧୯୧୧ ସାଲରେ ହେବ । ଯେଉଁ ଛାତ୍ରମାନେ ସନ ୧୯୧୨ ସାଲର ପରୀକ୍ଷା ନିମନ୍ତେ ସନ ୧୯୧୧ ସାଲରେ ପଢ଼ା ଆରମ୍ଭ କରିବେ ସେମାନେ ସନ ୧୯୧୧ ସାଲରେ ସଂଶୋଧିତ ତାଲିକାଲିଖିତ ପୁସ୍ତକମାନ ପାଠ

Digitized by srujanika@gmail.com

ହଇବେ । ତହୁଁ ଆରବର୍ଷ, ଅର୍ଥାତ୍ ସନ ୧୯୧୨ ସାଲରେ ୩ ଠାରୁ ୭ ଶ୍ରେଣୀପର୍ଯ୍ୟନ୍ତ ସକଳ ଶ୍ରେଣୀରେ ନୂତନ ପାଠ୍ୟ ପୁସ୍ତକମାନ ପ୍ରଚଳିତ ହେବ । ଶିଶୁଶ୍ରେଣୀ ଓ ୧ ଓ ୨ ଶ୍ରେଣୀର ସଂଶୋଧିତ ପାଠ୍ୟପୁସ୍ତକ ତାଲିକା ସନ ୧୯୦୭ ସାଲରେ ଧାର୍ଯ୍ୟ ହୋଇଅଛି ।

---

ରଙ୍ଗୁନ ଚିଫ୍‌କୋର୍ଟ ଆଦେଶ ଦେଇଅଛନ୍ତି ଯେଉଁ ଦଣ୍ଡ ଆଦାଲତରେ ଖୁଣ ଇତ୍ୟାଦି ଗୁରୁତର ଅପରାଧରେ ଗୃହୀତ ହୋଇଥିବା ଗରିବ ଆସାମିମାନଙ୍କ ମାମଲା ଚଳାଇବା-ସକାଶେ ସରକାରୀ ଖର୍ଚ୍ଚରେ ଓକିଲ ବାରିଷ୍ଟର ନିଯୁକ୍ତ ହେବେ । ଅନେକ ଗରିବ ଆସାମିଙ୍କ ଯୁକ୍ତିସଙ୍ଗତ ଆପତ୍ତି ଉକିଲ ବାରିଷ୍ଟରଙ୍କ ସାହାଯ୍ୟ ଅଭାବରେ ଅଦାଲତରେ ସମ୍ୟକ ଉପସ୍ଥିତ ହୋଇ ପାରେ ନାହିଁ ଓ ସେଥିରୁ ସୁବିଚାର ବ୍ୟାଘାତ ହୁଏ । ଏହି ନ୍ୟାୟସଙ୍ଗତ ଆଦେଶ-ନିମନ୍ତେ ରେଙ୍ଗୁନର ପ୍ରଧାନ ବିଚାରପତି ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଭାରତର ସମସ୍ତ ପ୍ରଦେଶରେ ଏହିପରି ନିୟମ ବିଧିବଦ୍ଧ ହେବା ବାଞ୍ଛନୀୟ ।

—o—

ବିଲାତ ନରଫକର ଡ୍ୟୁକ ସୁବିଖ୍ୟାତ ହୋଲ-ବିନ ନାମକ ଚିତ୍ରକରଙ୍କଦ୍ୱାରା ଅଙ୍କିତ ମିଲାନର ଡଚେସଙ୍କ ଛବିକି ୬୦୦୦୦ ପାଉଣ୍ଡ ଅର୍ଥାତ୍ ନବଲକ୍ଷ ଟଙ୍କାରେ ବିକ୍ରୟ କରିଥିବାର କଥିତ ହୁଏ । ପାଶ୍ଚାତ୍ୟ ସୁବିଖ୍ୟାତ ଚିତ୍ରକରଙ୍କର ଏହାଠାରୁ ବଳ ଅନେକ ଅଧିକ ମୂଲ୍ୟର ଚିତ୍ରମାନ ଅଛି ଯେଉଁ ଦେଶରେ ଏହି ଚିତ୍ରର ମୂଲ୍ୟ ଏତେ କମ ଦେଶରେ କେମନ୍ତ ଧନାର୍ଜ୍ଜନ ହୋଇ ପାରେ ଅନୁମାନ କରନ୍ତୁ । ମନୁଷ୍ୟ ହେଲେ ଧନାର୍ଜ୍ଜନ ପକ୍ଷେ ବାଧା ହେବ ନାହିଁ ଏବଂ ଉଦ୍‌ଯୋଗୀ ହେବାକୁ ସର୍ବଦା ଚେଷ୍ଟା କରିବା ଉଚିତ । ଅନେକେ ଏହା ଶୁଣି ମନେ କରୁଥିବେ ଯେ ଟଙ୍କାଗୁଡ଼ାକ ପାଣିରେ ଫୋପାଡ଼ି ଦେଲେ ମାତ୍ର ଚିତ୍ର ଖୋଷିଏ ବିଦ୍ୟା ଓ ଯେଉଁମାନେ ଚିତ୍ର ବୁଝନ୍ତି ସେମାନଙ୍କ ମଧ୍ୟରେ ଖଣ୍ଡିଏ ଚିତ୍ର ପେଇଁ ଯେ ଧସପଡ଼ ଲାଗିବ ଏହା ବିଚିତ୍ର ନୁହେ ।

---

ଗତ ବୁଧବାର ଏ ନଗରର ଚନ୍ଦନଯାତ୍ରା ଶେଷ ହେଲା । ନଗରର ଯେଉଁ ସ୍ଥାନରେ ଗତ ବର୍ଷ ଯାହା ହୋଇଥିଲା ସେସମସ୍ତ ସ୍ଥାନରେ ଏବର୍ଷ ମଧ୍ୟ ହୋଇଥିଲା କେବଳ ତେଲଙ୍ଗା-ବଜାରର ଏକ ଚନ୍ଦନଯାତ୍ରା ସମ୍ପୂର୍ଣ୍ଣ ବ ୨୧ ଦ ଓ ଅନ୍ୟାନ୍ୟମାନ ଶେଷ ପାଦବନ୍ଦ ହୋଇଥିଲା । ଏଥେ ମାତ୍ର ଅପରାହ୍ଣରେ ସାମାନ୍ୟ ବର୍ଷା ଓ ଅତ୍ୟଧିକ କେବଳ ଖଲ୍ପଣ ମେଘର ଉଦୟ ହୋଇଥିଲା । ସୁତରାଂ ବଳ ପାଗ ହେଉ ଯାତ୍ରୀମାନଙ୍କର ଭୂଲ ଦେଖିବାର ସୁବିଧା ହୋଇଥିଲା ଏବଂ ଗୃହଲର ଦଳ ବିଷ୍ଟର ଖଟିଥିବାରୁ ଲୋକଙ୍କର ଉତ୍ସାହ ବଢ଼ିଥିଲା । ପୁଲିସ ମଧ୍ୟ ସମସ୍ତ ପ୍ରକାର ସାହାଯ୍ୟ ଦେବାର ସାଗ ଦେଇଥିଲେ । ଅନ୍ୟାନ୍ୟ ସ୍ଥାନଠାରୁ ବଡ଼ବିଲାଇର ଦୁଇ ସ୍ଥାନରେ ବିଶେଷ ଜନତା ହୋଇଥିଲା । ସେଥିବନ ବିନୋଦବିହାରୀ ଓ ବେପାରୀସାହିର ଅନେକ ସୁଅଙ୍ଗ ବାହାରିଥିଲେ ଓ ସେ ଦୃଶ୍ୟମାନ ଉଜ୍ଜ୍ୱଳ ହୋଇଥିଲା ।

---

ତୁରସ୍କ ରାଜ୍ୟର ବିଦ୍ରୋହ ଅଭିଥଲ ତଲ୍ଯାତରେ ଶେଷ ହୋଇ ବିଦ୍ରୋହୀ ସେନା ଅବଲୀଳାକ୍ରମେ ଜୟ ଲାଭ କରିବାରୁ ସମସ୍ତ ପାଶ୍ଚାତ୍ୟଖଣ୍ଡ ଚକିତ ହୋଇଅଛନ୍ତି । ନୂତନ ସୁଲତାନ ଗତମାସ ତା ୨ ରଖରେ ଜଣେମାତ୍ର ଉପଗୃହୀ ନେଇ ଖୋଲା ଗାଡ଼ିରେ ହସ୍ପିଟାଲମାନଙ୍କରେ ଆହତ ବ୍ୟକ୍ତିମାନଙ୍କୁ ଦେଖିବାକୁ ଯାଇଥିଲେ ଏବଂ ବାଟ ଘାଟ ସବୁଠି ଲୋକେ ତାଙ୍କର ଜୟ-ଜୟକାର କରୁଥିଲେ । ଯେଉଁ ସେନାମାନେ ବିପକ୍ଷରେ ଥିଲେ ସେମାନଙ୍କର ୨୧୦ ଣ କର୍ମଚାରୀ ତଥା ବିଗତ ବରଗର ମନ୍ତ୍ରୀ ଏବଂ ତସ୍ତିସ୍ଥାତ ସେନାନାୟକଙ୍କ ଘାତକମାନଙ୍କ ପ୍ରତି ପ୍ରାଣଦଣ୍ଡର ଆଦେଶ ହୋଇଅଛି । ପଦଚ୍ୟୁତ ସୁଲତାନ ଅବଦୁଲ ହମିଦଙ୍କ ପ୍ରତି ଦୟା ଆଚରଣ କରିବା କାରଣ କଲିକତାର ମୁସଲମାନମାନେ ଏକ ସଭା କରି ତାରବାର୍ତ୍ତା ପଠାଇଥିଲେ । ତୁରସ୍କର ସୁଲତାନଙ୍କ ସଙ୍ଗେ କଲିକତାର ମୁସଲମାନମାନଙ୍କର କୌଣସି ରାଜନୈତିକ ସମ୍ପର୍କ ନ ଥିବା ସ୍ଥଳେ ଏହା ବୁଝିବା କଠିନ । ଫଳତଃ ସେମାନଙ୍କ କାର୍ଯ୍ୟକୁ ଅନେକେ ପସନ୍ଦ କରୁ ନାହାନ୍ତି ।

—o—

ଏକ ମାସ ହେଲା ଭାଗ୍ୟଧରର ନାମରେ ଏକ ନାଟକ ଅଭିନୟ ଦଳ ଏ ନଗରକୁ ଆସି-ଥିବାରୁ ଆସି ଏଠା ଉତ୍କଳ ରଙ୍ଗାଳୟରେ ଅଭିନୟ ଦେଖାଉଅଛନ୍ତି । କଲିକତାରେ ଅଭିନୟ ଦେଖିଥିବା ବ୍ୟକ୍ତିଙ୍କୁ ବେତେ ଉତ୍କୃଷ୍ଟ ଜଣା ନ ଗଲେହେଁ ଏ ଦଳ ଯେ କାର୍ଯ୍ୟ କରୁଅଛନ୍ତି ତାହା ଦର୍ଶନ ଯୋଗ୍ୟ ସୁନ୍ଦର ଅଟେ ଏବଂ ତହିଁରେ ଲୁଚ୍ଚ ବା ରୁଚି ବିରୁଦ୍ଧ ବିଷୟ ନାହିଁ । ଯେଉଁମାନେ କହନ୍ତି ଯେ ଏଦଲର ଏନ୍ ଗରରୁ ଆଗମନ ଏଠା ଯୁବକଦଳର ପକ୍ଷେ ଅନିଷ୍ଟକର ଅଟେ ସେମାନଙ୍କର ବିଚାର କରିବା ଅବଶ୍ୟକ ଯେ ପ୍ରମୋଦର ସାମଗ୍ରୀ ଏଠାରେ ଏତେ ଅଛି ଯେ ଦଳ କଟାରୁ ଜଣାଗଣ ଅସି ତହିଁରୁ ଅଧିକ ବଢ଼ ଦର ପାରିବେ ନାହିଁ । ପ୍ରକୃତରେ ଏ ଦଳ କୌଣସି ଅନିଷ୍ଟକର ବ୍ୟବସାୟ ଚଳାଇବାକୁ ଆସି ନାହାନ୍ତି । ସଙ୍ଗୀତ ବ୍ୟବସାୟ ଦୂଷଣୀୟ ନୁହେ । ବଙ୍ଗଳାଭାଷା ଓ ସଙ୍ଗୀତର ଯଥୋଚିତ ଆଦର ଏଠାରେ ହୋଇ ନାହିଁ । ବୋଧହୁଏ ସେହି କାରଣରେ ଏ ରଙ୍ଗାଳୟରେ ଆଶାନୁରୂପ ଦର୍ଶକ ନ ହେବାର ଅନୁମାନ କରୁଁ ଏବଂ ଅନେକ ଦର୍ଶକ ଆକୃଷ୍ଟ ନ ହେବାରୁ ଅନୁଷ୍ଠାନର ଆଶଙ୍କା ଅତି ଦୁର୍ବଳ ବୋଲିବାକୁ ହେବ ।

---

ଢାକାର ଡକାଏତି ମୋକଦ୍ଦମା କଲିକତା ହାଇକୋର୍ଟର ବିଶେଷ ବେଞ୍ଚରେ ନୂତନ ଆଇନ-ଅନୁସାରେ ବିଚାର ହୋଇଥିଲା । ମାନ୍ୟବର ପ୍ରଧାନ ବିଚାରପତିଙ୍କ ସହିତ ମାନ୍ୟବରଙ୍କ ଦ୍ୱିତୀୟ ଓ ଅନ୍ୟ ଜଣେ ବିଚାରପତି ବସି ବିଚାର କରୁଥିଲେ । ବିଚାରପତିମାନେ ଏକମତରେ ଆସାମିମାନଙ୍କୁ ଖଲାସ ଦେଇଅଛନ୍ତି ଏବଂ ପୁଲିସର ଉକ୍ତ ଦୋଷମାନ ଦେଖାଇଦେଇଅଛନ୍ତି । ଜନସାଧାରଣ ପ୍ରଥମରୁ ଯାହା ଭାବିଥିଲେ ଯେ ପୁଲିସ ଯଥାର୍ଥ ଆସାମିମାନଙ୍କର ଅନୁସନ୍ଧାନ ନ କରି କେତେଜଣ ଭଦ୍ରଯୁବାଙ୍କୁ ଅମୂଳକ ସନ୍ଦେହ ଅଥବା ଦୁଷ୍ଟଲୋକଙ୍କ କଥାରେ ଧରି ଗୃହୀତ ହୋଇଅଛନ୍ତି ବିଚାରପତିମାନେ ତାହାହିଁ କହିଅଛନ୍ତି । ଏହି ସନ୍ତୋଷଜନକ ବିଚାରରେ ହାଇକୋର୍ଟ ତଥା ତହିଁର ନୂତନ ପ୍ରଧାନ ବିଚାରପତି ମାନ୍ୟବର ସର୍ ଜେଙ୍କିନ୍ସଙ୍କ ପ୍ରତି ଜନସାଧାରଣଙ୍କର ବିଶ୍ୱାସ ଓ ଭକ୍ତି ବଢ଼ିଅଛି ବଡ଼ ଆନନ୍ଦର ବିଷୟ ଅଟେ । ପୁଲିସର କାର୍ଯ୍ୟସମ୍ବନ୍ଧରେ ପୂର୍ବବଙ୍ଗର ଲେଫ୍ଟେନାଣ୍ଟ କି ବିଚାର କରିବେ ଦେଖାଯିବ । ଉଭୟବଙ୍ଗର ଲେଫ୍ଟେନାଣ୍ଟଗଣଙ୍କର ପୁଲିସକୁ ଅବାରନ୍ତ ପ୍ରଶ୍ରୟ ଦେବାରେ ଲୋକଙ୍କର କଷ୍ଟ ଓ ଅଶାନ୍ତି ବଢ଼ିଅଛି ଏହାହିଁ ସାଧାରଣ ବିଶ୍ୱାସ ଓ ତାହା ଜଣାନ୍ତ ଅମୂଳକ ନୁହେ ବୋଲି ବିଚାରଅଦାଲତର କଥାରୁ ପ୍ରକାଶ ପାଉଅଛି ।

—※—

ଭାରତଶାସନ ସଂସ୍କାରସମ୍ବନ୍ଧୀୟ ଆଇନ ବିଲାତ ପାର୍ଲ୍ୟାମେଣ୍ଟର ସାଧାରଣ ସଭାରୁ ଯାଇ ଲର୍ଡମାନଙ୍କ ସଭାରେ ଧାର୍ଯ୍ୟ ହୋଇଯାଇଥିବାର ସମ୍ବାଦ ମିଳଇ । ଉକ୍ତ ଆଇନର ଧାରା ସଂଶୋଧିତ ଭାବେ ସନ୍ନିବେଶିତ ହୋଇଅଛି । ଅର୍ଥାତ୍ ବଙ୍ଗଳାରେ କାର୍ଯ୍ୟକାରୀ ସଭା ରହିବ ଏବଂ ଅନ୍ୟ ଲେଫ୍ଟନାଣ୍ଟମାନେ ଇଚ୍ଛା କଲେ ପାର୍ଲ୍ୟାମେଣ୍ଟରେ ବ ୬୦ ଦିନ ନୋଟିସ ଦିଆଯାଇ ସଭା ନିଯୁକ୍ତ ହେବ । ଗତ ମାସ ତା ୪ ରଖରେ ଏହା ବାଦାନୁବାଦ ହେଉଥିବା ସମୟରେ ଲର୍ଡ ମାକଡୋନାଲଡ ମହୋଦୟ ବଙ୍ଗବିଭାଗ ରଦ ହେବା ବିଷୟ ପକାଇ ଥିଲେ ;

ଏଥିରୁ ଲର୍ଡ ମର୍ଲି ମହୋଦୟ କହିଲେ ଯେ ତାଙ୍କ ପକ୍ଷୀୟ ଲୋକଙ୍କ ବର୍ତ୍ତିତ ଏ କଥା ଅଗତ ହେବା ଦିନରୁ ଅତି କଷ୍ଟରେ ଦୁଇବର୍ଷ ହେଲା ସେ ଓ ଲର୍ଡ ମିଣ୍ଟୋ ବଙ୍ଗ ବିଭାଗ ରକ୍ଷା କରି ଭାରତଶାସନ ଚଳାଇ ଆସୁଅଛନ୍ତି ଆଉ ପାରିଶ ଶୋଳ ବର୍ଷ ଚଳାଇବା ଉଚିତ ନୁହେ ଏବଂ ବଙ୍ଗ ବିଭାଗ ରହିତ ହେବା ପକ୍ଷରେ ସେ ରହିବେ ନାହିଁ ।—ବଙ୍ଗ ବିଭାଗ ହୋଇଁ ଶାସନ କାର୍ଯ୍ୟ ସୁବିଧା ହୋଇଥିବାର ଜାଣି ସୁଦ୍ଧା ତାହା ରହିତ କରିବାର ପକ୍ଷାବଲମ୍ବନ ନ କରିବା ଅତ୍ୟନ୍ତ ଭଦ୍ର କଥା ଏବଂ ତହିଁ ବ ଲର୍ଡମାନଙ୍କ ସଭାରେ ଆଉ ବାହାର ବଳ ଖଟିଲା ନାହିଁ । ଇଂରଜମାନେ ସ୍ୱମର୍ଯ୍ୟାଦା ରକ୍ଷା କରିବାକୁ କେମନ୍ତ ପ୍ରୟାସୀ ଏ ଦେଖି ବୁଝନ୍ତୁ ।

---

ଅମୃତ ବଜାର ଟାଟ୍ଲ ଟ୍ରାଙ୍ଗେଲ ସାହେବ ଛୁଟୀ ନେଇ ବିଲାତ ଯାଉଥିବାରୁ ତାଙ୍କୁ ବିଦାୟ ଦେବା କାରଣ ଗତ ମଙ୍ଗଳବାର ଅପରାହ୍ନ କାଳରେ ଏଠା ସୁନ୍ଦରପୁର କ୍ଲବରେ ଏକ ସାନ୍ଧ୍ୟସମ୍ମିଳନ ହୋଇଥିଲା । ହାଇଦରସାହେବଙ୍କ ପ୍ରୋଷ୍ଟ ସ୍ଥଳରୁ ଆମନ୍ତ୍ରଣ କରାଯାଇ ଥିଲେହେଁ ଅନ୍ୟ କୌଣସି ୟୁରୋପୀୟ ବର୍ଗ୍ଲବ ଅପି ନାହାନ୍ତି ଏବଂ ଏଠା ଉତ୍କଳୀୟ ଉକିଲମାନଙ୍କ ମଧ୍ୟରୁ ଅଧିକାଂଶ ଉକ୍ତ ସୁଦ୍ଧା ମିଳନସ୍ଥଳକୁ ନ ଯିବାର କାରଣ ଆମ୍ଭେମାନେ ବୁଝି ପାରୁନାହୁଁ । ସେହିପରି କେତେ ବଙ୍ଗ ଓ ସନ୍ତ ହୋଇଥିଲେ ସୁଦ୍ଧା ଅନେକଗୁଡ଼ିଏ ଦେଶୀୟ ଗଣ୍ୟମାନ୍ୟ ଲୋକେ ମିଳନ ସ୍ଥଳରେ ସମାଗତ ହୋଇଥିଲେ । ସେମାନଙ୍କର ଚିତ୍ତବିନୋଦନାର୍ଥ ଗ୍ରାମୋଫୋନ ଓ ଦେଶୀୟ ବାଦ୍ୟ ବାଜଣ ସଙ୍ଗୀତର ଆୟୋଜନ ହୋଇଥିଲା । ମଧ୍ୟ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଗୋସ୍ୱାମୀ ନାମକ ଜଣେ ବଙ୍ଗବାସୀ ଭଦ୍ରସନ୍ତାନ କାକ୍‌ଚର୍ଭରେ ମାଧ ଉପସ୍ଥିତ ଭଦ୍ରମଣ୍ଡଳୀର ଚିତ୍ତରଞ୍ଜନ କରିଥିଲେ । ଏ ମହାଶୟ ସ୍ୱଗଣରେ ମୟୂରଭଞ୍ଜର ମହାରାଜା ସ୍ୱର୍ଗବାସଠାରୁ ସୁବର୍ଣ୍ଣପଦକ ପୁରସ୍କାର ପାଇଅଛନ୍ତି ଏବଂ ସେହିଦିନ ଉପସ୍ଥିତ ଭଦ୍ରଲୋକମାନେ ଏକବାକ୍ୟରେ ତାଙ୍କର ପ୍ରଶଂସା କରିଅଛନ୍ତି । ଜଜମାହେବ ମହୋଦୟ ସ୍ୱପତ୍ନୀ ସମଭିବ୍ୟାହାରେ ସମ୍ମିଳନରେ ଉପସ୍ଥିତ ହୋଇଥିଲେ ଏବଂ ଉପସ୍ଥିତ ଭଦ୍ରଲୋକଙ୍କ ସହିତ ନାନାଦ ମିଷ୍ଟାନ୍ନାଦି ଫଳର ସହିତ ଜଳଯୋଗ କରି ହୃଷ୍ଟଚିତ୍ତରେ ରାତି ୯ଟା ସମୟରେ ବିଦାୟଗ୍ରହଣ କଲେ । ସାହେବ ମହୋଦୟ ଜଜୀୟତାବରେ କାର୍ଯ୍ୟ କରି ସ୍ୱାଧୀନ ବିଚାର ହେତୁ ଏଠା ଲୋକଙ୍କର ପ୍ରୀତିଭାଜନ ହୋଇଥିଲେ ଏବଂ ଯେ କେତେ ସ୍ଥଳରେ ସାଧାରଣ ଦୃଷ୍ଟିରେ ତାଙ୍କର ବିଚାର କାର୍ଯ୍ୟରେ ଦୋଷ ଘଟିଅଛି ତହିଁରେ କୌଣସି ପକ୍ଷପାତିତା ନ ଥିଲା ଏବଂ ସୁବିଚାର ରୂପେ ଯଥାଯୋଗ୍ୟ କାର୍ଯ୍ୟ ଚଳାଇବାର ନିରପେକ୍ଷତା ଓ ସୁବିଚାରର ଚେଷ୍ଟା ବର୍ତ୍ତମାନ ଥିବାରୁ ସମସ୍ତ ଅଛିଲ । ଶାସନର ଅସୁସ୍ଥ ନିବନ୍ଧନ ସେ ଛୁଟି ନେବାକୁ ବାଧ୍ୟ ହୋଇଅଛନ୍ତି ଏବଂ ଆଉ ଫେରିବାର ନୁହଁ ଜଜସାହେବଙ୍କୁ ଆପଣା କାର୍ଯ୍ୟସ୍ଥଳ ପ୍ରଦାନ କରି ଏଠାରୁ ବିଲାତ ଅଭିମୁଖେ ଯାତ୍ରା କଲେ । ସାହେବ ମହୋଦୟ ସୁସ୍ଥଶରୀରରେ ବିଲାତରୁ ସୁଖରେ ପ୍ରତ୍ୟାଗତ ହେଉନ୍ତୁ ଏହାହିଁ କାମନା ।

---

## ଅଲିପୁର ବମ୍ ମାମଲା ।

କଣ୍ୟାଣ ଅଲିପୁର ବମ୍ ମୋକଦ୍ଦମାର ଦଣ୍ଡାଜ୍ଞା ନିଷ୍ପତ୍ତି ଗତ ତା ୬ ରଖରେ ପ୍ରକାଶ ହୋଇଅଛି ବିଚାରକର୍ତ୍ତା ଶ୍ରୀ ଯୁକ୍ତ ବିଚ୍‌କ୍ରଫ୍ଟ ସାହେବ ଭାବପ୍ରାଦ ଧରଯେଉଁ ଦୀର୍ଘ ନିଷ୍ପତ୍ତି ଲେଖିଅଛନ୍ତି ତହିଁର ସଂକ୍ଷେପ ମର୍ମ ପ୍ରକାଶ କରିବାକୁ ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ । ଯେଉଁ ମୋକଦ୍ଦମା ଶୁଣିବାକୁ ଶହ ମାସ ଲାଗିଥିଲା ଓ ଯହିଁରେ ସଂଯୁକ୍ତ ନ ୩୬ ଜଣ ଆସାମୀର ନାନା କାର୍ଯ୍ୟର ବିଚାର ହୋଇଥିଲା ତହିଁର ରାୟ ଦୀର୍ଘ ହେବା ଅନିବାର୍ଯ୍ୟ । ଶେଷ ଫଳ ଏହି ହେଲା ଯେ ବାରିନ ଏବଂ ଉଲ୍ଲାସକର ଏହି ଦୁଇ ଆସାମିର ପ୍ରାଣଦଣ୍ଡ, ଅନ୍ୟ ଦଶଜଣର ଯାବଜ୍ଜୀବନ ଦ୍ୱୀପାନ୍ତରବାସ, ନ ୩ଣ ଦଶବର୍ଷ ଓ ୩ ଜଣ ୭ ବର୍ଷ ଲେଖାଏ ଦ୍ୱୀପାନ୍ତର ଏବଂ ଏକ ଜଣ ଏକବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ପାଏ ୧୯ ଜଣ ଦଣ୍ଡ ପାଇଲେ ଏବଂ ଅବଶିଷ୍ଟ ସତର ଜଣ ଅରବିନ୍ଦ ଘୋଷ ସହିତ ଖଲାସ ପାଇଲେ । ଅରବିନ୍ଦ ଘୋଷଙ୍କର ମୁକ୍ତି ଲାଭ ସାଧାରଣ ଆନନ୍ଦର ବିଷୟ ହୋଇଅଛି । ସେ ନିର୍ଦ୍ଦୋଷୀ ବୋଲି ସମସ୍ତଙ୍କର ଧାରଣା ଥିଲା ଓ ବିଚାରର ଫଳ ତଦ୍ରୂପ ହେବା ବଡ଼ ସନ୍ତୋଷ୍ୟର କଥା ଅଟେ । ଶ୍ରୀଯୁକ୍ତ ଅର, ବି, ଦାସ ବାରିଷ୍ଟର ତାହାଙ୍କର ପକ୍ଷ ସମର୍ଥନ କରି ଯଶୋ ଲାଭ କରିଅଛନ୍ତି । ଆସେସରମାନେ କେବଳ ନ ୯ ଜଣ ଆସାମୀ ଦୋଷୀ ଥିବାର ମତ ଦେଇଥିଲେ । ଜଜ ସାହେବ ତହିଁର ଦ୍ୱିଗୁଣ ଉପରେ ଆଉ ଜଣେ ବଢ଼ାଇ ଦେଲେ ଏବଂ ଦୁଇ ଜଣଙ୍କ ପ୍ରାଣଦଣ୍ଡ ଦେଲେ ଏହା ଅଧିକନ୍ତୁ ବୋଧ ହେଉଅଛି । ଦଣ୍ଡ ପାଇବା ଆସାମିମାନେ ଅବଶ୍ୟ ହାଇକୋର୍ଟରେ ଅପିଲ କରିବେ ଓ ସେଠାରେ କି ଫଳ ହେବ ସମୟରେ ଜଣାଯିବ । ଅତ୍ୟାନ୍ୟ ପ୍ରସଙ୍ଗରେ ଯାହା ହେଉ ଅରବିନ୍ଦ ଘୋଷଙ୍କ ସମ୍ବନ୍ଧରେ ସାହେବର କେବଳ ରାୟ ଯାହା ଲେଖିଅଛନ୍ତି ତାହା ସାଧାରଣ ମତ ସଙ୍ଗେ ଠିକ ମିଳିଅଛି । ସେ ସ୍ପଷ୍ଟ ଲେଖିଅଛନ୍ତି କି ଏହା ଅରବିନ୍ଦ ଘୋଷଙ୍କୁ ଦୋଷୀ କରିବା ଫରିୟାଦ ପକ୍ଷର ପ୍ରଧାନ ଚେଷ୍ଟା ଥିଲା ଏବଂ ସେହି ହେତୁ ନାନା ପ୍ରକାର ପ୍ରମାଣ ଉପସ୍ଥିତ ଓ ସେ ସମସ୍ତର ଉକ୍ତ ବିଚାରରେ ଏକ ଦୀର୍ଘକାଳ ଅତିବାହିତରେ ବୈଠକ ହୋଇଥିଲା । ସେପରି ହୋଇ ନ ଥିଲେ ଅଳ୍ପ ଦିନରେ ମାମଲା ଶେଷ ହୋଇଥାନ୍ତା ଏହି ମନ୍ତବ୍ୟ ଫରିୟାଦର ମାମଲା ଚଳାଇବା ପୁଲିସ କର୍ମଚାରୀଗଣ ଏବଂ ପ୍ରଧାନ ବାରିଷ୍ଟର ନର୍ଟନ ସାହେବଙ୍କ ପ୍ରତି ଅନୁକୂଳ ବୋଲାଯାଇ ନ ପାରେ । ସୁତରାଂ ଏଥିରେ ସରକାରଙ୍କର ଯେତେ ଟଙ୍କା ବ୍ୟୟ ହୋଇଅଛି ତାହା ସାର୍ଥକ ହୋଇବା ସନ୍ଦେହ । ଉକ୍ତ ଦୁଷ୍ଟଭ ଗବର୍ଣ୍ଣମେଣ୍ଟ ଏଥିକି ବିଚାର କରିବେ ।

---

## କାଯସ୍ଥ—ବିବାହ ।

କଲିକତାରେ କନ୍ୟା ପକ୍ଷରୁ ଟଙ୍କା ଓ ଅଳଙ୍କାର ଦାବିକରି କେବଳ କେଣାଦେଖି ଏକ କାଯସ୍ଥମାନଙ୍କ ମଧ୍ୟରେ ଯେତେ ହେତେବର୍ଷ ହେଲା ସେ କୁପ୍ରଥା ପ୍ରଶ୍ରୟ ପାଇଅଛି । ତାହା ଦମନ କରିବା ସକାଶେ ଏଠା କାଯସ୍ଥସଙ୍ଘରୁ ଟଙ୍କା ଇତ୍ୟାଦି ଦଥିଲା ବିବାହରେ ଯୋଗଦାନ ନ କରିବାର ନିୟମ ହେଲେ ସୁଦ୍ଧା ତାହା କେହି ମାନିଲେ ନାହିଁ । ବିଶିଷ୍ଟ ସ୍ୱଦେଶୀ ହେଲେ ଏହା ଦମନ କରିବା କାରଣ ବଦ୍ଧପରିକର ହେବା ଓ ଗତ ଫଗୁଣମାସରେ ମଧ୍ୟଶ୍ରେଣୀର କି ମ ଓ ମଧ୍ୟଅବସ୍ଥା ସମ୍ପନ୍ନ ଦୁଇଗୋଟି ବିବାହରେ ଅର୍ଥ ବା ଅଳଙ୍କାର କୌଣସି ଦାବି ହୋଇ ନ ଥିବାର ଦେଖି ଆମ୍ଭେମାନେ ପ୍ରୀତ ଓ ଆଶାନ୍ୱିତ ହୋଇଥିଲୁଁ । ଗତ ପୂର୍ବ ବୃହସ୍ପତିବାର ଗୋଟିଏ କଟକରେ ଅର୍ଥାତ୍ ପେନସନପ୍ରାପ୍ତ ଶ୍ରୀଯୁତ ପରମାନନ୍ଦ ଘୋଷଙ୍କ ନାତୁଣୀଙ୍କ ସହିତ ଦେ- ନାଥପୁରର ଶ୍ରୀଯୁତ ଗୋପୀମୋହନ ମିତ୍ରଙ୍କ ପୁତ୍ରଙ୍କର ବିବାହ କ୍ରିୟା ହୋଇ ଅଛି । ତହିଁରେ ଦେନା ନେବା ସମ୍ବନ୍ଧେ ଅର୍ଥୀ ଉଚ୍ଚ ମାତ୍ର କଥା ଉଠି ନାହିଁ ଏବଂ କନ୍ୟାପକ୍ଷ ଯାହା ଦେଲେ ସନ୍ତୁଷ୍ଟ ଚିତ୍ତରେ ବରପକ୍ଷ ତାହା ଗ୍ରହଣ କରିବା ଅବଶ୍ୟ ଆଶାର ସ୍ୱଲ୍ପ ବିଷୟ । ମାତ୍ର ସେହିପରି ମୋଫସଲରେ ଗୋଟିଏ ବିବାହର କାଣ୍ଡ ଦେଖି ଆମ୍ଭମାନଙ୍କର ଆଶା ଭରସା ବିଲୁପ୍ତ ପ୍ରାୟ ହୋଇଅଛି । ଅର୍ଥ ଏବଂ ଅଳଙ୍କାର ନେବାର ପ୍ରଥା ଉଠିଥିଲେ ସୁଦ୍ଧା ଲଗ୍ନପତ୍ରରେ ତାହା ସ୍ଥାନ ପାଇ ନ ଥିଲା ମାତ୍ର ଏ ବିବାହର ଲଗ୍ନପତ୍ରରେ ବରପକ୍ଷ ୨୦ ଭରି ସୁନାର ଅଳଙ୍କାର ଦାବି କରିଥିଲେ । ଲଗ୍ନପତ୍ର ଯେପରି ହିନ୍ଦୁର ଧର୍ମ ବୋଲି ମୋଡ଼ା ହୋଇ ଅଛି ତାହା ସେହିପରି ଅତି ଯତ୍ନରେ ରହିଥିଲା । ବରପକ୍ଷ ବିବାହବେଳେ ଅସି ରୁପାର ଅଳଙ୍କାର ଦେଖି କୋଧା-

Split by PDF Splitter
Digitized by srujanika@gmail.com

ହୁଡ ହେଲେ । ଇଗ୍ନପଟର କଥା ପଡିଲାବେଳେ ଉକ୍ତାପଷ ତାହା ଯଡ଼ି ନ ହେବାର କହଲେ ଏବ ବରକର୍ତ୍ତା ଗଟରେ ବରକୁ ଦିଅ ଯାଉଥିବା ସୁକାଭ ମୂଦ ଭାଗି ବଣକୁ ଫୋପାଡ଼ି ଦେଲେ ଏବ ଖାଇବାକୁ ଓଁକନ୍ତେ ଦେଇ ମୁଣ୍ଡରେ ହାତ ଦେଇ କନ୍ୟାକର୍ତ୍ତାର ହାରଣୁ ନ ହୋବାର ଶପଥ କଲେ । ସେ ତ ଛାଡ଼ କନ୍ୟା ବିବାହ ଦେଇଥିଲେ ଏବ ତାହାଙ୍କ ସଂଗାଇ ଅଳଙ୍କାର ଦେଇ ନ ଥିବା ଏବ କନ୍ୟାକର୍ତ୍ତାର ଗୋଟିଏ କନ୍ୟା ନ ଥିବା ଓ ତାଙ୍କର ଅବସ୍ଥା ସେତେକ ସ୍ୱଚ୍ଛଳ ନ ଥିବାର ଭଦ୍ରଲୋକେ କହଲେ ସୁଦ୍ଧା ସୁଲୁଭ ଲୋକେ ଜଣିବାକୁ ଅସିଲେ ନାହିଁ । ଯାହା ହେଉ ବର ଏବ ଅନ୍ୟ ନାଯୁସ୍ଥମାନେ ସ୍ୱଯୁକ୍ତିର ବଶବର୍ତ୍ତୀ ହୋଇ ସୁକୃତଲୋକନ କଲେ । ଅମ୍ଭେମାନେ ଏ ବିବାହର ହାଣ୍ଡ-ସମ୍ବନ୍ଧେ ଯାହା ଅବଗତ ହେଲୁ ତହିଁରେ ବର-କର୍ତ୍ତାଙ୍କର ଦୁଷ୍ଟମାଲାହିଁ ଦେଖିଲୁ ଏବ ଏହ-ପରି ଅଲୁଭମାନ ପ୍ରଭବବାଦୀର ଅଧିକାଂଶ ଅନୁଲୂଳ ନାଯୁସ୍ତମାନଙ୍କ ଦ୍ୱାରା ଘଟୁଥାଏ ହେଉଥିବାରୁ ତାହା ଉଠାଇଦେବା ନିମନ୍ତେ ଉଚ୍ଛା-କଲେ ସୁଦ୍ଧା କେହ କହିଁପେ ସାହସ କହେଉ ନାହାନ୍ତି ଫଳତଃ ସମାଜ ଏମନ୍ତ ଅଧଃପତନ ଯେ ଲୋକେ ଅଧଃପତନେ ଥାଇ ଅପଣାକୁ ସ୍ୱର୍ଗବାସ ମନେ କରୁଅଛନ୍ତି । ସୁତରାଂ ଯେ ଗର୍ତ୍ତରୁ ଉଠିବେ ତାଙ୍କୁ ଉଠାଇବାର କ୍ଷମତା ନାହିଁ । କେବଳ ମରହଟ୍ଟୀ ବ୍ରାହ୍ମଣମାନେ ବାଟକୁ ଆସିଲେ ବରପାନ-ପଟୁଆ ପଲାଏ ଜଗକୁ ବାହାର ହୋଇ ପାହୋଡ଼ା ଲଗାଇ ଦଅନ୍ତି ଏବ ସେହ କାଉ ରୁ ଜିହ୍ୱାଠାରେ ସବୁ ଉନ୍ନତରେ ନାମମାତ୍ର ସୁକଣ୍ଠ ଲୋକେ ହୁଏ ଏବଂ କେଉଁଠାରେ ସୁକୃତର ମାତ୍ରା ନ ଥିବାରୁ ଅନ୍ଧୋ ହୁଏ ନାହ ଏ ଜାଗସ୍ ଦୁର୍ଗତି ଅମ୍ଭମାନଙ୍କର କେବେ ଯିବ ?

— ✲ —

### ପୁରୀର ଚନ୍ଦନ ପୋଖରୀ ।

ପୁରୁଷୋତ୍ତମର ଚନ୍ଦନଯାତ୍ରା ଓଡ଼ିଶାରେ ପ୍ରାଚୀନ କାଳରୁ ଚାଲି । ଏ ଯାତ୍ରା ଯେମନ୍ତ ଦୀର୍ଘକାଳ ବ୍ୟାପୀ ସେମନ୍ତ ଅନନ୍ଦକର । ପୁସ୍ତ ସଜା ବା ସଜ୍ଜନମଣ୍ଡଳଙ୍କ ଅମନୋଯୋଗରେ କେତେବର୍ଷ ଏ ଯାତ୍ରାର ଅତ୍ତୁମଭ ଅନେକ ଊଣା ପଡ଼ିଯାଇଥିଲା । ବର୍ତ୍ତମାନ ବାବୁ ଖଗେନ-ଶୋର ଦାସ ମାନେଜରଙ୍କର ଯତ୍ନ ଓ ସୁବନ୍ଦୋବସ୍ତରେ ଏ ଯାତ୍ରା ପୂର୍ବ ଶ୍ରୀ ଧାରଣ କରୁଅଛି ଏବ କ୍ରମେ ଉନ୍ନତି ଲଭୁଅଛି । ଚନ୍ଦନ ମଣ୍ଡପ ଗୃହ ଇତ୍ୟାଦି ସୁନ୍ଦରରୂପେ ମଣ୍ଡିତ ହୋଇଅଛି ଏବ ଏ ବର୍ଷ ୭ହଜାର ଟଙ୍କାରେ ଗୋଟିଏ ରତ୍ନ-ସିଂହାସନ ତିଆରିକରୁ ପ୍ରସ୍ତୁତ ହୋଇ ଅତି ଅଧିକ ଶୋଭା ବଢ଼ାଇଅଛି । ଏଥିପାଇଁ ସମ୍ପାଦ-ପତ୍ରମାନଙ୍କରେ ମାନେଜର ଦାସ ମହାଶୟଙ୍କର ଅଧିକ ଯଶ ଘୋଷଣା ହୋଇଅଛି । ମହାପ୍ରଭୁଙ୍କର ସେବା ନୀତିପ୍ରତି ଦାସ ମହାଶୟଙ୍କର ସଦା ମନୋଯୋଗ ରହିବା ଓ ଯଥାସମୟରେ ଦୈନିକ ଓ ସାମୟିକ ନୀତିମାନ ଅନୁଷ୍ଠିତ ହେବା ପ୍ରଶଂସାର ଓ ଏହା ତାହାଙ୍କର ହରିନ ପରିପୂର୍ଣ୍ଣତାର ଉତ୍ତମ ପରିଚୟ ଅଟେ । ମାତ୍ର ଏହି ଚନ୍ଦନଯାତ୍ରା ସମ୍ବନ୍ଧରେ ଅମ୍ଭେମାନେ ମନେ କରୁଁ ଯେ ସେ ତାହାଙ୍କର ପ୍ରଧାନ କର୍ତ୍ତବ୍ୟ ପ୍ରତି ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦୃଷ୍ଟି ଦେଇ ନାହାନ୍ତି । ଚନ୍ଦନଯାତ୍ରାର ପ୍ରଧାନ ଅଙ୍ଗ ଜଳକ୍ରୀଡ଼ା । ଗ୍ରୀଷ୍ମ-କାଳରେ ମହାପ୍ରଭୁ ଶୀତଳ ଜଳରେ ଅବଗାହନ କରିବେ, ଚନ୍ଦନଲାଗି ହେବେ ଓ ନୌକା ଖେଳିବେ ଏହି ସମସ୍ତ ଚନ୍ଦନ ଯାତ୍ରାର କାର୍ଯ୍ୟ । ସୁତରାଂ ଏ ସମସ୍ତର ମୂଳ ହେଉଅଛି ନିର୍ମଳ ସ୍ୱଚ୍ଛ ଜଳ । ନରେନ୍ଦ୍ର ନାମକ ଗୋଟିଏ ବୃହତ୍ ପୁଷ୍କରିଣୀ ଚନ୍ଦନ ଯାତ୍ରାର ଉପଯୁକ୍ତ ସ୍ଥାନ ମାତ୍ର ତହିଁର ଜଳ ଏପରି ମନ୍ଦ ହୋଇଅଛି ଯେ ତାହା ମନୁଷ୍ୟର ପାନ କରିବା ଦୂରେ ଥାଉ ସ୍ନାନର ଯୋଗ୍ୟ ମଧ୍ୟ ନୁହେ । ଏମନ୍ତ ଜଳରେ ଦେବଙ୍କ ବୁଡ଼ାଇବା ନାବ ଖେଳାଇବା ପ୍ରୀତି ଭକ୍ତିର କାର୍ଯ୍ୟ ନୁହେ । ଦେବ ପ୍ରୀତିର ଅନେକଲୋକ ସେହି ପୁଷ୍କରିଣୀରେ ସ୍ନାନ ଓ ସନ୍ତରଣାଦି କ୍ରୀଡ଼ା କରନ୍ତି ମାତ୍ର ତାହା ଯେ ସ୍ୱାସ୍ଥ୍ୟର ହାନିକର ଏହା ଅନାୟାସରେ ବୁଝା ଯାଉଅଛି । ସେହି ପୁଷ୍କରିଣୀର ଜଳ ପରିଷ୍କାର କରି ଦେବଯୋଗ୍ୟ କରିବା ସର୍ବାଗ୍ରେ କର୍ତ୍ତବ୍ୟ । ଦୂଷିତ ଜଳରେ ସୁସଜ୍ଜିତ ଗୃହ ଉପରେ ସୁବର୍ଣ୍ଣ ସିଂହାସନରେ ବସି ବିହାର କରିବା ଦୃଶ୍ୟଟା କି ପ୍ରକୃତ ଅନନ୍ଦଜନକ ? କେଉଁ ମହାତ୍ମା ସେହି ପୁଷ୍କରିଣୀରେ ଚନ୍ଦନ ଯାତ୍ରାର ବ୍ୟବସ୍ଥା କରିଥିଲେ ସେ ତାହାର ଜଳ ପରିଷ୍କାର ରଖିବାର ଉଚିତ ବ୍ୟବସ୍ଥା କରିଥିଲେ । କାଳକ୍ରମେ ତହିଁର ବ୍ୟତିକ୍ରମ ଘଟି ଜଳ ଦୂଷିତ ହୋଇଅଛି । ବର୍ତ୍ତମାନ ଏହାର ସଂସ୍କାର ବହୁ ବ୍ୟୟସାଧ୍ୟ ଏ କଥା ଅମ୍ଭେମାନେ ଅସ୍ୱୀକାର କରୁନାହୁଁ । ମାତ୍ର ମହାପ୍ରଭୁଙ୍କର ଭଣ୍ଡାର କଦାପି ଶୂନ୍ୟ ନୁହେ ଅନ୍ତତଃ ଯେଉଁ ଭଣ୍ଡାରରୁ ୭ହଜାର ଟଙ୍କାର ସିଂହାସନ ନିର୍ମାଣ ହୋଇ ପାରେ ଚେଷ୍ଟା କଲେ ସେହି ଭଣ୍ଡାର ପୁଷ୍କରିଣୀ ସଂସ୍କାରର ବ୍ୟୟ ଯୋଗାଇବାକୁ ଅକ୍ଷମ ହେବ ଏମନ୍ତ ମନେ ହେଉ ନାହିଁ । କୌଣସି ଯାତ୍ରାର ନାନା ଅଙ୍ଗ ମଧ୍ୟରେ ଯେଉଁଟି ଅଧିକ ପ୍ରୟୋଜନ ସେହି ଦିଗକୁ ଆଗେ ଦୃଷ୍ଟି ଦେବା ବିବେକର କାର୍ଯ୍ୟ ଅଟେ । ନରେନ୍ଦ୍ର ପୁଷ୍କରିଣୀ ଦେବ ସେବାର ଗୋଟିଏ ପ୍ରଧାନ ଅଙ୍ଗ ଓ ଗୋଟିଏ ପ୍ରଧାନ ତୀର୍ଥ । ଏଥିରେ ସ୍ନାନ ଓ ଏହାର ଜଳପାନ ଯାତ୍ରୀମାନେ ପୁଣ୍ୟ କାର୍ଯ୍ୟ ମନେ କରନ୍ତି ଏପରି ପୁଷ୍କରିଣୀର ସୁରକ୍ଷାରେ ହେଳା କରିବା ଉଚିତ କି ? ଅମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଯେ ସୁଯୋଗ୍ୟ ମାନେଜର ଏଥିପ୍ରତି ମନୋଯୋଗୀ ହେଲେ ଏ ପୁଷ୍କରିଣୀର ଦୁର୍ଦ୍ଦଶା ଘୁଞ୍ଚିଯିବ ଏବ ସେଥିପାଇଁ ତାହାଙ୍କୁ ବିଶେଷ ଅନୁରୋଧ କରୁଅଛୁଁ ।

———

### ଉତ୍କଳ-ଜୀବନ ।

ଉତ୍କଳଜୀବନ ନାମକ ପତ୍ରିକାର ୧ମ ସଂଖ୍ୟାରେ ଜଣେ ଉତ୍କଳ ରମଣୀ ପ୍ରବନ୍ଧ ଲେଖିକାସ୍ୱରୂପେ ବାହାରିବା ଦେଖି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବ ଉକ୍ତ ପତ୍ରିକାରେ ପ୍ରବନ୍ଧ ଲେଖିବା ଅତ୍ୟନ୍ତ ଆନନ୍ଦର ବିଷୟ । ହରେନ୍ଦ୍ର-ନାଥର ନିବେଦନ ନାମକ ପ୍ରବନ୍ଧ ଶ୍ରୀମତୀ ଅନ୍ନପୂର୍ଣ୍ଣା ଲେଖିଅଛନ୍ତି ଏବ ତାହା ପଦ୍ୟମୟ । ଅନ୍ନପୂର୍ଣ୍ଣା-ଙ୍କର ପଦ୍ୟ ଲେଖିବାରେ ଯେ ଶକ୍ତି ଅଛି ତାହା ପାଠକଙ୍କ ନିକଟରେ ଅପରିଚିତ ନୁହେ ଏବ ପ୍ରବନ୍ଧଟିରେ ତାଙ୍କର ରୁଚି ଏବ ପାରିପାଟ୍ୟର ପରିଚୟ ଅନେକ ଉନ୍ନତଭାବ ରହିଥିବାର ଦେଖାଯାଏ । ଲେଖିକା ଧର୍ମ ନାମରେ ଉପଧ-ର୍ମର ବିସ୍ତାର ଏବ ଅନର୍ଥ କର ସତ୍ୟ ବେଦମା-ର୍ଗକୁ ପରିତ୍ୟାଗ କରିବାର ଦେଖି ଦୁଃଖିତ ହୋଇ କହୁଅଛନ୍ତି " ପ୍ରକୃତାର୍ଥକୁ କରଣ ସବେ ହୋଷ ଜ୍ଞାନ—ହୃଦୟ ହେଲ ହୃଦମାନ ଅଭି-ମାନ । " ଅଧର୍ମ ବା ପାପ କାର୍ଯ୍ୟ କଲେ ସଙ୍ଗେ ସଙ୍ଗେ ବିଷମୟ ଫଳ ଫଳିବ ଏବ ଈଶ୍ୱର କ୍ଷମା କରିବା କଥା ଅସତ୍ୟ ଜାଣି ଲେଖିକା ସ୍ପଷ୍ଟ କହୁଅଛନ୍ତି " କର୍ତ୍ତବ୍ୟ କରମ ନର୍ମେ କରିଲେବେ ହରି-ବିନାଦଣ୍ଡେ କେବେମାତ୍ର ନ ଦେବେ ପାସୋର । " ପ୍ରକୃତରେ ନାମେ ଛାଇଣ ଦତ୍ତାତ୍ର ପାପ କ୍ଷୟହେବା ପ୍ରଶ୍ନମାନଙ୍କରେ ଦେଖି ଦୁଷ୍ଟ-ଲୋକେ ଭଣ୍ଡାମି ଅପଣାର ପାପ କ୍ଷୟ ହେବାର ମନେ କରି ଅଧର୍ମାଚରଣରେ କୁଣ୍ଠିତ ହୁଅନ୍ତି ନାହିଁ । ଯଦି ଲୋକେ ଜାଣିବେ ଯେ ଅଧର୍ମରୁ ନିଶ୍ଚୟ ମନ୍ଦଫଳ ଫଳିବ ଏବ ଈଶ୍ୱର କେବେହେଁ କ୍ଷମା କରିବେ ନାହିଁ ତେବେ କୁକର୍ମରୁ ମନ-ଲୋକେ ବିରତ ହେବେ ଏବ ଏହାହିଁ ବେଦର ବିଧାନ । ଅଜ୍ଞତାବଶରୁ ଅମ୍ଭେମାନେ ଯେମନ୍ତ ସବୁ ସମୟରେ ଅପଣାର ସୁବିଧା ଖୋଜୁଁ ପଣ୍ଡିତେ ମଧ୍ୟ ସେମନ୍ତ ଧର୍ମକୁ ସୁବିଧାଜନକ କରିଯାଇ ଅଛନ୍ତି । ମାତ୍ର ତାହା ଧର୍ମ ନ ଥାଇ ଅଧର୍ମ ଥିବାର ଯାହା ରମଣୀ ହୃଦୟରେ ସ୍ଫୁରିତା ଲାଭ କରିଅଛି ଏହା ଅଗାଧ ଅନନ୍ଦର ବିଷୟ ଲେଖିକା ଯଥାର୍ଥ ଲେଖିଅଛନ୍ତି " ଅସତର ଯୋଗ୍ୟ ନୁହେଁ ତାହା ତଥାପି । ବେଦାର୍ଥକୁ ଅନ୍ୟମାର୍ଗେ ନେଇଥାଉଁ ଶଠ । ଅପ୍ରକୃତାର୍ଥରେ ଜଡ ନାହିଁ

Split by PDF Splitter
Digitized by srujanika@gmail.com

Split by PDF Splitter



ଅତ୍ୟାଚାର । ଜନ୍ମଥାଉଁ, ବାଢିଥାଉଁ, ଶାସ୍ତ୍ରର ବନ୍ଧନ ।" ଏହା ବହି ଲେଖିକା ସତ୍ୟ ଧର୍ମ୍ମର ଗୁଣ, ସ୍ତ୍ରୀ ଶିକ୍ଷା ଏବଂ ସ୍ୱଦେଶର ଉନ୍ନତି ଓ ଦେଶୀୟ ଦ୍ରବ୍ୟର ଆଦର କରିବାରେ ଦୃଢ଼ ପ୍ରତିଜ୍ଞ ହୋଇ କର୍ମ୍ମକ୍ଷେତ୍ରରେ ଲାଗିବାର ପରାମର୍ଶ ଦେଇ କେତେ ସୁନ୍ଦର ପ୍ରବନ୍ଧ ଲେଖିଅଛନ୍ତି ତାହା ଆମ୍ଭେ ଉତ୍କଳର ଦଶ ଭାଇ ସମସ୍ତଙ୍କୁ ପାଠ କରିବା କାରଣ ଅନୁରୋଧ କରୁଅଛୁଁ । ଦ୍ୱିତୀୟ ଲେଖିକା ଶ୍ରୀମତୀ ଗଜବାଣୀର ଜହ୍ନମାଳୀ ଜେନା । ତାଙ୍କ ଲେଖନୀରୁ 'ସବଳା' ନାମକ ସୁନ୍ଦର ଗଦ୍ୟମୟ ପ୍ରବନ୍ଧଟିଏ ବାହାରିଅଛି । ପ୍ରବନ୍ଧଟି କ୍ଷୁଦ୍ର ମାତ୍ର ଲେଖିକା ଯେଉଁଭଳି ଲେଖିଅଛନ୍ତି ସେଥିରେ ନାରୀ ମନୋବାଞ୍ଛାଗତ ପରିଷ୍କାରରୂପେ ସ୍ପଷ୍ଟ ପ୍ରକାଶିତ ହେବାର ଯାହା ତାଙ୍କର ହୃଦୟଙ୍ଗମ ହୋଇଅଛି ତାହା ସ୍ୱଭାବରୂପେ କହିଅଛନ୍ତି । ଉତ୍କଳରେ ପଣ୍ଡିତାର ଅଭାବ ନ ଥିଲା ମାତ୍ର ଦୈବଦୁର୍ବିପାକରେ ଲୋକେ ବାଟ ହରାଇ ଅବାଟରେ ପଡ଼ି ନୃଶଂସ ବା ଅଶିକ୍ଷାରୂପ କଣ୍ଟା ବୋଝରେ ବୁଡ଼ାଇଥିଲେ ଏବଂ ପୁରୁଷେ ଶିକ୍ଷାରମାର୍ଗ ଛାଡ଼ିବାରୁ ସ୍ତ୍ରୀମାନେ ଯେ ତହିଁରୁ ସମ୍ପୂର୍ଣ୍ଣରୂପେ ବଞ୍ଚିତ ହେବେ ଏହା ସ୍ୱତଃସିଦ୍ଧ । ବର୍ତ୍ତମାନ ଅନ୍ଧାରର ରାତ୍ରି ପାହିଅଛି ଏବଂ ଶିକ୍ଷାର ସ୍ରୋତ ସ୍ୱାଭାବିକ ଗତିରେ ପ୍ରବାହିତ ହୋଇଅଛି । ଏମନ୍ତ ସମୟରେ ଆଠଗଡ଼ର ରାଣୀଙ୍କି ସମ୍ମୁଖରେ ପଣ୍ଡିତା ସ୍ୱରୂପ ପାଇବା ଏବଂ ଉପରୋକ୍ତ ଦୁଇଜଣ ମହିଳାଙ୍କ ମାସିକ ପତ୍ରିକାର ଲେଖିକାରୂପେ ଦେଖିବା ବଡ଼ ସୁଖ ନ ହେଲେହେଁ ଆଶାପ୍ରଦ । ଅତୀତ ଗୌରବର କାହାଣୀ କହି ଅକର୍ମ୍ମଣ୍ୟ ହୋଇ ବସିବା ଅଲକ୍ଷଣ ଚିହ୍ନ ଏବଂ ଅତୀତ ଗୌରବକୁ ସ୍ମରଣ ରଖି ତଦ୍ରୂପ ବା ତତୋଧିକ ଗୌରବାନ୍ୱିତ କାର୍ଯ୍ୟ କରିବାରେ ପ୍ରୟାସୀ ହେବା ପ୍ରକୃତ ମନୁଷ୍ୟତା । କଣ୍ଟକ ପର ପୁରୁଷ ଧନ ଅଥବା ତାହାର ବଳାତ୍କାରର ଯୋଗ୍ୟ କରିବ ଜନ୍ମଗ୍ରହଣ କରି ନାହିଁ । ଜାତୀୟ ଜୀବନ ସଂଗଠନର ପ୍ରଧାନ ସହାୟ ଏବଂ ତେଣିକି ଭାଗ ଏହା ତହିଁ ତ ଉପଯୁକ୍ତ । ଯେଉଁ ଜାତି ଶିକ୍ଷା ଲାଭ କରି ଦେଶର ଉନ୍ନତି କଳ୍ପରେ ଆପଣାର ମନ ପ୍ରାଣ ଢାଳି ଦେଇଅଛନ୍ତି ସେ ଦେଶର ଜୀବନ ଏବଂ ସେହି କାରଣରୁ ଉତ୍କଳ-ଜୀବନର ଗ୍ରନ୍ଥିଟିର ଲେଖିକାଦ୍ୱୟ ପ୍ରକୃତରେ ଉତ୍କଳ-ଜୀବନ ।

———

## ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବି । ଲ, ବ, ଗଙ୍ଗୋପାଧ୍ୟାୟ ଷୋଡ଼ଶ ବନ୍ଦ୍ୟୋପାଧ୍ୟାୟ ଯାଉଁଲୁ ଫେରି ଅଧିବଳ ଛୁଟି ସକାଶେ ପାଇବାର ସଂକ୍ରାନ୍ତରେ ପୁଣି ସାଲେ ଓ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

କଟକ ରେଭେନ୍ସା କଲେଜର ପ୍ରିନ୍ସିପାଲ ବାବୁ ଶଶିଭୂଷଣ ଦତ୍ତ ବାଙ୍କୁଡ଼ା କଲେଜର ପ୍ରିନ୍ସିପାଲ ହେଲେ ।

ମୁରଶିଦାବାଦ ନବାବ ମାଡ଼ାସାର ଷ୍ଟା ହେଡ୍‌ମାଷ୍ଟର ମିଃ ଏଲ, ଓବାରଲ, ଏମ୍, ଏ କଟକ ରେଭେନ୍ସା କଲେଜର ପ୍ରିନ୍ସିପାଲ ହେଲେ ।

ଯାଜପୁରର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବସୁ ପୂର୍ଣ୍ଣଚନ୍ଦ୍ର ବୋଷ ବାହାଦୁର ଛଅମାସର ଛୁଟି ପାଇଲେ ।

ମେଜର ଏଚ, ଡି, ହ୍ୟାଲସନ ଏଲ, ଏମ ଏସ ସନ ୧୯୦୯ ମସୀହା ନଭେମ୍ବରମାସ ତା ୧୬ ସୁଦ୍ଧା କଟକର ସିଭିଲ ସର୍ଜନ ନିଯୁକ୍ତ ହେଲେ ।

ବାବୁ ବ୍ରଜକିଶୋର ଦାସ ଚଳିତବର୍ଷ ସକାଶେ ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ ହେଲେ । ସେ ସୁଦ୍ଧା ସଦର ସ୍ୱାଧୀନ ଭୋଗର ସହ ସ୍ୱରୂପ ଏବଂ ପୁରୀଜିଲାରେ କାର୍ଯ୍ୟ କରିବେ ।

ମୁନସି ନଟବର ଦାସ ଚଳିତବର୍ଷ ସକାଶେ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ହେଲେ । ସେ ବାଲେଶ୍ୱର ଜିଲାର ସ୍ୱାଧୀନ ଭୋଗର ସହ ସ୍ୱରୂପ କାର୍ଯ୍ୟ କରିବେ ।

ବାବୁ ଅମୃତଲାଲ ଚକ୍ରବର୍ତ୍ତୀ ଚଳିତବର୍ଷ ସକାଶେ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ଓ ବାଲେଶ୍ୱର ସଦର ସ୍ୱାଧୀନ ଭୋଗର ସହ ହେଲେ ।

ଓଡ଼ିଶା ବିଭାଗର ଶିକ୍ଷାବିଭାଗ ଓ ଡେପୁଟୀ କଲେକ୍ଟର ବାବୁ ଯୋଗେନ୍ଦ୍ରଚନ୍ଦ୍ର ମିତ୍ର ବାଲେଶ୍ୱର ସଦର ମହକୁମାକୁ ବଦଳି ହେଲେ ।

ନିମ୍ନଲିଖିତ ବ୍ୟକ୍ତିମାନେ କଟକ ମ୍ୟୁନିସିପାଲିଟିର କମିସନର ନିଯୁକ୍ତ ହେଲେ । ଯଥା,

୧ । କଟକର ସିଭିଲସର୍ଜନ ।
୨ । ଏକଜିକ୍ୟୁଟିଭ ଇଞ୍ଜିନିୟର, ମହାନଦୀ ଡିଭିଜନ ।
୩ । ଗ୍ରାମ୍ୟନାଥ ଡେପୁଟୀ କଲେକ୍ଟର ।
୪ । ଲ, ଟେଲର, ଓଭରସିଅର ।
୫ । ସବୁଡ଼ ଏକଜାମିନର ।
୬ । ଭାନ କନଇନେନ୍ଦ୍ର ।

ଗତ ଫେବୃଆରି ମାସର ରଜାଲଦୀ ଓ ମୁକ୍ତାର ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ବ୍ୟକ୍ତିମାନେ ପାସ କରିଅଛନ୍ତି । ଯଥା,—

ଓକିଲତି—ହରିଶ୍ଚନ୍ଦ୍ର ଦାସ, ମଧୁସୂଦନ ଦାସ ଓ ଜଗନ୍ନାଥ ଜେନା ।

ମୁକ୍ତାର—ଯତୀନ୍ଦ୍ରନାଥ ଦେ, ବସନ୍ତକୁମାର, ଦୟାନିଧି, ଶଶିଭୂଷଣ ଘୋଷ, ଦେବେନ୍ଦ୍ରକୁମାର ରାୟ, ବୈଦ୍ୟନାଥ ଦାସ ଓ ଉପେନ୍ଦ୍ର କର ।

ଗତ ତା ୧୦ ରିଖ ଶେଷ ହେବା ସପ୍ତାହରେ ଉତ୍କଳର ବଙ୍ଗ ଓଡ଼ିଶାର ସମସ୍ତ ସ୍ଥଳରେ ପୂର୍ବସପ୍ତାହର ବର ସଙ୍ଗ ସମାନ ଥିଲା । ଗଡ଼ଜାତମାନଙ୍କରେ ଖଣ୍ଡପଡ଼ା, ମୟୂରଭଞ୍ଜ ଓ ନରସିଂହପୁର ସେ ୧୭ ର, ଆଠମଲ୍ଲିକ, ଢେଙ୍କାନାଳ ଓ ଅଠଗଡ଼ରେ ସେ ୨୮, ପାଟଣାରେ ସେ ୧୦ ର ଓ ତାଳଚେରରେ ସେ ୧୮ ଥିଲା ।

ଗତ ତା ୧୦ ରିଖ ଶେଷ ହେବା ସପ୍ତାହରେ ପୁରୀରେ ଜ୍ୱରରେ ୧୬ ଜଣ ଲୋକ ମରିବା ସମ୍ବାଦ ପାଇଥିଲେ ।

——

### ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ପ୍ରାୟ ପ୍ରତିଦିନ ମେଘ ବାହାର ହେଉଛି, ସାମାନ୍ୟ ବର୍ଷା ହୋଇଅଛି । ଗ୍ରୀଷ୍ମ କମେ କମୁଅଛି ।

ସାମାନ୍ୟ ଜ୍ୱର ଓ ବସନ୍ତ ଏ ନଗରର କେତେକ ସ୍ଥାନରେ ଦେଖାଯାଉଅଛି ଓ ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ମୋଗଲବନ୍ଦୀର କେତେକ ସ୍ଥାନରେ ପ୍ରବଳ ବତାସ ଓ ବର୍ଷା ହୋଇଅଛି ।

ଏଠାରେ ନୂତନ କଲ ସାମ୍ନାରେ ଦେଶୀ ଲୋକ ଥିବା ଆଗ୍ରମ ମଙ୍ଗଳବାର ବାହାସର ସହିତ ଚାଲୁଅଛନ୍ତି । ସ୍ୱାସ୍ଥ୍ୟରକ୍ଷାର ନିୟମ କରା ଯାଉ ।

ପଞ୍ଚିମ ଦ୍ୱାରର ନିକଟ ବାହାର ଘରୁ ସେଠାରେ ଗୋଟିଏ ୫ ବର୍ଷର ବାଳକ ସହ ଲୁଗୁଡ଼ା ଶାରଦୁଆକୁ ସେ ବାହାର ବାଡ଼ିକୁ ମୁଖରେ ଦାବି ଦାଗ ହୋଇଥିବା ଘଟଣାରେ ଗତ ସୁକ୍ରବାର ଡା। ମାଃ ବାବୁ ନଗେନ୍ଦ୍ରନାଥ ଦତ୍ତଙ୍କ ଦସ୍ତୁରରେ ଅସାମୀକୁ ମାସେ ସଶ୍ରମ ଦଣ୍ଡ ହୋଇଅଛି ।

ଏଠି କଲେକ୍ଟରୀ ହତାର ଈଶାନ କୋଣରେ ଥିବା ମଉକଲଙ୍କର ପାଇଖାନା ଅତ୍ୟନ୍ତ ଅପରିଷ୍କାର ଓ ଦୁର୍ଗନ୍ଧ ହୋଇଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଭରସାକରୁଁ ଏଠା ମ୍ୟୁନିସିପାଲିଟିର ଦୃଷ୍ଟି ଆକର୍ଷଣ କରି ଓ ଯଥାର୍ଥ ହେଲେ ସୁବ୍ୟବସ୍ଥା ହେବ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଦକ୍ଷିଣ ପାର୍ଶ୍ୱର ପୋଷ୍ଟ ଅଫିସ ପାଖ ଗଳିରେ ମଦ୍ୟପାନ ବିକ୍ରି ଦୋକାନ ପାଖରେ ଗୋଟିଏ ପଦ୍ମ ମଠିଆ ଛଟିବାର ଦେଖି ଲୋକେ ଆନନ୍ଦ ହୋଇଅଛନ୍ତି । ଜଳରେ ମଠିଆ ଭାସିବା ଅଶୁଭ କି ?

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଟାଙ୍ଗି ଘାଟିର ମୁନସି ଚୌଧୁରି ହାଟର ପ୍ରକାଶ କି କର ଉଠାଉଅଛନ୍ତି ତାହା ଗରିବ ଲୋକମାନଙ୍କ ପକ୍ଷରେ ଅସହ୍ୟ ହୋଇ ପାରୁ ନାହିଁ । ଏଠା ଚୌଧୁରୀ ଗ୍ରସ୍ତ ଅନ୍ୟାୟ କରେ ପଡ଼ିବାରୁ ତାହାର ଅପମାନ ହେଲା ଓ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚରରେ ପଡ଼ିଲା ।

ମେଦିନୀପୁର ପତ୍ରପ୍ରେରକ ଲେଖିଅଛନ୍ତି କି ଟାଙ୍ଗି ନିକଟ ସବ-ପୋଲ ଥାନାର ଜଣେ ନବ ଭୂତା ଦୁର୍ଦ୍ଦଶା ଅତ୍ୟାଚାର କରାଯାଇଛି ଏବଂ ପଞ୍ଚାୟତରେ ରେଲବାଟରେ ଘୋଡ଼ାଇ ଦେଲା । ରେଲବାଟ ପାଖରେ ଦେଖି ତାହାକୁ ମୃତ୍ୟୁ ହେବାରେ କେହି ଜାଣି ନାହାନ୍ତି ।

ବଙ୍ଗୀୟ ମାନ ବନ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ବାହାଦୁରଙ୍କ ପ୍ରାଇଭେଟ ସେକ୍ରେଟେରୀ ଜନ ଗ୍ରେଭସ୍ ବିନ୍ଦଲ ମାନ୍ୟବର ପାମ-ଲ୍ଟନ ଅଫିସିଅଲ ସେକ୍ରେଟରୀ ଏବଂ ବାବୁ ହେମଚନ୍ଦ୍ର ମିତ୍ର ତୃତୀୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।—ଗା ବା

ବାଲେଶ୍ୱର ମ୍ୟୁନିସିପାଲିଟିର ଟିକସ ଦାତାମାନେ ସହରର ଶୋଭାବର୍ଦ୍ଧନ ମୋକଦ୍ଦମାରେ ହାଜତରେ ଥିଲେ ସେମାନେ ଜାମିନ ହେବାର ଅଦେଶରେ ପ୍ରତ୍ୟେକ ଏକଶହ ଟଙ୍କା ଲେଖାଏଁ ଜାମିନରେ ଖଲାସ ପାଇଅଛନ୍ତି । ଶ୍ରୀଯୁକ୍ତ ଯଜ୍ଞେଶ୍ୱର ଗିରି ମୁନ୍‌ସିଫ ଜଜ୍‌ଙ୍କ ଉପସ୍ଥିତିରେ ଅସାମିମାନଙ୍କର ପକ୍ଷ ସମର୍ଥନ କରିଥିଲେ ।—ବାଃ ସଃ ଡାଃ

ବାଲେଶ୍ୱର ପୁଲିସ ସେଠା ମ୍ୟୁନିସିପାଲିଟିର କରଦାତାମାନଙ୍କର ଗତ ବର୍ଷର ଟିକସ ଆଦାୟର ପାଇଁ ଥାନାରେ ସତ୍ତ୍ୱ ବଜାୟ ରଖୁଅଛନ୍ତି । ଏଥିପାଇଁ ବେଲେଇ ଥାନାରେ ଭିଡ଼ ହେଉଅଛି ।—ବାଃ ସଃ ବାଃ

ଦୁଇ ଜଗନ୍ନାଥ ତ୍ରିବେଦୀ ସନ ୧୯୦୮ ସାଲରେ ପ୍ରିଭିଡ ଲମରପଲ ନରସିଂହ ଲକ୍ଷଣ ଜାମିନ ବୃତ୍ତିକ ଜ୍ଞାନାଳ୍ପ ଦେଇଥିଲେ । ତାହା ଯଥା ଏବା ଅଭିଯୋଗରେ ଥିଲା ସୁଲଭ ବିଚାର ପ୍ରଶ୍ନ ଓ ମାନହାନି ଏବଂ ଜଜ୍‌କୋର୍ଟଙ୍କ ମାଜିଷ୍ଟ୍ରେଟଙ୍କ ବିଚାର ନିମନ୍ତେ ପଠାଯାଇଛି । ସୁତରାଂ ସମାଚାର ଓ ପ୍ରକାଶକମାନେ ଖାଲାସ ।—ସଂ ଃ

କଲିକତା ହାଇକୋର୍ଟର ବଡ଼ଲାଟ ଅଦେଶ ଦେଇଅଛନ୍ତି କି ବି, ଏଲ, ପାସ କରିବା ଅଭ୍ୟାର୍ଥୀମାନେ ତିନି ବର୍ଷ ଆର୍ଟିକଲ କ୍ଲର୍କ ଓକାଲତି କରିପାରିବେ ।—ଓଃ ବାଃ

Digitized by srujanika@gmail.com

## ଯାଜପୁର ସମ୍ବାଦ ।

ଏ ସପ୍ତାହରେ ଯଥେଷ୍ଟ ଗ୍ରୀଷ୍ମ ଅନୁଭବ ହେଉଅଛି । ଗତ ବୁଧବାର ଏକଘଣ୍ଟା କାଳବୈଶାଖୀ ହେବାରୁ କାହିଁ ଥଣ୍ଡା ପଡ଼ିଅଛି ।

ଏଠା ଡେପୁଟୀ ଅଦାଲତରେ ମକଦ୍ଦମାର ସଂଖ୍ୟା କାହିଁ ବୃଦ୍ଧି ହୋଇଥିବାରୁ ଶ୍ରୀଯୁକ୍ତ ବାବୁ ନିର୍ମଳଚନ୍ଦ୍ର ମିତ୍ର ଏକ୍‌ସଟ୍ରା ମୁନସଫ ବାଲେଶ୍ୱର ମଧ୍ୟମଧ୍ୟ ଆସି ଏଠାରେ କାର୍ଯ୍ୟ କରୁଅଛନ୍ତି ।

ବର୍ତ୍ତମାନ ଉଚ୍ଚ ଜାଜପୁର ମୌଜା ଯତ୍ନନାଥ ବଦାଲୁଗା ସୀ ମହମ୍ମଦ ମୁନ୍‌ସେଫ ନିଷ୍ପତ୍ତି ପ୍ରଥମ ଶ୍ରେଣୀ ଜଜ୍ ସୁର ଶାମନ ଦାଖଲ ଚାଲାନ ଏହି ପ୍ରକାର ଦସ୍ତାବର ଆପଣା ସ...ଦିଅଥିବା ଅଂଶରେ ସୁଦରର ସ୍ୱାମୀ କାଳସମ୍ପଦ ମୋକଦ୍ଦମା ଚଳୁଅଛି ।

ମାଟ୍ରିକ୍ୟୁଲେସନ ଜନପୁର ମୌଜାର ବାବୁ ଜଗମୋହନ ଦାସ ଯେ ଜ ମୁଖ୍ୟମାନ କେନ୍ଦ୍ର କଲ୍ୟାରେ ସାମାନ୍ୟ ମୋହର ଠାରୁ ମାନେଜର ପର୍ଯ୍ୟନ୍ତ ଉଠିଥିଲେ ଓ ପରେ ନଇଶ୍ୟପୂର୍ବକ ମାନେଜର ହୋଇ ସୁଖ୍ୟାତି ସହିତ କାର୍ଯ୍ୟ କରି ମାସିକ ୫୦ ଟଙ୍କା ପେନସନ ପାଇଥିଲେ ସେ ଗତ ତା ୭ ରଖ ଅପରାହ୍ଣରେ ମୃତ୍ୟୁଶଯ୍ୟାରେ ଆପଣା ବସଠାରୁ ପଦବ୍ରଜରେ ଆସି ରାସ୍ତାରେ ଯାଜପୁରରେ ବୈଠକ ଓ ତହିଁ ଅଜେନ ପର୍ଯ୍ୟନ୍ତ ତା ୪ ରଖ ରାତ୍ରି ତାଙ୍କର ଶରୀର ବେଦନା ଅନୁଭବ ହୋଇ ୬ ମାସ ଦେବତା ବଢ଼ି ଦଦା ଦ ୧୧ ଘଣ୍ଟା ସମୟରେ ପରଲୋକ ପ୍ରାପ୍ତ ହୋଇଲେ । ଜଗମୋହନ ବାବୁ ଜଣେ ନ୍ୟାୟପରାୟଣ ନିରପେକ୍ଷ ଓ ଧର୍ମଭୀରୁ ଲୋକ ଥିଲେ । ତାଙ୍କ ମୃତ୍ୟୁରେ ସମସ୍ତେ ଦୁଃଖିତ ହୋଇଅଛନ୍ତି ।

ଏବର୍ଷ ଅମ୍ବଫଳ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ଯାହା ଯାହା ଅଛି ଦୁର୍ମୂଲ୍ୟ ହେବାରୁ ଗରିବଲୋକଙ୍କୁ ସାଧାରଣ ଲୋକ ପାଇବାର ଦୁର୍ଲଭ ହୋଇଅଛି ।

ଭେଟିଂ ଷ୍ଟେସନ ଇତ୍ୟାଦି ପାଇଁ ... ପତି ସଭ ଓ ବର୍ତ୍ତମାନ ପେନସନ ଦାର ଅନନ୍ତପୁର ମୌଜାର ଶ୍ରୀ ଗୋପୀନାଥ ଦାସ ଅନ୍ୟୂନ ସତୁରି ବର୍ଷ ଓ ମାତ୍ରଠି ମାମଲାରେ ଏକମାସ କଏଦ ଓ ୫୦ ଟଙ୍କା ଜରିମାନା ହେବାରେ ଅଗାମୀ ଅପିଲରେ ଜାମିନରେ ଖଲାସ ହୋଇଅଛି ।

## ଭୁବନେଶ୍ୱର ସମ୍ବାଦ ।

ଭୁବନେଶ୍ୱର ରଥଯାତ୍ରା ମଧ୍ୟରୁ ଚନ୍ଦନ ଦର୍ଶନରେ ହଡ଼ାମହାଜନମାନେ ହଡ଼ାମାରୁ ୧୦୦ ଗୋଟି ଗୋରୁ ହାଟ ଗାଁ ମାନଙ୍କଠାରୁ କ୍ରୟ କରିନେଲେ । ମେଣ୍ଟାଶାଳରେ ୩୦ ଗୋଟି ଗୋରୁ ଏବଂ ଖେସୁର ଗ୍ରାମରେ ୫୦୦ ଶତ ହଡ଼ାଗୋରୁ ହାଟ ଗାଁମାନଙ୍କଠାରୁ କିଣାଇ ମହାଜନମାନେ ଖରିଦକରି କଲିକତା ପ୍ରେରଣ କରୁଅଛନ୍ତି ।

ମହମ୍ମଦୀୟ ଧର୍ମାବଲମ୍ବୀ ମୁସଲମାନମାନଙ୍କ ଉଦର (ଗୋଦା) ପୂରଣ ପାଇଁ କେବଳ ପ୍ରାଣବଧ କରିବା କାରଣ ଏସାରେ କିପ୍ତ ବେଉଅଛି କି ?

ଗତ ତା ୭ ରଖ ଶନିବାରଦିନ ଲିଙ୍ଗରାଜ ଦେବଙ୍କ ଶ୍ରୀ ମନ୍ଦିରରୁ ସମଗ୍ର ଚିତ୍ର ନାମକ ଜଣେ ଦାଣ୍ଡି ମହାପ୍ରସାଦ କଣ୍ଢେଇ ଦେଉଳ ବେଲାମଧ୍ୟରେ ଲୋଡ଼ାଥିଲା ସଙ୍ଗେ ଖାଉଥିବା ସମୟେ ଅନ୍ଧାରରେ ମୂଳରୁ ସନ୍ଥ ସନ୍ଥ ଭଣ୍ଡୀଥ ଲମ୍ବା ପୋକଦେଖି ବାଡ଼ିକଲା । ଆ ପୋକର ପଶ୍ଚିମା ଦା ବଳ ଓ ଅନ୍ୟାନ୍ୟ କାର୍ଯ୍ୟକ ଦେଖିଲା । ଜନସାଧାରଣ ଦେଖାରୁ ସଙ୍ଗରେ ନେଇଗଲା । ଶ୍ରୀ ଯୁ ପେଦହରେ ବାବୁଙ୍କ ପୋକ ଦେଖାଇଲା ।

ଗତ ଶବ ଯେବେକମାନେ ମନ୍ଦିର ୧୦୦୦ ଟଙ୍କାରେ କିଣା କରିବା ବେଡ଼ାଲେ ଅଛନ୍ତି ।



ଲିଙ୍ଗରାଜ ଦେବଙ୍କର ଚାଟିଏ ଜମିମାନ ସେବକମାନେ କିଣା ଦଖଲ କରୁଅଛନ୍ତି । ଏ ବିଷୟ ବୁଝିବାକୁ କେହି ସ୍ୱାଧୀନ ଜୀବନ କାର୍ଯ୍ୟ କ୍ଷେତ୍ରରେ ଦଣ୍ଡାୟମାନ ହୋଇ ବର୍ତ୍ତମାନ ଗବର୍ଣ୍ମେଣ୍ଟଙ୍କ ଜଣାନ୍ତେ ତାହାହେଲେ ନିଶ୍ଚୟ ଗବର୍ଣ୍ମେଣ୍ଟ ବୁଝନ୍ତେ ।

## ପୁରୀସମ୍ବାଦ ।

ତା ୮ ରଖ ବୁଧବାର ଚନ୍ଦନ ଯାତ୍ରା ଶେଷହେଲା ସେଥାଂଶରେ ଯାତ୍ରି ବହୁ ବେଶୀ ହୋଇଥିଲେ । ଏହି ପୈ ଲେକ ଦଳ ସଙ୍ଗରେ ସମସ୍ତେ ଚେଷ୍ଟା କାଠ ଗ୍ଲାସ ନୌକାର ମୃତପାଶରେ ଶଙ୍କାହୋଇ ଜଳବା ସମସ୍ତେ ଅତି ସୁନ୍ଦର ହୋଇଥିଲା ।

ଚନ୍ଦନଯାତ୍ରା ମଧ୍ୟରେ ନୃସିଂହ ଚତୁର୍ଦ୍ଦଶୀ ପଡ଼ିଥିବାରୁ ସେଦିନ ସିଂହଦ୍ୱାର ବେଢ଼ ହେଉ ନ ଥିଲା । କେବଳ ଗତ ପୂର୍ଣ୍ଣିମା ତା ରଖମାନେ ଫେରିଅଛନ୍ତି । କିନ୍ତୁ ଏବର୍ଷ ମେନେଜର ବାବୁ ମାଦଳାପାଞ୍ଜିରେ କେବଳ ହଳଦପାଣି ଛଡ଼ା ଅନ୍ୟ କୌଣସି ଦିନ ଗୃହ ଗୃହରେ ନଥିବାର ଦେଖି ଅଦେଶ ଦେବାରେ ଉକ୍ତ ଚତୁର୍ଦ୍ଦଶୀ ଗୃହରେ ସାଦମତ ଗୃହ ହୋଇଥିଲା ।

ଗତ ବୈଶାଖ ଶେଷ ସୋମବାର ଶ୍ରୀ ଲୋକନାଥ ଦେବଙ୍କ ମେଳାରେ ଏ ବର୍ଷ ଜନସଂଖ୍ୟା ଅତ୍ୟଧିକ ହୋଇଥିଲା । ପ୍ରାୟ ୭୦ ହଜାର ଯାତ୍ରୀ ମଧ୍ୟରୁ ଅଧିକାଂଶ ପୁରୀ ମଫସଲବାସୀ ଥିଲେ ହଜାର ନୈବେଦ୍ୟପୂର୍ଣ୍ଣ ଗାଡ଼ିରେ ରାସ୍ତା ପୂର୍ଣ୍ଣ ହୋଇଥିଲା । ଏତେ ଲୋକ ଓ ଗାଡ଼ି ବହୁକାଳରୁ ଦେଖା ନ ଥିଲା ? ସନ୍ଧ୍ୟା ପୂର୍ବେ ଅଧିକାଂଶ ଲୋକ ଗୃହ ଯାଇଥିଲେ ।

ଗତ ଶନିବାର ଦିନ ଗୃହ ହେବା ସମୟରେ ଦୋଳମଣ୍ଡପ ସାହିର ଗୋଟିଏ ଦ ୧୦ ବର୍ଷ ବୟସର ବ୍ରାହ୍ମଣ ପିଲା କଠର ନଦୀରେ ବୁଡ଼ିଯାଇ ମରି ଭାସୁଥିବାର ଦେଖାଗଲା । ଛୋଟ ଛୋଟ ପିଲାମାନଙ୍କୁ ଏକାକୀ ଜଳରେ ସନ୍ତରଣ କରିବାକୁ ଯିବାକୁ ଦେବା ଉଚିତ ନହେ ।

ପାଚିଲା ଆମ୍ବ ଏ ବର୍ଷ ଦୁଣ ଓ ଦର ବଡ଼ ଚଢ଼ା ହୋଇଅଛି ।

ବିଗତ ଦିନ ରଥର ସମସ୍ତ ଚକଡ଼ର କାର୍ଯ୍ୟ ଶେଷ ହୋଇଅଛି । ସେହି ଦିନ ସେହି ଦିଅଁ ଶାସ୍ତ୍ରଙ୍କର ସେଷ ଗ୍ରହ ମାନେକର ମହାଶୟଙ୍କ ତତ୍ତ୍ୱବୃଦ୍ଧି ରହିଅଛି ।

ବଦଳେ ସୀତ ହେଉଅଛି । ମେଘ ଦେଖାଯାଏ ବାହାର ଥିଲେ ବର୍ଷା ହୋଇ ନାହିଁ ।

ଉତ୍କଳ ଏହି ସପ୍ତାହ ଶେଷରେ ଗ୍ରୀଷ୍ମାବକାଶ ସକାଶେ ବନ୍ଦ ହେବ ।

## ଅନୁଗୁଳ ସମ୍ବାଦ ।

କଟକ ଜିଲ୍ଲା ଦାରୋଗାଙ୍କ ନାମକ ଏକଜଣ ଚତ୍ର ତହସିଲଦାର ବେଢ଼ା ମୌଜାରେ ରହି ଉତ୍କଟ ଦେଶୀ କଷ୍ଟ ଭୋଗ କରୁ ଅଛି ।

ହିମାଳୟ ମୌଜାର ଏକଜଣ ଲୋକ ଭାଲୁଙ୍କ ଉପରକୁ ୨୦୦ ଥର ଗୁଳି ଛାଡ଼ି ଦୁର୍ଭାଗ୍ୟ ବଶତଃ ଗୁଳି ସେ ଲୋକ ଆହତ ହୋଇଅଛି । ମାତ୍ର ଜୀବନ ଅଛି ।

ଚନ୍ଦ୍ରପୁର ଗ୍ରାମ ନିକଟ ଚନ୍ଦ୍ରମୂଳ ପାଟଣା ମୌଜାରେ ଅନ୍ତର୍ଗତ ସ୍ଥିତ ନାମକ ଏକଜଣ ଧନୀ ଲୋକ ଏହାର ବନ୍ଧୁକ ଯେ ଲେଖକ ଲିଖୁଛନ୍ତି ଓଷଧର ଦରା ସାଥି ଉମେଦରେ କାଟିବାର କରନ୍ତି । କେତେ ଲୋକ ସନ୍ଦେହ କରନ୍ତି ନ କରୁ କେତେ ଦେଖି ମୂର୍ଖ ଲୋକେ ନାହିଁ ।

ଚଢ଼କ ପ୍ରସଙ୍ଗରେ କଷ୍ଟ, ସାମଗାଡ଼ିଆ, ନୂଆସେଠା ଓଡ଼ିଆ ମୌଜାମାନଙ୍କର ବାସର ଉପରୁ ବହେ ଶ ଦେଇ ଅଛି ପ୍ରାୟ ସବୁଦିନ ମନୁଷ୍ୟ ନଷ୍ଟ ହେଉଅଛି ।

## ସଧାରଣ ସମ୍ବାଦ ।

ମାନ୍ୟବର ପଣ୍ଡିତ ସୁନ୍ଦରଲାଲ ଏଲାହାବାଦ ପ୍ରଥମ ଅଡ଼ିସନ୍ ସିଭିଲ ଜଜ୍‌ଙ୍କ ପଦରେ ଏକଟିଂ ନିଯୁକ୍ତ ହେଲେ । ସେ ଏହି ଉଚ୍ଚ ପଦରେ ଏଥିପୂର୍ବେ କେହି ଦେଶୀୟ ଲୋକ ନିଯୁକ୍ତ ହୋଇ ନ ଥିଲେ ।

ସ୍ଥାନୀୟ ଗଭର୍ଣ୍ଣମେଣ୍ଟ ହିନ୍ଦୁ ସ୍ତ୍ରୀଙ୍କ ବରଷା ନଗର ବଙ୍ଗ ଏବଂ ବିହାର ଭାରତରେ ଅଧିକ ଅନଦାଜି ହେଉଅଛି ।

## ପତ୍ର ପ୍ରେରକଙ୍କ ପ୍ରତି ।

ଶ୍ରୀମତୀ ଚନ୍ଦ୍ରମାତା—ଆପଣଙ୍କ ପତ୍ରିକାରେ ପ୍ରଶ୍ନ ବାହା ଦେଇଥିବା ସେହିଠାରୁ ଉତ୍ତର ପଠାଇବା ନିୟମ ଅଟେ । ଏଣୁ—ସାର୍ଟ ଯାନଯୋଗାଇବାକୁ ଅକ୍ଷମ ।

ଶ୍ରୀ ସ ଭ ଟି ଅସମ୍ଭବ—ବିଷୟର ଏକ ସ୍କୁଲ ଉଠିବାର ପ୍ରସ୍ତାବ ହୋଇଅଛି ତ ନା ସେଥିରେ ଅନେକ କଥା ନ ଥିବାରୁ ପ୍ରକାଶ କରିବାର ଆବଶ୍ୟକ ହେଉ ନାହିଁ !

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମହାଶୟ;—

ଏକାଦଶୀବ୍ରତ ଜୁଆତ୍ରା ବା ଦ୍ରାତା ଭଗିନୀ ଅଥବା ଜୁଆଁ ଭଗିନୀ ଏକଠାରେ ଏକଥିରେ ବିବାହ ହେବା ବିଷୟରେ କନୁନ ମତ ଥିଲେହେଁ ଦେଶରେ ଅନେକ ସ୍ଥଳରେ ଲୋକମାନେ କରିଯାଉଥିବାର ଦେଖାଯାଏ । ଏପରି ସ୍ଥଳରେ କୌଣସି ଅଶୁଭ ଘଟଣା ଘଟିଲେ କନୁନମତ ନଦେଇ ଲୋକେ ଅନୁତାପ କରନ୍ତି ।

ଏତଦ୍ଦ୍ୱାରା ଶ୍ରୀ କ୍ଷେତ୍ରସ୍ଥ ମୁକ୍ତିମଣ୍ଡପ, ଅର୍ଥ୍ୟ-ନୀତି ପ୍ରଦୀପ ପ୍ରଭୃତି ସଭ୍ୟ ଓ ଅନ୍ୟାନ୍ୟ ପ୍ରସିଦ୍ଧ ପଣ୍ଡିତମାନଙ୍କୁ ସାନୁନୟ ପ୍ରାର୍ଥନା ଯେ ସେମାନେ ଏ ବିଷୟର ଶାସ୍ତ୍ରୀୟ ପ୍ରମାଣ ସମ୍ବାଦପତ୍ରରେ ପ୍ରକାଶ କରିବାଦ୍ୱାରା ସର୍ବସାଧାରଣର ସନ୍ଦେହ ମୋଚନ କରନ୍ତୁ । ଇତି ।

ତା ୮।୬।୦୯ } ବଶମ୍ବଦ
} ଶ୍ରୀ ଦାମୋଦର ଦାସ

---

ଶ୍ରୀ ଶ୍ରୀଃ ଯାଉ—

ଶ୍ରୀଳ ଶ୍ରୀଯୁତ, ମାନ୍ୟବର, ଉତ୍କଳଦୀପିକା ସମ୍ପାଦକ ମହାଶୟ—ସମୀପେଷୁ

ମହାଶୟ !

ଦେଶରେ କୌଣସି ପ୍ରକାର ଅଭାବ ଓ ଅଭିଯୋଗ ଉପସ୍ଥିତ ହେଲେ ସମ୍ବାଦ ପତ୍ରରେ ଆନ୍ଦୋଳନଦ୍ୱାରା ଉପକାର ହୋଇ ଥାଏ ସମ୍ପ୍ରତି ଧର୍ମ ବିପ୍ଳବ ଉପସ୍ଥିତ ହୋଇଅଛି ଅତଏବ ଅନୁରୋଧ ଯେ ନିମ୍ନଲିଖିତ ପତ୍ରକୁ

ଆପଣଙ୍କ ଉତ୍କଳୀୟ ପତ୍ରିକାରେ ପ୍ରକାଶ କରି ସମ୍ପାଦକୀୟ ସ୍ତମ୍ଭରେ ଏ ବିଷୟର ଆଲୋଚନା କଲେ ଧର୍ମ ରକ୍ଷା ହେବ ।

ଚୈତ୍ର ଶୁକ୍ଳାଷ୍ଟମୀରେ ଶ୍ରୀ ଲିଙ୍ଗରାଜ ଦେବଙ୍କର ରଥ ଯାତ୍ରା ହୁଏ । ଗତ ଅଶୋକାଷ୍ଟମୀ ସୋମବାର ଦିନ ଦ ୮ ଣ୍ଡ ପର୍ଯ୍ୟନ୍ତ ଥିଲା । ସେହି ଦିନ ଶ୍ରୀଲିଙ୍ଗରାଜ ଦେବଙ୍କର ରଥଯାତ୍ରା ହେବାର ଉଚିତ ଥିଲା । ଯେହେତୁ ଏହିପରି ପ୍ରମାଣ ଅଛି ଯେ "ଶୁକ୍ଲପକ୍ଷେଽଷ୍ଟମୀ ଚୈତ୍ରେ ଶୁକ୍ଲପକ୍ଷେ ଚତୁର୍ଦ୍ଦଶୀ । ପୂର୍ବବିଦ୍ଧା ନ କର୍ତ୍ତବ୍ୟା କର୍ତ୍ତବ୍ୟା ପରସଂଯୁତା"। ଅଷ୍ଟମୀଂ ସପ୍ତମୀ ବିଦ୍ଧାଂ ନୈବକୁର୍ଯ୍ୟାତ୍ କଦାଚନ । ଅଷ୍ଟମୀ ନବମୀବିଦ୍ଧା କର୍ତ୍ତବ୍ୟା ଚେତ୍ତ୍ୱିତାଫଳା"। କିନ୍ତୁ କେତେକଣ ନୂତନ ପଣ୍ଡିତଙ୍କର ଆଗ୍ରହରେ ରବିବାର ଦିନ ହୋଇଗଲା । ସେମାନେ କହନ୍ତି ଅଷ୍ଟମୀ ଦିବସର ପଞ୍ଚମ ଭାଗରେ ଅଷ୍ଟମୀ ନ ଥିବାରୁ ରବିବାର ଦିନ ହେବା ଉଚିତ ହୋଇଅଛି ।

ଏଥିରୁ ଜଣାଯାଏ ଯେ ଅଷ୍ଟମୀ ଥିବା ଦିବସର ପଞ୍ଚମ ଭାଗ କେବଳ ଅଶୋକ କଳିକା ପାନର ମୁଖ୍ୟ କର୍ମକାଳ ଅଟେ କିନ୍ତୁ ରଥଯାତ୍ରାର ମୁଖ୍ୟ କର୍ମକାଳ ସୋଦୟ ତିଥି ମୂର୍ତ୍ତି ଅଟେ । ଅତଏବ ଶ୍ରୀ ମୁକ୍ତିମଣ୍ଡପ ପଣ୍ଡିତମାନେ ପଞ୍ଜିକା ସଂଶୋଧନ ନ କରି ଯେପରି ସିଦ୍ଧାନ୍ତ କରି ଅଛନ୍ତି ତାହା ସମୀଚୀନ ହୋଇଅଛି । ଏ ବିଷୟରେ ବୃହତ୍ ବ୍ୟବସ୍ଥା ଲେଖିବାର ସଂଯୁ ଅଗରେ ଥିବାରୁ ସଂକ୍ଷିପ୍ତ ଉଦ୍ଧୃତ କରୁ ହୋଇଅଛୁ ।

ଅଧୁନା ନିମ୍ନଲିଖିତ ହେତୁରୁ ଏ ବିଷୟର ଆନ୍ଦୋଳନ କରିବା ଉଚିତ ବୋଧ କରୁଅଛୁ । ଯଥା ଶ୍ରୀ ମୁକୁନ୍ଦ ଦେବ ମହାରାଜଙ୍କର ଅ ୧୨ ଙ୍କ ଅର୍ଥାତ ସନ ୧୮୮୯ ସାଲରେ ଅଷ୍ଟମୀ ଦ ୮।୧୯ ଲଗ୍ନଥିବା ଦିନ ସଦାଶିବ ଜ୍ୟୋତିଷ ଲେଖିଥିଲେ ଯେ ଅଦ୍ୟ ଅଶୋକ କଳିକା ପାନ, ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ରଥଯାତ୍ରା ଓ ଶ୍ରୀ ସୀମନ୍ତିନୀ ବ୍ରତୋପବାସ । ପଞ୍ଜିକା ଲେଖା ଅନୁସାରେ ଏଠାରେ ସେହି ଦିନ ରଥ ଯାତ୍ରା ହୋଇଥିଲା । ଅତଏବ ବକ୍ତବ୍ୟ ଯେ ଜ୍ୟୋତିଷ ମହାଶୟ ସେତେବେଳେ ତାହା ସବୁ ଉପର ଲେଖିଲେ । ସମ୍ପ୍ରତି ଦ ୮ ଣ୍ଡ ଥିବା ଦିନ ଷଷ୍ଠି ପଦାଦନ ଅଶୋକ କଳିକା ପାନ ଓ ଶ୍ରୀ ଲିଙ୍ଗରାଜଦେବଙ୍କର ରଥଯାତ୍ରା ଉପର ଲେଖିଲେ । ଆଉ ମଧ୍ୟ ବକ୍ତବ୍ୟ ଯେ ମନ୍ଦିରର କର୍ତ୍ତୃପକ୍ଷ ଦ ୯ ଣ୍ଡ ଥିବା ଦିନ ରଥଯାତ୍ରା ଉପର କଲେ । ସମ୍ପ୍ରତି ଦ ୮ ଣ୍ଡ ଥିବା ଦିନ ଉପର ନ କଲେ । ଶ୍ରୀଯୁକ୍ତ ଚଣ୍ଡୀଧର ବିଦ୍ୟାନିଧି ଦାସ ମହାଶୟ ମନ୍ଦିରର ସ୍ୱସ୍ୱତ୍ୱ ସେମୂଳ ଥିବା ସ୍ଥଳେ ଏପରି ବ୍ୟତିକ୍ରମ ଘଟିବା ବଡ ଆଶ୍ଚର୍ଯ୍ୟ ବୋଧ ହେଉଅଛି ।

ଆଉ ମଧ୍ୟ ଦେଖନ୍ତୁ ଏହିପରି ଶ୍ରୀ ଦିବ୍ୟସିଂହ ଦେବଙ୍କର ଅ ୨୧ ଙ୍କ ଓ ଅ ୨୨ ଙ୍କରେ ପାଞ୍ଚ ସାତ ଦଣ୍ଡ ଥିବା ଦିନରେ ପଞ୍ଜିକାକାର ଲେଖିଅଛନ୍ତି ତଦନୁସାରେ ମନ୍ଦିରର ଯାତ୍ରା ମଧ୍ୟ ହୋଇଅଛି । ଅତଏବ କହୁଅଛୁ ଯେ ଆପଣ ସମ୍ପାଦକୀୟ ସ୍ତମ୍ଭରେ ଆନ୍ଦୋଳନ କରି ପଣ୍ଡିତମାନଙ୍କଠାରୁ ବ୍ୟବସ୍ଥା ସଂଗ୍ରହ କରି ପ୍ରକୃତକଥା ପ୍ରଚାର କରନ୍ତୁ ଏବଂ ମନ୍ଦିରର କର୍ତ୍ତୃପକ୍ଷ ମଧ୍ୟ ସେହିପରି ସମସ୍ତ ପଣ୍ଡିତମାନଙ୍କଠାରୁ ବ୍ୟବସ୍ଥା ସଂଗ୍ରହ କରି ଭ୍ରମ ସଂଶୋଧନ କରନ୍ତୁ । ଏପରି କଲେ ଭବିଷ୍ୟତରେ ଧର୍ମରକ୍ଷା ହେବ ଏବଂ ସେମାନଙ୍କର ଯଶୋଷ୍ଟି ସୁପ୍ରତିଷ୍ଠିତ ହେବ । ପ୍ରକୃତରେ ଏହାର ଲକ୍ଷଣ ଯେ ଫଳଦ୍ୱୟ ପର ଅଶୋକ କଳିକା ପାନର କର୍ମକାଳ ପୃଥକ୍ ଓ ରଥଯାତ୍ରାର କର୍ମକାଳ ପୃଥକ୍ ଅଟେ । ବହୁ ଲୋକମାନେ ଯାତ୍ରା କରନ୍ତି ଅଶୋକକୁଣ୍ଡରେ ସ୍ନାନ କରି ଅଶୋକକୁସୁମଦ୍ୱାରା ଭଗବାନ ସଦାଶିବଙ୍କୁ ପୂଜା କରନ୍ତି । ତାହାର ପ୍ରକୃତ ଉତ୍ତର ଏହି ଯେ ଏଠାରେ ଅଶୋକକୁଣ୍ଡ ସ୍ନାନ ରଥଯାତ୍ରାର ଅଙ୍ଗ ଅଟେ । ତାହା ରଥଯାତ୍ରା ଦିନ ହେବ । ସେହେତୁରୁ ସ୍ମୃତିଗ୍ରନ୍ଥମାନେ ଲେଖିଅଛନ୍ତି ଯେ ।—

ଚୈତ୍ରେମାସି ସିତେପକ୍ଷେ ବୁଧଲଗ୍ନେ ପୁନର୍ବସୌ ସ୍ନାତ୍ୱା ବୁଧୋଽଷ୍ଟମ୍ୟାଂ ବାଜପେୟଫଳଂ ଲଭେତ୍ ।୧। ଏହାହିଁ ସିଦ୍ଧାନ୍ତ ଅଟେ ଯେ ସ୍ନାନ ବିଧି ଦିବସର ପଞ୍ଚମଭାଗ ଅଶୋକ କଳିକା ପାନର ମୁଖ୍ୟକର୍ମକାଳ ଓ ସୋଦୟ ତିଥିମୂର୍ତ୍ତି ରଥଯାତ୍ରାର ମୁଖ୍ୟ କର୍ମକାଳ ଅଟେ ।

ମୁଖ୍ୟଃକାଲୋ ନଶୀଥଃ ଶିବଜନି ଯଜନେ ଗୌଣ ଏଷ ପ୍ରଦୋଷେ ମୁଖ୍ୟେଚଷ୍ଟବ୍ରତଂ ସ୍ୟାନ୍ମଦନଯୁଜ ତଥୌ ଦର୍ଶଯୋଗସ୍ତୁ ବର୍ଜ୍ୟଃ । ଚୈତ୍ରେ ଶୁକ୍ଲାଷ୍ଟମୀ ଯା ରଥ ଗମନ ବିଧୌ ସୋଦୟା ସା ପ୍ରଶସ୍ତା । ମଧ୍ୟାହ୍ନାଦଲ୍ପରଂ ଚେନ୍ନ ଭିଲତି କଳିକାଃ ପୂର୍ବସ୍ମେ ପ୍ରପେୟାଃ

ଅର୍ଥ; ଶିବରାତ୍ରିରେ ନିଶୀଥ ମୁଖ୍ୟକର୍ମକାଳଅଟେ ପ୍ରଦୋଷ କାଳରେ ଏହା ଗୌଣ ଅଟେ, ତ୍ରୟୋଦଶୀ ଯୁକ୍ତ କରି ମୁଖ୍ୟକାଳରେ ବ୍ରତ କରିବ ଅମାବାସ୍ୟା ଯୋଗ ତ୍ୟାଜ୍ୟ ଅଟେ । ଚୈତ୍ର ଶୁକ୍ଲାଷ୍ଟମୀ ରଥଯାତ୍ରା ବିଷୟରେ ସୋଦୟ ପ୍ରଶସ୍ତ ଅଟେ । ମଧ୍ୟାହ୍ନ ପରେ ଅଷ୍ଟମୀର ଲାଭ ନ ହେଲେ ପୂର୍ବଦିନ ଅଶୋକ କଳିକା ପାନ କରିବ । ଅଲମତି ବିସ୍ତରେଣ ।

୨୫।୪।୦୯ ଶ୍ରୀ ସାବନ୍ଧୁ ରଥ ଶର୍ମା କାବ୍ୟତୀର୍ଥ
ଦେଉ ପଣ୍ଡିତ ବୁକେଶ୍ୱର ଟୋଲ

ମୂଲ୍ୟପ୍ରାପ୍ତ ।

| | | |
|---|---|---|
| ବାବୁ ଶ୍ରୀ ଶଚୀନ୍ଦ୍ରଚନ୍ଦ୍ର ବାନୁର୍ଯ୍ୟି | କଟକ | ଟ ୩ |
| „ ବାଲକୃଷ୍ଣ ନାୟକ | „ | ଟ ୨ |
| „ ବୃନ୍ଦାବନ ଦାସ | „ | ଟ ୨ |
| „ ବୃନ୍ଦାବନ ଦାସ | ଦର୍ପଣ | ଟ ୩ |
| „ କପିଳ ମଞ୍ଜ | ନରହରପୁର | ଟ ୨ |
| „ ଲିଙ୍ଗରାଜ ଶ୍ରେଷ୍ଠସିଂ | କଟଣି | ଟ ୩ |
| ରଜା । ଡ । ବଡ଼ଗଡ଼ | | ଟ ୩ |
| ବାବୁ ଶ୍ରୀ ଜଗନ୍ନାଥ ମହାନ୍ତି | ନୟାଗଡ଼ | ଟ ୩ |
| „ ଗୋପୀନାଥ ରଥ | ବଡ଼ରଣା | ଟ ୨ |
| „ ଯୋଗେନ୍ଦ୍ରଚନ୍ଦ୍ରଦେବ | ସଜନଗଡ଼ପୁର | ଟ ୩ |
| „ ଗୋପାଳଚରଣମହାନ୍ତି | ନାରାୟଣପୁର | ଟ ୩ |
| „ ପୀତବାସ ମହାପାତ୍ର | ବୌଦ୍ଧ | ଟ ୫ |
| „ ନୀଳମଣି ସିଂହ | ଦେଓଗଡ଼ | ଟ ୪ |
| „ ସୁଦାମ ମହାରଥୀ | ପିପିଲି | ଟ ୩ |
| „ ପ୍ରେସିଡେଣ୍ଟ ରାଜବାଟୀ ବାଳକାସମିତି | ଦେଓଗଡ଼ | ଟ ୩ |

# ନିଲାମୀ ଇସ୍ତାହାର

ନ ୩୦୨ ମୁଦ୍ଦଇ ଜାରି
ସନ ୧୯୦୯ ମସିହା ।

ଜିଲା କଟକ ଯାଜପୁର । ମୁ । ମୁନସଫି ଅଦାଲତ । ପଣ୍ଡିତସାହୁ ଅନ୍ତୁରସାହୁ । ସା । ଯାଜେଶ୍ୱରପୁର । ପ୍ର । ଯାଜପୁର — ଡି:

ବନାମ

ଲକ୍ଷ୍ମୀଧର ପାଣିଗ୍ରାହୀ । ସା । ବଡ଼ଭିଣ୍ଡା । ପ୍ର । ଯାଜପୁର — ଦେ:

ସନ ୧୯୦୯ ମସୀହା ମଇମାସ ତା ୧୫ ରିଖେ ଡିକ୍ରୀଦାରର । ମୁ । ଟ ୪୩୦।୬/୩ ପାଉଣା ଉସୁଲ ସକାଶେ ଦେଣଦାରର ତଳଲିଖିତ ସମ୍ପତ୍ତି ନିଲାମଦ୍ୱାରା ବିକ୍ରୟ ହେବ ।—

ତପସିଲ

କଟକଜିଲା କଲେକ୍ଟରୀ ଓ ଯାଜପୁର । ମୁ । ସବରେଜିଷ୍ଟ୍ରୀ ଏବଂ ଧର୍ମଶାଳା ଥାନା ଇଲାକାର । ପ୍ର । ଦୋଲଗ୍ରାମ । ମୌ । ବଡ଼ଭିଣ୍ଡା ଇତ୍ୟାଦିରେ ଥିବା ଦେଣଦାରର ବସୋବାସ ତସେଣିଆଘର ଗୋ ୩ ଟାଲୁ ବ ୮ ଖଣ୍ଡ ଓ ଭାଗୁଅ ଗୋ ୧ ଟାଲୁ ବ ୨ ଖଣ୍ଡ ଓ ଟୁଙ୍ଗିଘର ଗୋ ୧ ଟାଲୁ ବ ୧ ଖଣ୍ଡ ଓ ଉକ୍ତ ଘରମାନଙ୍କରେ ଥିବା କଡ ପଟା ଓସା ଶେଣୀ କାଣ୍ଡ ମଥାନ ଟୁଣ୍ଡା ଛପର ଓ କବାଟ ଚୌକାଠ ଖ ୨ ଣ୍ଡ ଓ ଘରମାନଙ୍କ ଚତୁଃପାର୍ଶ୍ୱରେ ବନ୍ଧା ହୋଇଥିବା କଅଁରବନ୍ଧୀ ପଥର ସହିତ ନିଲାମଦ୍ୱାରା ବିକ୍ରୟ ହେବ ଅନୁମାନିକ ମୂଲ୍ୟ ଟ ୧୦୧ ଙ୍କା ।

———

Split by PDF Splitter

Digitized by srujanika@gmail.com

Split by PDF Splitter




# NOTICE.

WANTED a Forest Ranger for the Kharsawan State on Rs 30 per month. He should have experience of forest work. A man trained in the Government forest Department (Singhbhum) and holding a certificate will be preferred. Apply within 20th May 1906 to the Manager, Kharsawan State, P. O. Amda ( Singhbhum ).

Himanshu Nath Chakerverti
M. A.,
Manager, Kharsawan State

ନୂତନ ଡିଟେକ୍ଟିଭ ଉପନ୍ୟାସ ! ନୂତନ ଡିଟେକ୍ଟିଭ ଉପନ୍ୟାସ !! ନୂତନ ଡିଟେକ୍ଟିଭ ଉପନ୍ୟାସ !!!

## ପୁଲୀଶ କୌଶଳ।

ମୂଲ୍ୟ—୫ ୦ ।୶

ଡାକ ମାସୁଲ ସ୍ୱତନ୍ତ୍ର।

—୦✳୦—

ଶ୍ରୀ ଉପେନ୍ଦ୍ରକୁମାର ଗୁପ୍ତ ପ୍ରଣୀତ।

ଭୀଷଣ ହତ୍ୟାକାଣ୍ଡ ! ଲୋମହର୍ଷଣ ବ୍ୟାପାର !

ଚଳନ୍ତ ଗାଡ଼ୀ ଉପରେ କପରି କୌଶଳରେ ଜଣେ ଦୁଷ୍ଟଲୋକ ଜଣଙ୍କୁ ଖୁନ କରି କପରି ନିରାପଦରେ ଲୁଚିଗଲା ଏବଂ ସେ ଦସ୍ୟୁକୁ ଗ୍ରେପ୍ତାର କରିବ ପାଇଁ ଠଗ ପୁଲୀଶର ଡାଟେକ୍‌ଟିଭମାନେ କରୂପେ ଆପଣା ଜୀବନକୁ ବିପଦଗ୍ରସ୍ତ କରି ବୁଦ୍ଧିର ପରିଚୟ ଦେଇ ତାହାକୁ ଗ୍ରେପ୍ତାର କରିଥିଲେ, ସେ ସମସ୍ତ ଏହି କୌଶଳର ସହିତ ଲିଖିତ ହୋଇଅଛି। ପୁସ୍ତକ ଥରେ ପଢ଼ିବାକୁ ଆରମ୍ଭ କଲେ ଶେଷ ନ ହେବା ପର୍ଯ୍ୟନ୍ତ ମନ ହେବେ ଶାନ୍ତ ହେବ ନାହିଁ। ଘଟନା ଗୁଡ଼ିକ ଜାଣିବାପାଇଁ ମନ ଉତ୍କଣ୍ଠିତ ହେବ। ଇତି।

ପ୍ରାପ୍ତିସ୍ଥାନ :—କଟକର ପ୍ରସିଦ୍ଧ ପୁସ୍ତକାଳୟ ଏବଂ ଗ୍ରନ୍ଥକାର—ଶ୍ରୀ ଉପେନ୍ଦ୍ରକୁମାର ଗୁପ୍ତ ଗଣେଶ ଘାଟ, ପୋଃ ଅଃ ଚାନ୍ଦନୀଚୌକ, କଟକ


କଟକ ସବଜଜ ଅଦାଲତର
ନୋଟିସ

ନ ୧୧୦ ମଇ ଉଜିଜାରୀ ସନ୧୯୦୬ ମସୀହା
ମହେଶଚନ୍ଦ୍ର ଅଡ୍ୟା। ସା। ଡାଣ୍ଡୀମାଳ ସାହି
ପ୍ରଭୃତି ବାଦୀ
ବନାମ
କ୍ଷେତ୍ରମଣି ବାଈ। ସା। ଏଠାର ପ୍ରତିବାଦୀ

ଏ ମୋକଦ୍ଦମାରେ ଶ୍ରୀ ପୁରୁଷୋତ୍ତମ ଶେଠ ଡାଣ୍ଡୀମାଳ ସାହି ନିବାସୀ ମୃତ ରାମଚାନ୍ଦ ଅଡ୍ୟାଙ୍କ ବ୍ୟାଲ୍ଲ ଜମିଦାରୀ ଅବ ସମ୍ପତ୍ତିର ମେନେଜ କରିବା କାରଣ ୫ ୧୦୦୦ ଟଙ୍କାର ଜମିନ ମାନବରରେ ଜଣେ ମେନେଜର ବା ରସିଭର ମାସିକ ୯ ୨୫ ଟଙ୍କା ବେତନରେ ଏ ଅଦାଲତରୁ ନିଯୁକ୍ତ ହେବାର ଅବଶ୍ୟକ ଅତଏବ ଏହି ନୋଟିସଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି କି ଅବେଦନକାରୀମାନେ ସନ ୧୯୦୬ ମସୀହା ମଇମାସ ତାଂ ୯ ରିଖ ପୂର୍ବରୁ ଆପଣାର ଯୋଗ୍ୟତାର ସହିତ ଦରଖାସ୍ତ ପଠାଇବେ।

M. Mukherjee
Sub-Judge

ଅଦ ତଟକ ଜଲ ଅଲୁଃପାଇ ହୋକାଶଣ୍ଡ ପ୍ରଗନା ଅନ୍ତର୍ଗତ ବଙ୍ଗେଲ ଗ୍ରାମର ଅଚ୍ୟୁତାନନ୍ଦ ମହାନ୍ତିଙ୍କ ପୁତ୍ର ଗୋକୁଳାନନ୍ଦ ମହାନ୍ତି ନାମକ ବ ୧୬।୧୮ ବର୍ଷର ଗୋଟିଏ ବାଳକ ଅଜକୁ ପ୍ରାୟ ମା ୮ ସ ହେବ ହଜିଥିବା ଓ ପାଉ ଯାଇ ନ ଥିବାରୁ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଲୋକ ଉକ୍ତ ବାଳକକୁ ଖୋଜିକରି ଦେବ ତାକୁ ୫ ୩୦ ଟଙ୍କା ପୁରସ୍କାର ଦିଆଯିବ । ଯଦି ଦୂରରେ ଥିବାର କେହି ଲୋକ ପାଆନ୍ତି ତେବେ ଡାକଦ୍ୱାରା ପତ୍ର ପଠାଇଲେ ଆମ୍ଭର ମନୁଷ୍ୟ ଯାଇ ନେଇ ଆସିବ ଓ ପୁରସ୍କାର ଟଙ୍କା ଦେଇଆସିବ। ପ୍ରକାଶ ଥାଉ କି ଉକ୍ତ ବାଳକଟି ଶ୍ୟାମଳ ବର୍ଣ୍ଣ । ଖଣ୍ଡି ଗୋଲାକାର ଓ ଗୋଡ଼ରେ ଘନ ଲୋମଅଛି ଓ ମସ୍ତକର କେଶ କର୍କଶ ଓ ସେ ଇଂରାଜି ସ୍କୁଲର ୨ୟ ଶ୍ରେଣୀରେ ପଢ଼ୁଥିଲା ।

। ଲେ । କୃଷ୍ଣଚନ୍ଦ୍ରଦାସ ମହାନ୍ତି
। ଜ । କଟକ । ସା । ବଙ୍ଗେଲ
ପୋଃ ଅଃ କୋଟପାଡ଼

## ଉତ୍କଳ ଦୀପିକା।

ଗତ ତା ୮ ଋଣରେ ଶେଷ ହେବା ସପ୍ତାହରେ ଭାରତରେ ପେଲେଗମୃତ୍ୟୁ ୪୬୬୯ ମଧ୍ୟରେ ସର୍ବାଧିକ ପଞ୍ଜାବରେ ୨୫୨୫ ଓ ତହିଁ ତଳେ ବମ୍ବେଇରେ ୫୬୩ ଥିଲା । ପୂର୍ବ ସପ୍ତାହର ମୃତ୍ୟୁ ୪୮୧୧ ଠାରୁ ଏ ସପ୍ତାହର ଅଙ୍କ ଊଣା ଅଟେ ଏବଂ ସକଳ ପ୍ରଦେଶରେ ଊଣା ପଡ଼ିଅଛି ।

ଗତ ତା ୮ ଋଣରେ ଶେଷ ହେବା ସପ୍ତାହରେ ପୂର୍ବବଙ୍ଗ ଓ ଆସାମରେ ୫୩୬୮ ବଙ୍ଗ ୭୭୬୧୦ ଯୁକ୍ତପ୍ରଦେଶ ୩୫୨୩୭ ମଧ୍ୟପ୍ରଦେଶ ୫୬୬ ଏବଂ ବମ୍ବେଇ ୮୬୨ ଗାଏ ୧୧୮୬୦୯ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ପୂର୍ବ ସପ୍ତାହର ଅଙ୍କ ୧୦୬୪୦୫ ଥିଲା । କେବଳ ବମ୍ବେଇ ଛଡ଼ା ଅନ୍ୟ ସମସ୍ତ ପ୍ରଦେଶରେ ବୃଦ୍ଧି ହୋଇଅଛି । ତହିଁମଧ୍ୟରେ ବଙ୍ଗର ବୃଦ୍ଧି ବିଶେଷ ।

ଗତ ତା ୩ ଋଣରେ ଶେଷ ହେବା ସପ୍ତାହରେ ମାଲବାର, ମଣ୍ଡପୁର, କୋଙ୍କାନ, ବମ୍ବେଇ ଦକ୍ଷିଣ ଏବଂ ବଙ୍ଗସାଗରର କେତେକ ସ୍ଥାନରେ ବିଶେଷ, ବର୍ମା ଓ ଆସାମରେ ସାଧାରଣମାତ୍ର ପୂର୍ବବଙ୍ଗ ଓ ବଙ୍ଗପ୍ରଦେଶରେ ଅଳ୍ପ ବୃଷ୍ଟି ହୋଇଥିଲା । ବର୍ଷାର ପରିମାଣ ମଙ୍ଗାଲୋରରେ ୧୪ ଇଞ୍ଚ ଚେରାପୁଞ୍ଜିରେ ୧୧ ଇଞ୍ଚ କଲିକତାରେ ୧୦ ଇଞ୍ଚ ଏବଂ ମନ୍ଦ୍ରାଜରେ ୭ ଇଞ୍ଚ ଥିଲା । ଏବେ ବର୍ଷା ଏ ସମୟଠାରୁ ଅଧିକ ଜଣାଯାଏ ।

ଗତ ଫେବୃଆରୀ ମାସରେ ଓକାଲତି ପରୀକ୍ଷା ଦେବା କାରଣ ପ୍ରାୟ ୬୭୦ ଜଣ ଅବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ୨୯୮ ଜଣ ପାସ କରିଅଛନ୍ତି । ଓଡ଼ିଆର ପ୍ରାର୍ଥୀ ନ ୧୪ ଜଣ ମଧ୍ୟରୁ ନ ୩ ଜଣ ମାତ୍ର ସଫଳ ହୋଇଅଛନ୍ତି । ମୁକ୍ତାରୀ ପରୀକ୍ଷା ଦେଇଥିବା ପ୍ରାୟ ୬ ଶତ ଜଣ ମଧ୍ୟରୁ ନ ୨୧୩ ଜଣ ପାସ କରିଅଛନ୍ତି । ଏମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରାର୍ଥୀ ନ ୧୬ ଜଣ ଥିଲେ ସେ ସେମାନଙ୍କ ମଧ୍ୟରୁ ନ୬ଜଣ ପାସ କରିଅଛନ୍ତି । ଓଡ଼ିଶାର ଫଳ ଓକାଲତି ଅପେକ୍ଷା ମୁକ୍ତାରୀରେ ସରସ ହୋଇଅଛି ଏବଂ ବଙ୍ଗପ୍ରଦେଶର ମୋଟ ଫଳ ତୁଳନାରେ ମନ୍ଦ ହୋଇ ନାହିଁ ।

ଆର୍ଯ୍ୟ ସମାଜଦ୍ୱାରା ହରଦ୍ୱାରଠାରେ ଯେପରି ପୁରାକାଳର ବ୍ରହ୍ମଚର୍ଯ୍ୟ ନିୟମରେ ବେଦାଦିର ପାଠାଭ୍ୟାସ କରିବା କାରଣ ଗୁରୁକୁଳ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଭାରତଧର୍ମମହାମଣ୍ଡଳ ସେହିପରି ବୃନ୍ଦାବନଠାରେ ସାଧୁ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ଦରଭଙ୍ଗାର ବ୍ରହ୍ମଗୁପ୍ତ ଅକ୍ଷମ ପରିରକ୍ଷଣାର୍ଥ ଉଦୟପୁରର ମହାରାଜା ଦଶହଜାରଟଙ୍କା ଦାନ କରିଅଛନ୍ତି । ଭାରତ ଧର୍ମ ମହାମଣ୍ଡଳ ଏହିଠାରେ ବିଦ୍ୟାଳୟ ସ୍ଥାପନ କରି ଏହିପରି ପ୍ରତ୍ୟେକ ପ୍ରଦେଶରେ ସେହି ନିୟମାନୁସାରେ ବିଦ୍ୟାଳୟ ସ୍ଥାପନ କରିବାର ମନସ୍ଥ କରିଅଛନ୍ତି । ଏ ଉଦ୍ଦେଶ୍ୟ ଯେ ସାଧୁ ଏଥିରେ ସନ୍ଦେହ ନାହିଁ ।

ମାଲାତଳସମାଚାର ଗୋଟିଏ କ୍ଷୁଦ୍ର ପ୍ରବନ୍ଧରେ ବଙ୍ଗୋତ୍କଳ ମଧ୍ୟରେ ଏକତା ବୃଦ୍ଧି ଓ ଭ୍ରାତୃଭାବର ପରିପୋଷକ 'ଉତ୍କଳ ଷ୍ଟାର'ର ଗୋଟିଏ ପ୍ରବନ୍ଧର ପ୍ରଶଂସା କରି ଠିକ ତହିଁ ତଳେ ଏଠା ରେଭେନ୍ସା କଲେଜର ପ୍ରିନ୍ସିପଲ ବାବୁ ବ୍ରଜବିହାରୀଦାସ ଗୁପ୍ତଙ୍କ ସ୍ଥାନରେ ଶ୍ରୀଯୁକ୍ତ ସା ସାହେବ ନିଯୁକ୍ତ ହେବାର ଦେଖି ଅନନ୍ଦ ପ୍ରକାଶ କରିଅଛନ୍ତି । ଭରସା କରୁଁ ସହଯୋଗୀ ଜାତିକଥା ନ ଧରି କେବଳ ଯୋଗ୍ୟତା ଭିତ୍ତିରେ ମନ୍ତବ୍ୟ ପ୍ରକାଶ କରିଅଛନ୍ତି । ତାହା ହେଲେ ଗୁପ୍ତମହାଶୟଙ୍କର ଯୋଗ୍ୟତା ଅଥବା ତାହାଙ୍କ ସମ୍ବନ୍ଧରେ କଲେଜର ଅବନତି ସନ୍ଦେହ କରିବାର କଛି କାରଣ ଦେଖାଇଥିଲେ ଭଲ ହୋଇଥାନ୍ତା ।

Digitized by srujanika@gmail.com

କଟକ ରେଭେନ୍ସା କଲେଜରୁ ନିମ୍ନଲିଖିତ ଛାତ୍ରମାନେ ବିଶ୍ୱବିଦ୍ୟାଳୟର ଇଣ୍ଟରମିଡିଏଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଆର୍ଟସ

୧ ମ ଶ୍ରେଣୀ ପାରଦର୍ଶିତାନୁସାରେ ।

୧ ବୀରେନ୍ଦ୍ରମୋହନ ଦେ,
୨ ବିଜୟଗୋପାଳ ଘୋଷ,
୩ ହରେକୃଷ୍ଣ ସାମନ୍ତ,
୪ ମଧୁସୂଦନ ବିଶାଳ

୨ ୟ

ହରେକୃଷ୍ଣ ଦାସ, ପୁଣ୍ଡରୀକାକ୍ଷ ସେନ,
ଆର୍ତ୍ତତ୍ରାଣ ମିଶ୍ର, ଯଶୋଦାମୋହନ ସିଂହ,
ବେଣୀ ମିଶ୍ର, ନରେଶଚନ୍ଦ୍ର ଘୋଷ,

୩ ୟ

ଉପେନ୍ଦ୍ରନାଥ ଘୋଷ, ଅଶ୍ୱିନୀକୁମାର ମୈତ୍ର,

—୦—

ନାନାକାରଣରେ ଅଭିପ୍ରାୟ ସାଧନ କରି ନ ପାରି ବରଂ ସନ୍ଧ୍ୟାକାଳରେ ଓଲଟା ପରାଜୟଦାଗ୍ରସ୍ତ ହୋଇ ପଣ୍ଡିତ ଗୋବିନ୍ଦରଥ ପରିଶେଷରେ କ୍ଷମାପ୍ରାର୍ଥୀ ହେବାର ପାଠକମାନଙ୍କୁ ଜଣା ଅଛି । ଏଥିରେ ତାହାଙ୍କର ଯେତେ କଷ୍ଟ ଓ ଅର୍ଥବ୍ୟୟ ହୋଇଅଛି ତାହା ପୂରଣ କରିବାର ନୁହେଁ ଏବଂ ତହିଁର ପ୍ରତିକାର ମଧ୍ୟ ନାହିଁ । ତଥାପି ସେ ନିତାନ୍ତ ନିରୁପାୟ ନ ହୋଇ ସେହି ମାମଲାସଂକ୍ରାନ୍ତ କଷ୍ଟ ଓ ବ୍ୟୟର କ୍ଷତିପୂରଣ ସ୍ୱରୂପେ ୫୩୦୧ ଟଙ୍କା ଦାବିରେ ବାବୁ ବାଲମୁକୁନ୍ଦ କାନୁନଗୋଇ ଡେପୁଟିଙ୍କ ନାମରେ ଏଠା ମୁନସିଫି ଅଦାଲତରେ ନାଲିସ ଦାଏର କରିଅଛନ୍ତି । ମୃଦାଲା କାନୁନଗୋଇ ମହାଶୟ ଜବାବ ଦାଖଲ କରିଅଛନ୍ତି । ଏଥିରୁ ଦେଖାଯାଏ ଯେ ପୁଣି ଥରେ ସେହି ମାମଲା ଘୋର ଆନ୍ଦୋଳନ ହେବ ତଥକର ତେଜ ସାମାନ୍ୟ ନୁହେ ।

———

ବାଗରହାଟର ମାଜିଷ୍ଟ୍ରେଟ ସାହେବ ମୁକୁନ୍ଦଲାଲ ଦାସଙ୍କୁ ଯାତ୍ରାଦ୍ୱାରା ସ୍ୱଦେଶୀ ବ୍ରତ ପାଳନ ଓ ବିଦେଶୀ ବର୍ଜନ ପ୍ରଚାର କରୁଥିବା ଉପଲକ୍ଷେ ରାଜଦ୍ରୋହ ସୂଚକ ଗୀତ ଦେବୁ ବ ୨ ବର୍ଷ କଠିନ ପରିଶ୍ରମ ସହିତ କାରାଦଣ୍ଡ ଓ ଟ ୩୦୦ ଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିଲେ । ମୁକୁନ୍ଦଲାଲ ତହିଁ ବିରୁଦ୍ଧରେ ହାଇକୋର୍ଟରେ ଅପିଲ କରିଥିଲେ ମାତ୍ର ବିଚାରପତି ଡାସପର୍ଜ ଓ ଗରଭସ ସାହେବ ମହୋଦୟମାନେ ତାହା ଗ୍ରାହ୍ୟ କଲେ ନାହିଁ । ବିଚାର ସମୟରେ ମୁକୁନ୍ଦଲାଲର ସ୍ୱଦେଶୀ ଦ୍ରବ୍ୟ ବିକ୍ରୟ ବଢାଇବା ଉଦ୍ଦେଶ୍ୟ ଥିଲେ ଜଣାଯାଇ ହୋଇ ଭୁଲିବାର ପ୍ରୟୋଜନ ବସ ମନ୍ତ୍ରବାରେ ଓଗିଲ ତାହାହିଁ ତାହାନ ଜୀବନ ଥିବାର କହିଲେ । ଏଥିରୁ ବିଚାରପତିମାନେ କହିଲେ ଯେ ସିନ୍ଧୁଥଳ ମଧ୍ୟ ତାହାର ଜୀବିକା ଥିବାର କହି ଗଣ୍ୟ ହୁଇ ପାରେ । ଫଳତଃ କୌଣସି କାର୍ଯ୍ୟରେ ସୀମାର ବାହାରକୁ ଗଲେ ବିପଦ ଅବଶ୍ୟମ୍ଭାବୀ ।

———

ଗତ ବୈଶାଖ ମାସରେ ସ୍ୱଜମାହିର ଜମିଦାର ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ଚୌଧୁରୀ ମହାଶୟଙ୍କ ବସାରେ ଉପନୟନ କ୍ରିୟା ହୋଇଥିଲା । ବାରେନ୍ଦ୍ରକାୟସ୍ଥ ତରୁଣମୟ ପ୍ରାୟଶ୍ଚିତ୍ତାନ୍ତେ ଉପନୟନ ସଂସ୍କାର ଗ୍ରହଣ କରିଥିଲେ । ମୁରଶିଦାବାଦର ଡାକ୍ତର ସୁରେନ୍ଦ୍ରନାଥ ଦାସ ମହାଶୟଙ୍କ ଗୃହରେ ଶ୍ରୀ ରାଧାବଲ୍ଲଭ ଦତ୍ତ ଏମ୍ ଏ ପ୍ରଭୃତି ନଅଜଣ କାୟସ୍ଥ ଓ ଫରିଦପୁର ସଦରରେ ମଧ୍ୟ ନଅଜଣ କାୟସ୍ଥ ଉପବୀତ ହୋଇଥିଲେ । କୃଷ୍ଣନଗର କାୟସ୍ଥସମିତିର ଏକ ବିରାଟ ଅଧିବେଶନ ହୋଇଥିଲା । ଉକ୍ତ ସଭାରେ କ୍ଷତ୍ରିୟୋଚିତ ଉପନୟନ ଗ୍ରହଣ କରିବା ସ୍ଥିର ହୋଇ ତାହା କାର୍ଯ୍ୟରେ ପରିଣତ କରିବା ସଙ୍କାଶେ ତତ୍ ପରଦିବସ ଉପନୟନର ଦିବସ ସ୍ଥିର ହେଲା ଓ ତଦନୁକ୍ରମେ ଉପବୀତ ଗ୍ରହଣେଚ୍ଛୁ ବାରେନ୍ଦ୍ର, ଦକ୍ଷିଣରାଢ଼ୀୟ ଏବଂ ବଙ୍ଗଜଶ୍ରେଣୀର ଜ ୬୧ ଣ କାୟସ୍ଥ ପ୍ରାୟଶ୍ଚିତ୍ତାନ୍ତ ସମାଧାନେ ଶାସ୍ତ୍ରାନୁସାରେ ଉପବୀତ ଗ୍ରହଣ କରିଅଛନ୍ତି ।

—୦—

ଲକ୍ଷ୍ନୌର ସମ୍ବାଦରେ ପ୍ରକାଶ ଯେ ବାରେଠଠାରେ ପୁଲିଶ ଡକାଏତ ଧରିବା ଛଳରେ କେତେକଜଣ ସମ୍ଭ୍ରାନ୍ତ ଜମିଦାରଙ୍କୁ ସାହାଯ୍ୟ ଦେବାର କହି ସେମାନଙ୍କୁ ଜଙ୍ଗଲଅଭିମୁଖେ ନେଇ ଜଙ୍ଗଲରେ ଲୁଚାଇ ରଖିଥିବା ସଶସ୍ତ୍ର ଚୌକିଦାରଙ୍କଦ୍ୱାରା ଜମିଦାରଙ୍କୁ ଗିରଫ୍ତାର କଲେ ସେ ଅଞ୍ଚଳରେ ଅନେକ ଦିନରୁ ଡକାଏତି ହେଉଥିଲା ମାତ୍ର ପୁଲିସ ତାହାର ଧରି ନ ପାରି ଅବଶେଷରେ ଜ ୨ ଣ ପୁଲିସ ସବ୍ଇନ୍ସପେକ୍ଟର ପରାମର୍ଶ କରି ଏହା କରିଅଛନ୍ତି । ଜମିଦାରମାନଙ୍କର ବିଚାର ହେଲା ଏବଂ ଚୌକିଦାରଙ୍କଠାରେ ଟଙ୍କାଦେବ ତାଙ୍କୁ ସଜା ଦେଲେ । ବର୍ତ୍ତମାନ ଘଟନା ତଦନ୍ତରୁ ପ୍ରକାଶ ପାଇଲା ଯେ ଜମିଦାରମାନେ ନିର୍ଦ୍ଦୋଷୀ ଏବଂ ପୁଲିସ ନେପାଳରୁ ବନ୍ଧୁକ କିଣି ଆଣି ଚୌକିଦାରଙ୍କୁ ଦେଇ ଏ କାଣ୍ଡ କରିଥିଲେ । ଜଣେ ଚୌକିଦାର ଓ ଜଣେ ଇନ୍ସପେକ୍ଟର ଏ ସବୁ ସ୍ୱୀକାର କରିଅଛନ୍ତି । ଇନ୍ସପେକ୍ଟର ଧରାହେବା ପୂର୍ବରୁ ଗୁଳିମାରି ଆତ୍ମହତ୍ୟା କରିଅଛି । ଦୁଇଜଣ ସବ୍ଇନ୍ସପେକ୍ଟର ଓ ଜ ୬ ଣ କନଷ୍ଟେବଲ ହାଜତରେ ଅଛନ୍ତି । ଲେଫ୍ଟେନାଣ୍ଟ ମହୋଦୟ ନେପାଳଅଞ୍ଚଳକୁ ଶିକାର କରିବାକୁ ଯାଇଥିବା ସମୟରେ ସେଠାରେ ଅନେକ ଦିନ ରହିଥିବାରୁ ଏ ସବୁ ଘଟନା ନେପାଳ ଦରବାରପକ୍ଷରୁ ପ୍ରକାଶିତ ହେଲା ଏବଂ ତଦନ୍ତ କରିବାକାଳୀନ ଯେଉଁ ପୁଲିସ ନିଯୁକ୍ତ ହୋଇଲ ସେମାନେ ଏ ସବୁ କଥା ବାହାର କଲେ । ଯୁକ୍ତପ୍ରଦେଶର ଲେଫ୍ଟେନାଣ୍ଟ ମହୋଦୟ ହେମନ୍ତ ହରଣ ଓ କାର୍ଯ୍ୟଦକ୍ଷ ଶାସକ ରୂପେ କହଲୁ ।

———

ଭାରତବର୍ଷରେ ଘିଅ ଦୁର୍ମୂଲ୍ୟ ହେବାରୁ ଦୁଃଖିଲୋକମାନେ କିଣିବାକୁ ଅକ୍ଷମ ହୋଇ ଅଛନ୍ତି ଏବଂ ଯେତେ ଘିଅ ଦରକାର ତେତେ ଉତ୍ପନ୍ନ ହେଉ ନ ଥିବା ଦୁର୍ମୂଲ୍ୟର ପ୍ରଧାନ କାରଣ । ଏହା ନିବାରଣ କରିବା ଉଦ୍ଦେଶ୍ୟରେ ବୋମ୍ବାଇଠାରେ କପାମଞ୍ଜିର ତେଲରୁ ଘିଅ ଉତ୍ପନ୍ନ କରିବା କାରଣ ଗୋଟିଏ କାରଖାନା ବସାଇବାର ପ୍ରସ୍ତାବ ହୋଇଅଛି । ଏ ଘିଅ ଖାଇହୋଇ ପାରେ ଏବଂ ମାର୍କିନ ରାଜ୍ୟରେ ମଧ୍ୟ କପାମଞ୍ଜିର ତେଲରୁ ଉତ୍ପନ୍ନ ଘିଅ ଖାଦ୍ୟରୂପେ ବ୍ୟବହୃତ ହୁଅଇ । ଆମ୍ଭେମାନେ ଚିରକାଳ ଗୋଦୁଗ୍ଧ ଘିଅ ବ୍ୟବହାର କରୁଅଛୁଁ । ମାତ୍ର କାଳକ୍ରମେ ଗୋଖାଦକମାନଙ୍କ ଯୋଗେ ଗୋବଂଶ ନଷ୍ଟ ହେବା ଏବଂ ଦରିଦ୍ରତା ଯୋଗୁଁ ଆମ୍ଭେମାନେ ବାଧ୍ୟରେ କସାଇ ହସ୍ତେ ଗୋରୁ ବିକ୍ରୟ ଏବଂ ଗୋଚର ଭୂମି ହରଣ କରି କଷାଇରୂପେ ବ୍ୟବହାର କରିବାରୁ ଶେଷକୁ ଦୁଧ ମହାର୍ଘ ହେବା ସଙ୍ଗେ ଘିଅ ଦୁଷ୍ପ୍ରାପ୍ୟ ହେଲା । ଲୋକେ ବ୍ୟବସାୟ ଚଳାଇବା ପାଇଁ କପାମଞ୍ଜିରୁ ଘିଅ ବନାଇବାର ବ୍ୟବସାୟ କରିବେ ଏବଂ ରସନା ତୃପ୍ତି କରିବା କାରଣ ଆମ୍ଭେମାନେ ତାହା କିଣି ଖାଇବୁଁ ମାତ୍ର ଗୁଆଘିଅ ଖାଇବାରୁ ଯେଉଁ ବଳ ଏବଂ ଗୁଆଘିଅର ହୋମରୁ ଯେଉଁ ଫଳ ମିଳୁଥିଲା ତାହା କଦାପି ମିଳିବ ନାହିଁ । ଦାରିଦ୍ର୍ୟ ଦୋଷ ନ ଯିବାଯାଏ ଲୋକଙ୍କୁ ଧର୍ମୋପଦେଶ ଦେଇ ଗୋ ବିକ୍ରୟ ବନ୍ଦ କରିବା ଚେଷ୍ଟା ସମ୍ଭବପର ନୁହେ ଏବଂ ପରିଶିକ୍ଷା ଲାଭଦ୍ୱାରା ମନୁଷ୍ୟତା ନ ହେବାଯାଏ କଦାପି ଏ ଦୋଷ ଯିବ ନାହିଁ । ଏହା ପ୍ରକୃତରେ ଗଭୀରଚିନ୍ତାର ବିଷୟ ।

—※—

ବିଲାତ ପାର୍ଲିୟାମେଣ୍ଟର ଉଦାର ନୈତିକ ଓ ଶ୍ରମଜୀବୀ ସମ୍ପ୍ରଦାୟ ଏକ ଅପୂର୍ବ ଶ୍ରୀମୁ ସଭ୍ୟମାନଙ୍କ ମଧ୍ୟରୁ କ ୧୪୨ ଣ ସଭ୍ୟ ଗ୍ରନ୍ଥରେ ନିର୍ବାସିତ ଲୋକଙ୍କ ସମ୍ବନ୍ଧେ ଏକ ଆବେଦନପତ୍ର ପ୍ରଧାନ ମନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ । ମନ୍ତ୍ରୀବର ତହିଁ ଉତ୍ତରରେ ଲେଖିଅଛନ୍ତି ଯେ ଭଯ୍ୟାନକ ଗୋଲମାଲରୁ ଦେଶକୁ ରକ୍ଷା କରିବା କାରଣ ନିର୍ବାସନର ବ୍ୟବସ୍ଥା ହୋଇଅଛି । ତାହା ଦଣ୍ଡବିଧାନ ନୁହେ କ ଥାଇ ଅଶାନ୍ତି ନିବାରକ ଅଟଇ । ଭାରତର ଶାନ୍ତିରକ୍ଷା ନିମିତ୍ତ

Split by PDF Splitter
Digitized by srujanika@gmail.com

ଯେଉଁମାନେ ବାସ୍ତ୍ରୀ ତାଙ୍କର ବଶ୍ୟତାଉପରେ ଶାସନର ଭାର ନିର୍ଭର କରେ । ଶାସିତଙ୍କ ଶାସନ ଅଥବା ମୁକ୍ତି ବିଷୟ କେବଳ ଲର୍ଡ୍‌-ସଭା ଅଥବା ଭାରତ ଗବର୍ଣ୍ଣମେଣ୍ଟ ବିଚାର କରବାକୁ ସକ୍ଷମ ଏବଂ ତାଙ୍କ ବିଚାରଉପରେ ବିଶ୍ୱାସ ରଖିବା ଉଚିତ । ମର୍ଲିବର ଅତୁଲ ଲେଖିଅଛନ୍ତି ଯେ ଭାରତରେ ଆତ୍ମଶାସନ ପ୍ରଣାଳୀ ବହୁଳଭାବେ ପ୍ରଚଳିତ ହେଉଥିବା ସମୟରେ ଅଧିକକଣସମ୍ଭାବିତ କୌଣସି ଅତ୍ୟାଚାର ଘଟନାୟ ନୁହେ ଏବଂ ତାହା ନିବାରଣ ଉଦ୍ଦେଶ୍ୟରେ କୌଣସି ଅଲଭ ସଙ୍ଗତ ଅଛୁ ପରିବର୍ତ୍ତନ ହେବ ନାହିଁ ।-ବର୍ତ୍ତମାନଙ୍କ ବିଚାରଉପରେ ଆମ୍ଭମାନଙ୍କର କାର ନାହିଁ । ମାତ୍ର ଆମ୍ଭେମାନେ ଏତେ ସବିଶନୟରେ କହୁଥାଉଁ ଯେ ଶାସନ ସମ୍ଭାଳ ତଳବାହାସ ଗବର୍ଣ୍ଣମେଣ୍ଟ ଲୋକଙ୍କୁ ଶାନ୍ତି ପ୍ରଦାନ କରଅଛନ୍ତି ଏବଂ ଯେଉଁମାନଙ୍କ କଥାକୁ ଲୋକେ ମାନନ୍ତି ସେମାନଙ୍କୁ ପାଇ ଲୋକେ ଆପଣା କର୍ତ୍ତବ୍ୟ ଅଧିକତରରୂପେ ପାଳିବାକୁ ଅଗ୍ରସର ହେବେ । ଲୋକଙ୍କୁ ଅଧିକତର ଅଧିକାର ଦେବାକୁ ଯାଇ ସେମାନେ ଯାହାଙ୍କୁ ଅଧିକତର ସମ୍ମାନ କରନ୍ତି ତାଙ୍କୁ ବାଛି ଦେଇ ମନରେ ଦୁଃଖ ଦେବାଗତ ଆମ୍ଭମାନଙ୍କର ବୁଦ୍ଧିର ଅଗମ୍ୟ ।

---

ଲକ୍ଷ୍ନୌଠାରେ ଗତମାସ ତା ୮ ରଣ ସନ୍ଧ୍ୟା ସମୟରେ ଝିଙ୍କାଇର ମହାରାଜା କୁମାରୀ ଏଲ୍ ଘି ପରେଷ୍ଟର ଟମସନ ନାମ୍ନୀ ଇଂରାଜ ମହିଳାର ବୈଦିକ ରୀତିରେ ପାଣି ଗ୍ରହଣ କରିଥିବାର ସମ୍ବାଦ ମିଳଇ । ବିବାହ ସମୟରେ କନ୍ୟାର ନାମ ପରିବର୍ତ୍ତିତ ହୋଇ ଶ୍ରୀମତୀ ସୀତାଦେବୀ ରଖାଗଲା । କାଶୀର, ଅଲାହାବାଦ ଓ ଅଯୋଧ୍ୟାର ସୁବିଖ୍ୟାତ ପଣ୍ଡିତମାନେ ବିବାହସ୍ଥଳରେ ଉପସ୍ଥିତ ଥାଇ ବୈଦିକ ନିୟମାନୁସାରେ ଯଜ୍ଞାଦି କ୍ରିୟା ସୁସମ୍ପନ୍ନ କରିଥିଲେ ଏବଂ ବିବାହ ସଭାରେ ମହାରାଜାଙ୍କ ବନ୍ଧୁବର୍ଗ, ରାଜା କବଣର ଅଲ୍ଲିଁ, ପଣ୍ଡିତ ବିଶ୍ୱନାଥ ମବଜନ, ପଣ୍ଡିତ ଦୂର୍ଯ୍ୟନସ୍ୱରୂପ ମୂଳସିଂ, ଖାଗୁର ମହଲଦଳ ମହାଶୟ କାଶ୍ମୀରର ଏବଂ ଅନେକ ଉତ୍ସାହ ଓ ସହରବାସୀ ସମ୍ଭ୍ରାନ୍ତ ଲୋକେ ସମୁପସ୍ଥିତ ଥିଲେ । ଯଜ୍ଞାଦି କର୍ମ ଉପସ୍ଥିତିକାଳ ବ୍ୟାପିଥିଲା ଏବଂ ବର କନ୍ୟା ଯଥାସମ୍ଭବ ମନ୍ତ୍ରମାନ ଉଚ୍ଚାରଣ କରିଥିଲେ । ମନ୍ତ୍ରର ଅର୍ଥ କନ୍ୟାଙ୍କୁ ଇଂରାଜୀରେ ବୁଝାଇ ଦିଆଯାଇଥିଲା ଏବଂ ସେ ତାହା ବୁଝି ଅର୍ଥ ଅନୁସାରେ ପ୍ରୀତ ଚିତ୍ତରେ ଉଚ୍ଚାରଣ କଲେ । ବିବାହସ୍ଥଳରେ ୟୁରୋପୀୟା କନ୍ୟାଙ୍କୁ ଆର୍ଯ୍ୟ ମହିଳାରୂପରେ ପରିଶୋଭିତା ଦେଖି ସମସ୍ତ ସମସ୍ତେ ମୋହିତ ହୋଇଥିଲେ । ବେଦ ସନାତନ ଓ ସାର୍ବଜନୀନ ଧର୍ମ ଅଟେ । ଇଶ୍ୱରଙ୍କ ସନ୍ତାନ ସନ୍ତତି ମଧ୍ୟରେ ପାର୍ଥକ୍ୟ ନ ରହିବା ବେଦର ମୂଳ କଥା । ଆର୍ଯ୍ୟ ସମାଜ ଯେ ପଥ ପରିଷ୍କାରପୂର୍ବକ ଦେଶର ଯେ ଅଶେଷ ମଙ୍ଗଳ ସାଧନରେ ଯତ୍ନଶୀଳ ହୋଇଅଛନ୍ତି ଏହା ପରମ ପ୍ରୀତିର ବିଷୟ ଏବଂ ଏ କ୍ଷେତ୍ରରେ ୟୁରୋପୀୟ ଓ ହିନ୍ଦୁ ଆର୍ଯ୍ୟଙ୍କ ମଧ୍ୟରେ ଏହିପରି ସମ୍ମିଳନପୂର୍ବକ ବିଜୟବାଦ୍ୟ ଉଡ଼ାଉଥିବାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

---

ଇଂଲଣ୍ଡରେ ଲଣ୍ଡନରେ ରାଜକୀୟ ସଭାର ( Royal society ) ର ଭାରତ ଶାଖାରେ ବକ୍ତୃତା କରିବା ସମୟରେ ଆମ୍ଭମାନଙ୍କର ଶ୍ରଦ୍ଧେୟ ଜେ ଜି ଗୁପ୍ତ ମହୋଦୟ ହିନ୍ଦୁମାନଙ୍କର ଧର୍ମନୀତିକୁ ଲକ୍ଷ୍ୟ କରି ପ୍ରକାଶ କଲେ ଯେ ଆପଣା ଉଦାର ସହାୟେ ହିନ୍ଦୁମାନଙ୍କର ଧର୍ମରେ ସଂସ୍କାର ଘଟାଇବାର କ୍ଷମତା ଅଛି । ଅତୀତକାଳରେ ଜାତି ବିଭାଗଦ୍ୱାରା ଅନେକ କାର୍ଯ୍ୟ ହୋଇଥିଲା ମାତ୍ର ହିନ୍ଦୁମାନେ ଜାତୀୟ ଉତ୍ଥାନରେ ବ୍ରତୀ ହେଲେ ସେମାନେ ଜାତିବିଭାଗ ଧ୍ୱଂସ କରିବେ କାରଣ ଜାତିଗତ ପାର୍ଥକ୍ୟଦ୍ୱାରା ଲୋକମାନେ ନାନା ସମ୍ପ୍ରଦାୟରେ ବିଭକ୍ତ ହେବା ହେତୁ ଜାତୀୟ ଅଭ୍ୟୁତ୍ଥାନରେ ଦୃଷ୍ଟିମାତ୍ରାରେ ବାଧା ଜାତ ହୁଏ । ସେହି ସଭାରେ ସର ଏ ଟି ଅରୁଣ୍ଡେଲ ସାହେବ ମହୋଦୟ ବନାରସଠାରେ ସ୍ଥାପିତ ହୋଇଥିବା କଲେଜଦ୍ୱାରା ଭାରତବାସିଙ୍କ ଥିଓସଫିକାଲ ଧର୍ମର ଜ୍ଞାନ ଦିଆଯାଉଥିବାରୁ ତାହାର ପ୍ରଶଂସା କରି ଲର୍ଡ ମର୍ଲି ମହୋଦୟଙ୍କ ଶାସନ ସଂସ୍କାରର ପ୍ରଥମ ଫଳସ୍ୱରୂପ ଗୁପ୍ତ ମହାଶୟ ଭାରତସ୍ଥ ରାଜକୀୟ ସଭାରେ ନିଯୁକ୍ତ ହେବା ହେତୁ ଏହିକ ପ୍ରକାଶ କଲେ । ଶିକ୍ଷାଦ୍ୱାରା ଜାତିଗତ ପାର୍ଥକ୍ୟ କମେ ବୋଲି ହେଉଥିଲେହେଁ ତାହାର ବେଗ ମନ୍ଦ ଅଟେ । ପିଟିଗଲେହେଁ ଚେଷ୍ଟା କରି ପ୍ରଥମେ ବ୍ରାହ୍ମଧର୍ମ ଓ ପରେ ବେଦମୂଳକ ଆର୍ଯ୍ୟ ସମାଜର ପ୍ରତିଷ୍ଠା କରି ସେଥିର ବେଗ ବଢ଼ାଇ ଅଛନ୍ତି ଏବଂ ଆମ୍ଭମାନଙ୍କର ଧାରଣା ଯେ ସେମାନେ କର୍ମକ୍ଷେତ୍ରରେ ଏକତ୍ର ହୋଇ ବାହାରିଲେ ଅତୁଳ ଦୃଢ଼ତାରେ କାର୍ଯ୍ୟ ସାଧନ ହେବ । ବ୍ରାହ୍ମଧର୍ମ ଓ ଆର୍ଯ୍ୟ ସମାଜର ଉଦ୍ଦେଶ୍ୟ ଏକ ଏବଂ ସେମାନଙ୍କ ମଧ୍ୟରେ ଧର୍ମଗତ ପାର୍ଥକ୍ୟ ମଧ୍ୟ ସାମାନ୍ୟ । ବ୍ରାହ୍ମମାନେ ଅବତାରବାଦୀ ଏବଂ ହୋମର ଏକାନ୍ତ ବିରୋଧୀ ମାତ୍ର ଆର୍ଯ୍ୟସମାଜ ହୋମର ଏକାନ୍ତ ପକ୍ଷପାତୀ ଓ ସମ୍ପୂର୍ଣ୍ଣ ଅବତାରବାଦର ବିରୋଧୀ । ଏମନ୍ତ ହେଲେହେଁ ସେମାନଙ୍କର ଅଭିମାନ ସତ ଏକୋଦ୍ଦେଶ୍ୟ ସାଧନାର୍ଥ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବା ଅସମ୍ଭବ ନୁହେ । ଆମ୍ଭେମାନେ ସେହି ପାର୍ଥକ୍ୟର କଥା କହିଲୁଁ ତାହା ସାମାନ୍ୟ ଏବଂ କାଳକ୍ରମେ ସଙ୍କୋଚିତ ହେବ । ବ୍ରାହ୍ମଧର୍ମର ବଳ ଯେପରି ଭଗ୍ନ ହୋଇଯାଉଅଛି ସେ ମାନେ ସବୁ ବେଦକୁ ମୂଳ କରି ନାନା ସମ୍ପ୍ରଦାୟ ହୋମର ବିରୋଧୀ ନ ହୁଅନ୍ତେ ତାହା ହେଲେ ଦଳପୁଷ୍ଟ ହେବାହାରା ଅନେକ ଉପକାର ହୁଅନ୍ତା ଏବଂ ଭାରତ ଶୀଘ୍ର ଆର୍ଯ୍ୟାବର୍ତ୍ତରେ ବଳୀୟାନ୍ ହୋଇ ଉଠନ୍ତା ।

---

### କେନ୍ଦ୍ରାପଡ଼ା ହାଇସ୍କୁଲ ।

କେନ୍ଦ୍ରାପଡ଼ା ହାଇସ୍କୁଲ ସମ୍ବନ୍ଧରେ ଖଣ୍ଡିଏ ଦୀର୍ଘ ଇଂରାଜୀ ପତ୍ର ପାଇଅଛୁ । ତହିଁପାଇଁ ସ୍ଥାନ ଯୋଗାଇବାର ଅସୁବିଧା ଦେଖି ସଂକ୍ଷେପ ବିବରଣ ଏଠାରେ ପ୍ରକାଶ କଲୁଁ । ଏହି ହାଇସ୍କୁଲ ବର୍ତ୍ତମାନ୍ ଦୁରବସ୍ଥାକୁ ପ୍ରାପ୍ତ ହୋଇଅଛି । ଇସ୍କୁଲର ଖରଚ ସକାଶେ ମାସକୁ ପ୍ରାୟ ଟ ୭୦ ଙ୍କା ନିଅଣ୍ଟ ହେଉଅଛି । ଅର୍ଥାତ କଷ୍ଟ ଘୁଞ୍ଚାଇବାର କାରଣ ନିକଟରେ କାର୍ଯ୍ୟନିର୍ବାହକ କମିଟିର ଏକ ଅଧିବେଶନ ହୋଇଥିଲା । ସ୍କୁଲର ସେକ୍ରେଟେରୀ ଓ ସେଠାର ସବଡିଭିଜନ ହାକିମ ସେଠାର ମଧ୍ୟ ଇଂରାଜୀ ସ୍କୁଲକୁ ହାଇସ୍କୁଲ ସଙ୍ଗେ ମିଶାଇଦେବାର ପ୍ରସ୍ତାବ କରି କହିଲେ ଯେ ଏହା ଛଡ଼ା ହାଇସ୍କୁଲକୁ ରକ୍ଷା କରିବାର ଅନ୍ୟ ଉପାୟ ନାହିଁ । ସହକାରୀ ସେକ୍ରେଟେରୀ ପ୍ରଭୃତି ସେ ପ୍ରସ୍ତାବ ସମର୍ଥନ କଲେ ଏବଂ ଯଦ୍ୟପି ସ୍ଥାନୀୟ ସଭ୍ୟମାନେ ତହିଁର ଘୋର ପ୍ରତିବାଦ କଲେ ଏବଂ ସେମାନଙ୍କର ସଂଖ୍ୟା ଅଧିକ ଥିଲା ତଥାପି ଅଧିକାଂଶ ମତ ଉପେକ୍ଷିତ ହୋଇ ଅଳ୍ପ ସଂଖ୍ୟକ ମତ ପ୍ରବଳ ହେଲା । ପତ୍ରପ୍ରେରକ କହନ୍ତି କି ସ୍ଥାନୀୟ ଲୋକ ବିଶେଷତଃ ବାବୁ ବଳରାମ ଭ୍ରମରବର ପ୍ରଭୃତି ପ୍ରଧାନ ବ୍ୟକ୍ତିଙ୍କ ଆପତ୍ତି ପ୍ରତି ଆସ୍ଥା ନ କରି ଏମନ୍ତ ଗୁରୁତର ବିଷୟର ମୀମାଂସା କେବଳ ହାକିମ ଉକିଲ ପ୍ରଭୃତି ପ୍ରବାସୀମାନଙ୍କ କଥାରେ କରିବା ଉଚିତ ହୋଇ ନାହିଁ ଏବଂ ଏଥିରେ ସ୍ଥାନୀୟ ବ୍ୟକ୍ତିଙ୍କର ଘୋର ଅସନ୍ତୋଷ ଜାତ ହୋଇଅଛି । ପୂର୍ବେ ମଜୁରୀ ଉଠାଇଥିଲ ଏବଂ ମୌଲବୀ ଜମିଲ ଉଦ୍ଦିନ ମହମ୍ମଦ ସ୍ଥାନୀୟ ବ୍ୟକ୍ତିମାନେ ହେଡ୍‌ମାଷ୍ଟର ଥିବା କାଳରେ କେନ୍ଦ୍ରାପଡ଼ା ହାଇସ୍କୁଲର ଅନେକ ଉନ୍ନତି ହୋଇଥିଲା । ମାତ୍ର ସ୍ଥାନୀୟ ବ୍ୟକ୍ତି ପରିବର୍ତ୍ତରେ ବଙ୍ଗଳାରୁ ଶିକ୍ଷକ ଆମଦାନୀ ହେବା ସମୟରୁ ଅଧୋଗତିକୁ ଲଭିଅଛି । ବିଦେଶୀୟମାନେ କେବଳ ବେତନ ପାଇଲେ ସନ୍ତୁଷ୍ଟ, ସ୍କୁଲର ଉନ୍ନତି ପ୍ରତି ଯତ୍ନ ଓ ପରିଶ୍ରମ କରିବାର ପ୍ରବୃତ୍ତି ସେମାନଙ୍କ ଦେଖାଯାଏ ନାହିଁ । ପତ୍ରପ୍ରେରକଙ୍କର ଲିଖିତ ଏହି ଯୁକ୍ତି କେତେ ଦୂର ଯଥାର୍ଥ ଆମ୍ଭେମାନେ କହି ନ ପାରୁଁ ମାତ୍ର ମଜୁରୀ ଉଠାଇଥ..

ଅଳ୍ପ ପ୍ରଭୃତିଙ୍କ ସମୟରେ ଏହି ସ୍କୁଲ ଅନେକ ଛାତ୍ରଙ୍କୁ ପ୍ରବେଶିକା ପରୀକ୍ଷାରେ ପାସ କରାଇ ଯେଉଁ ମନ୍ତ୍ର ଗୌରବାନ୍ୱିତ ହୋଇଥିଲା ଏକ୍ଷଣ ସେପରି ଦେଖା ନାହିଁ । ଏହି ଦୁଇଟି ସକାଶେ ସ୍କୁଲ କମିଟୀ ତଥା ସେକ୍ରେଟରୀ ଏବଂ ହେଡ଼ମାଷ୍ଟର ଦାୟୀ ହୁଅନ୍ତି ଏହା ବୋଲିବାର ବାଟ ନାହିଁ । ସେଠାର ମଧ୍ୟଇଂରାଜୀ ସ୍କୁଲ ନୂତନ ନୁହେ । ବହୁକାଳରୁ ତାହା ବହୁ ସନ୍ତୋଷଜନକ ଫଳ ଦେଖାଇ ଆସୁଅଛି । ଶିକ୍ଷକମାନେ ସ୍ୱାଧୀନ ଲୋକ ମନ ଲଗାଇ କାର୍ଯ୍ୟ କରନ୍ତି ଏବଂ ଜନସାଧାରଣଙ୍କର ତାହିଁ ପ୍ରତି ବିଶେଷ ଅନୁରାଗ ଅଛି । ଏପରି ବିଦ୍ୟାଳୟକୁ ଉଠାଇଦେଇ ତଦ୍ୱାରା ହାଇସ୍କୁଲର ପୁଷ୍ଟି ସାଧନ କରିବା ସୁଯୁକ୍ତ ନୁହେ । ମଧ୍ୟସ୍କୁଲର ପ୍ରତି- ଯୋଗିତାରେ ହାଇସ୍କୁଲର କ୍ଷତି ହେବାର ନିଦର୍ଶନ ନାହିଁ ଓ ତାହା ଥିବାକ କଲେ ମଧ୍ୟ ପୂର୍ବେ ସେ- ପରି ହୁଏ ନାହିଁ ଏବେ କାହିଁକ ହେଲା ତାହିଁର ମୂଳଭୂତ କାରଣ ଅନୁସନ୍ଧାନ କରି ଦେଖାଇବା ଉଚିତ । ସୁପରିଚାଳିତ ସ୍କୁଲ ଅବଶ୍ୟ ଅଧିକ ଛାତ୍ର ଆକର୍ଷଣ କରିବ । ଯେବେ ପରିଚାଳନ ଦୋଷରେ ଅବନତି ଘଟିବାର ଯଥାର୍ଥ ହୁଏ ତେବେ ଉନ୍ନତ ସ୍କୁଲଟି ଉଠାଇଦେଲେ ଯେ ଅଧମ ବା ମଧ୍ୟମ ସ୍କୁଲର ପୁଷ୍ଟି ହେବ ଏହା ଯୁକ୍ତିସଙ୍ଗତ ନୁହେ । ଫଳେ ଅନେକ ଛାତ୍ର ବିଦ୍ୟାଳୟରୁ ବଞ୍ଚିତ ହେବେ ଅତଏବ ଆମ୍ଭେମାନେ ଇନ୍‌ସ୍ପେକ୍ଟରଙ୍କ ସହିତ ଐକ୍ୟ ହୋଇ ଶିକ୍ଷାବିଭାଗୀୟ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ବାବୁମାନଙ୍କୁ ବିଶେଷ ଅନୁରୋଧ କରୁଁ ଯେ ଉକ୍ତ ସ୍କୁଲ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ । ପୁଣି ଯେବେ ଉପଯୁକ୍ତ ସାହାଯ୍ୟ ଅଭାବରେ ଏହି ସ୍କୁଲଟି ଉଠିଯିବା ଅନିବାର୍ଯ୍ୟ ହେବେ ତାହିଁ ସଙ୍ଗେ ମଧ୍ୟ ସ୍କୁଲଟି ଯେ ସରକାରୀ ସାହାଯ୍ୟ ପାଉଥିବା ସ୍ଥଳେ ତାହାର କ୍ଷତି ନ କରନ୍ତୁ ।

## ଜମିଦାର ଓ ପ୍ରଜା ।

ଜମିଦାରମାନେ ପ୍ରଜାଙ୍କ ପ୍ରତି ଅତ୍ୟାଚାର ଖଜଣା ବଢ଼ାଇବା ଓ ନାନା ପ୍ରକାର ଉତ୍ପୀଡ଼ନ ନିବାରଣ ସକାଶେ ବନ୍ଦୋବସ୍ତ କାର୍ଯ୍ୟ ଅତ୍ୟନ୍ତ ପ୍ରୟୋଜନୀୟ ଥିବାର ଲେଖି 'ଷ୍ଟେଟସମ୍ୟାନ' ପତ୍ରିକା ଜମିଦାରଙ୍କୁ ନିଷ୍ଠୁର ପ୍ରଜାପୀଡ଼କ ଏବଂ ପ୍ରଜାଙ୍କୁ ନିଃସହାୟ ରୂପେ ଚିତ୍ରିତ କରିବାର ଦେଖି ହିନ୍ଦୁପେଟ୍ରିୟଟପତ୍ରିକା ସ୍ୱଭାବତଃ ଦୁଃଖିତ ହୋଇ ତାହିଁର ଯଥାର୍ଥ ଉତ୍ତର ଦେଇଅଛନ୍ତି । ସେ କହୁଅଛନ୍ତି ଜମିର ଉତ୍ପନ୍ନର ମୂଲ୍ୟ ଅଧିକ ହେଲେ ଜମିଦାର ନ୍ୟାୟତଃ ଅଧିକା ଖଜଣା ପାଇବାର ଯୋଗ୍ୟ । ବଙ୍ଗଳାରେ ପ୍ରଜାମାନେ ଜୋଟ ଫସଲ କରି ଯେତେ ଲାଭ ପାଉଅଛନ୍ତି ଜମିଦାରମାନେ ତାହିଁର ଷୋଡ଼ଶାଂଶ ପାଇଲେ କୃତାର୍ଥ ହେବେ । କେହି ଜଣେ ଜମିଦାର ଅତ୍ୟା- ଚାରୀ ହେଲେ ସମସ୍ତଙ୍କୁ ଅତ୍ୟାଚାରୀ ଶ୍ରେଣୀରେ ଗଣ୍ୟ କରିବା ଉଚିତ ନୁହେ । ରେଭିନ୍ୟୁବୋର୍ଡର ପ୍ରକାଶିତ କାଗଜରୁ ରାଜା ପ୍ୟାରୀମୋହନ ମୁଖର୍ଜ୍ଜୀ ଦେଖାଇଅଛନ୍ତି ଯେ କେତେକଜଣ ଧନୀ ଜମି- ଦାର ଛଡ଼ା ସାଧାରଣତଃ ଜମିଦାରଙ୍କ ବାର୍ଷିକ ଆୟ ଟ ୭୪ ଙ୍କାରୁ ଅଧିକ ନୁହେ । ଇଂରେଜମାନେ ବନ୍ଦୋବସ୍ତ କର୍ମଚାରୀଙ୍କି ଆପଣାର ଭକ୍ତ ଏବଂ ଅଭାବଗ୍ରସ୍ତଙ୍କ ପର ସ୍ୱାଗତ ମଣିବା କଥା ଯଥାର୍ଥ ନୁହେ । ସାନ୍ତାଳ ପରଗଣାର ଲୋକମାନେ ବନ୍ଦୋ- ବସ୍ତ କର୍ମଚାରୀଙ୍କ ଆଗମନକୁ ଈଶ୍ୱରଙ୍କ ଆଶୀର୍ବାଦ ତୁଲ୍ୟ ନ ମଣି ପ୍ଲେଗ ରୋଗ ଉପସ୍ଥିତ ହେଲା ପ୍ରାୟ ଜ୍ଞାନ କରନ୍ତି । କୌଣସି ସ୍ଥାନରେ ବନ୍ଦୋ- ବସ୍ତ କର୍ମଚାରୀ ପହୁଞ୍ଚିଲେ ସେଠା ଲୋକେ ଆପଣା କାର୍ଯ୍ୟ ଛାଡ଼ି କେତେକଦିନ ପର୍ଯ୍ୟନ୍ତ ନିଷ୍କର୍ମା ହୋଇ ସକାଳୁ ସନ୍ଧ୍ୟା ଏ ସାଙ୍କ ନିକଟରେ ଉପସ୍ଥିତ ରହନ୍ତି । ଅନେକ ଥର ଫସଲ ହାନି ହେଉ । ପୂର୍ବ ବଙ୍ଗର ଲୋକମାନେ କଠିନ ବନ୍ଦୋବସ୍ତ କାର୍ଯ୍ୟ ସ୍ଥଗିତ ରଖିବା କାରଣ ପ୍ରାର୍ଥନା କରିଥିଲେ ବନ୍ଦୋବସ୍ତଦ୍ୱାରା ଲୋକଙ୍କର ଉପକାର ହେଉ- ଥିଲେ ଫରିଦପୁରର ଲୋକେ ଏପରି ଆପତ୍ତି କରି- ନ ଥାନ୍ତେ । ଖାସମହାଲରେ ଖଜଣା କ୍ରମାଗତ ବଢ଼ୁଅଛି ଏବଂ ଲୋକଙ୍କ ବାଧୁଅଛି । ସେଠା ଲୋକେ ବନ୍ଦୋବସ୍ତ କର୍ମଚାରୀଙ୍କି ଆଦର କର ଜାଣନ୍ତି କି ? ତଥାରେ ଅଛି ଯେ ନାଅଟି ଅଧିକ ପିଲାକୁ ଗେଲ କରେ ସେହିଟା ଡାହାଣୀ । କେତେକ ଜମିଦାର ସଙ୍ଗେ ମହାନ୍ତ୍ରଜ ଉପସ୍ଥିତ ହେଲେହେଁ ପ୍ରଜାଏ ବିପଦ ସମୟରେ ତାଙ୍କର ଉପରେ ନିର୍ଭର କରନ୍ତେ ବୋଲି ଜାଣନ୍ତି । ଜମିଦାର ନାହରୁ ଖର୍ଚ୍ଚ କରି ଉନ୍ନତି ସାଧନର ଉପାୟ ନ କଲେ ପ୍ରଜାଏ ଲାଭବାନ୍ ହୋଇ ପାରନ୍ତେ ନାହିଁ । ଜମିଦାର ତାଙ୍କର ଭଲ ମନ୍ଦ ସବୁ ବୁଝନ୍ତି ମଧ୍ୟ ତାଙ୍କ ଘରର କଳ କଳଥ ଭାଙ୍ଗି ଦିଅନ୍ତି । ସୁତରାଂ ପ୍ରଜାମାନେ ଜମିଦାରଙ୍କ ଅଭାବରେ ଅସହାୟ ଅବସ୍ଥାପନ୍ନ ହୋଇଥିବା ଏବଂ ବନ୍ଦୋବସ୍ତ କର୍ମଚାରୀଙ୍କି ଆଦର କରିବା କଥା ଉପନ୍ୟାସ ମାତ୍ର ।—ବଙ୍ଗ ସମ୍ପାଦକର ଏ କଥା ସୁଚିନ୍ତ ଆମ୍ଭମାନଙ୍କ ମନକୁ ଯୋଗ୍ୟଅଛି । ସାନ୍ତାଳ ପ୍ରଗଣାର ବନ୍ଦୋବସ୍ତ ଅଭିଜ୍ଞ ବିଷୟରେ ସେ ଯାହା ଲେଖିଅଛନ୍ତି ଏଠାରେ ଆମ୍ଭେମାନେ ତାହା ପ୍ରତ୍ୟକ୍ଷ କରୁଅଛୁଁ ଏବଂ ସେ ବିଷୟରେ ଏକାଧିକ ବାର ଏହି ପତ୍ରିକାରେ ଲେଖିଅଛୁଁ । ବନ୍ଦୋବସ୍ତ କାର୍ଯ୍ୟ ଯେତେ ସୁନିଷ୍ଟ୍ରିପଣା ହେଲ ସର୍ବତ୍ରେ ପ୍ରଜାଙ୍କୁ ପିଆଇ ଦେବାକୁ ଚେଷ୍ଟା କଲେ ମଧ୍ୟ ତାହା ଶୋଷିବା ସହଜ ନୁହେ । ପୁଣି ବନ୍ଦୋ- ବସ୍ତ କର୍ମଚାରୀମାନେ ସୋହାଗରେ ପ୍ରଜାଙ୍କର ପକ୍ଷ ହୋଇଯିବାରୁ ନାନା ପ୍ରକାରରେ ଜମିଦାର ଓ ପ୍ରଜା ମଧ୍ୟରେ ମନୋମାଳିନ୍ୟ ଉପସ୍ଥିତ ହୋଇଅଛି ଏବଂ ତାହା ଛାଡ଼ିବା ସହଜ ନୁହେ । ଫଳରେ ମାମଲା ମୋକଦମା ବନ୍ଦୋବସ୍ତ ଅର୍ଥ- ସଠାରୁ ହେବାରୀ ଅଦାଲତଯାଏ ନାନାପ୍ରକାରରେ ଲାଗିବା ଅବଶ୍ୟମ୍ଭାବୀ ଏବଂ ତଦ୍ୱାରା ଗରିବ ପ୍ରଜାର ଯେ ଅଧିକ କ୍ଷତି ତାହିଁରେ ହିଁ ଭୁଲି ନାହିଁ ।

---

କଟକ ରେଭେନ୍‌ସା କଲେଜରୁ ନିମ୍ନଲିଖିତ ଛାତ୍ରମାନେ ବି ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଅଛନ୍ତି ।

ନୀଳାମ୍ବର ମହାନ୍ତି ନୀଳକଣ୍ଠ ଦାସ

ଗୋବିନ୍ଦାନନ୍ଦ ଦାସ ଶଶିଭୂଷଣ ଚାଟୁର୍ଯ୍ୟ

ଶଚୀନ୍ଦ୍ରନାଥ ଗାଙ୍ଗୁଲି

---

## ସେ କାଳ ଓ ଏ କାଳ ।

ଏହି ଶିରୋନାମରେ ହିତବାଦର ପ୍ରାପ୍ତ ସ୍ତମ୍ଭରେ ଗୋଟିଏ ପ୍ରବନ୍ଧ ବାହାରିଥିଲା ତହିଁରେ ଅନ୍ୟାନ୍ୟ କଥା ମଧ୍ୟରେ ସେକାଳର ଲୋକଙ୍କର ଧର୍ମ ବିଶ୍ୱାସ ସହିତ ଏକାଳର ଲୋକଙ୍କର ଧର୍ମ ବିଶ୍ୱାସର ତୁଳନା କରି ଲେଖକ ଦେଖାଇଥିଲେ ଯେ ଏକାଳରେ ଧର୍ମ ବିଶ୍ୱାସ ଅନେକ ପରିମା- ଣରେ ଊଣା ହୋଇଅଛି ଅଥବା ଧର୍ମ ପ୍ରତି ପୂର୍ବ ପରି ଗାଢ଼ ଆସ୍ଥା ନାହିଁ । କେହି କେହି ବ୍ୟକ୍ତି ଏଥିର ପ୍ରତିବାଦ କରି କହିଅଛନ୍ତି କି ସେକାଳରେ ଧର୍ମର ଆଭ୍ୟନ୍ତରିକ ଅନୁଷ୍ଠାନ ସଙ୍ଗରେ ବାହ୍ୟକ ଅନୁଷ୍ଠାନ ବିସ୍ତର ଥିଲା ଏ କାଳରେ ବାହ୍ୟକ ଅନୁଷ୍ଠାନର ଅଂଶିକ ଅଭାବ ଦେଖିବା ବୋଲିବା ଯୁକ୍ତି ସଙ୍ଗତ ନୁହେ । ଏଥିର ଉତ୍ତରରେ ଲେଖକ କହିଅଛନ୍ତି କି ସେକାଳରେ ଧର୍ମର ବାହ୍ୟକ ଅନୁଷ୍ଠାନ ଅଧିକ ଥିଲା ମାତ୍ର ଏକାଳରେ ବାହ୍ୟ ଅନୁଷ୍ଠାନ ଲୋପ ପାଇଲେହେଁ ଆଭ୍ୟନ୍ତରିକ ଅନୁଷ୍ଠାନ ପୂର୍ବପରି ବଳବତ୍ତର ଥିବାର ଜଣା ଯାଉଅଛି କି ? ସିଦ୍ଧ ପୁରୁଷ ବା ପରମହଂସମାନେ କୌଣସି ଧର୍ମର ବାହ୍ୟାନୁଷ୍ଠାନରେ ବାଧ୍ୟ ନୁହନ୍ତି । ବର୍ତ୍ତମାନ କି ବଙ୍ଗ ଦେଶର ଘରେ ଘରେ ସେପରି ସିଦ୍ଧ ପୁରୁଷ ହୋଇ ଅଛନ୍ତି ? ଅନ୍ତରେ ଧର୍ମ ଥିଲେ ବାହାରେ ତାହାର ଲକ୍ଷଣ ଦେଖାଯାଏ । ଅନ୍ତକାଳ ସଂସାରଯାତ୍ରା ନିର୍ବାହ କରିବା କଠିନ ବୋଲି ଅନେକ ଲୋକ ହୋଇ ଦୁର୍ଗୋତ୍ସବ ବନ୍ଦ କରି- ଦେଇଅଛନ୍ତି । କିନ୍ତୁ ସେକାଳରେ କି ସମସ୍ତେ ସଙ୍ଗତିପନ୍ନ ଥିଲେ ? ସେମାନେ ଅନ୍ୟ ବ୍ୟୟ ସଙ୍କୋଚ କରି ଉତ୍ସାହ ମନରେ ପୁଣ୍ୟ କାର୍ଯ୍ୟରେ ବ୍ୟୟ କରୁଥିଲେ । ଏମନ୍ତ ବୋଲାଯାଇ ପାରେ ଯେ ହୋଇ ଦୁର୍ଗୋତ୍ସବାଦି ପୌତ୍ତଳିକ ଧର୍ମ ସମ୍ବନ୍ଧୀୟ ହେତୁ ତହିଁ ପ୍ରତି ଲୋକଙ୍କର ଆସ୍ଥା ନାହିଁ । ମାତ୍ର ବ୍ରହ୍ମସମାଜ, ହରିସଭା ଇତ୍ୟାଦିର ଯେପରି ଉନ୍ନତି ୨୦ ବର୍ଷ ପୂର୍ବେ ଦେଖାଯାଉ- ଥିଲା ଏବେ ତାହା ଅଛି କି ? ସରକାର ଅନୁ-

Digitized by srujanika@gmail.com

ଛନ୍ଦ ତନ ପଟେର ବନ୍ଦ କରନ୍ତି ବୋଲି ଅନେକ ପୂଜା ପର୍ବର କଥା ଆମ୍ଭମାନଙ୍କର ମନରେ ପଡ଼େ ମାତ୍ର ସେ ସମସ୍ତର ପ୍ରକୃତ ଅନୁଷ୍ଠାନ ଅନେକ ସ୍ଥଳେ ଦେଖାଯାଏ ନାହିଁ । ସନ୍ନ୍ୟାସୀମାନେ ଅନେକ ବାର ବ୍ରତକୁ ନଗିଅଛନ୍ତି ସତ୍ୟ ମାତ୍ର ସେ ସମସ୍ତ ମଧ୍ୟ କ୍ରମେ ଉଣା ପଡ଼ିଆସୁଅଛି । ଦେବୀମାନଙ୍କର ସେ ସମସ୍ତରେ ବିଶ୍ୱାସ ଏବେହୁଁ ଶିଥିଳ ହୋଇଅଛି ସେ ଅନ୍ୟ କଥା ନୈଷ୍ଠିକ ଆଉ ବ୍ରାହ୍ମଣ ଘରେ ଉପନୟନ ଛଡ଼ା ଜାତ୍ୟୁଚ୍ଛାଦ ଉଚ୍ଚ ଜାତିରେ ବର୍ଣ୍ଣବୋଧ ଉଠି ଗଲା ପରି ଜଣା ଯାଉଅଛି । ଏପରି ଦିନ ପ୍ରଭାତ ଗୁରୁଜନଙ୍କୁ ମାନ୍ୟ କରିବାର ପୂର୍ବେ ଯେପରି ଥିଲା ଏବେ ତାହା ଦେଖାଯାଉ ନାହିଁ । ପିତାର ଆଦେଶ ପାଳିବା କେଶିକ ଆଉ ପିତାଙ୍କୁ ଆପଣା ଅଧୀନରେ ରଖିବାକୁ ଅନେକର ଚେଷ୍ଟା ଓ ଗୁରୁଜନମାନେ ପିଲାଙ୍କର ଭାବ ଦେଖି ବ୍ୟସ୍ତ ଓ ବ୍ୟଥିତ । ଏସମସ୍ତ ଧର୍ମଭାବର ଶିଥିଳତା ଭିନ୍ନ ଆଉ କ'ଣ ହୋଇପାରେ ? ଏହି କଥାରେ ଆଜକାଲି ଲୋକେ ବୟସ୍କ ସଙ୍କଟ ହୋଇ ପଡ଼ିଅଛନ୍ତି । କିପରି ଅର୍ଥସଂଗ୍ରହ କରି ପାରିବେ ଏହି ଭାବନାରେ ସମସ୍ତେ ବ୍ୟସ୍ତ ଅଥଚ ଅର୍ଥସଂଗ୍ରହର ସତ୍ପଥ ଛାଡ଼ିବା କମ୍ପା ଉପାର୍ଜିତ ଅର୍ଥର ସଦ୍‌ବ୍ୟୟ କରିବା ଦିଗକୁ ମନ ଯାଉ ନାହିଁ । ଧର୍ମରେ ମନ ହେଲେ ସିନା ସଦ୍‌ବ୍ୟୟ ଦିଗକୁ ମନ ଯିବ । ଆଗକାଳର ଲୋକମାନେ ଦେବେ ଦେବାଳୟ, ପୁଷ୍କରିଣୀ, ପାନ୍ଥ ନିବାସ, ବାଟ ଘାଟ ବୃକ୍ଷ ରୋପଣ କରି ଯାଇଅଛନ୍ତି । ଏବେ ପୁଷ୍କରିଣୀଟାଏ ଖୋଳିବା କମ୍ପ ଗଛ ଲଗାଇବାର ଚେଷ୍ଟା ଥାଉ ସ୍ଥାନର ପୋଖରୀ ଯୋଗେ ସଂସ୍କାର କରିବାକୁ କାହାରି ମନ ଯାଉ ନାହିଁ ଏବଂ ଗଛ ବନ ଅପବ୍ୟୟ କରିବାକୁ ଅନେକ ଲୋକ ମନରୁଚ । ଅଧିକ ଉଦାହରଣର ପ୍ରୟୋଜନ ନାହିଁ । ଏକାଳରେ ଶିକ୍ଷା ବିସ୍ତାର ହୋଇ ଅନେକ ଲୋକ ଉପାଧିଧାରୀ ହୋଇଅଛନ୍ତି ମାତ୍ର ତହିଁ ସଙ୍ଗେ ସ୍ୱାର୍ଥପରତା ଓ ବଳାହିତା ଏମନ୍ତ ବଢ଼ିଅଛି ଯେ ଧର୍ମ ଚିନ୍ତା କରିବାର ଅବସର ନାହିଁ । ସାଧୁ ତୁଳସୀ ଦାସ ଯଥାର୍ଥ କହିଅଛନ୍ତି-ଯାହାଁ କାମ୍ ଉହାଁ ରାମ୍ ନାହିଁ, ଯାହାଁ ରାମ୍ ଉହାଁ ନାହିଁ କାମ୍ । ତୁଳସୀ କୋହି ନ ଦେଖା ଦେ ରବ ରଜନୀ ଏକଠାମ୍ ।

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଡେ: ମା: ଓ ଡେ: କଲେକ୍ଟର ମି: ଲ, ଟି, ଗେଷ୍ଟଙ୍କ ଅବସର ଗ୍ରହଣ ହେଲା ।

କଟକର ଜୋ: ମା: ଓ ଡେ: କଲେକ୍ଟର ବାବୁ ଜଗେନ୍ଦ୍ର ନାଥ ବସୁ ଆଠଗଡ଼ର ସବଡେପୁଟିର ପଦ ପାଇଲେ ।

ମୌଲବୀ ସେଖ ଜମ୍ମୁ ବକସ ବଡ଼ବାବୁ ସ୍ଥାନେ ବେତନ-ଆଧାର ପଦ ରେଜ୍ୟୁଲାର ନିଯୁକ୍ତ ହେଲେ ।

ଶିକ୍ଷାନବିଶ ସବ୍ ଡେ: କଲେକ୍ଟର ବାବୁ ଯୋଗେଶଚନ୍ଦ୍ର ନିଜ କଲୋକପ୍ତ କାର୍ଯ୍ୟରୁ ଫେରି ଆସି ଓଡ଼ିଶା ବିଭାଗରେ ସବ୍ଷ୍ଟାପିତ ହେଲେ ।

ଓଡ଼ିଶା ବିଭାଗର ସବ୍ ଡେ: କଲେକ୍ଟର ମୌଲବୀ ନୈୟଦ ମହମ୍ମଦ ଅକବର ଅଲମୁଲର ସଦର ମହକୁମାରେ ସ୍ଥାପିତ ହେଲେ ।

ପୁରୀଜିଲା ପଦ୍ମକାଶୀ ପୁଲ ସବ୍ ଇନ୍‌ସ୍ପେକ୍ଟର ବାବୁ ଶ୍ୟାମସୁନ୍ଦର ସାହୁ ବାବୁ ମାଧବଚନ୍ଦ୍ର ଜାସ୍ୱଙ୍କର ସ୍ଥାନ ପରିବର୍ତ୍ତିତ ଜାଗାରେ ପୁଲ ସବ୍ ଇନସ୍ପେକ୍ଟର ନିଯୁକ୍ତ ହେଲେ ।

ନିମ୍ନଲିଖିତ ଛାତ୍ରମାନେ ସନ ୧୯୦୧ ମସୀହା ଫେବ୍ରୁଆରି ମାସ ତା ୨୨ ଠାରେ ହୋଇଥିବା ଜୁନିୟର ଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

କାବ୍ୟ ।

ଦ୍ୱିତୀୟ ଶ୍ରେଣୀ ।

| | |
|---|---|
| ପ୍ରାଣକୃଷ୍ଣ ଆଚାର୍ଯ୍ୟ | ଲଛମନ ଟୋଲ |
| ଗଦାଧର ମହାପାତ୍ର | ପୁରୀ ,, |
| ବଳଭଦ୍ର ମିଶ୍ର | ପୁରୀ ,, |
| ମୃତ୍ୟୁଞ୍ଜୟ ମିଶ୍ର | ମୁକ୍ତି ମଣ୍ଡପ ସଭା |
| ଭଗୀରଥୀ ମିଶ୍ର | ଚେଙ୍କାନାଳ |

ସାଂଖ୍ୟ ।

ଦ୍ୱିତୀୟ ଶ୍ରେଣୀ ।

| | |
|---|---|
| ଲୋକନାଥ ଆଚାର୍ଯ୍ୟ | କାଦମ୍ବରୀ |

ସ୍ମୃତି ।

ଦ୍ୱିତୀୟ ଶ୍ରେଣୀ ।

| | |
|---|---|
| ସଦାଶିବ ଦାସ | ଚନ୍ଦ୍ରଶେଖର ପୁରୀ |

ସନ ୧୯୦୯ ମସୀହା ଜାନୁଆରୀ ତା ୧୫ ଠାରେ ନୂଆ ମିଉନିସିପାଲିଟିର କମିଶନର ଗଭର୍ଣ୍ଣମେଣ୍ଟର ଅନୁମୋଦିତ ହୋଇଅଛି ।

ଗତ ତା ୧୨ ରଖ ଶେଷ ହେବା ସପ୍ତାହରେ ସମୁଦାୟ ଜିଲ୍ଲାରେ କେବଳ ସମ୍ବଲପୁରରେ ଏକ ବର୍ଷା ହୋଇଥିଲା । ଓଡ଼ିଶାର ଅନ୍ୟ ସମସ୍ତ ସ୍ଥାନରେ ଗତ ସପ୍ତାହ ସଂଶୟଜନକ ଥିଲା ।

ଗତ ତା ୧୦ ରଖ ଶେଷ ହେବା ସପ୍ତାହରେ ପ୍ଲେଗରେ ୭୨୧୦ ଜଣ ଭାରତରେ ପ୍ରାଣ ହରାଇଥିଲେ ।

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଗ୍ରୀଷ୍ମ ଅଧିକ ହୋଇଅଛି । ମଧ୍ୟ ମଧ୍ୟ ଆକାଶରେ ମେଘ ଦେଖାଯାଉଅଛି ଓ ଦୁଇଥର ସାମାନ୍ୟ ବର୍ଷା ହୋଇଅଛି ।

ରଣପୁରରେ ଏକ ନମ୍ବର ୨୦ ଆଗ୍ନେୟାସ୍ତ୍ର ସମେତ ସପନ୍ଧରେ ଅଛି, ସ୍କୁଲ ଓ ଜଣ କନେଷ୍ଟବଳ, ଏକ ସବ୍ ଇନ୍‌ସ୍ପେକ୍ଟର ମାନେ ପୁଲିସ ଥିବା ତାହା ଥିଲା ଦେଖାଇଅଛନ୍ତି ।

ଚନ୍ଦ୍ରଭାଗା ନଦୀର ତଟରେ ଗତ ଶୁକ୍ରବାର ରାତ୍ରରେ ସମ୍ମୁଖରେ ବସି ଆରୋଗ୍ୟ ଦେଖାଇ ଗଢ଼ ଗଡ଼ଜାତ ମରୁଅଛି ଲୋକେ ଭୟ ଲଗାଇ ଦେଉଥିବାର ଜଣାଯାଇଅଛି ।

ବାଙ୍ଗରାବାଦ ଉପସ୍ଥିତ ହେବା ଗତ ଚାରି ସପ୍ତାହ ସମସ୍ତ ଗ୍ରାମ ପରିଷ୍କାର ହୋଇ ପଡ଼ି ଘଟଣା ଦେବାରେ ୭୧ ଘରୁ ସର ଖୋଳା ଯାଇଅଛି ।

ନଗେନ୍ଦ୍ରର ସହିତ ଏକ ଗାଈକୁ ଆସିବା ସମୟ ହେବା ଗୋଟାଏ ଗୋଟିଏ କଳକଣ୍ଠ ଦେବାକୁ ୭୨ ଜଣ ଲୋକ ପ୍ରାଣ ହରାଇଅଛନ୍ତି ।

ଅଲମଗଡ଼ ଉତ୍ତାର ମହଲା ବାଦ ସବୁ କୋଟିଏ ଅଳଙ୍କାର ବାହୁ ଅଳ ମଙ୍ଗଳବାର ରାତ୍ରରେ ଚୋରି ଘେର କବାଟ ଭାଙ୍ଗି କେଉଁଠାରେ ଗତ ଶୁକ୍ରବାର ଦିନ ଲକ୍ଷ୍ମୀ ଦେବୀଙ୍କ ପାଦ

ଦର ତଟରେ ପ୍ରାପ୍ତ ହେବାରେ ଦେଖାଯାଇ ଯେ ତହିଁର ଦେବତା ଲେଖା ନେଇ ବାଇ କରିବା ଯେପରି ଚେଷ୍ଟା ପୁରୀର ପଣ୍ଡା କରିଛନ୍ତି ।

ବହୁବର୍ଷର ଉପରୁ କଟକି ମୌଳା ସାହେବ ଜୋନ୍ ବସିଲେ ଥିବା ସରକାରୀ ବିଭିନ୍ନ ସମୟରେ ତାହାଙ୍କ ମାଜିଷ୍ଟ୍ରେଟ ସ୍ୱୟଂ ଦେଖିବାକୁ ପ୍ରସ୍ତୁତ ହୋଇଛନ୍ତି ।

ଜଗତସିଂହପୁର କସବା ମହଲା ରେଭିନ୍ୟୁ ଭବନ ଶ୍ରୀ ମଠ ଓଡ଼ିଆର ୧୮ ଜଣ ଲୋକଙ୍କୁ ସୁଦ୍ଧା ଦେଇ ମନ୍ଦିର ଗୋପନ କରାଇବାର ଚେଷ୍ଟା ଚଳିଅଛି ।

ବାଲେଶ୍ୱର ମିଉନିସିପାଲିଟିର 'ଦ' ପ୍ରଥମର ନିର୍ବାଚନ ସମୟରେ ଯେଉଁ ଗୁଲଜାର ଘଟିଲା ଜଣାଯାଉ ପ୍ରଭୃତି କମିଶନରଙ୍କ ଦସ୍ତଖତରେ ନାମ ଉଠି ହୋଇଅଛି ।

ଓ: ଓ ନ:

ବାଲେଶ୍ୱର କାଳୀତଳର ପ୍ରଜା ଦର୍ଶନ ସମୟରେ ଗୋଟିଏ ପୁଷ୍କରିଣୀ ପ୍ରସ୍ତୁତିର ପରିଷ୍କାର ହେବା ସମୟରେ ସତ ପ୍ରସ୍ତର ଖୋଦିତ ମୂର୍ତ୍ତି କାରୁକାର୍ଯ୍ୟଯୁକ୍ତ ଗୋଟିଏ ମୂର୍ତ୍ତି ବାହାରିଅଛି । ଦକ୍ଷିଣ ପାର୍ଶ୍ୱରେ ପଦ୍ମହସ୍ତା ଲକ୍ଷ୍ମୀ, ବାମଭାଗରେ ବୀଣାଧାରିଣୀ ସରସ୍ୱତୀ ଏବଂ ମଧ୍ୟରେ ଶଙ୍ଖ ଚକ୍ରଧାରୀ ଚତୁର୍ଭୁଜ ନାରାୟଣ । ବହୁଲୋକ ପ୍ରତିଦିନ ଏହା ଦେଖିବାକୁ ଆସୁଅଛନ୍ତି ।—ଓ: ଓ ନ:

## ଯାଜପୁର ସମ୍ବାଦ ।

ଏଠା ହାଇ ଇଂରାଜୀ ସ୍କୁଲ ଗତ ମଇମାସ ତା ୧୭ ରଖ ସୋମବାରଠାରୁ ଜୁନମାସ ତା ୨୮ ରଖ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ନିମିତ୍ତ ବନ୍ଦ ହୋଇଅଛି ।

ଏବର୍ଷ ବୈଶାଖ ମାସର ଶେଷଭାଗରେ ଜଳ ବର୍ଷା ହେବାରୁ କୃଷକମାନେ ଭୂମିକର୍ଷଣ ଓ ପାଚଳଭୂମିମାନଙ୍କରେ ଧାନ ବୁଣିବାକୁ ଆରମ୍ଭ କରିଅଛନ୍ତି ।

ଶ୍ରୀ ଦେବନାରାୟଣ ଦାସ ପ୍ରାୟ ୧୨ ଘ ଏଠା ଉତ୍କଳ ଶାଖାର କର୍ମାଦୟ ନାମ ସମ୍ପ୍ରଦାୟରେ ବହୁ ଲୋକ ଦେଖାଇ ତାଙ୍କ ସ୍ଥାନରେ ଗତ ଅପ୍ରେଲ ମାସରେ ଜନ୍ମାଷ୍ଟମୀ ପାଇ କରିବା ଏକ ବାକ୍ସି ନିଯୁକ୍ତ ହୋଇଅଛନ୍ତି । ସେ ଚଞ୍ଚଳ ଔଷଧ ଦେଇ ଜ୍ୱରରୋଗୀ ଆଉ ଜ୍ୱରଜନିତ ସେବିକଙ୍କର ୪୧ ହେଉଅଛି । ବୁଢ଼ ଏକବର୍ଷ ଖାଦ୍ୟ କରିବା ଛଡ଼ା ବହୁ ଦେଖାଇବା ସହରେ ଡାକ୍ତରଖାନାର ଚିକିତ୍ସକ ସାହେବଙ୍କୁ ପ୍ରାର୍ଥନା କରୁ ।

ସତ୍ୟବାଦୀ ବାଣୀପୁର ମହଲା ନବୀନ ପର୍ଯ୍ୟନ୍ତ ହୋଇଥିବା ନୂତନ ଘାଇ ସରକାର ୧୬ ତାରିଖରେ ସର୍ଭେ କରାଇ ସରକାରୀ ନାଲି ଜମିଦାର ଶ୍ରୀ ମହନ୍ତ ବଳଭଦ୍ର ଦାସ ଓ ତାଙ୍କର ପ୍ରଜାମାନେ ମିଳି ବନ୍ଦ କରିବାର ଆରମ୍ଭ କଲେ ମାତ୍ର ବାସୁଦେବପୁର ଇଲାକାର କମ୍ପାନୀ ଚାଷ କରନ୍ତେ ଜମିଦାର ଓ ପ୍ରଜାମାନେ ଯାଜପୁର ସବଡିଭିଜନଠାରେ ଦରଖାସ୍ତ ଦେଇଅଛନ୍ତି ଓ ସେ ଦରଖାସ୍ତ ଏଠା ଡେପୁଟି ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ଶୀଘ୍ର ଏହା ନ ହେଲେ ଏଥର ବର୍ଷାରେ ସବୁ ନଷ୍ଟ ହୋଇ ଅନେକ ଲୋକଙ୍କର ସର୍ବନାଶ ସାଧନ କରିବ ।

ବୋଲଗ୍ରାମ ପ୍ରଜା ବାଲେଶ୍ୱରକୁ ଯାଇ ଯାଜପୁର ମାଣ୍ଡ଼ିଆ ବଣ ମୋଡ଼ାରେ ବେଣୁଧର ସଭା ପ୍ରଭୃତି ଜମିଦାରମାନଙ୍କଠାରୁ ଜଳକର୍ଷିବାର ଗଜନା ଅବଧି ନମନ୍ତେ ଏଠାର ଉଦାର ବାବୁ ସତୀଶଚନ୍ଦ୍ର ଗୁପ୍ତ ନାମରେ ସାର୍ଟିଫିକେଟ ନେଇ ଚଳନ୍ତିମାଳ କ୍ରୋକ କରିବା ସମୟେ ବେଣୁଧର ସଭା ପ୍ରଭୃତି ଉଦାର ବାବୁଙ୍କ ଲୋକମାନଙ୍କୁ ଓ ସଙ୍ଗ ଥିବା ଚପରାସୀଙ୍କୁ ସେମାନଙ୍କ ହାତରେ ପୋଡ଼ିବାକୁ ମୋକଦ୍ଦମା ଦାୟର ହୋଇ ଡେପୁଟି ଧୀନରେ ଅଛି ସରକାରଙ୍କ ପ୍ରସ୍ତାବ ଅଟେ ଦେଇ ପୋଲିସ ଦରଖାସ୍ତ ପାରିଲେ ଡେପୁଟିଙ୍କୁ ବାସ୍ତବରେ କେମନ୍ତ ବୁଝି ପାଠକଙ୍କୁ ଜଣାଇବୁ ।

Digitized by srujanika@gmail.com
Split by PDF Splitter

## କେନ୍ଦ୍ରାପଡ଼ା ସମ୍ବାଦ ।

ଗତ ମଙ୍ଗଳବାର ଅପରାହ୍ନ ସମୟେ ବେଶ ଏକ ପସଲା ଝାଣ ବୃଷ୍ଟି ହୋଇ ଚଷ କାର୍ଯ୍ୟର ବଡ଼ ଉପକାର କରିଅଛି ।

ଗାଇ ବଳଦ ମଧ୍ୟରେ ଫାଟୁଆ ରୋଗ ଓ ବସନ୍ତ ରୋଗର କିଛି ପ୍ରାଦୁର୍ଭାବ ହୋଇଅଛି ଏବଂ ଧାନେ ଠାକୁରାଣୀ ରୋଗରେ ଲୋକ ମାରାପଡ଼ିବାର ମଧ୍ୟ ଦେଖାଯାଉଅଛି ।

ଏଠାର ଦାତବ୍ୟ ଚିକିତ୍ସାଳୟର ବାର୍ଷିକ ବ୍ୟୟ ଆୟ ଅପେକ୍ଷା ଅଧିକ ପଡ଼ିବାର ଜାଣି ଏବଂ ଅର୍ଥାଭାବରୁ ଅନେକ ଉନ୍ନତ କାର୍ଯ୍ୟ ହୋଇପାରୁ ନ ଥିବାର ଦେଖି କାର୍ଯ୍ୟ ନିର୍ବାହକ କମେଟୀ ଗାଁଜାଦ ଉଇଲ ମହାନ୍ତି ଓ ଅନ୍ୟାନ୍ୟ କେତେ ବ୍ୟକ୍ତିଙ୍କ ଠାରୁ ମାସିକ ଚାନ୍ଦା ସଂଗ୍ରହର ବନ୍ଦୋବସ୍ତ କରିଅଛନ୍ତି । ଚାନ୍ଦା ଏହି ମାସରେ ପ୍ରଥମ ଅଦାୟ ହେବ । ଆଶାକରୁଁ ଏହି ମହତ କାର୍ଯ୍ୟ ନିମନ୍ତେ ଦାତାମାନେ ମୁକ୍ତହସ୍ତ ହୋଇ ଧନ୍ୟବାଦର ପାତ୍ର ହେବେ ।

ସବ୍‌ଡିଭିଜନ ମାଜିଷ୍ଟ୍ରେଟ ଉଦୟଣ ପ୍ରଶଳାର ପଟ୍ଟାମୁଣ୍ଡାଇ ଥାନାନ୍ତର୍ଗତ ଅନ୍ତେଶ ମୌଜା ନିବାସୀ ବଳରାମ ପଣ୍ଡାଠାରୁ ତାଙ୍କ ଗୋଟିଏ ଏକ ଅବେଦନପତ୍ର ପାଇଅଛନ୍ତି । ତହିଁର ସଂକ୍ଷେପ ମର୍ମ ଏହି ଯେ ପଟ୍ଟନିବାସୀ କଟେଲର ଅନ୍ତର୍ଗତ ପଟ୍ଟଣପୁର ଗ୍ରାମବାସୀ ପ୍ରେମଦାସ ମହାନ୍ତି ଆପଣାର ସରକାରୀ ଡିସ୍ପେନ୍ସରୀ ଗୋଇ ପରିଚୟ ଦେଇ କେତେକ ବାଙ୍ଗଲା ଔଷଧ ମହୁଲମାନ ଏବଂ କେତେ ଜଡ଼ିମାନ ନୋଟିସ ଦେଖାଇ ନାନାବିଧ ପ୍ରଦର୍ଶନ ପୂର୍ବକ ବଟିକା ଜଡ଼ିମାନ ଆଦାୟ କରି ଅତ୍ୟାଚାର କରିଅଛି । ଏହି ଆବେଦନପତ୍ର ଲକ୍ଷିତ ବିଷୟର ତଦନ୍ତର ଭାର କେନ୍ଦ୍ରାପଡ଼ା ଥାନାର ସୁଦକ୍ଷ ସିନିଅର ସବ-ଇନ୍‌ସପେକ୍ଟର ବାବୁ ଶ୍ରୀ ଜଗନ୍ନାଥସ୍ୱରୂପ ଦାସଙ୍କ ପ୍ରତି ଅର୍ପିତ ହୋଇଅଛି । ତଦନ୍ତର ଫଳାଫଳ ଯଥା ସମୟେ ପ୍ରକାଶ୍ୟ ।

ଏ ବର୍ଷ ଏ ଅଞ୍ଚଳରେ ପାଚିଲା ଆମ୍ବର ବଡ଼ ଅଭାବ ପରିଲକ୍ଷିତ ହେଉଅଛି । ଯେ ସାମାନ୍ୟ ପରିମାଣରେ ହାଟ ବଜାରରେ ଦେଖା ଯାଉଅଛି । ତାହା ଅତ୍ୟନ୍ତ ମହାର୍ଘ ।

---

ଗତମାସ ତା ୩ ଓ ୬ ରିଖମାନଙ୍କରେ ମାଳବାର ଉପକୂଳରେ ବିପୁଳ ତୋଫାନ ହୋଇ ଯାଇଅଛି । ଉପକୂଳସ୍ଥ ୧୪ ଖଣ୍ଡ ନୌକା କୂଳରେ ବାଡ଼ି ବିଧ୍ୱସ୍ତ ହୋଇଯାଇଅଛି ଓ କେତେଗୁଡ଼ାଏ ବୁଡ଼ି ଯାଇଅଛି । ନଷ୍ଟ ହୋଇଥିବା ନୌକାମାନଙ୍କର ଦ୍ରବ୍ୟାଦି ଲୋକେ ଲୁଟିନେଲେ । କେତେଜଣ ଲୋକ ନଷ୍ଟ ହୋଇଅଛନ୍ତି ତହିଁର ଠିକଣା ବାହାର ନାହିଁ ମାତ୍ର ବହୁଜଣ ଲୋକ ମିଳୁ ନ ଥିବାର ପ୍ରକାଶ ଓ ବହୁଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବ ।

ମଲକାନଠାରେ ରେଲଗାଡ଼ିରେ ଯେଉଁ ଇଂରେଜ ରମଣୀର ସତୀତ୍ୱ ନଷ୍ଟପୂର୍ବକ ହତ୍ୟା କରିବାହେତୁ ଜଣେ ସିପାହି ପ୍ରାଣଦଣ୍ଡ ପାଇଅଛି ସେହି ରମଣୀ ଯାହାର ବିବାହ ହେବାର ଥିଲା ସେ ସେହି ଦୁଃଖରେ ପ୍ରାଣତ୍ୟାଗ କରିଅଛନ୍ତି କନ୍ୟାର ପିତା ମଧ୍ୟ ଶୋକ ବିହ୍ୱଳ ହୋଇ ପରଲୋକ ଗମନ କରିଅଛନ୍ତି ।—ଏକ ହତ୍ୟା କାଣ୍ଡହେତୁ କେତେଗୋଟିକର ପ୍ରାଣ ଗଲା ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ କ୍ଷେତ୍ରବାସୀ ନାଥକ—ଭୋମପଡ଼ା ପାଠଶାଳାର ପ୍ରେସିଡେଣ୍ଟଙ୍କର ପ୍ରଶଂସା ଗାୟନ କରିଅଛନ୍ତି । ତାହାଙ୍କ ସହିତ କୃଷିବ୍ୟାଙ୍କ ବା କିଣାଇର ସଂକ୍ଷେପ ବିବରଣ ଲେଖିପଠାଇବାକୁ ଅନୁରୋଧ କରୁଁ ।

ଗୋପାଳଚନ୍ଦ୍ର ପ୍ରଧାନ ପ୍ରଭୃତି—ଅନଗୁଳ ପ୍ରଜାଙ୍କର ଦୁଃଖମାନ ଯାହା ଲେଖିଅଛନ୍ତି ସେ ପତ୍ରରେ ଜ ୩ ଣ ଲେଖକର ନାମ ଲେଖାଅଛି ମାତ୍ର ସେ ସମସ୍ତ ଏକ ଲେଖକର ହାତର ଅକ୍ଷର ଓ ଅନ୍ୟ ସ୍ୱାକ୍ଷର ନ ଥିବା ହେତୁ ସନ୍ଦେହ କରି ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଯେବେ ସେମାନଙ୍କର ସ୍ୱାକ୍ଷର କରାଇ ଓ ଟିକଟ ଦେଇ ପତ୍ର ପଠାଇବ ତେବେ ପ୍ରକାଶ କରିବାର ଚେଷ୍ଟାକରିବୁଁ । ସେ ଦୁଃଖମାନ ସ୍ୱନାମୀ ଅବେଦନ ପତ୍ରରେ ଗଡ଼ଜାତର ପୋଲିଟିକାଲ ଏଜେଣ୍ଟ ଏବଂ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ମହାଶୟମାନଙ୍କୁ ଜଣାଇଲେ ଅଧିକ ଉଚିତ ହେବ । ଆବେଦନ ପତ୍ରର ପ୍ରତିଲିପି ଅମ୍ଭେମାନେ ପାଇଲେ ପ୍ରକାଶ କରିବାକୁ ଚେଷ୍ଟା କରିବୁଁ । ସାଧାରଣ ଉପକାର କରିବା ନିମନ୍ତେ ସାହସପୂର୍ବକ ତହିଁର ଦାୟିତ୍ୱ ଗ୍ରହଣ କରି ଦଣ୍ଡାୟମାନ ହେବା ଏକାନ୍ତ ପ୍ରୟୋଜନ ।

ଜଣେ ସାହିତ୍ୟ ସେବକ—ସ୍କୁଲ ପିଲାମାନେ ଗ୍ରୀଷ୍ମାବକାଶରେ ଆପଣା ଘରକୁ ଯାଇ କପଟ ଅବକାଶର ସଦ୍‌ବ୍ୟୟ କରିବେ ତହିଁର ପରାମର୍ଶ ଦେବା କାରଣ ସାହିତ୍ୟ ସମାଜର ସମ୍ପାଦକଙ୍କୁ ଅନୁରୋଧ କରିଅଛନ୍ତି । ଅମ୍ଭେମାନେ ମନେକରୁଁ ଛାତ୍ରମାନେ ଆଳସ୍ୟ ଖେଳ କୌତୁକ ଓ କୁସଙ୍ଗରେ ସମୟ ନ କଟାଇ ନିଜେ ପଢ଼ିବେ ଓ ଗ୍ରାମବାସି ସଙ୍ଗମାନଙ୍କ ପଡ଼ାରେ ପ୍ରବର୍ତ୍ତାଇବେ ଓ ସଦୁପଦେଶ ଦେବେ ଏତକ ହେଲେ ଯଥେଷ୍ଟ ହେବ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମହାଶୟ !

ପରତାଲ ବନ୍ଦୋବସ୍ତ ଯୋଗେ ଅମ୍ଭେ କଟକ ମହାଲରୁ ଅସି ଦେଢ଼ମାସ ହେଲା ଏଠାରେ ରଇତ ଜମିର ବନ୍ଦୋବସ୍ତ କାର୍ଯ୍ୟ ଦେଖୁଅଛୁଁ । ସରକାର ବାହାଦୁର ପରତାଲ ବନ୍ଦୋବସ୍ତ ଜାରି କରି ଲୋକଙ୍କୁ ଯେ ଉପକାରରେ ପକାଇ ଅଛନ୍ତି ତାହା ଭୁକ୍ତଭୋଗୀ ବ୍ୟକ୍ତି ଅନ୍ୟ କେହି ବୁଝି ପାରିବେ ନାହିଁ । ଅମ୍ଭେ ଦୁଇ ଜଣ ଅସିଷ୍ଟେଣ୍ଟ ସେଟଲମେଣ୍ଟ ଅଫିସର ଲୋକ ଥିଲୁଁ ଅର୍ଥାତ୍ ବାବୁ ଫଣୀନ୍ଦ୍ର ନାଥ ମୁଖୋପାଧ୍ୟାୟ ଓ ବାବୁ ଉପେନ୍ଦ୍ର ନାଥ ମହାନ୍ତି । ପୂର୍ବୋକ୍ତ ମହୋଦୟ ଜଣେ ଏମ, ଏ, ବି ଏଲ ଉପାଧିଧାରୀ ଡେପୁଟି କଲେକ୍ଟର ସେ ଉତ୍ତରବଙ୍ଗ ଭାଗଲପୁର ମହାଲରେ ଏକାଲଗା କରିଥିବାରୁ ସମସ୍ତ ବନ୍ଦୋବସ୍ତ ହାକିମଙ୍କ ମଧ୍ୟରେ ଆପଣାକୁ ଅଭିଜ୍ଞ ଜ୍ଞାନରେ ଶ୍ରେଷ୍ଠ ମନେ କରି ସାଲେପୁର ଥାନାର ତ ୩ ନମ୍ବର ଟେଣ୍ଟର ଅଧିକାଂଶ ମଉଜାର କାର୍ଯ୍ୟକୁ ଯେପରି ଭାବରେ ସମାପ୍ତ କରିଅଛନ୍ତି ତାହା ଜମିଦାର ପ୍ରଜାମାନଙ୍କୁ ପଚାରିଲେ ସେମାନେ କହିବେ । ଫଣୀ ବାବୁ ଜମିଦାରମାନଙ୍କୁ ଓ ପ୍ରଜାମାନଙ୍କୁ ଦେଖିଲାରେ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳି ଦେଉଥିବାରୁ ସେମାନେ କେହି ଆପଣାମାନଙ୍କ ଗୁହାରି ସରଳ ଭାବରେ ବ୍ୟକ୍ତ କରି ନ ପାରି କେବଳ ହାକିମଙ୍କ ମନ ରକ୍ଷା କରି ଆପଣାର କାର୍ଯ୍ୟ ଉଦ୍ଧାର କରିବା- ସକାଶେ ସତ ମିଛ ଦୁଇ କଥା କହୁଥିଲେ । ଦେଓ୍ୟାନୀ, ଫଉଜଦାରୀ କଲେକଟରୀ ଅଦାଲତର ସବୁ ଫଏସଲମାନଙ୍କୁ ଫୋପାଡ଼ି ଦେବାର ଅମ୍ଭେ ନିଜ ଚକ୍ଷୁରେ ଦେଖିଅଛୁଁ । ସେ ସବୁ ଫଏସଲା ଦେଖାଉଥିଲେ ତାହାଙ୍କ ବିପକ୍ଷରେ ମକଦମା ଫଏସଲ କରୁଥିଲେ । ପ୍ରଜା କହୁଅଛି ମୁଁ ଜମି ଚଷେ ତାହିଁ ସତ ବନ୍ଦୋବସ୍ତରେ ମୋହ ନାମରେ ଭୁଲରେ ହୋଇଅଛି ତାହା ଅମୁକ ନାମରେ ଲଗାଇ ତାହା ଲିଖିତ ବଦଳ ଦାଏର କରି ଟିପଚିହ୍ନ ଦେଇ ଦସ୍ତଖତଦାର ହୋଇଅଛି ତାହା ପୁନଶ୍ଚ ତାହାର ନାମରେ ରଖିଲେ । ପ୍ରଜା କହୁଅଛି ମୁଁ ସ୍ୱୟଂ ଦଶ ଗଜଣା ଦଶ ତାହିଁ ସେଥିରେ ଖଜଣା ପୂରଣ ହେଲା । ପ୍ରଜା ରେଜେଷ୍ଟ୍ରୀ ଦସ୍ତାବିଜଦ୍ୱାରା ଜମି କିଣି ଦେଉଅଛି ପୁନଶ୍ଚ ସେ ଜମି ତାହାର ନାମରେ ରହିଲା ଗ୍ରାମମାନଙ୍କ ମଧ୍ୟରେ ଜ ୨୦ ଟି ଗଲେ ବାସ୍ତୁପତ୍ର ହୋଇ ଯେଖାନାର ଅଂଶ ଲୋକ ଦଖଲ କରି ଅଛନ୍ତି ବର୍ତ୍ତମାନ ଅସି ତହିଁରେ ନା ହକ ରଇତମାନଙ୍କରେ ଦଖଲ କରୁଥିଲେ ବାସ୍ତୁପତ୍ର ନାମଙ୍କର ହୋଇ ଜମି ରହିଲା ଉଠମାଇ । ଜଣକର ଦାସୀପୁତ୍ର ଅର୍ଥାତ୍ କରଣ ଓ ବଙ୍ଗାଳମାନଙ୍କ ଘରେ ଯେପରି ସାଗରପେଷା ଥାନ୍ତି ତାଙ୍କୁ ଓ୍ୟାରିସ ସିଦ୍ଧାନ୍ତ କରି ପ୍ରକୃତ ସ୍ତ୍ରୀର ଔରସଜାତ ପୁତ୍ର ସହିତ ଉତ୍ତମାଧିକାରେ ନାମ ଦାଖଲ କରି ଦେବାପରି ଅମ୍ଭେ ପଚାରିଲୁ କି କେଉଁ ଅଇନ ଅନୁସାରେ ଆପଣ ରକ୍ଷିତା ସ୍ତ୍ରୀର ପୁତ୍ରକୁ ଅନ୍ୟ ପୁତ୍ର ସହିତ ନାମ ଦାଖଲ କଲେ ଉତ୍ତର ଦେଲେ ନାଲିସ କଲେ ଯେତେବେଳେ ଶୋଷକ ପୋଷାକ ପାଇବ ତେବେ ବିଷୟ ପାଇବ ନାହିଁ କାହିଁକି ଏହିପରି ଭାବରେ କାର୍ଯ୍ୟ କରିଥିବାରୁ ତାଙ୍କ ଇଲାକାରେ ଜ ୧୫୦୦ ମିର ଧା ୧୦୩ ରୁ ମକଦମା ଅଦ୍ୟ ପର୍ଯ୍ୟନ୍ତ ଦାଏର ହୋଇଅଛି ଓ ଏ ମୋକଦ୍ଦମାମାନ ଫଏସଲ କରିବାକୁ ସରକାରଙ୍କର କେତେ ଖର୍ଚ୍ଚ ହେବ । ତାଙ୍କର ବଦଳି ହେବାରୁ ଶ୍ରୀ ବାବୁ ଉପେନ୍ଦ୍ରନାଥ ମହାନ୍ତି ଗତ ମାସ ତା ୧୩ ରିଖରୁ ତାଙ୍କ ଟେଣ୍ଟରୁ ଚାର୍ଜ ନେଇ ଭୁଆଁପାଳ ମହାଲରେ ଏକ ମାସ ରହି ଅନେକ ମଉଜାର କାର୍ଯ୍ୟ ନିକାଶ କଲେ । ଉପେନ୍ଦ୍ର ବାବୁ ଗତ ବନ୍ଦୋବସ୍ତରେ ଶ୍ରୀଯୁକ୍ତ ମେଡ଼କ୍ ସାହେବଙ୍କର ଖାସ ଟେଣ୍ଟ ଥାଇ ସାହେବ ମହୋଦୟଙ୍କୁ ଅନେକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ବିଶେଷ ସାହାଯ୍ୟ କରିଥିବାରୁ ସାହେବ ମହୋଦୟ ତାଙ୍କୁ ଅସିଷ୍ଟେଣ୍ଟ ସେଟଲମେଣ୍ଟ ଅଫିସର କରି ଅନଗୁଳ ବନ୍ଦୋବସ୍ତର ଭାର ଦେଇଥିଲେ ସେଠାରେ ଭଲ କାର୍ଯ୍ୟ କରିବାରୁ ପୁନଶ୍ଚ ତାଙ୍କୁ ପରତାଲ ବନ୍ଦୋବସ୍ତକୁ ଅଣିଥିଲେ । ବାବୁ ମହୋଦୟ ଏଥିପୂର୍ବେ ଅସିଷ୍ଟେଣ୍ଟ ଓ ଡେପୁଟି ପ୍ରଗନାର କେତେକ ମଉଜାର ବନ୍ଦୋବସ୍ତ କାର୍ଯ୍ୟ ସୁଖ୍ୟାତିରୂପେ ନିର୍ବାହ କରିଥିବାର ଅମ୍ଭେମାନେ ଏଥିପୂର୍ବେ ଶୁଣିଥିଲୁ ଜମିଦାର ପ୍ରଜା ଓ ସରକାରବାହାଦୁରଙ୍କ ଲାଭପ୍ରଦ ସମାନ ଦୃଷ୍ଟି ରଖି ସେଥିରଭାବରେ କେତେକ ମଉଜାର କାର୍ଯ୍ୟ ସମାପ୍ତ କଲେ ତାହା ବର୍ତ୍ତମାନ ଭାବରେ ଲେଖିବାର

Split by PDF Splitter

Digitized by srujanika@gmail.com

Split by PDF Splitter



ସ୍ଥାନ ନାହିଁ ଜମିଦାର ଓ ପ୍ରଜାମାନଙ୍କ ମଧ୍ୟରେ ଓ ସ୍ୱାର୍ଥ ସ୍ୱାର୍ଥମାନଙ୍କ ମଧ୍ୟରେ ଯେଉଁ ଭଲ ସମ୍ବନ୍ଧ ଥିଲା ତାହା ଦୁଇପକ୍ଷଙ୍କ ମଧ୍ୟରେ କଷ୍ଟ ଦୂର ହେଲ ସୁଚ୍ଛଳିତ କାର୍ଯ୍ୟ ସମାଧା ହେଲେ ଦେଓ୍ୱାନୀ ଫଲଷ୍ଟେଷ୍ଟ ଅଦାଲତର ବାସୁ ପ ଏବଙ୍କ-ପ୍ରଭ ବଶେଷ ଭାବର ଥିଲ ଗଣ୍ଡୀ ଭୂଃଖୀ ଓ ଛଃସହାୟ ବିଧବା ସ୍ତ୍ରୀମାନଙ୍କର ଦୁହାଇ ଶୁଣି ସେମାନଙ୍କ ଜଲଠାରୁ ସାନ ମହଜମିନ ତଦନ୍ତ ଦ୍ୱାରା ସେମାନଙ୍କର ସ୍ୱତ୍ୱ ବଜାଏ ରଖି ଗଲେ ତାଙ୍କର ଧୀରତା, ସହିଷ୍ଣୁତା ଓ ମୃଦୁମିଷ୍ଟ ବାକ୍ୟରେ ଜମିଦାର ପ୍ରଜା ସମସ୍ତେ ସନ୍ତୁଷ୍ଟ ଥିଲେ । ଫଣି ବାବୁ ଯେତେ ମଉଜାର ଜାତୀ ପ୍ରଭବନ ଦାଖ-ରେ ରହି ଦୂରଦେଶୀ ଲୋକମାନଙ୍କୁ ଯେପର ଶୁଭବର୍ତ୍ତା ମହାତ୍ମାଜନଙ୍କ ଦ୍ୱାରା ଶ୍ରୀକ ଯୋଗାଏ ମର୍ଯ୍ୟାଦା ଅର୍ଥକ ଦେଇ ବସ୍ତ୍ର ଦେଉଥିଲେ ଉପେ-ନ୍ଦ୍ରବାବୁ ଶାସନ କର୍ତ୍ତୃ ଜନ ଗୋଷ୍ଠୀ ୨ ମଉ-ଜାର ତାର୍ଯ୍ୟ ହଳ ଶ ଜନ ସେ ବର୍ଷ ଦୂର କଲେ ଫଣୀନ୍ଦ୍ର ବାବୁ ଏଠାରୁ ଯିବା ସମୟରେ ତାଙ୍କୁ ଦେହ ପର୍ଯ୍ୟନ୍ତ ଲ ନାହିଁ । ଗତ କାଲ ଉପେନ୍ଦ୍ର ବାବୁ ଡେଥ ଙ୍କ ଜୟପୁର ସୁଜାନକୁ ଯିବା-ସମୟରେ ଅନେକ ମଉଜାର ଜମିଦାର ପ୍ରଜା ପ୍ରାୟ ୨୦୦ ଜଣ ତାଙ୍କୁ ବିଦାୟ ଦେବାସକାଶ ହୁରୁଣ ଜମାକୁଳତଯ୍ୟନ୍ତ ଯେତେବେଳେ ତାଙ୍କ ପହଞ୍ଚ ଆଗଣ୍ଟିଲେ ତାହା ଗୋଷ୍ଠୀ ଏ ସୁନର ଦୃଶ୍ୟ ହୋଇଥିଲା । ଅମ୍ଭେମାନେ ଆଶା କରୁଁ ବନ୍ଦୋବସ୍ତ କର୍ତ୍ତା ଉପେନ୍ଦ୍ର ବାବୁଙ୍କର ସତ୍ୟତା ଓ କାର୍ଯ୍ୟକାରିତା ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ତାଙ୍କର ପଦୋନ୍ନତ କରିବେ ।

୧୫।୫।୦୯ } ଲୁଣ ଗଲ }  ଅଶଣକର
ଏକଜଣ ଉତ୍କଳୀୟ ।

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରଜା । ଜେ । ଢେଙ୍କାନାଳ | | ୪ ୨ |
| ରାଣୀ । ଢ । ଢେଙ୍କାନାଳ | | ୫ ୨ |
| ବାବୁ ଶ୍ରୀ ଘନଶ୍ୟାମ, ହରି | କଟକ | ୫ ୩ |
| „ ବନୋଦବହାରି ଦାଶ | କସ୍ତୁରଗଡ଼ | ୫ ୪ |
| „ ବସ୍ତନାଥ ଦାସ | କଟକ | ୫ ୩ |
| „ କୃଷ୍ଣଚନ୍ଦ୍ର ସରଘ | କଟକ | ୫ ୩ |
| „ ଅନନ୍ତ ଚରଣ ରାୟ | ତୁଳକଟୋଳ | ୫ ୩ |
| „ ବଦ୍ୟାଧର ମିଶ୍ର | କଟକ | ୫ ୨ |
| „ ସୁଦାମଚରଣ ଦାଶ | ଅନଗୁଳ | ୫ ୨ |
| „ ବଂଶୀଧର ଷଡ଼ଙ୍ଗୀ | ସୁନ୍ଦରପୁର | ୫ ୨ |
| „ ନରସିଂହ ପଟ୍ଟନାୟକ | ଖଲିକୋଟ | ୫ ୩ |
| ସାମନ୍ତ ରଘୁନାଥ ଶ୍ରୀଚନ୍ଦନଦେବବର୍ମା ମୁଖଶିଙ୍ଗଗଡ଼ | | ୫ ୨ |
| ବାବୁ ଶ୍ରୀ ଯଦୁନନ୍ଦ ମହାପାତ୍ର | ପଦ୍ମପୁର | ୫ ୨ |
| „ ମଣିନ୍ଦ୍ରନାଥ ରାୟ | କଟକ | ୫ ୩ |
| „ ଡା । ଶ୍ୟାମସୁନ୍ଦର ରାୟଗୁରୁ | କଟକ | ୫ ୨ |
| „ ବ୍ରଜସୁନ୍ଦର ପାଇକୋଲି ମୁରୁଣାବାଜଶାସନ | | ୫ ୨ |
| „ ଜଗନ୍ନାଥ ରଥ | ପୁରୁଷୋତ୍ତମ | ୫ ୫ |
| „ ରାମଚରଣ ସାହୁ | ସରଗଡା | ୫ ୩ |

# ନିଲାମୀ ଇସ୍ତାହାର ।

କଟକ ମୁଃ ଶ୍ରୀଯୁତ ପ୍ରଥମ ମୁନସଫଙ୍କ ଅଦାଲତ ।
ନ ୯୩ ମଇ ଡକ୍ରୀଜାରି ସନ ୧୯୦୯ ମସିହା ।
ଶ୍ରୀ ବ୍ରଜେନ୍ଦ୍ରକୃଷ୍ଣ ନାଗଚୌଧୁରୀ ଜର ଓଗେର । ସା । ବାରବାଟି । ପ୍ର । ସୁନଗଡ଼ ବାଦୀ ଡଃ

( ବନାମ )

ସୀତାନାଥ କର ଓଗେର ପ୍ରତିବାଦୀ ଦେଃ

ଏ ମୋକଦ୍ଦମାରେ ଡକ୍ରୀଦାରଙ୍କର ଜତ ଡକ୍ରୀ ଓଗେର ପାଉଣା ଟଙ୍କା ଅଦାୟ ସକାଶେ ସନ ୧୯୦୯ ମସିହା ଜୁନମାସ ତା ୨୫ ଉଳଶ ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତି ନିଲାମ ହେବ ।

ତପସିଲ ସମ୍ପତ୍ତି ।

ଯୁଗ୍ମସେସନ୍ସଜଜ ବାସୁଦେବପୁର ଓ ସବରେଜଷ୍ଟ୍ରାର ଭଦ୍ରଖ ଅନ୍ତର୍ଗତ । ପ୍ର । ଭେଡ଼ା । ତା । ପାଳପୁର ନ ୯୮୧ ମୂର ତଉଜି । ବା; । ଜମିଦାରୀ କ ଯାହାର ମୋଟ ସଦରଜମା ଟ ୨୧୮୦ ଙ୍କା ଅଟେ ତହିଁ ମଧ୍ୟରୁ ଖାତକ ଦେଣଦାରଙ୍କ ହକ । ବ । ଟ ୦/୨୧୫/୧୯। ଲୁ ମଥୋଟମତେ ସଦରଜମା ୫ ୨୨୦/୨/୮୦ ଦେଉଅଛୁ ତହିଁପକ୍ଷେ ଖାତକ ଦେଣଦାରର ନାମ ବାଲେଶ୍ୱର କଲ କଲେକ୍ଟରୀ ସେରସ୍ତାରେ ଦର୍ଜ-ଅଛୁ ଉକ୍ତ ସମ୍ପତ୍ତି ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅଃ ମୂଲ୍ୟ ଟ ୧୪୪୦ ଙ୍କା ଅଟେ ।

---

ନ ୧୦୨ ମୂର ଡକ୍ରିଜାରୀ ସନ ୧୯୦୯ ମସିହା
: ଚୌ : ଗୋପାଳଚରଣ ମହାପାତ୍ର । ସା । କୁଲଣୀ । ପ୍ର । ଦେଓଗାଁ ବାଦୀ ଃ ଡଃ

( ବନାମ )

ଚୌ : ଧ୍ରୁବ ମହାପାତ୍ର । ସା । ସିଠାଲୋ । ପ୍ର । ଦେଓଗା ପ୍ରତିବାଦୀ ଦେଃ

ଉପରଲିଖିତ ନମ୍ବର ମୋକଦ୍ଦମା ବାବତ ବାଦୀ ଡଃ ଦାରଙ୍କର ଡକ୍ରୀ ଓଗେର ଟଙ୍କା ଅଦାୟ ନିମନ୍ତେ ପ୍ରତିବାଦୀ ଦେଃ ଦାରର ନିମ୍ନ-ଲିଖିତ ଅଚଳନ୍ତି ସମ୍ପତ୍ତିମାନ କଟକ । ମୁ । ଦ୍ୱିତୀୟ ମୁନସଫଙ୍କ ଅଦାଲତରେ ସନ ୧୯୦୯ ମସିହା ଜୁନମାସ ତା ୧୫ ଉଳଶ ନିଲାମ ହେବ ।

ତପସିଲ ସମ୍ପତ୍ତି ।

୧ । ପ୍ର । ଦେଓଗାଁ । ମୌ । ସିଠାଲୋରେ ଥିବା । ଲ । ବାଦେଲ ନ ୨୦ ମୂର ସି : ବା, : ଏ ।୧—୦୫ ଡଃ ମଧ୍ୟରୁ ଦେଣଦାର । ବ । ୫ ୦/ ଲୁ ଏ ୧—୩୮/ ଅଟେ ତହିଁର ଅନୁମାନିକ ମୂଲ୍ୟ ୫ ୭୦ ଙ୍କା ।

୨ । ପ୍ର । ଦେଓଗାଁ । ମୌ । ସିଠାଲୋରେ ଥିବା । ଲ । ବାଦେଲ ନ ୧୨ ମୂର ସିଃ ବା, : ଏ ୧—୧୧ ଡଃ ମଧ୍ୟରୁ ଦେଣଦାର । ବ । ଟ ୦/ ଲୁ ଏ ୦—୧୩୴/ ଅଟେ ତହିଁର ଅନୁମାନିକ ମୂଲ୍ୟ ଟ ୧୦ ଙ୍କା ।

୩ । ପ୍ର । ଦେଓଗାଁ । ମୌ । ସିଠାଲୋରେ ଥିବା ନ ୩୦୧୮ ମୂର : ଉ : ବା, : ଲ : ବାଦେଲ ଏ ୧—୦୨ ଡଃ ମଧ୍ୟରୁ ଦେଣଦାର । ବ । ଟ ୦/ ଲୁ ଏ ୦—୧୩ ଅଟେ ତହିଁର ଅନୁମାନିକ ମୂଲ୍ୟ ଟ ୫ ଙ୍କା ।

୪ । ପ୍ର । ଦେଓଗାଁ ନ ୩୦୨୦ ମୂର । ତ । ଉକ୍ତ । ମୌ । ସିଠାଲୋରେ ଥିବା ନ ୪ ମୂର ସିଃ ବାବତ । ଲ । ବାଜ୍ୟାପ୍ତ ଏ ୪—୨୦ ଡଃ ଲୁ ଜମା ୫ ୫/୩ ମଧ୍ୟରୁ ଦେଣଦାର । ବ । ୫ ୦/ ଲୁ ଏ ୦—୫୮୴ ଲୁ ଜମା ୫ ୦ ୴/-୯/ ଅଟେ ତହିଁର ଅନୁମାନିକ ମୂଲ୍ୟ ୧୨୦ ଙ୍କା ।

୫ । ପ୍ର । ଦେଓଗାଁ ନ ୩୦୨୦ ମୂର । ତ । ଉକ୍ତ । ମୌ । ସିଠାଲୋରେ ଥିବା ନ ୫ ମୂର ସିଃ ବାବତ । ଲ । ବାଜ୍ୟାପ୍ତ ଏ ୦—୨୫ ଡଃ ଲୁ ଜମା ୫ ୯।୩ ମଧ୍ୟରୁ ଦେଣଦାରର । ବ । ଟ ୦/ ଲୁ ଏ ୦—୦୯/ ଲୁ ଜମା ଟ ୦/-୨/ ଅଟେ ତହିଁର ଅନୁମାନିକ ମୂଲ୍ୟ ଟ ୫ ଙ୍କା ।

୬ । ପ୍ର । ଦେଓଗାଁ ନ ୩୦୨୦ ମୂର । ତ । ଉକ୍ତ । ମୌ । ସିଠାଲୋ ଜମିଦାରୀର ଷୋଳ-ପଣ ସଦରଜମା ୫ ୮୬୯ ଙ୍କା ମଧ୍ୟରୁ ଦେଣ-ଦାରର । ବ । ଟ ୦ ୧୦୧୪/୧୨। ଲୁ ସଦର-ଜମା ୫ ୧୪/ ଅଟେ ତହିର ଅନୁମାନିକ ମୂଲ୍ୟ ଟ ୫୦ ଙ୍କା ।

୭ । ପ୍ର । ଦେଓଗାଁ । ମୌ । ଘୂଲହାରରେ ଥିବା ନ ୩୦୧୧୫ ମୂର ଃ ଉ ଃ ବାବତ । ଲ । ବାଦେଲ ଏ ୩—୧୯ ଡଃ ମଧ୍ୟରୁ ଦେଣଦା-ରର । ବ । ଟ ୦/ ଲୁ ଏ ୦—୩୯୴/ ଅଟେ ତହିଁର ଅନୁମାନିକ ମୂଲ୍ୟ ୫ ୨୦ ଙ୍କା ।

୮ । ପ୍ର । ଦେଓଗାଁ ଉ ୨୭୨ ମୂର । ତ । ଉକ୍ତ । ମୌ । କୁଲଣୀ ଜମିଦାରୀର ଷୋଳପଣ ସଦରଜମା ଟ ୨୪୪ ଙ୍କା ମଧ୍ୟରୁ ଦେଣଦାରର । ବ । ଟ ୦୧୧୧୦।୮୴ କୁ ସଦରଜମା ଟ୧।୭୴ ଅଟେ ତହିଁର ଅନୁମାନିକ ମୂଲ୍ୟ ଟ ୧୦ ଙ୍କା ।

୯ । ପ୍ର । ଦେଓଗାଁ ନ ୩୯୦୭ ମୂର । ତ । ଉକ୍ତ । ମୌ । କୁଲଣୀ ଜମିଦାରିର ଷୋଳପଣ ସଦରଜମା ଟ ୫୪ ଙ୍କା ମଧ୍ୟରୁ ଦେଣଦାରର । ବ । ଟ ୦/ କୁ ସଦରଜମା ଟ ୬୴ ଅଟେ ତହିଁର ଅନୁମାନିକ ମୂଲ୍ୟ ଟ ୩୦ ଙ୍କା ।

୧୦ । ପ୍ର । ଦେଓଗାଁ ନ ୨୭୨ ମୂର । ତ । ଉକ୍ତ । ମୌ । କୁଲଣୀରେ ଥିବା ନ ୨ ମୂର ସିଃ ବାବତ । ଲ । ବାଜ୍ୟାପ୍ତି ଏ ୪—୮୮ ଡ ଜମା ଟ ୪୴/ ମଧ୍ୟରୁ ଦେଣଦାରର । ବ । ଏ ୦—୩୪୴ କୁ ଜମା ଟ ୦।/୭ ଅଟେ ତହିଁର ଅନୁମାନିକ ମୂଲ୍ୟ ଟ ୧୫ ଙ୍କା ।

ପ୍ରକାଶଥାଉ କି ନ ୯।୧୦ ମୂର ଲାଟ ବାବତ ସମ୍ପତ୍ତିମାନ । ସା । ସତରଜଣା ନିବାସୀ ନର-ସିଂହଚରଣ ମହାନ୍ତିଙ୍କ ବନ୍ଧକ ଦାୟ ସହିତ ନିଲାମ ହେବ ।

---

Digitized by srujanika@gmail.com

# ସର୍ବବିଧ ସ୍ତ୍ରୀରୋଗେ

ବହୁ ପରୀକ୍ଷିତ ଆଶ୍ଚର୍ଯ୍ୟ ଫଳପ୍ରଦ ମହୌଷଧ

ଡାକ୍ତର ଶାମସ୍‌ଙ୍କ

## ଓଭେରିନ

ଅ ବ୍ୟ ର୍ଥ ମ ହୌ ଷ ଧ

ଏହା ସେବନ କଲେ ବାଧକ, କଷ୍ଟରଜ, ଋତୁଲୋପ, ଶ୍ୱେତ ଓ ରକ୍ତ ପ୍ରଦର, ରକ୍ତ ଗୁଳ୍ମ, ରକ୍ତ ଅଳ୍ପତା, ହିଷ୍ଟିରିଆ, ଅନିୟମିତଋତୁ ପେଟର ବେଦନା, ନାଭିଦେଶର ଯନ୍ତ୍ରଣା ପ୍ରଭୃତି ଯାବତୀୟ ଯନ୍ତ୍ରଣା ଦାୟକ ରୋଗ ସତ୍ୱର ଆରୋଗ୍ୟ ହୋଇ ଗର୍ଭାଶୟ ପରିଶୋଧିତ ଓ ସନ୍ତାନ ଉତ୍ପାଦନ ଶକ୍ତି ଜନ୍ମେ, ଶରୀର ଲାବଣ୍ୟଯୁକ୍ତ ଓ ଯୌବନ ଶ୍ରୀ ଫେରି ଆସେ । କେତେଗୋଟି ପ୍ରସିଦ୍ଧ ଡାକ୍ତରଙ୍କର ଅଭିମତ—

୧ । ପାତିୟାଲା ମହାରାଜାଙ୍କର ସର୍ବପ୍ରଧାନ ଡାକ୍ତର ଏସ୍ ହୋଡ଼ ଘୋଷ ଏମ୍, ଏ, ଏମ୍, ଡି, ( de paris ) କହୁଅଛନ୍ତି ଯେ ଅନିୟମିତଋତୁ ଓ ଶ୍ୱେତପ୍ରଦର ରୋଗ ପକ୍ଷେ "ଓ ଭେ ରି ନ" ଅବ୍ୟର୍ଥ ମହୌଷଧ ।

୨ । ମଧ୍ୟପ୍ରଦେଶର ଧର ରାଜ୍ୟର ମହାରାଜଙ୍କ ଷ୍ଟେଟ ସାର୍ଜନ ସାହେବ କହୁଅଛନ୍ତି ଯେ ଋତୁଲୋପ ଓ ଅତିରକ୍ତ ରକ୍ତସ୍ରାବରେ "ଓଭେରିନ" ବ୍ୟବହାର କରି ସନ୍ତୋଷଜନକ ଫଳ ପାଇଅଛନ୍ତି ହାସପାତାଲ ନିମନ୍ତେ ଆଉ ୬ ଶିଶି ଭି, ପି, ଡାକଦ୍ୱାରା ପଠାଇବେ ।

୩ । ହାମିରପୁର ସିଭିଲ ସାର୍ଜନ ସାହେବ କହୁଛନ୍ତି ଗୋଟିଏ ସ୍ତ୍ରୀ ଲୋକର ଋତୁ ପରିଷ୍କାର ହେଉ ନ ଥିବାରୁ ସେଥି ନିମନ୍ତେ ଋତୁଶୂଳ ବେଦନା ନିମିତ୍ତ "ଓଭେରିନ" ବ୍ୟବହାର କରି ସନ୍ତୋଷଜନକ ଫଳ ପାଇଅଛି ।

୪ । ଅମେଦାବାଦ ଷ୍ଟେସନ ହାସପାତାଲର ବଡ଼ ଡାକ୍ତର ଏନ୍, ଏସ୍, ଭନରେଶ ଆଇ, ଏସ ଏମ୍, ଡି, କହୁଅଛନ୍ତି ସ୍ତ୍ରୀ ଲୋକର ଋତୁ ପରିଷ୍କାର ନ ହେବାରେ 'ଓଭେରିନ' ବ୍ୟବହାରଦ୍ୱାରା ଆଶ୍ଚର୍ଯ୍ୟଜନକ ଫଳ ପାଇଅଛି । ମୂଲ୍ୟ ୧ଶିଶି ଟ ୨।, ୩ଶିଶି ଟ ୬

ଡାକ୍ତର ଶାମସ୍‌ଙ୍କ

## ଭିଗୋରିନ

ବାଲ୍ୟ ଓ ଯୌବନର ଅତ୍ୟାଚାର ହେତୁ ଶକ୍ତିହୀନତା, ଧାତୁ ଦୌର୍ବଲ୍ୟ ଓ ସ୍ୱପ୍ନଦୋଷର ମହୌଷଧ । ମୂଲ୍ୟ ୧ଶିଶି ଟ ୧ ୧, ୩ଶିଶି ଟ ୨

ଡାକ୍ତର ଶାମସ୍‌ଙ୍କ

## ସଞ୍ଜୀବନୀ ସାଲସା

ରକ୍ତଶୋଧକ, ବଳକାରକ ଓ ନୂତନ ଜୀବନ ଦାୟକ ସୁସେବ୍ୟ ରସାୟନ ।

ମୂଲ୍ୟ ୧ ଶିଶି ଟ ୨। ୩ ଶିଶି ଟ ୬୧

ଶୋଲ ଏଜେଣ୍ଟସ୍ ବ୍ୟାଉସ ଏଣ୍ଡ କୋଂ

୧୯୬ ଡାଲିଗଞ୍ଜ ରୋଡ, କଲିକତା

ଟେଲିଗ୍ରାଫ —"ଓଭେରିନ"



## USEFUL BOOKS.

**Modern Letter Writer.** (Ninth Edition.) Containing 635 letters. Useful to every man in every rank and position of life for daily use. Re. 1, post 1 anna.

**Treasury of Phrases and Idioms.** ( fifth edition. Explained and illustrated with sentences quoted from standard English works. Rs. 3; post 3 as.

**Hand-book of English Synonyms.**—Explained with illustrative sentences. (Third Edition.) Aids to the right use of synonymous words in composition. Re. 1, post 1 anna

**Select Speeches of the Great Orators.** This book helps to write idiomatic English, to improve the oratorical and argumentative powers, &c. Rs. 2, post 2 annas.

**Abott's the Life of Napoleon Bonaparte.** Re. 1-14 annas; post 3 annas.

**English Translation of the Koran.** With Notes. By G. Sale. Rs. 2; postage 3 annas.

**Todd's Rajasthan.** With Notes. Vols 1 & 11. Rs. 4; postage 6 annas.

**Burke's Speeches on the Impeachment of Warren Hastings.** Vols. 1 & 11. Rs. 4; postage 6 annas.

**English Translation of the Ayeen Akbary** By F. Gladwin. Rs. 3, postage 3 annas.

Postage & V. P. com, extra. To be had of the Manager, "Indian Student Office, 106 Upper Circular Road, Calcutta.



## ବିଜ୍ଞାପନ ।

ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭିଡେଣ୍ଟ କୋମ୍ପାନୀ, ଲିମିଟେଡ ହେଡ଼ ଅଫିସ ପୁରୀ ।

ଏହି କୋମ୍ପାନୀ ପୁରୀର କେତେକ ଭଦ୍ର ଓ ଜମିଦାରମାନଙ୍କ ସହାୟରେ ପୁରୀ ସହରରେ ସ୍ଥାପିତ ହୋଇ ଟ ୧୦୦୦୦ ଙ୍କା [ ଦଶହଜାର ଟଙ୍କା ] ମୂଳଧନରେ ରେଜିଷ୍ଟରି ହୋଇ ମାନନୀୟ ଶ୍ରୀ ଭାରତଗବର୍ଣ୍ଣମେଣ୍ଟଙ୍କ ସନ ୧୮୮୨ ସାଲର ୬ ନମ୍ବର ଓ ସନ ୧୮୯୪ ସାଲର ୧୨ ନମ୍ବର ଇଣ୍ଡିଆନ କୋମ୍ପାନୀ ଆଇନାନୁସାରେ କାର୍ଯ୍ୟମାନ ସୁଚାରୁରୂପେ ଚଳାଯାଉଅଛି । ଏହି କୋମ୍ପାନୀରେ ଭାରତବର୍ଷ, ବ୍ରହ୍ମଦେଶ ଓ ସିଂହଳବାସୀ ପ୍ରତ୍ୟେକ ସ୍ତ୍ରୀ ପୁରୁଷ, ବାଳକ ଓ ବାଳିକାମାନେ ଜାତିମତ ବୟସ ନିର୍ବିଶେଷ ନ ଥାଇ ଯଥେଷ୍ଟ ସାର୍ଟିଫିକେଟ ଦାଖଲ କଲେ ପ୍ରଥମ ବା ଦ୍ୱିତୀୟ ଶ୍ରେଣୀର ମେମ୍ବର ହୋଇପାରିବେ । ପ୍ରଥମ ଶ୍ରେଣୀର ବ୍ୟକ୍ତି ପ୍ରଥମ ମାସରେ ଟ ୨ ଙ୍କା ଦୁଇଟଙ୍କା ଓ ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ପ୍ରଥମ ମାସରେ ଟ ୧୮ ଙ୍କା (ଏକଟଙ୍କା ଆଠଅଣା ମାତ୍ର) ଓ ତହିଁ ପରମାସମାନଙ୍କରେ ଟ ୧ ଙ୍କା ଏକଟଙ୍କା] ଓ ଟ ୦ ୮ [ଆଠଅଣା ଲେଖାଏଁ ଏହିପରି ଦଶ-ବର୍ଷ ପର୍ଯ୍ୟନ୍ତ ଚାନ୍ଦା ପ୍ରଦାନ କରିବାକୁ ହେବ । ପ୍ରଥମ ଛଅ ମାସର ଟଙ୍କା ପ୍ରବେଶ ଫିସ୍ ସ୍ୱରୂପ ନିଆ ଏହି ଛଅମାସ ଅର୍ଥାତ୍ ଦରଖାସ୍ତ ତାରିଖଠାରୁ ୧୮୦ ଦିନ ମଧ୍ୟରେ ମୃତ ହେଲେ କିଛି ପାଇବେ ନାହିଁ । ଓ ସପ୍ତମ ମାସଠାରୁ ଚାନ୍ଦା ସ୍ୱରୂପ ଗ୍ରହଣ ହେବ । ଦଶବର୍ଷ ସମ୍ପୂର୍ଣ୍ଣ ଚାନ୍ଦା ପ୍ରଦାନ କରିବା ଦରଖାସ୍ତକାରୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ଓ ଚାନ୍ଦା ପ୍ରଦାନ କରୁ କରୁ ମୃତ ହେବା ଦରଖାସ୍ତକାରୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ସେମାନେ ପ୍ରଦାନ କରିଥିବା ପ୍ରବେଶ ଫିସ୍ ବାଦ, ଚାନ୍ଦା ଟଙ୍କାରେ ଟି ଟଙ୍କାରୁ ପାଞ୍ଚଟଙ୍କାରୁ ବେଶିର ଦିଆଯିବ ନାହିଁ । ଓ ପାଞ୍ଚବର୍ଷରୁ କମ୍ ଚାନ୍ଦା ପ୍ରଦାନକାରୀମାନଙ୍କୁ ସେହି କମ୍ ଗଣାରେ ଏକଅଂଶ କୋମ୍ପାନୀରୁ ଦିଆଯିବ ।

ଏହି କୋମ୍ପାନୀରେ କେବଳ ବିବାହ, ମୃତ, ବୃଦ୍ଧବାର୍ଦ୍ଧି ସକାଶେ ଉପରୋକ୍ତ ମତେ ଚାନ୍ଦା ପ୍ରଦାନ କରି ମେମ୍ବର ହୋଇପାରିବେ । ଏଥିରେ ପ୍ରବେଶ ଫିସ୍ ବାଦ ପରେ ତିନିବର୍ଷରୁ ଅଧିକ ଚାନ୍ଦା ପ୍ରଦାନ କରିବାକୁ ହେବ ନାହିଁ ଯେଉଁମାନେ ମା ୧୨ ରୁ କମ୍ ଓ ମା ୪୮ ରୁ ନ୍ୟୂନ ଚାନ୍ଦା ପ୍ରଦାନ କରି ଶୁଭକାର୍ଯ୍ୟ କରିବେ ସେମାନେ ପ୍ରଦାନ କରିଥିବା ଚାନ୍ଦା ଟଙ୍କାରେ ପ୍ରତି ଟଙ୍କାକୁ ଟ ୫ ଙ୍କା ( ପାଞ୍ଚ ଟଙ୍କା )ରୁ ଅଧିକ ଦିଆଯିବ ନାହିଁ । ଏହିପରି କୋମ୍ପାନୀ ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ନ ଥିଲା ଓ ବର୍ତ୍ତମାନ କୌଣସି ରେଜିଷ୍ଟ୍ରି କୋମ୍ପାନୀ ଓଡ଼ିଶାରେ ନାହିଁ ପ୍ରତ୍ୟେକ ବ୍ୟକ୍ତି ଏଥିରେ ସହାନୁଭୂତି ପ୍ରକାଶ କରିବା ଆବଶ୍ୟକ । ଅଦ୍ୟାବଧି ଏହି କୋମ୍ପାନୀ ଦାବି ସୂତ୍ରରେ ପ୍ରାୟ ଟ ୭୦୦୦ ଙ୍କା ଦାନ ଦେଇଅଛି ।

ପ୍ରତ୍ୟେକ ସ୍ଥାନରେ ସମ୍ଭ୍ରାନ୍ତ ବ୍ୟକ୍ତିମାନେ କମିଶନରେ ଏହି କୋମ୍ପାନୀର ଏଜେଣ୍ଟ ସକାଶେ ଦରକାର ।

ଯେଉଁମାନେ କୋମ୍ପାନୀର ବିଶେଷ ବିବରଣ ଜାଣିବାକୁ ଇଚ୍ଛା କରନ୍ତି ସେମାନେ କୋମ୍ପାନୀକୁ ପତ୍ର ଲେଖିଲେ କୋମ୍ପାନୀର ନୋଟିସ୍ ଆଦି କାଗଜପତ୍ର ଶୀଘ୍ର ପାଇ ପାରିବେ । ଇତି ।

ସ୍ୱଃ } ଶ୍ରୀ ଚୈତନ୍ୟଦାସ ସିଂହ
ମ୍ୟାନେଜିଙ୍ଗ ଡାଇରେକ୍ଟର
ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭିଡେଣ୍ଟ
କୋମ୍ପାନୀ ଲିମିଟେଡ ହେଡ଼ଅଫିସ ପୁରୀ


Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ନୂତନ ଡିଟେକ୍ଟିଭ ଉପନ୍ୟାସ ! ନୂତନ ଡିଟେକ୍ଟିଭ ଉପନ୍ୟାସ !! ନୂତନ ଡିଟେକ୍ଟିଭ ଉପନ୍ୟାସ !!!

## ପୁଲୀଶ କୌଶଳ ।

ମୂଲ୍ୟ—ଟ ୦।୵

ଡାକ ମାସୁଲ ସ୍ୱତନ୍ତ୍ର ।

—୦*୦—

ଶ୍ରୀ ଉପେନ୍ଦ୍ରକୁମାର ବସୁ ପ୍ରଣୀତ ।

ଭୀଷଣ ହତ୍ୟାକାଣ୍ଡ ! ଲୋମହର୍ଷଣ ବ୍ୟାପାର !

ଚଳନ୍ତ ଗାଡ଼ୀ ଭିତରେ କପରି କୌଶଳରେ ଜଣେ ଦୁଷ୍ଟଲୋକ ଜଣକୁ ଖୁନ କରି ଉପରେ ନଗଦଟଙ୍କା ଲୁଟିନେଲା ଏବଂ ସେ ଦସ୍ୟୁକୁ ଗ୍ରେପ୍ତାର କରିବାପାଇଁ ଠଗ ପୁଲିସର ଦାରୋଗାମାନେ କିରୂପ ଅପଣା ଜୀବନକୁ ବିପଦଗ୍ରସ୍ତ କରି ଦୁର୍ଭେଦ୍ୟ ଷଡ଼ଯନ୍ତ୍ର ଭେଦ କରି ତାହାକୁ ଗ୍ରେପ୍ତାର କରିଥିଲେ, ସେ ସମସ୍ତ ଅଦ୍ଭୁତ କୌଶଳର ସହିତ ଲିଖିତ ହୋଇଅଛି । ପୁସ୍ତକ ଖଣ୍ଡି ପଢ଼ିବାକୁ ଆରମ୍ଭ କଲେ ଶେଷ ନ ହେବା ପର୍ଯ୍ୟନ୍ତ ମନ କେବେ ଶାନ୍ତ ହେବ ନାହିଁ । ଘଟନା ସ୍ରୋତର କୁଟିଳ ଜାଣିବାପାଇଁ ମନ ଉତ୍କଣ୍ଠିତ ହେବ । ଇତି ।

ପ୍ରାପ୍ତିସ୍ଥାନ :—କଟକର ପ୍ରସିଦ୍ଧ ପୁସ୍ତକାଳୟ ଏବଂ ଗ୍ରନ୍ଥକାର—ଶ୍ରୀ ଉପେନ୍ଦ୍ରକୁମାର ବସୁ ଗଣେଶଘାଟ, ପୋ: ଅ: ଗୁଳନଗୋଲ, କଟକ

# ଉତ୍କଳ ଦୀପିକା ।

ସାର [illegible]ନାଥ ବସୁ ବାହାଦୁର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

———

ଶୁଣିଲୁ ମଲଲନଗଡ଼ରେ ଗୋଟିଏ ଚମର କାରଖାନା ଫିଟିଅଛି । ସେଠାରେ ନାନାପ୍ରକାର ଜୋତା ବୁଟ ଓ ଘୋଡ଼ାର ସାଜ ପ୍ରଭୃତି ପ୍ରସ୍ତୁତ ହୋଇ ବିକ୍ରୟ ହେଉଅଛି । ବୋମ୍ବେରୁ ବିଲାତି ପ୍ରାୟ ଅତି ଅଳ୍ପ ମୂଲ୍ୟ ମିଳେ, ଅମ୍ଭେମାନେ ଏହାର ଶ୍ରୀବୃଦ୍ଧି କାମନା କରୁଁ । କାରଖାନାର ନାମ ଜୁଥାନମ୍ବର ଲେଦର ଫାକ୍ଟୋରି ।

———

ଗତ ତା ୧୫ ଅଗଷ୍ଟରେ ଶେଷହେବା ସପ୍ତାହରେ ଭାରତବର୍ଷରେ ପ୍ଲେଗ ରୋଗରେ ୪୫୬୮ ମୃତ୍ୟୁ ହୋଇଥିଲା । ଏହିଁ ମଧ୍ୟରେ ପଞ୍ଜାବର ସଂଖ୍ୟା ୨୭୮୭ ସକଳ ପ୍ରଦେଶ ଅପେକ୍ଷା ଉଚ୍ଚ ଥିଲା । ପୂର୍ବ ସପ୍ତାହର ମୃତ୍ୟୁ ୪୨୭୯ ଥିଲା । ପଞ୍ଜାବ ଓ ଯୁକ୍ତପ୍ରଦେଶରେ ବୃଦ୍ଧି ଦେଖାଯାଏ ।

—*—

ଗତ ତା ୧୫ ଅଗଷ୍ଟରେ ଶେଷହେବା ସପ୍ତାହରେ ସମସ୍ତ ଭାରତ ମଧ୍ୟରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବବଙ୍ଗରେ ୩୦୧୪, ବଙ୍ଗରେ ୮୫୧୬୪, ଯୁକ୍ତପ୍ରଦେଶରେ ୩୦୩୮୭, ମଧ୍ୟପ୍ରଦେଶରେ ୪୧୪ ଏବଂ ବମ୍ବଇରେ ୧୦୩୭ ସାବ ୧୨୭୧୭୫ ଜଣ । ପୂର୍ବ ସପ୍ତାହର ଅଙ୍କ ୧୨୦୭୧୫ ଥିଲା । କେବଳ ପୂର୍ବବଙ୍ଗ ଛଡ଼ା ଅନ୍ୟ ସମସ୍ତ ପ୍ରଦେଶରେ ବୃଦ୍ଧି ହୋଇଥିଲା ।

—*—

ଗତ ତା ୧୯ ଅଗଷ୍ଟରେ ଶେଷହେବା ସପ୍ତାହରେ ବରମାର ଦକ୍ଷିଣଭାଗ ଉତ୍ତର ପୂର୍ବ ଭାରତ ଏବଂ ଓଡ଼ିଆର କେତେକ ଅଂଶରେ ଭଲ ବୃଷ୍ଟି ହୋଇଥିଲା । ସେହି ମଧ୍ୟରେ ଏହି ଦିନ ମିଦନପୁରରେ ୪.୨୫ ଇଞ୍ଚ ରେଙ୍ଗୁଣରେ ୫.୧୩ ଇଞ୍ଚ ବରିଶାଲରେ ୨.୬୮ ଇଞ୍ଚ ଏବଂ ବଲେଶ୍ୱରରେ ୨.୧୧ ଇଞ୍ଚ ବର୍ଷା ହୋଇଥିଲା ।

———

ବଙ୍ଗଳାର ଯେତେ ଭୂମି ସହାଯ୍ୟେ ଗତ ମାର୍ଚ୍ଚମାସ ଶେଷ ସୁଦ୍ଧା କେନାଲର ପାଣି ନିଆଯାଉଅଛି ତାହାର ସଂଖ୍ୟା ଲେଖାଯାଉଅଛି । ଉଡ଼ିଶା କେନାଲ ସହାଯ୍ୟେ ପାଣି ନିଆଯାଇଥିବା ଭୂମିର ପରିମାଣ ଗତବର୍ଷ ୨,୮୮,୨୨୫ ଏକର ସ୍ଥଳେ ଏବର୍ଷ ୨,୮୩,୪୮୭ ଏକର ହୋଇଅଛି । ସୋନ ଓ ବର୍ଦ୍ଧମାନ କେନାଲର ଜଳ ମାଡ଼ିବା ଭୂମି ମଧ୍ୟ ଊଣା ହୋଇଅଛି । କେବଳ ମେଦିନୀପୁର ଓ ଚମ୍ପାରଣ ଜିଲ୍ଲାର ଜଳମାଡ଼ିବା ଭୂମିର ପରିମାଣ ଗତବର୍ଷାପେକ୍ଷା ଅଧିକ ଅଟେ । ଯଥାପି ମୋଟରେ ଗତବର୍ଷ ଅପେକ୍ଷା ଅଳ୍ପ ଜମି ସହାଯ୍ୟେ କେନାଲର ପାଣି ନିଆଯାଇଅଛି । ଏଥିର କାରଣ କିଛି ନିର୍ଦ୍ଦିଷ୍ଟ ହୋଇ ନାହିଁ ।

———

ବେଲଜିୟମର ରାଜା ଲେଓନି ବୈଜ୍ଞାନିକ କାର୍ଯ୍ୟ ସହାଯ୍ୟେ ବାର୍ଷିକ ୨୫୦୦୦ ଫ୍ରାଙ୍କ (ଏକ ଫ୍ରାଙ୍କର ମୂଲ୍ୟ ଟ ୦।୵୬) ପୁରସ୍କାର ଦେବାର ଘୋଷଣା ଅନେକ ବର୍ଷ ହେଲା ପ୍ରଚାର କରୁଅଛନ୍ତି । ସେହି ଘୋଷଣା ଅନୁସାରେ ସମ୍ପ୍ରତି ବିଜ୍ଞାପନ ବାହାରିଅଛି ଯେ ବାୟୁମାର୍ଗରେ ଗମନାଗମନ ବା ଯେଉଁ ଲୋକ ବ୍ୟାପାରରେ ଉନ୍ନତି ଏବଂ ସେ କାର୍ଯ୍ୟରେ ଉନ୍ନତ ହେବାର ଉତ୍ତମ ଉପାୟ ସମ୍ବନ୍ଧରେ ଯାହାର କାର୍ଯ୍ୟ ଶ୍ରେଷ୍ଠ ହେବ ତାହାକୁ ଉକ୍ତ ପୁରସ୍କାର ଦିଆଯିବ । ସନ ୧୯୧୧ ସାଲ ମାରଚ ମାସ ତା ୧ ରିଖ ମଧ୍ୟରେ ସେହି କାର୍ଯ୍ୟର ବିବରଣ ଲେଖି ପଠାଇବାକୁ ହେବ । ବିଜ୍ଞୋନ୍ନତି ସହାଯ୍ୟେ ଉତ୍ସାହଶୀଳ ରାଜାଙ୍କର କେତେ ଯତ୍ନ ଓ ମନୋଯୋଗ ଏଥିରୁ ପାଠକମାନେ ବୁଝିବେ ।

———

କେନ୍ଦୁଝରର ପେନସନପ୍ରାପ୍ତ ମାନେଜର ବାବୁ ଗୋପବନ୍ଧୁ ଦାସଙ୍କୁ ଯାଜପୁର ଡେପୁଟି ମାଜିଷ୍ଟ୍ରେଟ ରାୟ ପୂର୍ଣ୍ଣଚନ୍ଦ୍ର ବାହାଦୁର ମାରପିଟ ଓ ବାସନାଦି ବଳପୂର୍ବକ ନେବା ଅପରାଧରେ ଦଣ୍ଡବିଧିର ଧା ୪୫୧ ଅନୁସାରେ ଏକମାସ କଡ଼ା ପରିଶ୍ରମ କୟେଦ ଓ ଟ ୫୦ ଙ୍କା ଜରିମାନା ଏବଂ ତାଙ୍କ ସଙ୍ଗୀ ଅନ୍ୟ ତିନିଜଣଙ୍କୁ ସପରିଶ୍ରମ କୟେଦ ଓ ଟ ୧୦ ଙ୍କା ଲେଖାଏଁ ଜରିମାନା କରିଥିଲେ । ଅପିଲରେ ଜଜ ସାହେବ ସୁବିଚାର କରି ସମସ୍ତଙ୍କୁ ଖଲାସ ଦେଇଅଛନ୍ତି । ଜଜ ସାହେବ ମୁଦ୍ଦେଇର କଥା ଅବିଶ୍ୱାସ କରିବାର ଯେ ସମସ୍ତ ହେତୁ ଦେଖାଇଅଛନ୍ତି ଭରସା କରୁଁ ରାୟ ବାହାଦୁର ତହିଁରୁ ଶିକ୍ଷା ଲାଭ କରିବେ । ନୂତନ ଜଜ ସାହେବଙ୍କର ନ୍ୟାୟ ବିଚାରରେ ଲୋକେ ସନ୍ତୁଷ୍ଟ ହେବା ବଡ଼ ଆନନ୍ଦର ବିଷୟ ।

———

ଏ ନଗରର ନୋ ୫ ଥ ଅନ୍ତର ବାରଦା ନିବାସୀ ବାବୁ ଭାଗବତ ଦତ୍ତଙ୍କ ଘରେ ଗତ ତା ୨୦ ରିଖ ଗୁରୁବାର ରାତ୍ରରେ ଡକାଏତି ହୋଇଥିବାର ସମ୍ବାଦ ପାଉଅଛୁଁ । କଥିତ ଅଛି ପ୍ରାୟ ୪୦ ଜଣ ଡକାଏତ ଘରେ ପଶି ଅଲୁଅ ଜାଳି ଦ୍ରବ୍ୟାଦି ନେବାବେଳେ ଗୃହସ୍ଥ ଜାଗ୍ରତ ହୋଇ ଡାକପକାନ୍ତି ଗ୍ରାମବାସିମାନେ ବାହାରି ପଡ଼ନ୍ତେ ଓ ମାଡ଼ପିଟ ହେଲା । ଭାଗବତ ବାବୁଙ୍କ ମୁଣ୍ଡରେ ଠେଙ୍ଗା ପାହାର ପଡ଼ିଥିଲା ମାତ୍ର ଆଘାତ ସାଂଘାତିକ ନୁହେ । ଆଉ ଡକାଏତମାନେ ମାଡ଼ଖାଇଲା ବେଳେ ଅନ୍ଧାରରେ ସେମାନେ ଚିହ୍ନି ନ ପାରି ଆପଣା ମଧ୍ୟରୁ ଏକଜଣକୁ ଏମନ୍ତ ପ୍ରହାର କଲେ ଯେ ତାହାର ପ୍ରାଣ ବାହାରିଗଲା । ତାହାକୁ ନେଇ ଏକ ସ୍ଥାନରେ ତାହାର ମୁଣ୍ଡ କାଟି ନେଇ ଧଡ଼ ପକାଇଦେଇ ଗଲେ । ଗଣ୍ଡଗୋଳରେ ଅଳ୍ପ ଟଙ୍କା ଓ କିଛି ମୂଲ୍ୟବାନ ଲୁଗା ଛଡ଼ା ଆଉ କିଛି ନେଇ ପାରିଲେ ନାହିଁ । ପୁଲିସ ତଦନ୍ତ କରୁଅଛି । ବିସ୍ତାରିତ ବିବରଣ କ୍ରମେ ଜଣାଯିବ ।

———

ଗତ ଗୁଡ଼ଫ୍ରାଇଡ଼େ ଛୁଟୀ ସମୟରେ କଲିକତାର ମିଉନିସିପାଲିଟି ସମୂହର କେତେକ ବଡ଼ ବଡ଼ ଲୋକେ ଜର୍ମାନୀର ନଗରମାନ ସନ୍ଦର୍ଶନ କରିବାକୁ ଯାଇଥିଲେ । କଥିତ ଅଛି ଜର୍ମାନୀର ନଗରମାନ ଅତି ସୁନ୍ଦରରୂପେ ନିର୍ମିତ ହୋଇଅଛି ଏମନ୍ତ ସେ ରାଜ୍ୟରେ ନଗର ନିର୍ମାଣ ଗୋଟିଏ ବିଦ୍ୟାରୂପରେ ପରିଣତ ହେବାର ଯୋଗ୍ୟ । ନଗରର ରାସ୍ତାଘାଟ ଅତି ପ୍ରଶସ୍ତ । ତହିଁରେ ଲୋକମାନଙ୍କ ଯିବା ସହାଯ୍ୟେ ଉଭୟ ପାର୍ଶ୍ୱରେ କ୍ଷୁଦ୍ର ଗଳି ବାଟ ଥାଇ ମଝିରେ ଘୋଡ଼ାଗାଡ଼ି, ଶଗଡ଼ଗାଡ଼ି ହାଲକାଗାଡ଼ି ଓ ଟ୍ରାମଗାଡ଼ି ସହାଯ୍ୟେ

Digitized by srujanika@gmail.com

ଲବ ମର୍ଗ ଲର୍ଡ଼ସ୍ଥ ହୋଇ ଛପା ହେଉ ସମ୍ବାଦ ଲଟିଅଛି । ସେ ସହରରେ ଖସ୍ପାଳବ ସୁଷସ୍ତ ମାର୍କେଟ ଦେଖିବାକୁ ଯେମନ୍ତ ସୁନ୍ଦର ବାଷ୍ଟ ଘର୍ଷସ୍ଥ କ୍ରୀଡ଼ାଘରମାନ ମଧ ତେମନ୍ତ ଛଗ୍ରବର୍ଦ୍ଧକ ଅଟଇ । ବିଲାତର ଲୋକେ ଅପଣା ଘରେ ଆମୋଦପ୍ରମୋଦ କରିବାକୁ ଭଲପାନ୍ତି ନାହିଁ କର୍ମିନର ଦୁଃଖୀଠାରୁ ବଡ଼ଲୋକ ପର୍ଯ୍ୟନ୍ତ ବାଟଘାର୍ଷସ୍ଥ କ୍ରୀଡ଼ାଗୃହମାନଙ୍କରେ ଆମୋଦ ପ୍ରମୋଦ କରିବାରେ ନିରତ । ଏହିଭାଗ ପରସ୍ପର ମିଳାମିଶା ଓ ପ୍ରୀତିବର୍ଦ୍ଧନ ଯେ ଅଧିକ ହୁଏ କୋହିବା ବାହୁଲ୍ୟ ।

———

ନୂତନ ଜମିଷନର ଦଳର କାର୍ଯ୍ୟାରମ୍ଭ ସଙ୍ଗେ କଟକ ମିଉନିସିପାଲିଟିର ଭିତରର ଟୋହଲୁପର ଗୋଟିଏ ମାମଲା ଜାହାଉଅଛି । ଜନେକ ଲେନ୍ସି ଇନସ୍ପେକ୍ଟର ଖାସକ୍ତ ହେଉଥିବା ସାହେବ ଟ ୧୬୯ କା ପର୍ଯ୍ୟନ୍ତ ଅସୁଖାର କର ଥିବାର କମିଶନର ବାବୁ ଜନ ସମସେନ ପ୍ରଭୃତି ଉଦ୍‌ଯୋଗ ହେବାରୁ ଠେକାରମାନ ଇନସ୍ପେକ୍ଟରଙ୍କୁ ସନ୍ଦେହ କରୁଅଛନ୍ତି । ସଙ୍କେତ ଏହି ଯେ ଲାଇସେନ୍ସ ଇନସ୍ପେକ୍ଟର ହେଲେକ କଟେଗାଡ଼ିର ଫିସ ଆଦାୟ କରି ଗହଣରେ ଜମା ଦେଉ ନାହାନ୍ତି ମାତ୍ର ଲୋକମାନଙ୍କଠାରୁ ଆଦାୟ କରୁଅଛନ୍ତି ସେମାନଙ୍କୁ ରସିଦ ଦେଉଅଛନ୍ତି । ଯେଉଁ କଟେଇର ଫିସ ସବୁ ଜମା ହୋଇଯାଏ ସେଥିରେ ଠେକାରମାନ ଅବା ଗ୍ରଇଭେଯ୍ରପାନ କ ହାର ବର୍ଣ୍ଣନ ହାର ହେଲ ହସ୍ତକ୍ଷ ନାହିଁ । ଗହଣରେ ଲାଇସେନ୍ସମାନ ହସ୍ତଗତ କରୁଥିବାର ପ୍ରକାଶ । ଏ ସମ୍ବନ୍ଧରେ ବର୍ତ୍ତମାନ ଅଧିକ କିଛି କହି ନ ପାରୁ ମାତ୍ର ଯେପର ଘଟନା ହୋଇଅଛି ସେଥିରେ ବାଲେଶ୍ୱର ମିଉନିସିପାଲିଟିର ଦୋଷ ଅସି ଜଟରେ କୁପସ୍ଥିତ ହୋଇଥିବାର ଅନୁମାନ ହେଉଅଛି । ଅତଏବ କଟକ ମିଉନିସିପାଲିଟି ଉଚିତ ଉପଯୁକ୍ତ ତଦାରଖ କରିବା ଓ କମିଶନରମାନଙ୍କର ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ।

————

ହିଂସ୍ରମଠରେ ଗତବର୍ଷ ଜୁନମାସରେ ଏକ ଦଙ୍ଗା ହଙ୍ଗାମା ହେବା ଓ ଦଙ୍ଗାକାରୀମାନେ ଶୋଭାଯାତ୍ରା ଯୋଡ଼ିଦେଲ ପୁଲିଶ ସୁପ୍ତ ଖଙ୍କୁ ମାରପିଟ କରିଥିବା ହେତୁ ନ ୬୯ ଣ ଅସାମୀଙ୍କି ପୁଲିସ ଲୋଣ ଦେଉଥିଲେ । ଦୌରା ବିଚାରରେ ସେମାନଙ୍କ ମଧ୍ୟରୁ ନ ୬୨ ଣ ଖଲାସ ପାଇଲେ । ଏଥିର ଅପଲ ଜବାବୁତର ହାଇକୋର୍ଟରେ ହେଉଥିଲା । ହାଇକୋର୍ଟର ବିଚାରପତି ମହୋଦୟ ନ ୮୦ ହାଇ ସେ ଅପଲ

ଜଣ ଅସାମୀମାନଙ୍କୁ ମୁକ୍ତି ଦେଇ ପ୍ରମାଣ ଗୋପନ କରିବା ହେତୁ ପୁଲିସର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡ ସ୍ୱାମିନାଥ ଶାସ୍ତ୍ରୀଙ୍କର ବିଚାର ହେବାର ଆଦେଶ ଦେଇଅଛନ୍ତି । ମୋକଦମାରେ ମିଥ୍ୟା-ସାକ୍ଷ ଦିଆଯାଇଥିବା ଏବଂ ରୁଷିୟା ରାଜ୍ୟ ପର ଅସାମିମାନଙ୍କ ପ୍ରତି ନିର୍ଦ୍ଦୟ ବ୍ୟବହାର ହୋଇଥିବାର ସମ୍ବାଦରେ ଲେଖି ବିଚାରପତିମାନେ ପ୍ରକାଶ କରିଅଛନ୍ତି ଯେ ନିମ୍ନ ଶ୍ରେଣୀର ଲୋକମାନଙ୍କ ଅପେକ୍ଷା ପୁଲିସରେ ଅଧିକ ନେଥିଇଙ୍ଗ କାର୍ଯ୍ୟ ହେଉଅଛି । ବିଚାରପତିମାନଙ୍କ ମଧ୍ୟରେ ଜଣେ ଇଂରେଜ ଅଟନ୍ତି । ପୁଲିସ ପ୍ରତି ଏ ସାଟିଫିକେଟ ଅଗ୍ରଜ ଅନୁସାର ବିଷୟ ଅଟେ ଏବଂ ନେପାଳ ଗୁର୍ଖାଙ୍କୁ ଅନେକ ସ୍ଥାନରେ ପୁଲିସ ଛଳ ଭରେ ଏହିପର ହୋଇପଡ଼ିଅଛି । ଉପରସ୍ଥ କର୍ମଚାରୀମାନେ ଟାଣ ନ ହେଲେ ପୁଲିସ କାଟକୁ ଅସିବେ ନାହିଁ ।

———

ଅସାମ ଅଞ୍ଚଳରେ ମେଢକ ବୋଲି ଗୋଟିଏ ଜାତି ଅଛି । ସେମାନଙ୍କ ମଧ୍ୟରେ ପ୍ରତିବର୍ଷ ଗୋଟିଏ ଉତ୍ସବ ହୁଏ । ତହିଁରେ ସେମାନେ ଅପଣା ମଧ୍ୟରୁ ଜଣେ ଲୋକ ବାଛନ୍ତି ଯେ ସେ କର୍ଷ-ଯାକ ଲୋକଙ୍କର ପାପ ଅପଣା ମୁଣ୍ଡରେ ନେବ । ରଜା ଏବଂ ରାଣୀଙ୍କର ପାପ ମଧ୍ୟ ସେ ନେବ । ଉତ୍ସବ କାଳରେ ଗୋଟିଏ ମଞ୍ଚ ନିର୍ମିତ ହୁଏ । ରଜା ଓ ରାଣୀ ତହିଁରେ ବହୁମୂଲ୍ୟ ବସ୍ତ୍ର ପରି-ଧାନ ପୂର୍ବକ ଅସି ଉପବେଶନ କରନ୍ତି ଓ ମଧ୍ୟ ଭଲ ଲୋକଟା ଶୋଇରହେ । ରଜା ଓ ରାଣୀ ଉପବେଶନ କଲାରୁ ତାଙ୍କ ମସ୍ତକରେ ପାଣି ଢଳାଯାଏ ଏବଂ ସେହି ପାଣି ଲୋକଟା ଉପରେ ଧରନ୍ତି ରଜା ଓ ରାଣୀଙ୍କ ଦେହର ପାପ ଧୋଇଯାଇ ତାହା ଦେହରେ ପ୍ରବେଶ କଲେ ବୋଲି ଲୋକଙ୍କର ବିଶ୍ୱାସ । ଅବଶ୍ୟ ଏଥିର ପରିଶ୍ରମ ସ୍ୱରୂପ ରଜା ଓ ରାଣୀଙ୍କ ପ୍ରସାଦ ତାହାକୁ ମିଳେ । ଯେଉଁଠାରେ ଲୋକଙ୍କର ଏପରି ବିଶ୍ୱାସ ସେଠାରେ ରଜା ରାଣୀ ବା ଅନ୍ୟ ଲୋକେ ପାପାଚରଣରୁ କାହିଁକି ବିରତ ହେବେ ? ଫଳ ଅନେକ ଧର୍ମରେ ପାପ ଦେହାନ୍ତରକୁ ଚଲାଇ ଦେବାର ଲେଖାଅଛି ମାତ୍ର ତାହା ଅସଙ୍ଗତ ଏବଂ ଅକର୍ମଣ୍ୟ ବୋଲି ସର୍ବଦା ପରିତ୍ୟକ୍ତ । ଖ୍ରୀଷ୍ଟ ପୁରାଣରେ ବଳିଦାନ କଥାରେ ଅନ୍ୟ କେହି ପାପର ଭାଗୀ ନ ହେବାର ସ୍ପଷ୍ଟ ବୋଲାଯାଇଅଛି ।

———

ଏଠାର ଲୁକସୁବ ଜଜ ଫ୍ଲେଚେଲ ସାହେବଙ୍କ ସଭାପତିତ୍ୱରେ ବନ୍ଧୁ ସମ୍ମିଳନୀରେ ହେବେକ ନାନାବିଧ ଓଡ଼ିଆବନ୍ଧୁ ଯୋଗ ନ ଦେବାର କର୍ଣ୍ଣଟ

କାରଣ 'ଷ୍ଟାର ଅବ ଉତ୍କଳ' ଶୁଣିଥିବାର ଲେଖି ଅଛନ୍ତି । ସହଯୋଗୀ ସ୍ୱୟଂ ତାହା ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିବାରୁ ଅମ୍ଭେମାନେ ତହିଁର ଉଲ୍ଲେଖ କରିବା ଉଚିତ ମନେ କରୁ ନାହୁଁ । ମାତ୍ର ତାହା ଯଦି ହେବେ ଲୋକଙ୍କ ମନରେ ଏମନ୍ତ ହୋଇପାରେ ଯେ ଏ ନଗରର ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ ମନାନ୍ତର ଘଟିଅଛି ଅଥବା ଉଭୟର ମଧ୍ୟରେ ଯେରୂପ ସଦାନୁଭୂତି ଓ ସୁହୃଦୟତା ରହିବା ବାଞ୍ଛନୀୟ ତହିଁର ଅଭାବ ଘଟିଅଛି । ଅମ୍ଭେମାନେ ଦେଖିଅଛୁଁ ଯେ ଏପରି ଧାରଣା କରିବାର ବିଶିଷ୍ଟ କାରଣ ନାହିଁ । ସକଳ ସମା-ଜରେ ଦୁଇ ଗୋଟିଏ ସଙ୍କୀର୍ଣ୍ଣଚିତ୍ତର ଲୋକ ଥିବା ଅସମ୍ଭବ ନୁହେଁ ମାତ୍ର ସାଧାରଣ ଭାବ ପ୍ରୀତିକର ଥିବାର ଏ ନଗରର ଗତ ମିଉନିସିପାଲ ଇଲେ-କ୍ସନ ସ୍ପଷ୍ଟ ପ୍ରମାଣ ଦେଉଅଛି ।

———

'ଷ୍ଟାର ଅବ ଉତ୍କଳ' ଶୁଣିଥିଲେ ଯେ ଗତ ପୂର୍ବ ରବିବାର ବାବୁ ଗୋକୁଳାନନ୍ଦ ଚୌଧୁରୀଙ୍କ ଘରେ ଏ ନଗରର ଓଡ଼ିଆ ଉକିଲମାନଙ୍କର ଏକ ସଭା ହୋଇ ଓଡ଼ିଆ ସମ୍ପ୍ରଦାୟର ଉନ୍ନତି ଏବଂ ଓଡ଼ିଆଙ୍କର ମତ ପ୍ରକାଶ କରିବା କାରଣ ଗୋଟିଏ ଇଂରେଜୀ ପତ୍ରିକା ପ୍ରଚଳ ବିଷୟମାନ ବିବେଚନା ହୋଇଥିଲା । ଅମ୍ଭେମାନେ ଏ ବିଷୟ କିଛି ଶୁଣି ନାହୁଁ ମାତ୍ର ଆଶା କରୁଁ ଏହା ସତ୍ୟ ହେଉ । ବାବୁ ଗୋକୁଳାନନ୍ଦ କରଣ ସମାଜର ସଭାପତି ଏବଂ ଉତ୍କଳ ସମ୍ମିଳନୀର ସମ୍ପାଦକ ତାହାଙ୍କୁ ଉତ୍କଳର ଜଣେ ପ୍ରଧାନ ନେତା ବୋଲି ସମସ୍ତେ ମାନନ୍ତି । ସେ ଅପଣାର ପ୍ରିୟବନ୍ଧୁଙ୍କ ସେବ ସ୍ୱଦେଶର ହିତକର ବିଷୟର ସେତେ ଆଲୋଚନା ଓ ଚିନ୍ତା କରନ୍ତି ସେତେ ଭଲ । କେବଳ ଏତିକି ଦେଖିବାକୁ ହେବ ଯେମନ୍ତ କୌଣସି ବିଚାରରେ ଏକ ଦେଶଦର୍ଶିତା ବା ସଙ୍କୀର୍ଣ୍ଣ ସ୍ୱାର୍ଥପରତା ସ୍ଥାନ ନ ପାଏ । ନ୍ୟାୟ ଓ ଉଦାର ଭାବରେ କାର୍ଯ୍ୟ କଲେ ପରିଣାମରେ ଅବଶ୍ୟ ମଙ୍ଗଳ ହେବ । ଅନ୍ୟଦିଗରେ ଦେଶର ସର୍ବନାଶର ପ୍ରଧାନ କାରଣ ସ୍ୱାର୍ଥପରତା ଓ ତହିଁରୁ ଜାତ ହେବା ଗୃହ ବିବାଦ ।

———

ଭୁବନେଶ୍ୱରରୁ ଶ୍ରୀ ଜେଷ୍ଠ ଉଥିବହୁଥା ଲେକ ପତ୍ର ଲେଖିଥିଲନ୍ତି କି ସେ ଭୁବନେ-ଶ୍ୱର ସ୍ଥାନରେ ଶାସ୍ତ୍ରେ ନାମ ରେଭେନ୍ୟୁର ତହିଁରେ ଘର ଦ୍ୱାର ରହିବାର ଠିକ୍ କରିଥିଲେ । ମାତ୍ର ସେ ସେଠାରେ ରହିଲେ ସୁବିଧା ସକଳ କଥା ସମ୍ପାଦକଙ୍କ ଦ୍ୱାରା ଜନସାଧାରଣଙ୍କୁ ଜଣାଇବେ । ଏଥିପାଇ ଲେଖେକ ସେବକ ଏହିଯୋଗରେ ଜମି ଖଣ୍ଡରେ ବାଧା ଦେଇ ମାତ୍ର ପିଟର ଚେଷ୍ଟା କରିବାର ଶୁଣି ସେ ପୁଲିସ ସାହାଯ୍ୟରେ

Split by PDF Splitter

Digitized by srujanika@gmail.com

ସେଠାରୁ ଘଉଡାଇ ଅତି ଅନ୍ୟାୟ ଘର କରିବାର ଯତ୍ନ କରୁଅଛନ୍ତି । ପୂର୍ବରେ ଏହିରି ବସ୍ତୁ ଦେବୁ ପେଟେନ ସେବକ ବାଧା ଦେଉଥିଲେ ସେମାନଙ୍କର ପୂଜା କମ ହୋଇବାରୁ ହେବ, ସାଧାରଣ ଦେବ-ସେବାରେ ତ୍ରୁଟି ଦେଖିଲେ କେହି କେବେଳ ତାହା ପ୍ରକାଶ କରିବ ଏବଂ ଯଥଲେଖକ ଯେଥା ରହିଁରୁ ଷାନ୍ତ ହେବେ ନାହିଁ ଦୋଷଦ କରିବ କି ଚେଷ୍ଟା ପ୍ରକାଶ୍ୟରେ ଦୋଷ ସ୍ୱୀକାର ଛଡ଼ା ଅନ୍ୟ ଉଚ୍ଚ ନହେ । ସେବକମାନେ ଅପଣା କର୍ତ୍ତବ୍ୟ ସ୍ଥାନରେ ପ୍ରଭୁପାଳନ କଲେ ସେମାନଙ୍କର ଶତ୍ରୁତା ଘାଣ୍ଟିଟିବାର ପାରିବ ନାହିଁ ଏବଂ ଅନ୍ୟଥା ହେବ କଲେ ଭଲ ଫଳ ଫଳିବ । ଉଦ୍ଦେଶ ରଖି ଏବର ସେବାରେ ତ୍ରୁଟି ଘଟିବାର ନେନ ସମସ୍ତଙ୍କ ଶୁଣାଯାଏ । ମୁଖ୍ୟ ମାନେ ଜାଗଙ୍କ ପ୍ରତି ଉଦାସୀନର ମାନେ ଜଣ ଓ କର୍ମଚାରୀ ଦୃଢ଼ତାର ସହିତ କାର୍ଯ୍ୟ କଲେ ମାଧ୍ୟମ ନିର୍ଦ୍ଦିଷ୍ଟରୂପେ ଚଳଇ ଏବଂ ସୁଯୋଗମାନ ଦେବ ଏବେ ତାଙ୍କର ସୁନାମ ଚଳିବାର କାହିଁ ଉଚିତ ନାହିଁ ।

---

ଅଲୌକିକ ଚଉଯ ବାହାରେ ଶଣ୍ଡିଏ ମାସରୁ ପତ୍ରିକାର ପ୍ରଥମ ସଂଖ୍ୟା ଉପହାର ପଠାବାର ଅନୁରକ୍ଷଣ ପହଞ୍ଚ ହୀତ ହରଅଛୁଁ । ଏହି ପତ୍ରିକା ନେ । ଏଥିରେ ଅନେକ ଶାନ୍ତ ଲୋକ ସ୍ୱୀକାର କରନ୍ତୁ ସମ୍ଭ୍ରାନ୍ତ ଦେଶର ଏକ ଗଭ ବୈଶାଖ ମାସରୁ ପ୍ରକାଶ କରିବାର ଆରମ୍ଭ କରିଅଛନ୍ତି । ଏଥିରେ ପ୍ରେତତତ୍ତ୍ୱ, ପରଲୋକ ତତ୍ତ୍ୱ, ମୃତ ଉପରେ, ଯକ୍ଷୀଚରଣ ଛାଦା, ମନ୍ତ୍ରଣ, ଉଚ୍ଚାଟନ, ଭାଗ୍ୟ ଦଶା ପ୍ରଭୃତି ବିଷୟ ଆଲୋଚନା ହେବ । ସେ ସମସ୍ତର ଅଧ୍ୟାତ୍ମ ବୈଜ୍ଞାନିକ ଏବଂ ପ୍ରାଚୀନ ହିନ୍ଦୁଶାସ୍ତ୍ର ଓ ତନ୍ତ୍ରାଦ ସହିତ ସାମଞ୍ଜସ୍ୟ ପ୍ରକାଶ ହେବ । ଏହି ପ୍ରେତଶାସ୍ତ୍ରରେ ନେଦେକେଟି ଭୂତ ପ୍ରେତର କଥା ଇଂରାଜୀରୁ ଅନୁବାଦ ସଂଗୃହୀତ ହୋଇ ପ୍ରକାଶ କରାଯାଉଛି । ଆମ୍ଭେ ପାଠକମାନେ ବୁଝିବେ ଯେ ଅନେକ ଲୋକମାନେ ଇଂରାଜୀ ପଢ଼ି ଭୂତ ପ୍ରେତାଦ ମାନନ୍ତି ନାହିଁ ସେମାନେ ଉଜ୍ଜ୍ୱଳ ବିଜ୍ଞାନ ମନ୍ତ୍ରୀ ଏ ବିଷୟ ମାନ ଚଳଥିବାର ଓ ତହିଁର ବୈଜ୍ଞାନିକ କାରଣ ତାହାର ଜଣିବାରେ ବ୍ୟସ୍ତଥିବାର ଅନୁଗତ ହୋଇ ନିଜର ପ୍ରାଚୀନ ଶାସ୍ତ୍ରର ଉତ୍କର୍ଷ ଏବଂ ତହିଁର ଅଲୋଚନାରେ ପ୍ରବୃତ୍ତ ହେବେ । ଏ ଉଦ୍ଦେଶ୍ୟ ଅତ୍ୟନ୍ତ ମହତ ଏବଂ ଏ ପତ୍ରିକାର ଉଦ୍ୟୋଗ ଦେବା କର୍ତ୍ତବ୍ୟ । ବୋଧ ମୂଲ୍ୟ ମଧ୍ୟ ସାମାନ୍ୟ ଅଗ୍ରୀମ ବାର୍ଷିକ ମୂଲ୍ୟ ଡାକମାଶୁଲ ସହିତ ୧୮ ଟଙ୍କା ମାତ୍ର ।

---

ପୁରୀ ଶ୍ରୀ ଜଗନ୍ନାଥଜୀଉଙ୍କ ଦକ୍ଷିଣଦ୍ୱାର ସଂଲଗ୍ନ ମେଘନାଦ ପ୍ରାଚୀର ଉଚ୍ଚେ ଏକ ବଗ୍ନଘରେ ବହୁକାଳରୁ ପାଷାଣନିର୍ମିତ ସୁଗଭୀର ଶ୍ରୀ ହନୁମାନ-ମୂର୍ତ୍ତି ବିରାଜମାନ ଅଛନ୍ତି ତାହାଙ୍କର ସେବା ପୂଜାଦ ଚଳଇବା ସକାଶେ ବଡ଼ଛତା ମଠର ମହନ୍ତ ମାଲଫତଦାର ସ୍ୱରୂପ ନିଯୁକ୍ତ ଅଛନ୍ତି । ଏହି ସ୍ଥାନ ସେହି ମହନ୍ତଙ୍କ ନାମରେ ସାବନ୍ତ ଓ ହାଲ ବନ୍ଦୋବସ୍ତରେ ଦାଏରଅଛି । ସେହି ହନୁଦରର ଉପର ଦେହା ସଜାଶେ ସନ ୧୮୭୪ ମସୀହାରେ ତତ୍କାଳୀନ ମାଜିଷ୍ଟ୍ରେଟ ସାହେବ ଆଦେଶ ଦେଇଥିଲେ । କିନ୍ତୁ ମହନ୍ତ ମହାଶୟଙ୍କ ଅପରି ଅନୁରୋଧରେ ତାହା ସ୍ଥଗିତ ହୋଇଥିଲା । ମାତ୍ର ଗତ ସନ ୧୯୦୭ ମସୀହାରେ ମିଉନିସିପାଲିଟି ଉକ୍ତ ଛପର ପ୍ରଭୃତି ଭାଙ୍ଗି ଦେଇଥିବାରୁ ଶ୍ରୀ ହନୁମାନଜୀଉ ଖରା, ବର୍ଷାରେ ଦେହ ହେଉଥିବା ଦେଖି ସାଧାରଣ ଓ ବିଦେଶୀ ଯାତ୍ରିମାନଙ୍କ ମନରେ କ୍ଷୋଭ ଜନ୍ମୁ ହେଉଅଛି । ଏପରିସ୍ଥଳେ ସେହି ହନୁମାନଜୀଉ ବିରାଜମାନ କରଥିବା ଏ — ୨୦ ଫୁଟ ଲମ୍ବ ଜାଗାକୁ ଗବର୍ଣ୍ଣମେଣ୍ଟ ସ୍ୱରୂପ ପୁରୀ ମିଉନିସିପାଲିଟି ଖରଚରେ ନେବେ ବୋଲି ମିଉନିସିପାଲିଟିରେ ଏକ ମନ୍ତବ୍ୟ ନୋଟିସ ଜାରୀ ହୋଇଅଛି । ତାହା ହେଲେ ଏ ହନୁମାନଜୀଙ୍କୁ ଉଠାଇ ନେବାକୁ ହେବ । ଏଥିନିମନ୍ତେ ସଦାଶୟ ରଣ ବହାଦୁର ଡେପୁଟି କଲେକ୍ଟର ଏହି ଦେବସ୍ଥଳୀ ରକ୍ଷା ସକାଶେ ଏକ ଲିଖିତ ଆପତ୍ତି ଦାଖଲ କରିଅଛନ୍ତି ଆଶା କରୁଁ କର୍ତ୍ତୃପକ୍ଷ ଏଥିର ସୁବିଚାର କରି ଧର୍ମ ରକ୍ଷା କରିବେ ।

---

ଅଳ୍ପଦିନ ହେଲେ କେନ୍ଦୁଝରର ପୋଲିଟିକାଲ ସାହେବଙ୍କ ଆଦାଲତରେ କେତେକ ଚୋରିକେଶ ଓ ଏଗର ଆସାମୀମାନଙ୍କ ନାମରେ ଚାରିଗୋଟି ମୋକଦ୍ଦମାର ବିଚାରଥିବା ଅବସ୍ଥାରେ ଯେଉଁ ଆଉ ଏକ ଥିବା ଅପରାଧ ଦଣ୍ଡବିଧି ଆଇନ ୩୭୯ ଧାରା ମୋକଦ୍ଦମାର ବିଚାର ହୋଇଥିଲା । ଆସାମୀମାନେ ସେମାନଙ୍କର ପକ୍ଷମାନେ ଅବାଧ୍ୟତ କରି ଦିଆ ମୋକଦ୍ଦମା କରିଥିବା ଓ ପୁଲିସ ତାଙ୍କୁ ସାହାଯ୍ୟ କରଥିବାର ଯଦିଓ ଦେଇଥିଲେ ଏବଂ ପୂର୍ବେ ସେମାନେ ଯାହା ଅପରାଧ ସ୍ୱୀକାର କରିଥିଲେ ପଛରୁ ତାହା ଅସ୍ୱୀକାର କଲେ । ବସ୍ତୁତଃ ଆସାମୀମାନେ ସ୍ୱେଚ୍ଛା ପୂର୍ବକ ଅପରାଧ ସ୍ୱୀକାର କରି ନ ଥିବା ଓ ପୁଲିସ ଉକ୍ତ ବାଦ ସେମାନଙ୍କଠାରୁ ସ୍ୱୀକାର କରାଇ ନେଇଥିବାରୁ ବିଶ୍ୱାସ କରି ଆସାମିମାନଙ୍କୁ ଚାରି ମାସ ବା ୧୯ ଟଙ୍କା ଜରିମାନା ସହିତ ପୁଲିସ ଉପରେ ସୁବିଧା ଜେଲଦାରମାନେ ହୋଇଥିବା ଏବଂ ମୃତବତର ସାକ୍ଷୀମାନେ ପୁଲିସର ଅଧୀନରେ ଥିବା ମଧ୍ୟ ପୁଲିସ ସବ୍‌ଇନ୍‌ସ୍‌ପେକ୍ଟର ପୁଲିସ ଛାଏଣି ଜାଲ କରିଥିବା ଉକ୍ତ ପୂର୍ବଗ ଶିବ ମୁଖ୍ୟର ଗ୍ରେବା ଚୌକିଦାର କାଠରେ ମିଥ୍ୟାରେ ମେଳହତା ଅଙ୍କିତ କରିଥିବା ଏବଂ ପୁଲିସ ଅନ୍ୟାୟ ଉପାୟଦ୍ୱାରା ମିଥ୍ୟା ସାକ୍ଷ୍ୟ ସଂଗ୍ରହ କରିଥିବାର ଲେଖିଅଛନ୍ତି !—ଉପର୍ଯ୍ୟୁକ୍ତରୁ ପୁଲିସର ଏପରି ବଳକ୍ଷ ପ୍ରକାଶ ହେବାଦ୍ୱାରା ସେମାନେ ଅଶାନ୍ତିର ମୂଳ ବୋଲି ଲୋକଙ୍କର ଯେ ଧାରଣା ହୋଇଅଛି ତାହା କ୍ରମଶଃ ପ୍ରକାଶ ହେଉଅଛି । କର୍ତ୍ତୃପକ୍ଷମାନେ ଏଥି ପ୍ରତି ଉଦାସୀନ ରହିବେ ?

---

ଗୁଡ଼ ଓ ଚାହୁଁରୁ ଚିନି ଓ ମିଶ୍ରି ପ୍ରସ୍ତୁତ କରିବା ବିଷୟରେ ବାଲେଶ୍ୱର ସମ୍ବାଦବାହିକାରେ ଏକ ଇଂରାଜୀ ପ୍ରବନ୍ଧ ବାହାରିଅଛି । ତହିଁରେ ଲେଖାଅଛି ଯେ ଓଡ଼ିଶାରେ ଅପ୍ରଚଳ ହୁଅଇ ଏବଂ ଚାଲ ଓ ଖେଜୁରର ଗୁଡ଼ ପ୍ରସ୍ତୁତ ହେଲେ ଅନେକ ଲାଭ ହେବ । ଯେଉଁମାନେ ଏସବୁ ଗୁଡ଼ ଉତ୍ପାଦ ପ୍ରସ୍ତୁତ କରିବାକୁ ଜାଣନ୍ତି ସେମାନଙ୍କୁ ଅଣାଇ ସ୍ଥାନୀୟ ଲୋକଙ୍କୁ ଶିଖାଇଦେଲେ ଏ ବ୍ୟବସାୟ ଓଡ଼ିଶାରେ ଉତ୍ତମରୂପେ ଚଳିବ । ପ୍ରଥମେ ଏହି କାର୍ଯ୍ୟ ଚଳାଇବାକୁ କେଉଁ ଅଗ୍ରସର ହେବେ ? ସାମାନ୍ୟ କୃଷକର ରୁଚି ଓ ଅବସ୍ଥା କେମନ୍ତ ନୁହେଁ ଯେ ସେ ନୂତନ ପ୍ରଣାଳୀ ଧରିବାକୁ ସମର୍ଥ ହେବ । ଉତ୍ସାହୀ ଜମିଦାର ଓ ତଲୁକେଦାରମାନେ ଅଗ୍ରସର ନ ହେଲେ କିଛି ହୋଇପାରିବ ନାହିଁ । ଶ୍ରୀଯୁକ୍ତ ମଧୁସୂଦନ ଦାସ ଯେ ଥରେ ବଙ୍ଗଳାରୁ ତୁରନ୍ତ ଯୋଗ୍ୟ ଲୋକ ଅଣାଇ ଚାଲର ଗୁଡ଼ ପ୍ରସ୍ତୁତ କରିବାର ଚେଷ୍ଟା କରିଥିଲେ । କେମନ୍ତେ କେତେକମାସ ପରୀକ୍ଷା ପରେ ଦେଖିଲେ ଯେ ଏ ଜିଲ୍ଲାର ଚାଲଗଛ ବଙ୍ଗଳାର ଗଛପରି ନୀରସ ଓ ସରସ୍ଥ ରସ ନ ବାହାରିବାରେ ଅଧିକ ଶରଣ ଯାଇ ଲାଭ ହେବାର ନ ଦେଖି ଗଡ ଖୋଲିଲେ । ତାଙ୍କ ରୁଚିକୁ ଅଉ କେହି ଚେଷ୍ଟା କରିବାର ଶୁଣି ନାହୁଁ । ଖେଜୁର ଗୁଡ଼ କେହିଁ ପ୍ରସ୍ତୁତ କରେ କାହିଁ କରନ୍ତି । ମାତ୍ର କେହି ବିଶେଷ ଲାଭ ବା ବ୍ୟକ୍ତିତ୍ୱ ଯେ ତାହା କରିବାର ଚେଷ୍ଟା ହେବାର ଶୁଣି ନାହୁଁ । ଆଖୁ ରସ ଓ ଚାହୁଁରୁ ଉଚ୍ଚଦାମ ଗୁଡ଼ ଚିନି ପ୍ରଭୃତି ପ୍ରସ୍ତୁତ କରିବାର ଚାହିଁ ଏକା ବାରଣ୍ଡାର ସଜା କରିବାର ଓ ସଫଳ ହେବାର ଶୁଣିଅଛୁ । ବାମଣ୍ଡା କାରଖାନା ଦେଖି ତହିଁର ଅନୁକରଣ କରିବାକୁ କେଣେକେ ସଙ୍ଗତିପନ୍ନ ଉତ୍ସାହୀ ସଜା ଜମିଦାର ବାହାରିଲେ ଅବଶ୍ୟ ଉପକାର ହୁଅନ୍ତା । ପ୍ରଥମେ

Split by PDF Splitter



ବହୁ ଷତି ସ୍ୱୀକାର କରିବାକୁ ପ୍ରସ୍ତୁତ ନ ହେଲେ ନୂତନ ବ୍ୟବସାୟ ସ୍ଥାପନ ହେବା ସହଜ ନୁହେ ଓ ବହୁର ପୂର୍ବାକ ସହିବାନ୍ ହେଲେ ଫଳରୁ ଅବଶ୍ୟ ଲାଭ ହେବ ।

---

## ଦେବଦାସୀ ।

ଦାକ୍ଷିଣାତ୍ୟର ଅଧିକାଂଶ ଦେବାଳୟରେ ଠାକୁର ମନ୍ଦିରରେ ଅନୂଢ଼ା ବାଳିକା ଦେବୋଦ୍ଦେଶ୍ୟରେ ଉତ୍ସୃଷ୍ଟା ହୋଇ ଚିର ବ୍ରହ୍ମଚର୍ଯ୍ୟ ପାଳନ କରିବା ନିୟମ ଥିଲା । ଚିର ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ କଠୋର ବ୍ରତ । ଏଥିର ବ୍ୟତିକ୍ରମ ଘଟିବା ଓ କେତେ ଦେବଦାସୀ ବେଶ୍ୟା ବୃତ୍ତି ଅବଲମ୍ବନ କରିବାର ଦେଖି ମହୀଶୂରର ମହାରାଜା ତ୍ରୈପଣରେ ଲଗିବ ୧୯ ବର୍ଷ ତଳେ ଆଇନଦ୍ୱାରା ତାହା ନିଷେଧ କରିଥିଲେ । ଆଉ କେହି ଦେବଦାସୀ ନ ହେବା ହେତୁ ଧର୍ମକାର୍ଯ୍ୟରେ କିଛିମାତ୍ର ବ୍ୟାଘାତ ଘଟିନାହିଁ । ପରନ୍ତୁ ବର୍ତ୍ତମାନ ସେ ମନ୍ଦିରର କୌଣସି ସେବା ସ୍ତ୍ରୀ ଲୋକ କର୍ତ୍ତୃକ ହୋଇ ନ ପାରିବାର ନିୟମ କରିଅଛନ୍ତି । ଏ ପ୍ରଦେଶରେ ଜଗନ୍ନାଥ ଦେବଙ୍କର ବଡ଼ସିଂହାର ବେଶ ସମୟରେ ଦେବଦାସୀଙ୍କର ସେବା ଅଛି ଏବଂ ସେମାନଙ୍କର ଚରିତ୍ର ପ୍ରତି ଦୃଷ୍ଟି ରଖିବାର ଦୃଢ଼ ନିୟମ ଥିଲେହେଁ କାର୍ଯ୍ୟତଃ ତାହା ପ୍ରଚଳିତ ହେବାର ଦେଖା ଯାଉ ନାହିଁ । କଲିକତାର କାଳୀଘାଟରେ ସ୍ତ୍ରୀମାନଙ୍କ ସେବା ଯୋଗୁଁ ନାନା ପ୍ରକାର ଦୁରାଚାରର ଅଭିନୟ ଦେଖାଯାଏ ଏବଂ ତାହା ନିବାରଣ କରିବା ଏକାନ୍ତ କର୍ତ୍ତବ୍ୟ ବୋଲି ସେଠାର ଇଣ୍ଡିୟାନ ନେସନ ଲେଖିଅଛନ୍ତି । ବୃନ୍ଦାବନର ଅନେକ ଠାକୁର ବାଡ଼ିରେ ମହାନ୍ତମାନେ ଘଣ୍ଟା କରିବା ଇତ୍ୟାଦି ସେବାରେ ନିଯୁକ୍ତ ଥିବାର ଦେଖାଯାଏ । ଏହିର ସେବା ସ୍ଥାପନ ସମୟରେ ଲୋକଙ୍କର ପ୍ରଗାଢ଼ ଧର୍ମନିଷ୍ଠା ଥିବା ହେତୁ ଯେ ଅବସ୍ଥା ଥାଉ ପଛକେ ଏକାଳରେ ଧର୍ମ ନାମରେ ଅଧର୍ମ ପ୍ରଶ୍ରୟ ପାଉଥିବାର ଦେଖା ଯାଉଅଛି । ମହୀଶୂରର ମହାରାଜା ଏଥିର ପ୍ରତିକାର କରି ଉତ୍ତମ ଉଦାହରଣ ଦେଖାଇଅଛନ୍ତି । ଯଦି ଆମର ମନ୍ଦିରରେ ଏହା ଧର୍ମସଙ୍ଗତ ନୁହେ ସେମାନେ ଅନ୍ୟ ପ୍ରକାର ଶାସନର ବ୍ୟବସ୍ଥା କରନ୍ତୁ ନ ଯହିଁରେ ଧର୍ମର ଆଢ଼ାଳରେ ପାପ ବଢ଼ିବାର ସୁବିଧା ନ ହେବ ।

---

## ଲୋଟି ଓ ଦୁଃଖର କଥା ।

ବେଷ୍ଟମ ହୋପୁର ଠାକୁ ପ୍ରକାଶ ହେଉଥିବା "ଉତ୍କଳବାସୀ" ପତ୍ରିକା ନାଟକ ପାଞ୍ଚବର୍ଷ ହେଲା ସହଯୋଗର ହୋଇ ଆସୁଅଛି । ପ୍ରଥମ ବର୍ଷରେ ଏହାର ଗ୍ରାହକ ୬୫୦ ଏ ହୋଇଥିଲା । ମାତ୍ର ଅଧିକାଂଶ ଗ୍ରାହକ ୨ୟ ବର୍ଷର ମୂଲ୍ୟ ମାଡ଼ିବସିଲେ ଓ ନାନା ଚେଷ୍ଟାରେ ମୂଲ୍ୟ ନ ଦେଇ ଶେଷରେ ଭି, ପି, ରେ ପତ୍ରିକା ଫେରାଇ ଦେଲେ । କ୍ରମେ ଗ୍ରାହକ ସଂଖ୍ୟା ଊଣା ହୋଇ ୫୦ ରେ ରହିଅଛି । ଅଧିକ ଦୁଃଖର ବିଷୟ ଏହି କି ବିନା ମୂଲ୍ୟ ବା ଅଳ୍ପ ମୂଲ୍ୟରେ ସୁଦ୍ଧା ଗ୍ରାହକଙ୍କର ଅଭାବ ଦେଖା ଯାଉ ନାହିଁ । ଏପରିସ୍ଥଳେ ପତ୍ରିକା ରଖିବା ଅପେକ୍ଷା ବନ୍ଦକର ସେହି ଟଙ୍କା ଅନ୍ୟ କୌଣସି ଦେଶ ହିତକର କାର୍ଯ୍ୟରେ ବ୍ୟୟ କରିବା ଉଚିତ ଏଥିର ସମ୍ବଲ ସହଯୋଗୀ ଲେଖିଅଛନ୍ତି । ଆମ୍ଭେମାନେ ମନେକରୁ ନ ଏ ବିଷୟରେ ସହଯୋଗିଙ୍କର ପରାମର୍ଶ ଲୋଡ଼ିବା ବାହୁଲ୍ୟ । ଯେଉଁ ଦ୍ରବ୍ୟ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ ହେବାକାରଣ ଜନସାଧାରଣଙ୍କର ସମକ୍ଷରେ ଉପସ୍ଥିତ କରାଯାଏ ତାହା ଯେବେ ଲୋକେ ରଖିବାକୁ ଆଦର ଏବଂ ମୂଲ୍ୟ ଊଣା କଲେ ସୁଦ୍ଧା ବିକ୍ରୟ ହୁଅଇ ନାହିଁ ତେବେ ନିଶ୍ଚୟ ବୁଝିବାକୁ ହେବ ଯେ ସେ ଦ୍ରବ୍ୟର ଆଦର ନାହାନ୍ତି । ପରନ୍ତୁ ସେହିର ଦ୍ରବ୍ୟ ପ୍ରସ୍ତୁତ କରିବାରେ ଅର୍ଥ ଓ ପରିଶ୍ରମ ବ୍ୟୟ କରିବା ଅନର୍ଥକ ଷତି ଛଡ଼ା ଆଉ କିଛି ବୋଲାଯାଇ ନ ପାରେ । ସହଯୋଗୀ ଯଥାର୍ଥ କହିଅଛନ୍ତି ଯେ ସମ୍ବାଦପତ୍ର ପରିଚାଳନ ଦ୍ୱାରା ଦେଶ ସେବାର ଅନ୍ୟ ମାର୍ଗ ନାହିଁ ଏମନ୍ତ ନୁହେ । ଏହିପରି ଦେଖିବାକୁ ଗଲେ ଉଡ଼ିଶାକୁ ସମ୍ବାଦପତ୍ର ବଳ ପଡ଼ିଅଛି । ଏ କଥା କହିବା ଅପ୍ରିୟ ହେଲେହେଁ କର୍ତ୍ତବ୍ୟ ଅନୁରୋଧରେ ଆମ୍ଭେମାନେ ତେବେ ଏହା ପ୍ରକାଶ କରୁଅଛୁ ଏବଂ ଅନେକ ସମ୍ବାଦପତ୍ର ଆପଣା ଗ୍ରାହକଙ୍କର ମୂଲ୍ୟ ଦାନରେ ତ୍ରୁଟିକି ଗୁହାରି କରିବାର ଶୁଣି ସେହି ଧାରଣାର ପୋଷକତା ହେଉଅଛି । ଦ୍ରବ୍ୟ ଯେଗାଇ ମୂଲ୍ୟ ସହାସେ ଗୁହାରି କରିବା ପ୍ରୀତିକର ନୁହେ । ଏଥିପାଇଁ ନଗଦ ବା ଅଗ୍ରୀମ ମୂଲ୍ୟର ବ୍ୟବସ୍ଥା ସବୁଠି ପ୍ରଚଳିତ ହୋଇଅଛି ଏବଂ ତାହାହିଁ ପ୍ରଶସ୍ତ ଅଟେ । ଏଥିରେ ବିକ୍ରେତା ଓ କ୍ରେତା ଉଭୟର ସୁବିଧା ରକ୍ଷା ହୁଅଇ । ସମ୍ବାଦପତ୍ରର ଗ୍ରାହକ ଶିକ୍ଷିତ ସମାଜ । ଯେଉଁଠାରେ ସେ ସମାଜ ଦୁର୍ବଳ ସେଠାରେ ତାହାର ପୁଷ୍ଟିସାଧନ କରିବା କର୍ତ୍ତବ୍ୟ । ଅତଏବ ସମ୍ବାଦପତ୍ରରେ ଯେଉଁ ଅର୍ଥ ଓ ପରିଶ୍ରମ ବ୍ୟୟ ହେଉଅଛି ତାହା ବିଦ୍ୟାଳୟ ଓ ପାଠ୍ୟପୁସ୍ତକ ପ୍ରକାଶରେ ବ୍ୟୟ ହେଲେ ଅଧିକତର ଉପକାର ହେବ ଏଥିରେ ସନ୍ଦେହ ନାହିଁ । ଶିକ୍ଷାବିସ୍ତାର ହେଲେ ବ୍ୟବସାୟର ବୃଦ୍ଧି ହେବ ଏବଂ ଉପଯୁକ୍ତ ସମୟରେ ସମ୍ବାଦପତ୍ରର ପ୍ରୟୋଜନ ବଢ଼ିବ । ସହଯୋଗୀ ଏତେ କାଳ ଯାଏ ସହି ଦେଶ ସେବା ଅନୁରୋଧରେ ପତ୍ରିକା ଚଳାଇ ସ୍ୱଦେଶୀ ଗୁଣର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ସେ ଯେବେ ଦେଶ ସେବାର ଅନ୍ୟ କୌଣସି ମାର୍ଗ ଦେଖାଇ ତହିଁରେ ସଫଳକାମ ହେବେ ତେବେ ଅଧିକତର ପ୍ରୀତିଭାଜନ ହେବେ । ଏହି ବ୍ୟବସାୟକୁ ଅନେକ ଲୋକ ଅବଲମ୍ବନ ନ କରି ଭିନ୍ନ ଭିନ୍ନ ବ୍ୟବସାୟର ପଥ ପରିଷ୍କାର କରିବା ଭଲ ।

---

## ନୂତନ ମିଉନିସିପାଲ ସଭା ।

ଗତ ଶନିବାର ଅପରାହ୍ଣରେ ଏଠା ମିଉନିସିପାଲିଟିର ନୂତନ କମିଶନରମାନଙ୍କର ବୈଠକରେ ବାବୁ ଜାନକୀନାଥ ବସୁ ଚେୟାରମାନ ଏବଂ ବାବୁ ଜଗଦୀଶଚନ୍ଦ୍ର ରାୟ ଚୌଧୁରୀ ଭାଇସଚେୟାରମାନ ନିର୍ବାଚିତ ହେଲେ । ସେ ଦିନର ବୈଠକରେ ନୂତନ କମିଶନରମାନେ ସମସ୍ତେ ଉପସ୍ଥିତ ଥିଲେ । ଏଠା କରଦାତାମାନେ ମଧୁବାବୁଙ୍କୁ କମିଶନର ସ୍ୱରୂପ ନିର୍ବାଚିତ କଲା ସମୟରୁ ସେ ଚେୟାରମାନ ହେବେ ବୋଲି ଆଶା କରିଥିଲେ ଏବଂ ମିଉନିସିପାଲିଟିର କମିଶନରମାନଙ୍କ ମଧ୍ୟରେ ତାଙ୍କୁ ସବାପେକ୍ଷା ଅଧିକ ଯୋଗ୍ୟ ଥିବାର ଦେଖି ଆମ୍ଭମାନଙ୍କର ଦୃଢ଼ ଧାରଣା ଥିଲା ମାତ୍ର କଥିତ ହୁଅଇ ନ ମଧୁବାବୁ ସ୍ୱୟଂ ଚେୟାରମାନ ହେବାକୁ ଅନିଚ୍ଛୁକ ଥିବାର ପୂର୍ବରୁ ପ୍ରକାଶ କରିଥିବାରୁ ତାହାଙ୍କ ନାମ କେହି ପକାଇଲେ ନାହିଁ । କରଦାତାମାନେ ଯାଉଁଟିକର ଇତ୍ୟାଦି ବେଚେନ କାର୍ଯ୍ୟ ଯୋଗୁଁ ପୂର୍ବ ଚେୟାରମାନ ଓ ଭାଇସଚେୟାରମାନ ପ୍ରଭୃତିଙ୍କ ପ୍ରତି ବିରକ୍ତ ଥାଇ ବିଶେଷସଭା କରିଥିଲେ ମଧ୍ୟ ଏ ଥର ବାର୍ଷିକ ନିର୍ବାଚନ ସମୟରେ ମଧୁବାବୁଙ୍କୁ କମିଶନର ପଦର ପ୍ରାର୍ଥୀ ପାଇଁ ତାଙ୍କୁ ଚେୟାରମାନ ସ୍ୱରୂପ ପାଇଲେ ସକଳ ଦୁଃଖ ଯାଉଥିବାର ମନେ କରି ନିର୍ବାଚନ କରିଥିଲେ । ମିଉନିସିପାଲିଟିର ନୂଆ ଟିକସ ବନ୍ଦୋବସ୍ତ ସମୟରେ କରଦାତାମାନେ ଯେ ଘୋର ପ୍ରତିବାଦ କରିଥିଲେ ତହିଁରେ ମଧୁବାବୁ ଅଗ୍ରଣୀ ଥିଲେ, ସେ ଚେୟାରମାନ ହୋଇଥିଲେ ନୂତନ ଟିକସ ବନ୍ଦୋବସ୍ତ କାର୍ଯ୍ୟ ରଦ ହେବାର ମଧ୍ୟ ଲୋକେ ଆଶା କରିଥିଲେ । ଏପରି ସ୍ଥଳେ କରଦାତାମାନଙ୍କର ପ୍ରତିନିଧି ବର୍ଗ ତାହାଙ୍କୁ ନ ଲୋଡ଼ିବା ଯେମନ୍ତ ଆଶ୍ଚର୍ଯ୍ୟ ସେ ପ୍ରବୃତ୍ତି ଅନିଚ୍ଛା ପ୍ରକାଶ କରିବା ସେମନ୍ତ ଅଟେ । ସେ ଜଣେ କମିଶନର ହେବାରେ ଲାଭ ଅଛି ମାତ୍ର ଚେୟାରମାନ ହୋଇଥିଲେ ଅଧିକ ଭଲ ହୋଇଥାନ୍ତା । ଚେୟରମାନର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱ ହେଲେହେଁ ପ୍ରବୀଣ ବହୁଦର୍ଶୀ ଯୋଗ୍ୟ ବ୍ୟକ୍ତି ଅନ୍ୟ କମିଶନରମାନଙ୍କର ସାହାଯ୍ୟରେ ନିଜର ନାନା କାର୍ଯ୍ୟ ସଙ୍ଗେ ତାହା ନିର୍ବାହ କରି ନ ପାରିବାର ମନକୁ ଆସୁ ନାହିଁ । ଜାନକୀବାବୁଙ୍କ ପ୍ରତି

Digitized by srujanika@gmail.com

ଭଦ୍ରଦାତାମାନଙ୍କର ଦ୍ରୁତ ପ୍ରେମ ଥାଉ ବା ନ ଥାଉ ସେମାନଙ୍କ ଛଡ଼ା ଚେୟାରମ୍ୟାନ ହେବା ସକାଶେ ନାଦଙ୍କ ବାବୁଙ୍କ ଅପେକ୍ଷା କେହି ଯୋଗ୍ୟତରବ୍ୟକ୍ତି ନୂତନ କମିଶନର ଦଳରେ ନ ଥିଲେ ହେଁ ସେ ଚେୟାରମ୍ୟାନ ହେବା ଠିକ ହୋଇଅଛି । ତୃତ୍ତ ଭାଇସଚେୟାରମ୍ୟାନ ନମାଦବାବୁଙ୍କୁ ସେ ପଦରେ ରଖିବା ସକାଶେ ଚେୟାରମ୍ୟାନଙ୍କ ପକ୍ଷ ବିଶେଷ ଚେଷ୍ଟା ହୋଇଥିଲା ମାତ୍ର ନୂତନ କମିଶନରମାନଙ୍କ ମଧ୍ୟରେ ଅଧିକାଂଶ ବାବୁ ଜଗବନ୍ଧୁଚନ୍ଦ୍ର ବସୁ ଚୌଧୁରୀଙ୍କି ପସନ୍ଦ କରିବାରୁ ସେ ଉକ୍ତ କାର୍ଯ୍ୟରେ ମନୋନୀତ ହେଲେ । ଜଗବନ୍ଧୁ ବାବୁ ଜଣେ ସ୍ୱାଧୀନ ଚେତା ଜମିଦାର ଏବଂ ବହୁକାଳ ହେଲା ଏଠାରେ ଅବୈତନିକ ମେ-ଜଷ୍ଟ୍ରେଟ କାର୍ଯ୍ୟ କରି ନ୍ୟାୟ ବିଗ୍ରହ ସମସ୍ତଙ୍କର ପ୍ରିୟ ପାତ୍ର ହୋଇଅଛନ୍ତି । ଏ ମହାଶୟ ନିର୍ବାଚିତ ହେବା ସମୟରୁ ଯେତେ ଲୋକ ଯେ ଆଶା କରିଥିଲେ ତାହା ସଫଳ ହେବା ସୁଖର ବିଷୟ । ଆମ୍ଭମାନଙ୍କ ପ୍ରଣାଳୀ ଲୋକ ଶିକ୍ଷାର୍ଥ ସରକାର ବାହାଦୁରଙ୍କ କର୍ତ୍ତୃକ ପ୍ରଚଳିତ ହେବା ସମୟରେ ଏହିପରି ବୁଝା ଯାଇଥିଲା ଯେ ଲୋକେ ଏହିରେ ପ୍ରବେଶ କରି ଆମ୍ଭମାନ ଶିଖିବା ସଙ୍ଗେ ସଙ୍ଗେ ସହରର ମର୍ଯ୍ୟାଦା ବଢ଼ାଇବେ । ଭିନ୍ନବର୍ଷ ସକାଶେ ଚେୟାରମ୍ୟାନ ଓ ଭାଇସଚେୟାରମ୍ୟାନଙ୍କୁ ସମସ୍ତ ଦଆଯିବାର ମର୍ମ ମଧ୍ୟ ଏହି ଯେ ନୂତନ ନୂତନ ଲୋକ ଏହିରେ ନିଯୁକ୍ତ ହୋଇ ଶିକ୍ଷାଲାଭ କରିବେ ; ଜଣେ ଲୋକ ଗୋଟିଏ ପଦ ମାଡ଼ି ବସିବାଦ୍ୱାରା ଶିକ୍ଷାର ଅଭାବ ସଙ୍ଗେ ସଙ୍ଗେ ମର୍ଯ୍ୟାଦା ମଧ୍ୟ ନଷ୍ଟ ହୁଅଇ । ନୂତନ ଲୋକ ନୂତନ ଉତ୍ସାହରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ମିଉନିସିପାଲିଟି ଆଦରେ ନୂତନ ଜୀବନ ପ୍ରବେଶ କରେ । ସୁତରାଂ ଆମ୍ଭେମାନେ ବାବୁ ଜଗବନ୍ଧୁଚନ୍ଦ୍ର ବସୁ ଚୌଧୁରୀଙ୍କ ନିର୍ବାଚନରେ ଅତୀବ ଆନନ୍ଦିତ ହୋଇଅଛୁଁ । ତାଙ୍କର ସମୟର ଅଭାବ ଅଛି ବୋଲି ନାହିଁ ଏବଂ କାର୍ଯ୍ୟ କରିବାର ଉପଯୁକ୍ତ ବୟସ ଏବଂ ବଳ ଦେଖିବା ଅଛି । ଭରସା କରୁଁ ଏହାଙ୍କ ଯୋଗେ ମିଉନିସିପାଲିଟିର ଉପକାର ହେବ ।

---

# ସାପ୍ତାହିକ ସମ୍ବାଦ ।

କଲିକତାଗେଜେଟ ।

ସ୍ୱର୍ଗତ କଲେକ୍ଟର ମୌଲବୀ ସୈୟଦ ମହମ୍ମଦ ଅବଦୁଲ ଆଜିଜଙ୍କ ଶେଷ ପୁତ୍ରକୁ ବର୍ଷ ୨୫ ଟଙ୍କା ସକାଶେ କଟକ ଦେଇ ସବର ମଧ ମାସ ଅଧ୍ୟାପକ ହେଲେ ।

କଟକ ରେଭେନ୍ସା କଲେଜର ହେଡ୍ କ୍ଲର୍କ ବାବୁ ଅର୍ଦ୍ଧେନ୍ଦୁ ସେନ ସନ ୧୯୦୯ ମସୀହା ଜୁନ ମାସ ତା ୨୫ ରିଖରୁ ମାସେ ଛୁଟି ପାଇଲେ ।

କଟକ ରେଭେନ୍ସା କଲେଜର ପ୍ରଫେସର ଇଂରାଜୀ ଶିକ୍ଷକ ବାବୁ ହେମଚନ୍ଦ୍ର ପାଲିତ ସେହି କଲେଜର ହେଡ୍‌କ୍ଲର୍କ ହେଲେ ।

ଗତ ତା ୨୫ ରିଖ ଶେଷ ହେବା ସପ୍ତାହରେ ସହର କଟକ କେବଳ କଲେକ୍ଟରରେ ଅଧ୍ୟକ୍ଷର ଓ ସମ୍ବଲପୁରରେ ଏକପାଖ ଭଣା ହୋଇଥିଲା । ଓଡ଼ିଶାର ଅନ୍ୟ ସମସ୍ତ ସ୍ଥାନରେ ଗତ ସପ୍ତାହ ସଙ୍ଗେ ସମାନ ଥିଲା ।

ଗତ ତା ୨୫ ରିଖ ଶେଷହେବା ସପ୍ତାହରେ ପୁରୀରେ ୧୩୦ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ ।

---

## ସ୍ଥାନୀୟ ସମ୍ବାଦ ।

ଆମ୍ଭମାନଙ୍କର ମାନନୀୟ କମିଶନର ସାହେବ ଗତ କାଲି ବାଲେଶ୍ୱର ଗସ୍ତରୁ ଫେରି ଆସିଲେ ।

ଏ ସପ୍ତାହ ଆରମ୍ଭରେ ଏ ନଗରରେ ମେଘ ହୋଇ କିଛି ବର୍ଷା ହୋଇଥିଲା । ତଦନନ୍ତରରୁ ଗରମ ଶୀଘ୍ର ହୋଇଅଛି ଓ ବେଳେବେଳେ ମେଘ ବାହାରୁଅଛି ।

ଜାଜପୁରକୋର୍ଟ ସବଡିଭିଜନରେ ଗତଦିନ ଶ୍ରୀବୋକ ଦ୍ୱାରା ସହର ସମସ୍ତ ଅଗ୍ନିପଥରେ ସାହୁର ପ୍ରାୟ ୨୦ ଘର ଓ ଦଳାଇ ପୋଡି ଯାଇଅଛି ।

ଏଠାରେ ଗୋଟି ୩ ସ୍ଥାନରେ ସ୍ୱାମୀବମିତ୍ରଙ୍କ ଦେଖା ହୋଇଅଛି । ଗତ ବୁଧବାର ବାଣଗଡ଼ର ସମ୍ବନ୍ଧମୀ ଯାହାର ଗତଣ ଶୀତଳ ଗୋଟିଏ ଉଠିଲେ କରାଇ ମେଘର ନେଇଥିବା ଦୃଶ୍ୟ ହିଁ ହୋଇଥିଲା । ଅନେକ ଦର୍ଶକ ହୋଇଥିଲେ ।

ଏ ନଗର ମହାଙ୍କିଲର ଡାକ୍ତର ପୋଷ୍ଟଅଫିସରେ ଅସନ୍ତୋ ଜନ ମାନ ଅନେକଙ୍କ ମନଅର୍ଡର ଟଙ୍କା ଦେଇଯିବାର ଅଭାବ ହୋଇଅଛି ।

ସାମନ୍ତପୁର ଗ୍ରାମବାସିମାନେ ନିଜ ବଳ ବଳ ଓ ସ୍ୱଶକ୍ତି ଧନ ଓ ଦେବାଳୟ ନର୍ମାଣ ଇତ୍ୟାଦି କରିଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ସକଳ ଗ୍ରାମବାସିମାନେ ସାମାନ୍ୟ ଏହିପରି କାର୍ଯ୍ୟରେ ମନ ଦଳାଇଲେ ବଡ଼ ସୁଖର ବିଷୟ ହେବ ।

ଟାଙ୍ଗି ଦଫାଦାର ଭାଗି ନଦୀ ଏକ ବ୍ୟକ୍ତି ଗତ ତା ୧୯ ରିଖରେ ମୋଟରଗାଡ଼ି ଚଢ଼ିବେ ଏକ ଲଣ୍ଡା ଦ୍ୱାରରେ ପଡ଼ିଗଲା । ସେଠାରେ ପଢ଼ ଭଦ୍ରାଈ ଖେବା କଲେ । ସେ ତଦନ୍ତାଧୀନରେ ଅଛି । ଏହି କଟେଜରେ ଦୁର୍ଘଟନା ହେବ ନୂତନ ନୁହେ ।

ଅନୁଗୁଳ ଭଜମନ୍ଦର ଚନ୍ଦନଯାତ୍ରା ମହା ସମାରୋହରେ ହୋଇଥିବା ଓ ଗାନ୍ଧୀ ଦଣ୍ଡନାଟ ଜମିଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ।

ତାଳଚେର ସହାଜର ବ ୩୦ ର୍ଥ ବର୍ଷର ଜନ୍ମୋତ୍ସବ ଗତ ଶନିବାର ଯଥା ସମାରୋହରେ ସମ୍ପାଦିତ ହୋଇଥିଲା । ରାଜାଙ୍କର ଶମତା ବୃଦ୍ଧିହେତୁ ଉତ୍ସବର ମାତ୍ରା ଅଧିକ ବଢ଼ିଥିଲା ।—ଶା ବା

ବାମଣ୍ଡା ଜଗନ୍ନାଥବଲ୍ଲଭ ପ୍ରେସ ଅମଳ ସ୍ଥାନ ନମରେ ଏକମାସ ବନ୍ଦ ହେବ । ସୁତରାଂ ଏହି ପ୍ରେସରେ ଛପା ହେଉଥିବା ସମ୍ବଲପୁର ହିତୈଷିଣୀ ଏକମାସ ବାହାର ପାରିବ ନାହିଁ ।
ସା ହି

### ସାଧାରଣ ସମ୍ବାଦ ।

ଗତମାସ ତା ୧୪ ରିଖ ଦିନ କଲିକତା ଶିବପୁରରେ ଭୋପାଳବାସୀ ବାବୁ ସୁଧୀର ପାଲଙ୍କ ଘରର ଲୁହାଘର ଜଣେ ଚାକରାଣୀ ପ୍ରମାଦୀ ନାମୀ କଜ୍ଜ୍ୱଳ ଗୀତ ଗାଉଥିଲେ ଏମନ୍ତ ବଳରେ ପଡ଼ିଲ ଯେ ସେ ସେହିଠାରେ ମରିଗଲା ।

ସନ୍ଦିହାନଦଲେ କଲିକତାରେ ଜଣେ ହିନ୍ଦୁ ବଜ ଅଫଣା ଅପ୍ରଣାଟ ଥିବା ପାଣି ଏ ଜଳ ଆଧାରଦବାର ସିଡ଼ା ସମୟରେ ପଡ଼ା ଖବଡ଼ାରେ ଗୋଡ଼ଖସି ନହିମାନ୍ତ ଏମନ୍ତ ବଳରେ ପଡ଼ିଗଲେ ଯେ ସେହି ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟନା ହେଲା ।

ଭୂଇଁୟାର ନୂତନ ସୁଲତାନ ମୁସଲମାନମାନଙ୍କ ସ୍ୱାଧୀନ ଧର୍ମାବଲମ୍ବୀ ଲୋକମାନଙ୍କ ହତ୍ୟା ଓ ଲୁଟପାଟ ଇତ୍ୟାଦିରୁ ନିବୃତ ହେବା କାରଣ ସରକାରଙ୍କ ଘୋଷଣା ପ୍ରଚାର କରିବା ପ୍ରସ୍ତାବ ହୋଇଅଛନ୍ତି । ଉତ୍ତମ ।

ପୂର୍ବ ବଙ୍ଗଳାରେଷ୍ଟ ରେଲୱେର ମୁକୁନ୍ଦପୁରରେ ଅନ୍ଧକାରରେ କେହି ଦୁଷ୍ଟଲୋକ ଗାଡ଼ି ପଥର ପକାଇବାରୁ ତହିଁର ଅଗଣା ଉଚ୍ଛିନ୍ନ ହେଲା ନରସିଂହପୁରରେ ବସିଥିବା ଏକ ଯାତ୍ରୀର ଦେହରେ ଆଘାତ ହୋଇଥିଲା । ଏ ଦୁଷ୍କର୍ମ କାହିଁକି ? ଅନ୍ୟାନ୍ୟ ରେଲୱେରେ ମଧ୍ୟ ତେବେ ଏହିପରି ଘଟଣା ହେଉଥିବାର ଶୁଣାଯାଏ ।

ଆମ୍ଭମାନଙ୍କର ଭୂତପୂର୍ବ ଲେଫ୍ଟେନାଣ୍ଟ ଲର୍ଡ ଏଲିଅଟ୍ ମହୋଦୟ ସନ ୧୮୫୯ ମସୀହା ମଇମାସ ତା ୧୨ ରିଖରେ ବିବାହ ହୋଇଥିଲେ । ସେହି ବିବାହରେ ସେ ପତ୍ନୀ ବର୍ତ୍ତମାନ ୫୦ ବର୍ଷ କାଳ ଜୀବିତ ଥିବାରୁ ପାଶ୍ଚାତ୍ୟ ପ୍ରଥାମତେ ତାଙ୍କର ସୁବର୍ଣ୍ଣ ବିବାହ (Golden wedding) କରାଗଲା ହୋଇଥିଲା ଏବଂ ତହିଁରେ ନାନାସ୍ଥାନରୁ ବନ୍ଧୁ ବାନ୍ଧବମାନେ ପତ୍ରମାନ ପାଇ ଆପଣା ଆନନ୍ଦ ଜଣାଇଅଛନ୍ତି । ପ୍ରଥମ ବିବାହର ପତି ପତ୍ନୀ ସୁଖରେ ୫୦ ବର୍ଷ ଅତିବାହିତ କରିବା ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ ସୁତରାଂ ସେ ଦେଶରେ ଏ ଉତ୍ସବର ସମ୍ମାନ ଭାବ ।

ମାନ୍ଦ୍ରାଜର ମିଉନିସିପାଲିଟିର ଜଣେ ଇନ୍‌ସପେକ୍ଟର ସରକାର ଟ ୭୦୯ ଟଙ୍କା ଅପହରଣ କରିଥିବା ହେତୁ ପୁଲିସର ହସ୍ତ ହୋଇଅଛି । ତଦନ୍ତ ହେଲେ ଆସାମୀ ଟେଲିଗ୍ରାଫ ଯୋଗେ ଖାନ ତଲାସି ଦେଇ ପୁଲିସ ଅଧିକାରୀ ହସ୍ତଗତକରି ପଠାଇଦେଲେ । ଏହି ପାପରୁ କେତେ ପାପ ଜାତ ନ ହୁଏ ।

କଲିଯୁଗର ମହାରାଜାଙ୍କ ପ୍ରଧାନ ମନ୍ତ୍ରୀ ସର୍ ବାହାଦୁର ସମାଜରେ ସେଠାରେ ସି ଆଇ ଇ ଉପାଧି ଭୂଷିତ ହୋଇଥିବାରୁ ସର୍ବତ୍ର ଆନନ୍ଦ ଜଣାଇଅଛନ୍ତି । ଏ ମହାଶୟ ଯେମନ୍ତ ସଜ୍ଜନ ତେମନ୍ତ ସର୍ବଜନ ପ୍ରିୟ ପଣ୍ଡିତ ଓ ବହୁଦର୍ଶୀ ସହଜରେ ସୁଯୋଗ୍ୟ ସମସ୍ତ କରିପାରିଥିଲେ । ଜୟପୁର ରାଜ ସରକାରରେ ବ ୨୩ ର୍ଥ କାର୍ଯ୍ୟ କରି ଯଶ ଏବଂ ସମ୍ମାନ ପ୍ରାପ୍ତ ହୋଇଥିଲେ ।

---

### ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ରତ୍ନାକର ପାତ୍ର—ଆପଣଙ୍କ ପ୍ରସ୍ତାବ ବୁଝି ହେଲ କିଛି ଛାପନ୍ତୁ ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

To

The Editor "Utkal Dipika"

Sir,

The Indian Council's Bill has been passed into law. The question of electorate, separate and mixed, hangs fire. The Oriyas including Settlers of the 18th century are silent. I fancy their silence is probably due to their hereditary indifference and idleness. It is now time that they should awake and put before Government their views on the subject of separate and mixed electorate.

Government has to meet with great difficulty in deciding the question of the methods of election and degrees of representation owing to differences

of race or religion. Some Politicians are in favor of mixed electorates while others advocate separate electorate. The former hold that mixed electorate is a step towards National Government; that all Communities ought to alter their point of vision and recognise their oneness; that in a nationality the diverse races ought not to assert their difference; and lastly they cry aloud "united we stand, divided we fall." All these are excellent and sound doctrines when considered in the abstract; but when we examine carefully as to how those alluring doctrines have been put into practice, we are grieved to find that words and deeds are at variance. Let me give some instances.

(1) The Indian National Congress at one of its sittings passed a resolution against the Union of Ganjam with Orissa while it condemned the Partition of Bengal.

(2) The representation of Orissa and Chota Nagpur in the Bengal Council. Both Mr Das and Kali Babu did not say a word about Chota Nagpur and Orissa respectively.

(3) The Bengalee Chairman of an Oriya Municipality appointed Bengalees as presiding officers for Polling stations.

(4) The Congress Panda will represent India at the Imperial-Press Conference in England. He has promised to his friends that he will impress on the conference the great injury which has been done by the Partition of Bengal. But he will not utter a word about the Partition of Orissa. He is styled our representative.

From the above it is clear that every man seeks his own interest first and that race feeling plays a prominent part in all our actions. Human nature is the same in all ages; we cannot change it either by mixed or separate electorate. The question now is whether we should apply for mixed or separate electorate. A separate electorate in Orissa is not feasible. We should have then mixed electorates on condition that the electors shall elect Oriyas including settlers of the 18th century. This will give us entire satisfaction and we will accept the reform scheme in toto.

19-5-09 } Yours etc.
Orissa

---

ମନ୍ଦ କଷ୍ଟ !

ବର୍ତ୍ତମାନ କଟକ ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ କେନାଲ୍ର କାର୍ଯ୍ୟ ଚଳିଥିଲା, ପୂର୍ବରେ ମଧ୍ୟ ବନ୍ଦୋବସ୍ତ ମଧ୍ୟରେ ହେବ । ପୂର୍ବେ ଉତ୍କଳ ଭୂଦେଶରେ ଭୂମି ପଡ଼ାରେ ମାପ ହୋଇଥିଲା ଓ ଉକ୍ତ (ଏକର) ମାଣ, ଗୁଣ୍ଠ, ବିଶ୍ୱାରେ ଲେଖା ହେଉଥିଲା; ବର୍ତ୍ତମାନ ବନ୍ଦୋବସ୍ତରେ ଇଂରେଜୀରେ (ଏକର) ମାପ ହୋଇ ଏକର

ଏକର ଡେସିମଲରେ ଲେଖା ହେଉଅଛି ! ଏକ ଏକର ଜମି ଉତ୍କଳଦେଶ ପଡ଼ାରେ ମାପ ହୋଇଥିବା ଏକମାଣ ସଙ୍ଗେ ପ୍ରାୟ ସମାନ । ଜମିଦାର ଲାଖରାଜଦାର ଓ ପ୍ରଜାମାନେ ଏକର ଡେସିମଲ ଓ ପଡ଼ା ମାଣ ଗୁଣ୍ଠ ବିଶ୍ୱା ଭଲ ବୁଝି ପାରନ୍ତି ସୁତରାଂ ଚଳନ୍ତିରେ (ଚେକରେ) କୌଣସି ଜମିକୁ ମାପ କଲେ ତାହା କେତେମାଣ କେତେ ଗୁଣ୍ଠ କେତେ ବିଶ୍ୱା ହେଲା ଏହା ଜାଣି ପାରିଲେ ସେ ଜମିର ସାବେକ ଉକ୍ତ ସଙ୍ଗେ ତୁଳନା କରି କମି ବେଶୀ ସହଜରେ ଜଣା ଯାଇ ପାରିବ ଓ ତାହା ହେଲେ ଜମିଦାର ଓ ପ୍ରଜାମାନଙ୍କର ବଡ ସୁବିଧା ହେବ । ଏ ବିଷୟ ସହଜରେ ନିର୍ଣ୍ଣୟ କରିବା ପାଇଁ ଅଡିସନାଲ ସେଟଲମେଣ୍ଟ ଅଫିସର ଶ୍ରୀଯୁକ୍ତ ରାଧାକୃଷ୍ଣ ବସୁ ମହୋଦୟ ଗୋଟିଏ ଅଭିନବ ସୂକ୍ଷ୍ମ ରେଖା କରି ତାହା ଛାପି ବିନା ମୂଲ୍ୟରେ ବିତରଣ କରୁଅଛନ୍ତି । ଏ ସୂକ୍ଷ୍ମଦ୍ୱାରା ଗୃହୀ ଲାଖରାଜଦାର ପ୍ରଭୃତିଙ୍କର ଯେ ବିଶେଷ ଉପକାର ହେବ ସନ୍ଦେହ ନାହିଁ ଓ ସେ ଯୋଗୁଁ ବସୁ ମହୋଦୟଙ୍କୁ ବିଶେଷ ଧନ୍ୟବାଦ ଦେଉଅଛୁଁ । ସୂକ୍ଷ୍ମଟି ନିମ୍ନେ ଉଦ୍ଧୃତ କଲୁଁ ।—

କର କଷିବାର ବଳ ;

ଜମିକୁ ଜରିପ ମାପ ଅଠଗଣ୍ଡା, ତିନି ତିନି ହାତ ଅଠ । ଜମିରେ ଜମିରେ ହେଉ ଗୁଣନ୍ତୁ ମାପ ହେଉ କାଠା ଶୂନ୍ୟ । ୧ । ଦୀର୍ଘ ପ୍ରସ୍ଥ ଗୁଣଫଳ, କମ ଅଠଗଣ୍ଡା ହୋଇ । ଦୀର୍ଘ ପ୍ରସ୍ଥ ପାଞ୍ଚ କାଠିରେ, ଜମି ହୁଏ ଗଣ୍ଡା ହୁଇ ।୨ ଶତେକ କଣରେ ଜମି ନାହିଁ, ଏତେଶ ହେଲେ ହଡ଼ା । ବସୁ ରାଧାକୃଷ୍ଣ ସୂତ୍ରରେ ରଖିଲେ ଗୃହିଙ୍କୁ ଏ ଜାଲେ ଲୋଡ଼ା ।୩ ।

ଉପରୋକ୍ତ ସୂତ୍ରଟି ଜରିପରେ ବିଷୟ ଆଦରଣୀୟ ହୋଇଅଛି, ସୁତରାଂ ଲୋକମାନଙ୍କ ପାଇଁ ଏହା ଉଚିତ ହୋଇଅଛି ସେମାନେ ଏହାକୁ ସହଜରେ ବୁଝିପାରିବେ । ଏହା ରାଧାକୃଷ୍ଣ ବାବୁଙ୍କର ବିଶେଷ ବାହାଦୁରୀ । ସୂତ୍ରଟି ସଙ୍ଗେ ଆମ୍ଭେ ନିମ୍ନଲିଖିତ ନୋଟଗୋଟି ସଂଯୋଗ କରୁଅଛୁଁ ଭରସା, କରୁଁ ଏହାଦ୍ୱାରା ଗୃହି ପ୍ରଭୃତିଙ୍କର ବହୁତ ଉପକାର ହୋଇ ପାରିବ ।—

ସୂତ୍ର ।

ପଇସା ଚଉଡ଼ା ଅଟେ ଏକ ଫୁଟ, ବାର ଇଞ୍ଚେ ଫୁଟ ଜାଣ । ଛଅଟି ଫୁଟରେ ଜରିବ ହୁଅଇ ଏବେ ଜାଣ ପରିମାଣ । ୧ । ମାଣକର ଦଶ ଭାଗର ଭାଗକ ହୁଏ ଡେସିମଲ ଏକ, ତହିଁରେ ଦଶମ ଅଂଶ ହୁଏ ଜାଣ ଡେସିମଲ ଶୂନ୍ୟ ଏକ । ଡେସିମଲ ଶୂନ୍ୟ ଏକର ଦଶମ ଅଂଶ ଶୂନ୍ୟ ଶୂନ୍ୟ ଏକ, ଏହିରୂପେ କମେ ବାମରୁ ଡାହାଣ ଅଙ୍କ ହୁଏ ଦଶମିକ ।୨। ଅତଏବ ଗୁଣରେ ଡେସିମଲ

ଏକ ଗୁଣବିଶ୍ୱା ଶୂନ ଏକ, ଅଠଗଣ୍ଡା ଜମି ଶୂନ ଶୂନ ଏକ ବାମରୁ ଡାହାଣେ ଲେଖ । ୩ ।

କଟକ } ବଶମ୍ବଦ ।
୧୫-୫-୦୯ } ଶ୍ରୀ ଜାହ୍ନବୀପ୍ରସାଦ ମିଶ୍ର ।

☞ ପ୍ରଥକ୍ତ୍ରୀ ବାବୁ ତାହାଙ୍କର ରଚିତ ସୂତ୍ରଟି ନୂତନ ପଦ୍ଧତିରେ ନାମରେ ମଧ୍ୟ ଜନ ପ୍ରଚାର କରୁଅଛନ୍ତି । ମାତ୍ର କେତେ ଲୋକ ଠାରୁ ଶୁଣିଅଛୁଁ ଯେ ଟୀକା ବ୍ୟାଖ୍ୟା ଯଥା କରେ ବୁଝିବାର କଷ୍ଟ ହେଉଅଛି । ଟୀକା ଓ ଉଦାହରଣ ସହିତ ସୂତ୍ରଟି ଛପା ହେଲେ ତାହାଙ୍କର ଶ୍ରମ ସଫଳ ହେବ ଓ ଲୋକଙ୍କର ଅଧିକ ଉପକାରରେ ଆସିବ । ସମ୍ପାଦକ ।

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବ, ବରୁଆ ଏଣ୍ଡ କୋଂ କଟକ | ଟ ୩ |
| ବାବୁ ଶ୍ରୀ ଶ୍ୟାମ ମିଶ୍ର ବଡ଼ପଡ଼ା | ଟ ୩ |
| „ ଡି, ବି, ରାମଚନ୍ଦ୍ର ପାତ୍ର ପୁରୀ | ଟ ୩ |
| „ ଶ୍ରୀ ଗୋବର୍ଦ୍ଧନ ମୂର୍ତ୍ତି ରାୟ ଯାଜପୁର | ଟ ୩ |
| ମି ଉ, ଏଲଇ, ରେଭରେ ବାଲେଶ୍ୱର | ଟ ୩ |
| ବାବୁ ଶ୍ରୀ ଈଶ୍ୱରଚନ୍ଦ୍ର ମିଶ୍ର ଢାମନଗର | ଟ ୩ |
| „ ଶ୍ରୀ ବ୍ରହ୍ମାନନ୍ଦ ଦାସ ଓ଼ଜଲ ଯାଜପୁର | ଟ ୩ |
| „ ଶ୍ରୀ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ କଟକ | ଟ ୩ |
| „ ଶ୍ରୀ ଅନନ୍ତଚରଣ ଦାସ କୁଜଙ୍ଗ | ଟ ୩ |
| „ ଶ୍ରୀ ବନମାଳୀ ଦାସ ବରଦା | ଟ ୩ |
| ମୁନସୀ ସେଖ୍ ଇବ୍ରାହିମ ସମ୍ବଲପୁର | ଟ ୩ |
| ବାବୁ ଶ୍ରୀ ଶ୍ରୀଚରଣ ପଟ୍ଟନାୟକ ବର୍ଗଲ | ଟ ୩ |
| „ ଶ୍ରୀ ବୈଦ୍ୟନାଥ ଦାସ ବର୍ମ୍ମା | ଟ ୩ |
| „ ଶ୍ରୀ ବଇକୁଣ୍ଠନାୟକ କେନ୍ଦ୍ରାପଡ଼ା | ଟ ୩ |
| ରାଜା । ବ । ଯଦକୋଟ | ଟ ୩ |
| ବାବୁ ଶ୍ରୀ ଭାଗବତ ସାମଲ କଟିନ | ଟ ୩ |

---

ନିଲାମ ଇସ୍ତାହାର ।

ତା ୧୦ ମଇ ଉତ୍ତାରୀଖ ସନ ୧୯୦୯ ମସିହା ଜିଲ୍ଲା । ମୁ । ଡିଷ୍ଟ୍ରିକ୍ଟ ଜଜ । ଡା । ଯଦୁନାଥ ମିଶ୍ର । ସା । ବେଡ଼ା । ପ୍ର ସୁକିନ୍ଦା । ଦାବୀ ଡିକ୍ରିଦାର

(ବନାମ)

ଅଭୟଷ୍ଟାର । ସା । ଦୁଲଡା । ପ୍ର । କଣ୍ଟାଗଣ୍ଡ । ପ୍ରତିବାଦୀ ଦେନ

ଦାବୀ ଡିକ୍ରିଦାର ପ୍ରଭୃ ବାକୀ ଦେଣରେ ନିମ୍ନ ଲିଖିତ ସମ୍ପତ୍ତିମାନଙ୍କ ନିଲାମରେ ଅଛିବାରୁ ସେ ସମ୍ପତ୍ତି ସନ ୧୯୦୯ ମସିହା ଜୁଲାଇ ମାସ ତା୧୨- ଦିନେ ବେଳା ୧୨ ଘଣ୍ଟା ସମୟେ କଟକ । ମୁ । ସବଡିଭିଜନ ଜଜ ଅଦାଲତରେ ନିଲାମ ହେବ ।

୧ । ପ୍ର । ଦଶପଲ୍ଲା ନ ୮୪୮ ମହଲ ଉତ୍କଳ । ମୌ । ନରସିଂହପୁରରେ ଥିବା ପ୍ରତିବାଦୀର ସ୍ୱତ୍ୱବାନ୍ ଥାଇ ଏ ୨-୭୨ ରୁ ଜମା ଟ ୮। ଅଟେ ତହିଁର ଅନୁମାନିକ ମୂଲ୍ୟ ଟ ୪୦୧ କା ହେବ ତାହା ନିଲାମ ହେବ ।

୨ । ପ୍ର । ଦଶପଲ୍ଲା ନ ୮୪୮ ମହଲ ଉତ୍କଳ । ମୌ । ନରସିଂହପୁରରେ ଥିବା ମିଶ୍ରା ଜମିମୁ ହିସ୍ସା, ଏ ୦-୫୪ ମଧ୍ୟରୁ ପ୍ରତିବାଦୀର । ବ । ଟ ୦ ୭ ରୁ ଏ ୦-୨୭ ଭୂମିର ସମସ୍ତ ସହ ନିଲାମ ହେବ. ଅନୁମାନିକ ମୂଲ୍ୟ ଟ ୫ ୧ କା ଅଟେ ।

Split by PDF Splitter
Digitized by srujanika@gmail.com

## ଭୁବନେଶ୍ୱର ସମ୍ବାଦ ।

ଗତଦୁଇମାସ ମଧ୍ୟରେ ବମ୍ବେ ହୋଟେଲବାଲା ହଡା-ମହାଜନ ଭୁବନେଶ୍ୱର ଭୁବନେଶ୍ୱର ନିକଟବର୍ତ୍ତୀ ଗ୍ରାମମାନଙ୍କରୁ କେବଳ ହିନ୍ଦୁଲୋକମାନଙ୍କଠାରୁ ଗୋ ୫୦ ଟି ହଡା କ୍ରୟ କରି ସମୁଦ୍ରପଥ ନେଇଗଲେ ।

ବର୍ତ୍ତମାନ ବଙ୍ଗ ଦେଶବାସୀ ଗୋରୁମହାଜନ କେବଳ ୫୦୦ ବାଛୁରିଆ ବଳଦ ଖରିଦ କରିବାକୁ ଯାଇ କପିଳପ୍ରସାଦ ମହାଜନଙ୍କ ଘରେ ଥାଇ କ୍ରୟ କରୁଅଛି । ତା ୨୬।୫।୦୯ ପର୍ଯ୍ୟନ୍ତ ୭୦ ଗୋଟି ବାଛୁରିଆ ଖରିଦ ହୋଇଲେଣି, ଧନ୍ୟ ବଙ୍ଗଦେଶ ? ପୋଷା ପ୍ରାଣୀଙ୍କୁ ଜାଣି ଶୁଣି କଂସାଇମାନଙ୍କୁ ବିକ୍ରୟ କରି ମୂଲ୍ୟ ନେଉଛନ୍ତି । ଗୁପ୍ତ କଥା ପ୍ରକାଶ ହେବ । ହିନ୍ଦୁଶାସ୍ତ୍ର ଅନୁସାରେ ଗୋ ମାତା, ପିତା ଅଟେ । ଜାଣି ଶୁଣିକରି ଏ ମାତା ପିତାଙ୍କୁ କଂସାଇହାତରେ ବଧ କରାଉଅଛି. ଏଥିରେ ଲୋକଙ୍କ ଦୋଷ ହେବ ନାହିଁ କି ?

## ପୁରୀ ସମ୍ବାଦ ।

ଗତ ସପ୍ତାହ ଶୁକ୍ରବାର ଘଟନା ହାଟସାହିର ଜଣେ ଗୋଟି ବାଳିକା ଓ ଗୋଟିଏ ବାଳକ ନିକଟସ୍ଥ ମହାଜନ ଶ୍ରୀ ଆନନ୍ଦ ମହାନ୍ତିଙ୍କ ପୁଷ୍କରିଣୀରେ ସ୍ନାନ କରୁଁ ଏକାବେଳେ ଉଭୟେ ବୁଡି ମରିଅଛନ୍ତି ।

ବେଙ୍ଗଲରୁ ଗୋଟିଏ ଜାହାଜ ଗତ ମଙ୍ଗଳବାର ଏଠାରେ ଆସିଅଛି । ଏଥିରେ ବେଙ୍ଗଲ ସେକ୍ରେଟାରି ସାହେବ ଆଦି ଅନେକ ଲୋକ ଆସି ଶ୍ରୀଜୀଉଙ୍କ ଦର୍ଶନ କରି ଆପଣା ଦେଶକୁ ଫେରି ଯାଇ ।

କେତେଦିନହେବ ଦକ୍ଷିଣୀ ଲୋକ ରେଙ୍ଗୁନରେ ବହୁକାଳ କାର୍ଯ୍ୟ କରି ଉପାର୍ଜ୍ଜନ ସହିତ ଅର୍ଥ ନେଇ ଗତ ମଙ୍ଗଳବାର ଜାହାଜ ଯୋଗେ ଆସି ପହଞ୍ଚିଲେ ଉଠିବା ସମୟେ ଲହଡି କୋଳରେ ପୈଠିବାରୁ ପହାଡ଼ ଓଲଟି ପଡ଼ିବାରୁ ଅନେକଙ୍କର ବହୁକାଳ କଷ୍ଟ ସଞ୍ଚିତ ଧନ ଓ ଚନ୍ଦଷଦଢ ନଷ୍ଟ ହୋଇଯାଇ ଅଛି । ମାତ୍ର କାହାର ପ୍ରାଣହାନି ହୋଇ ନାହିଁ ।

ମହାଦେବମାନଙ୍କର ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ଚଉ-କାଳରୁ ସେଷନାଚ ଓ ବାଣ ହୋଇ ଆସୁଅଛି । ଏଣିକି ବଡ଼ା ଘାଟରେ ବାଣ ମାରିବା ନିଷେଧ ହେବାରୁ ଏ ବର୍ଷ ଭୂତ ଏକ ସାହିର ଲୋକେ ପାସ ନେଇ ଅତି ସାମାନ୍ୟ ବାଣ କରିଥିଲେ । ପାସ ବିଷୟରେ ଅନ୍ୟାନ୍ୟ ସାହିର ମହାଦେବ-ମାନଙ୍କର ବାଣ ବନ୍ଦ ହୋଇଅଛି ।

ପ୍ରାୟ ଏକମାସ ହେଲା ପ୍ରତ୍ୟହ ସନ୍ଧ୍ୟାରେ ସତ୍ୟବାଦୀ ଠାକୁରଙ୍କ ନିକଟରେ ଜନୈକ ପ୍ରସିଦ୍ଧ ମହାଜନ ଶ୍ରୀ ବହ୍ମାଙ୍କ ଓଡ଼ା ବସନ୍ତରାସ ଲୀଳା କରନ୍ତି ଥିବାରୁ ସହରରୁ ଓ ଅନ୍ୟାନ୍ୟ ସ୍ଥାନରୁ ଦେଖିବା ସକାଶେ ଅନେକ ଲୋକ ଯାଉଅଛନ୍ତି ଏବଂ ସେଠାରେ ବିଶେଷ ଭିଡ ଓ ଗୋଳମାଳ ହେଉଅଛି ।

ଓଡ଼ିଶା ସ୍କୁଲ ବିଭାଗର ଇନ୍‌ସ୍ପେକ୍ଟର ରାୟ ମଧୁସୂଦନ ରାଓ ବାହାଦୁର ମହୋଦୟଙ୍କ ପିତା ଦଶୀଦେଶ ହିଂଦୁ ଗତ, ଶୁକ୍ରବାର ଦ ୮୨ ବର୍ଷ ବୟସରେ ପରଲୋକ ଗମନ କରିଅଛନ୍ତି ସର୍ବକାଳ ସରକାରୀ ପେନସନ୍ ଭୋଗ କରି ଉପଯୁକ୍ତ ପୁତ୍ରଙ୍କ ଲକ୍ଷ୍ମୀ ପରମଗଣ୍ୟବାନ୍ ଦେଖିଥିବାରୁ ସଂସାର ଲୀଳା ଶେଷ କରିଅଛନ୍ତି । ଭଗବାନ୍ ମୃତ ମହାତ୍ମାଙ୍କର ସଦ୍‌ଗତି ବିଧାନ କରନ୍ତୁ ।

ଆଗାମୀ ସ୍ନାନଯାତ୍ରା ଉପଲକ୍ଷେ ବଙ୍ଗାଳୀ ଯାତ୍ରୀ ସମାଗମ ଆରମ୍ଭ ହୋଇଅଛି ।

ବେଣୀ ପାଚିଲା ଆମ୍ବ ଶେଷ ହୋଇଗଲାଣି । କେବଳ ଦକ୍ଷିଣୀ ଆମ୍ବ ବଜାରରେ ବିକ୍ରୀ ହେଉଅଛି ।

ଏ ସପ୍ତାହରେ ଦୁଇ ଦିନ ଥିଲା ମେଘ ଉଦୟ ହୋଇ ପ୍ରବଳ ପବନରେ ଉଡ଼ି ଯାଇଅଛି । ଗ୍ରୀଷ୍ମ ଅସହ୍ୟ ହେଉଅଛି ।

ମହାଶୟ !

କାନପୁର ମେଟକାଫ୍ ସ୍କୁଲ ସନ ୧୮୮୫ ମସିହାରେ ସ୍ଥାପିତ ହୋଇ ଅଦ୍ୟ ପର୍ଯ୍ୟନ୍ତ ଉତ୍ତମ ଅବସ୍ଥାରେ ଚଳିଆସୁଅଛି । ଉତ୍ତୀର୍ଣ୍ଣ ଏବଂ ଅନୁତ୍ତୀର୍ଣ୍ଣ ଏହି ବିଦ୍ୟାଳୟର ଛାତ୍ର ଗଣ ଦେଶ ବିଦେଶରେ ନାନା ବିଭାଗରେ କାର୍ଯ୍ୟ କରି ସୁଖରେ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ଏଥିର ଛାତ୍ର ସଂଖ୍ୟା ଶତାଧିକ । ଏହି ସ୍କୁଲକୁ ଉଚ୍ଚ ସୋପା-ନରେ ବସାଇବାର ଇଚ୍ଛା କରି ସମ୍ପାଦକ ଡାକ୍ତର ସଯ୍ୟଦ ଏକ୍‌ରାମରସୁଲ ସାହେବ ନାନା ପ୍ରକାର ଅନ୍ୱେଷଣରେ ଅଛନ୍ତି । ଏତ ମଧ୍ୟରେ ପ୍ରାୟ ତିନିବର୍ଷ ହେବ କଟକ ବାସୀ ଶ୍ରୀଯୁକ୍ତ ରାଧା-ପ୍ରସାଦ ଭଗତ ଜମିଦାର ମହାଶୟ ବନ୍ଧୁବାନ୍ଧବଙ୍କରେ ଗୋଟିଏ ପକ୍କାଗୃହ ନିର୍ମାଣ କରିଦେବା ପାଇଁ ସ୍ୱୀକାର କରି ବାକ୍ସ ସଞ୍ଚୟ ଇଟା ଓ ଅନ୍ୟାନ୍ୟ କେତେକ ଉପକରଣ ସ୍କୁଲ ନିକଟବର୍ତ୍ତୀ ଜମି-ଦାର ମହାଶୟଙ୍କ କରେଷ୍ଟରେ ସଞ୍ଚିତ କରିଥିଲେ । ଅତ୍ୟନ୍ତ ଅକ୍ଷେପର ବିଷୟ ଯେ ପ୍ରାୟ ଦ ୧୫ ଦ ହେବ ଜମିଦାର ମହାଶୟ ସ୍କୁଲଗୃହ ନିର୍ମାଣ କରିଦେବା ନିମିତ୍ତ ଅସ୍ୱୀକୃତ ହେଲେ, ସମ୍ପାଦକ ମହାଶୟ ସେହି ଦିନର ମଧ୍ୟରେ ପ୍ରାୟ ୮ ୬୦୦ ଟଙ୍କା ଚନ୍ଦା ଯୋଗାଡ଼ କରି ଶତବର୍ଷ ବନ୍ଧୁ ଧନ-ଜନ-ସମ୍ପଦ ସମ୍ପନ୍ନ ମହର୍ଷି ସୟଦ ହାଜି କାସମବକ୍ସଙ୍କ ହସ୍ତରେ ରୌପ୍ୟ ନିର୍ମିତ କରଣୀ ପ୍ରଦାନ କରି ତାଙ୍କଦ୍ୱାରା ବିଦ୍ୟାଳୟର ଶୁଭଦାୟକ କାର୍ଯ୍ୟ ଅତ୍ୟନ୍ତ ଆନନ୍ଦରେ ନିର୍ବାହ କରିଦେଇଥିଲେ । ଇତି ।

Yours truly
Sarfaraz Hosain
Head master
Kanpur Metcalf M. E. S.
22—5—09.


## ବିଜ୍ଞାପନ ।

### ଭରତ ସୁଶ୍ରୁତପାଠୀ ।

ସୁବର୍ଣ୍ଣ ପଦକ ପ୍ରାପ୍ତ ଚିକିତ୍ସକ କବିରାଜ ଶ୍ରୀ ବଙ୍ଗେ ଚନ୍ଦ୍ରଭୂଷଣ ଶର୍ମାଙ୍କ ଆୟୁର୍ବେଦୀୟ ଔଷଧାଳୟର ନବାବିଷ୍କୃତ ମହାସୁଗନ୍ଧ ଶିରୋମଣି ସ୍ନିଗ୍ଧକର

### କାମିନୀକୁସୁମ ତୈଳ ।

ଏହାକୁ ନିୟମିତ ବ୍ୟବହାର କଲେ ଚିରସ୍ଥାୟୀ ପ୍ରବଳ ମସ୍ତିଷ୍କ ଜନିତ ଯାବତୀୟ ପୀଡ଼ା ଅଚିରେ ଶାନ୍ତ ହୁଏ । ବ୍ୟବହାର କଲେ କେଶର ଅପୂର୍ବ ଶୋଭା ସହଜେ ବୃଦ୍ଧି ପାଇବେ । ମୂଲ୍ୟ ବଡ ଶିଶି ଟ ୵୦ ମାତ୍ର

### ଅମୃତମୟ ସ୍ୱର୍ଣ୍ଣଘଟିତ ମକରଧ୍ୱଜ ବଟି ।

ଏ ମହୌଷଧ ସେବନ କଲେ ତ୍ରିଦୋଷ ଜନିତ ଶାନ୍ତ ହୋଇ ନବଜ୍ୱରର ପ୍ରତିକାର ଓ କାର୍ଯ୍ୟକ୍ଷମ ବାର୍ଦ୍ଧକ୍ୟ ନବଯୁବକ ନ୍ୟାୟ ରତିଶକ୍ତି ସମ୍ପନ୍ନ ହୁଏ । ମୂଲ୍ୟ ମା ୭ ବ ଟ ୧ ଙ୍କା

### ସ୍ୱର୍ଣ୍ଣଘଟିତ ପୂର୍ଣ୍ଣଚନ୍ଦ୍ରୋଦୟ ବଟି ।

ଏ ମହୌଷଧ ମାନସିକ ଦୋଷ ଓ ପ୍ରମେହ ଦୋଷର ନିରାକରଣ ସମ୍ବନ୍ଧେ ଏକମାତ୍ର ଅବ୍ୟର୍ଥ ମହୌଷଧ ଅଟେ, ବଳ, ବର୍ଣ୍ଣ ଓ ତେଜର ବୃଦ୍ଧି ନିମନ୍ତେ ଏହା ସର୍ବଦା ବ୍ୟବହାର୍ଯ୍ୟ । ମୂଲ୍ୟ ମା ୭ ବ ଟ ୧ ଙ୍କା

### ରକ୍ତବର୍ଦ୍ଧକ ମୋଦକ ।

ଏହି ମୋଦକ ସେବନରେ ଧାତୁ ପୁଷ୍ଟ ହୋଇ ଶରୀର ସବଳ ହୁଏ ଏବଂ ରତିଶକ୍ତି ବୃଦ୍ଧି କରାଇବାରେ ଏହାର ଅଦ୍ଭୁତ ଶକ୍ତି ପରୀକ୍ଷିତ ହୁଏ । ମୂଲ୍ୟ ମା ୧୪ ଟ ୧ ଙ୍କା

### ଅମୃତବଲ୍ଲୀ କଷାୟ ।

ଏ ମହୌଷଧ ଅବିମାତ୍ରା ରକ୍ତ ଦୂଷିତ୍ ଯାବତୀୟ ରୋଗ ପୀଡ଼ା ଏବଂ ଶାନ୍ତ କରେ ଏବଂ 'ଓଜସ' ବୃଦ୍ଧି କରେ ଏବଂ କୃମିମାନଙ୍କ ନିର୍ମୂଳ କରେ । ମୂଲ୍ୟ ମା ୧୪ ବ ଟ ୧।୦

### ଶାସ୍ତ୍ରୀୟ ପରୀକ୍ଷିତ ମହୌଷଧ ।

ପୁରାତନଜ୍ୱରର ଏକମାତ୍ର ମହୌଷଧ ଜ୍ୱରାଙ୍କୁଶ ମା ୧୪ ବ ଟ ୧
ଗ୍ରହଣୀ ( ପୁରାତନ ଝାଡ଼ାର ଶାନ୍ତି ସକାଶେ)
ଗ୍ରହଣୀଗଜେନ୍ଦ୍ର ବଟି ମା ୧୪ ଟ ୧
ଅର୍ଶ ( ମଳଦ୍ୱାରରେ ଗୋଟିଏ ବାହାର ରକ୍ତ ପଡିବାର ଶାନ୍ତି ସକାଶେ) କର୍ପୂରାଦି ବଟି ମା ୧୪ ଟ ୧
ଅଗ୍ନିମାନ୍ଦ୍ୟ (ଅହାର ପାକ ନ ହେବାରୁ କ୍ଷୁଧା ନ ହେବାର ଶାନ୍ତି ସକାଶେ) କ୍ଷୁଧାସାଗରରସ ମା ୧୪ ଟ ୧
ଶ୍ୱାସ (ମୁଖ ଦେଇ ଅଧିକ ପ୍ରବଳଭାବେ ବାହାର ହେବାର ଶାନ୍ତି ସକାଶେ) ଶ୍ୱାସକୁଠାର ମା ୧୪ ଟ ୧
ଓ ଶ୍ୱାସନାଶକ ଧୂପ ମା ୨ ଟ ୦
କାସରୋଗର ଶାନ୍ତି ସକାଶେ କାସକୁଠାର ମା ୧୪ ଟ ୧
ଯକ୍ଷ୍ମା (ଛାତି ଫାଟି ରକ୍ତ ପଡ଼ିବାରେ ତାହାର ଶାନ୍ତି ସକାଶେ) ମଗାଙ୍କ ବଟି ମା ୧୪ ଟ ୧
ବାତ (ଶରୀର ବା ସନ୍ଧିଗ ପୀଡ଼ା ଅଲେ ତାହାର ଶାନ୍ତି ସକାଶେ) ବାତରକ୍ତ ବଟି ମା ୧୪ ଟ ୧
ଓ ନାରାୟଣ ତୈଳ ୦ ୧ ଟ ୧
ରକ୍ତପିତ୍ତ (ନାକରୁ ବା ପାଟିରୁ ରକ୍ତ ପଡ଼ିବା ଶାନ୍ତି ସକାଶେ) ରକ୍ତପିତ୍ତାନ୍ତକ ବଟି ମା ୧୪ ଟ ୧
ଶୂଳରୋଗର (ନୂତନ ବା ପୁରାତନ) ଶାନ୍ତି ସକାଶେ ଶୂଳବଜ୍ରିଣୀ ବଟି ମା ୧୪ ଟ ୧
ପ୍ରମେହ (ପୁଷ୍ପ ପରି ଧାତୁ ପଡ଼ିବାର ଶାନ୍ତି ସକାଶେ) ମେହମୁଦ୍ଗର ମା ୧୪ ଟ ୧
ପ୍ରଦର ( ସ୍ତ୍ରୀମାନଙ୍କର ରକ୍ତ, ଶ୍ୱେତ ଧାତୁ ପଡ଼ିବାରେ ପ୍ରଦରାନ୍ତକ ବଟି ମା ୧୪ ଟ ୧
ବାଧକ (ଋତୁମତ ଋତୁ ଦର୍ଶନ ନ ହେବାର ଶାନ୍ତି ସକାଶେ) କନ୍ଦର୍ପ ବଟି ମା ୧୪ ଟ ୧
ବାଳରୋଗ (ଶୁଷ୍କରୋଗ ବା ମାତୃକା ଦୋଷ ଶାନ୍ତି ସକାଶେ) ବାଳରୋଗାନ୍ତକ ମା ୧୪ ଟ ୧
ଶ୍ୱେତକୁଷ୍ଠ (ମୁଣ୍ଡ ବୁଲାଇବା ଓ ହୃତ୍ପିଣ୍ଡ ହିଁ ହେବାର) ବୃହତ୍ ସ ଶାରାଶ୍ମ ମା ୭ ଟ ୧
ଧ୍ୱଜଭଙ୍ଗ ରୋଗର ଅବ୍ୟର୍ଥ ମହୌଷଧ ଅର୍ଥାତ୍ ପୁରୁଷାଙ୍ଗ ଉତ୍ଥାନ ହେଉ ନ ଥିଲେ ଶ୍ରୀ ମଦନାନନ୍ଦ ମୋଦକ ମା ୭ ଟ ୧

ଯେଉଁ କଷ୍ଟିକ ଯନ୍ତ୍ରଣାମୟ ଭୂତାରୋଗ, ରୋଗସବୁ ଯାଯ୍ୟନ୍ତବେ ଶରୀରରେ ଅବସ୍ଥାନ କରିଥାନ୍ତି ଅତେବ ସେହି ରୋଗମାନଙ୍କର ମୂଳୋତ୍ପାଟନ ସମ୍ବନ୍ଧେ ବୃଦ୍ଧ ସନ୍ତୁ ଋଷି ପ୍ରଣୀତ ଆୟୁର୍ବେଦ ମତରେ ଯାହା ଶତ ଶତ ରୋଗୀଙ୍କ ପରୀକ୍ଷିତ ସେହି ମହୌଷଧ ସମୂହ ଏହା ଔଷଧାଳୟରେ 'ସର୍ବସାଧାରଣର ଉପକାରାର୍ଥ' ପ୍ରସ୍ତୁତ ରଖିଅଛୁ ଏବଂ ଚିଠିରେ ପତ୍ର ଲେଖିଲେ ଔଷଧ ଭି. ପି. ଡାକଯୋଗେ ପାଇ ପାରିବେ ।

କେତେକ ଅବଶିଷ୍ଟ ରୋଗର ମହୌଷଧ ସ୍ଥାନାଭାବରୁ ପ୍ରକାଶିତ ହୋଇ ପାରି ନାହିଁ । ରୋଗର ଲକ୍ଷଣ ଲେଖି ପଠାଇଲେ ସେହି ରୋଗର ଔଷଧ ଅବିଳମ୍ବରେ ପଠାଇବୁ ।

ଠିକଣା
କବିରାଜ ଚନ୍ଦ୍ରମାଧବ ଦାଶ ଶର୍ମା ଭିଷକ
ଆୟୁର୍ବେଦୀୟ ଔଷଧାଳୟ
ବାଲେଶ୍ୱର ପୋ। (ଓଡ଼ିଶା)

# ବିଜ୍ଞାପନ ।

ଶ୍ରୀ ସମ୍ପାଦକଙ୍କ ଦ୍ୱାରା ଅନୂଦିତ ପ୍ରକାଶିତ

## ଋଗ୍‌ବେଦ ସଂହିତା

( ପ୍ରଥମ ଖଣ୍ଡ )

ଯଦି ପ୍ରକୃତ ଧର୍ମ ଜାଣିବାର ବାସନା ଥାଏ, ଯଦି ସଂସାରରେ ମନୁଷ୍ୟତା ଲାଭ କରି ମୁକ୍ତି ହେବାର ଇଚ୍ଛା ମନରେ ଜାଗୁଥାଏ ଏବଂ ଯଦି ସଚ୍ଚରିତ୍ର ଲାଭ କରି ପୃଥିବୀରେ ଗଣ୍ୟମାନ୍ୟ ହୋଇ ଉନ୍ନତ ଲାଭର ଇଚ୍ଛା ଥାଏ ତେବେ ବେଦ ପାଠ କର । ବେଦ ପାଠରେ ସମସ୍ତଙ୍କର ଅଧିକାର ଅଛି ଏବଂ ବେଦହିଁ ଧର୍ମର ପ୍ରମାଣ । ଏଥିରେ ମୂଳ ବେଦ ମନ୍ତ୍ର ଏବଂ ସରଳ ସଂସ୍କୃତ ଟୀକା ସହିତ ଓଡ଼ିଆ ଭାଷାନୁବାଦ ଦିଆ ଯାଇଅଛି ୧ଦ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ପ୍ରତିଖଣ୍ଡକୁ ଏକଟଙ୍କା ଛଅଣା ମୋଫସଲକୁ ଅଧିକା ଡାକମାସୁଲ ଏକଅଣା ଲାଗିବ ।

---

# ହିତୋପଦେଶ ।

ବିଷ୍ଣୁଶର୍ମାକୃତ ହିତୋପଦେଶ ଗ୍ରନ୍ଥ ସଂସ୍କୃତରେ ଥିବାରୁ ସାଧାରଣ ଲୋକଙ୍କ ପଢ଼ିବାର ସୁବିଧା ନିମନ୍ତେ ଉକ୍ତ ଗ୍ରନ୍ଥକୁ ଟୀକା ଏବଂ ଅନୁବାଦ ସହିତରେ ଚାରି ଖଣ୍ଡରେ ପ୍ରକାଶ କରା ଯାଇଅଛି । ମିତ୍ରଲାଭ ଟ ୦ ।୵ ସୁହୃଦ୍‌ଭେଦ ଟ ୦ ।, ବିଗ୍ରହ ଟ ୦ । ଏବଂ ସନ୍ଧି ଟ ୦ ।୵ ମୂଲ୍ୟରେ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ।

---

ବିଜ୍ଞାପନ ।

ରେଜେଷ୍ଟ୍ରୀ କରା — ଶଙ୍ଖମାର୍କା ଅସଲ

ଲଲମୋହନ ସାହା ଶଙ୍ଖନିଧି ଏଣ୍ଡ କୋଂ ।

ପୃଥିବୀବ୍ୟାପକ

## ହାବ୍‌ଜର ଗଜସିଂହ ।

୩ ଘଣ୍ଟା ମଧ୍ୟରେ ସର୍ବପ୍ରକାର ଜ୍ୱର ୧ ସପ୍ତାହରେ ପ୍ଲୀହା, ଅମ୍ଳଶୂଳ ଓ ଯକୃତାଦି ଆରୋଗ୍ୟ ହୁଏ । ମୂଲ୍ୟ ବଡ଼ ୩ ବଟିକା ଟ୍ୟୁବ ମଧ୍ୟମ ବ ୧୮ ଟ ୧ ଶ୍ରେଷ୍ଠ ବ ୭ ଟ ୦ ।୵ ଡାକ ମାସୁଲ ପ୍ୟାକିଂ ଆଦି ଗୋ ୮ ଟା ପର୍ଯ୍ୟନ୍ତ ଟ ୦ ୵

# କଣ୍ଡୁ ଦାବାନଳ ।

କୁଣ୍ଡିଆ, କାଛୁ, ଗରମିଆ, ଦାଦ, ଚଣ୍ଡା ଓ ଖଉରୋଗ ଆଦି ବିନାକ୍ଲେଶେ ଅତି ଶୀଘ୍ର ଆରୋଗ୍ୟ ହୁଏ । ମୂଲ୍ୟ ଟ ୦ ।୵ ମାଶୁଲ ଗୋ ୧ ଠାରୁ ଗୋ ୮ ଟାକୁ ଟ ୦ ୵

# ସର୍ବ ଦଦ୍ରୁ ନାଶନ ।

୨୪ଘଣ୍ଟାରେ ଯାବତ୍, ଚର୍ମଜ୍ୱାଳା ଦ୍ୱିପି ଉତ୍ପାଦ ଚର୍ମରୋଗ ଜ୍ୱାଳାଯନ୍ତ୍ରଣା ବ୍ୟଞ୍ଜଳ ଆରୋଗ୍ୟ ହୁଏ । ମୂଲ୍ୟ ଟ ୦ ।୵ ଡାକମାଶୁଲ ୧ ଡବାଠାରୁ ୨୪ ଡବାକୁ ଟ ୦ ୵

ଏହା ନକଲ ହୋଇଅଛି, ଖରିଦଦାର ଲାଲମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖ ମାର୍କା ଦେଖି ଖରିଦ କରିବେ । ଏହା ସମସ୍ତ ଜିଲ୍ଲାରେ ବଡ଼ ବଡ଼ ଦୋକାନରେ ତଲ୍ଲାସ କଲେ ପାଇବେ । ନ ପାଇଲେ ପୃଥିବୀର ଯେ କୌଣସି ସ୍ଥାନରୁ ପତ୍ରଦ୍ୱାରା ଅବଗତ ଯେ କେହି ବ୍ୟକ୍ତି ସ୍ପଷ୍ଟାକ୍ଷରେ ନାମ ଧାମ ବିସ୍ତାରିତ ଠିକଣା ଲେଖିଲେ ଭିଃ ପିଃ ପାର୍ଶଲରେ ସତ୍ୱର ପଠାଉଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରାଇ ଦେଉଁ ।

ଶ୍ରୀ ଗୌରଚନ୍ଦ୍ର ସାହା ଶଙ୍ଖନିଧି ।
ଔଷଧାଳୟ ବାବୁର ବଜାର ଢାକା,

---

# ଅଭିନବ ଆବିଷ୍କାର ।

## ଦନ୍ତରକ୍ଷକ ବା ଦନ୍ତବନ୍ଧୁ ।

ଯାବତୀୟ ଦନ୍ତ ରୋଗର ଅମୋଘ ଅବ୍ୟର୍ଥ ଏବଂ ଆଶ୍ଚର୍ଯ୍ୟ ଫଳପ୍ରଦ ମହୌଷଧ । ଅତି ଅଳ୍ପ କାଳମଧ୍ୟରେ ଏହା ନିଜଗୁଣରେ କେତେକ ପ୍ରଶଂସା ଲାଭକରି ପାରିଅଛି, ସେ କଥା ଆମ୍ଭ ନିକଟରୁ ଜାଣିବାଅପେକ୍ଷା ସମ୍ବାଦ ପତ୍ରର ସମ୍ପାଦକ, ରାଜା, ମହାରାଜା, ଜମିଦାର ଅଥବା ସରକାରୀ ଉଚ୍ଚ ପଦସ୍ଥ ଡେପୁଟୀ ମାଜିଷ୍ଟ୍ରେଟଠାରୁ ଜନସାଧାରଣ ପର୍ଯ୍ୟନ୍ତ ସର୍ବଶ୍ରେଣୀ ଲୋକଙ୍କର ସ୍ୱତଃ ପ୍ରବୃତ୍ତ ହୋଇ ପ୍ରଦତ୍ତ ଶତ ଶତ ପ୍ରଶଂସା ପତ୍ର ଗୁଡ଼ିକ ପାଠ କରି ଜାଣ ହେଉନ୍ତୁ ।

ଏ ଔଷଧ ନିର୍ଦ୍ଦୋଷ, ସୁଗନ୍ଧ ବିଶିଷ୍ଟ ଏବଂ ପ୍ରାତ୍ୟହିକ ଦନ୍ତଧାବନ ପକ୍ଷରେ ଯେପରି ଉପାଦେୟ, ଦନ୍ତର ଦୃଢ଼ତା ସାଧନ କରି ନାନାରୋଗ ନାଶ କରିବାପକ୍ଷରେ ତଦ୍ରୂପ ବଳ ଅବଶ୍ୟକୀୟ ଅଟେ । ସାହସ କରି କୁହାଯାଇ ପାରେ, ଦୀର୍ଘକାଳ ବ୍ୟବହାର କଲେ ରୋଗପ୍ରବଣ ଦନ୍ତ ନିରୋଗ ହେବ, ପରନ୍ତୋନ୍ମୁଖ ଦନ୍ତ ଦୃଢ଼ ହୋଇ ମୁଖର ସମସ୍ତ ପ୍ରକାର ଦୁର୍ଗନ୍ଧ ନାଶ କରି ଏକ ଅପୂର୍ବ ସୁଗନ୍ଧ ଜନ୍ମାଇବ । ମୁଖ ଏବଂ ଦନ୍ତ ଓ ଦନ୍ତମାଢ଼ିର ଯେ କୌଣସି ଯନ୍ତ୍ରଣାପ୍ରଦ ରୋଗ ଅବସ୍ଥାରେ ଏହାର ବ୍ୟବହାର ଅଶ୍ୱ ଫଳପ୍ରଦ ଅଟେ । ଫଳ କଥା ଯେମାନେ ଯେ କୌଣସି ପ୍ରକାର ଅସହ୍ୟ ଯନ୍ତ୍ରଣାପ୍ରଦ ଦନ୍ତ ବ୍ୟାଧିଗ୍ରସ୍ତ ଅଥବା ଯେଉଁମାନେ ଚିରକାଳ ଦନ୍ତକୁ ନିରୋଗ ଅବ୍ୟାହତ ରଖିବାର ଇଚ୍ଛା କରନ୍ତି ସେମାନେ ଯେମନ୍ତ ଥରେ ହେଲେ ଏହା ପରୀକ୍ଷା କରି ଦେଖନ୍ତୁ ।

ମୂଲ୍ୟ ୧ ଡବା ଟ୦ ।, ୩ ଟ୦ ୩୵, ୬ ଟ ୧୵, ୮ ଟ ୨୵ଵା

## ଯାଦୁର ଅବ୍ୟର୍ଥ ମହୌଷଧ ।

ଜନା ଜ୍ୱାଳା ଯନ୍ତ୍ରଣାରେ ସମସ୍ତ ପ୍ରକାର ଯାଦୁ ରୋଗ ଚିରକାଳ ସକାଶେ ଆରୋଗ୍ୟ ହୁଏ ଅଦ୍ୟ ପର୍ଯ୍ୟନ୍ତ ଏହାର ସମାନ ଗୁଣସମ୍ପନ୍ନ ଯାଦୁ ରୋଗର ଔଷଧ ଆବିଷ୍କୃତ ହୋଇ ନାହିଁ ବୋଲି ବହୁସଂଖ୍ୟକ ଉଚ୍ଚଶ୍ରେଣୀର ଲୋକେ ମତ ପ୍ରକାଶ କରୁଅଛନ୍ତି ସକଳ ଶ୍ରେଣୀର ଲୋକେ ଅତ୍ୟନ୍ତ ଆଗ୍ରହ ସହକାରେ ଏହାର ବ୍ୟବହାର କରୁଅଛନ୍ତି ଏହାହିଁ ଏହି ଔଷଧର ବିଶେଷତ୍ୱ ଅଟେ ।

ମୂଲ୍ୟ ୧ ଡବା ଟ୦ ।୵, ୩ ଟ ୧୧, ୬ ଟ ୧୩, ୮ ଟ ୩୧

## କାଛୁର ଅବ୍ୟର୍ଥ ମହୌଷଧ ।

ଯେ କୌଣସି ଏବଂ ଯେତେକାଳର କାଛୁ, କୁଣ୍ଡିଆ, ଘା ନାନାପ୍ରକାର ଚର୍ମବ୍ୟାଧି ବିନାଜ୍ୱାଳ ଯନ୍ତ୍ରଣାରେ ଆରୋଗ୍ୟ କରିବାକୁ ଏହାର ସାଧାରଣ ଅଲୌକିକ ଗୁଣ ଅଛି କି ନା ତାହା ଥରେ ପରୀକ୍ଷା ସାପେକ୍ଷ । ଅନେକ ଲୋକ ଔଷଧ ବ୍ୟବହାର କରି ପ୍ରଶ୍ନ କରୁଅଛନ୍ତି ଯେ ଏଥିରେ କି କୌଣସି ମନ୍ତ୍ରଗୁଣ ଅଛି ? ପ୍ରକୃତପକ୍ଷରେ କାଛୁରୋଗର ଏହା ଗୋଟିଏ ବିଶିଷ୍ଟ ଏବଂ ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।


ମୂଲ୍ୟ ୧ ଡବା ଟ ୦ ୨, ୩ ଟ ୧।୵, ୬ ଟ ୨, ୮ ଟ ୩ ୧

ଔଷଧ ପ୍ରାର୍ଥୀମାନଙ୍କେ ସ୍ୱ ସ୍ୱ ନାମ, ଗ୍ରାମ, ଡାକଘର, ଜିଲ୍ଲା ଏବଂ କାହାର କେଉଁ ଔଷଧକୁ ଦେବେ ତାହା ଅବଶ୍ୟ ସ୍ପଷ୍ଟ କରି ନ ଲେଖିଲେ ଔଷଧ ପ୍ରେରିତ ହୋଇ ପାରେ ନାହିଁ ।

ଜଗନ୍ନାଥ ନିମତ ମାର୍ଚ୍ଚେଣ୍ଟ, ବାଲେଶ୍ୱର ।

Digitized by srujanika@gmail.com

## ବିଜ୍ଞାପନ ।



ସନ ୧୯୦୯ ସାଲର ହମ୍ବର୍ଷ୍ଟରୁପେ ନମ୍ବର ତ୍ରି ଷ୍ଟ୍ରୋକ ବାଇସାଇକଲ ଟ ୨୫୯ ଙ୍କା ମୂଲ୍ୟଠାରୁ ଉଦ୍ଧ୍ୱକୂଳର ଏବଂ ବାଇସାଇକଲର ଅନ୍ୟାନ୍ୟ ସରଞ୍ଜାମ୍ମାନ ଅସଲ ଠିକଣାରୁ ଆଣାଉଥିବାରୁ କଟକର ଅନ୍ୟାନ୍ୟ ଦୋକାନମାନଙ୍କ ଅପେକ୍ଷା ଓ କଲିକତାରୁ ମଧ୍ୟ ଶସ୍ତା ଦରରେ ନିମ୍ନଲିଖିତ ଦୋକାନମାନଙ୍କରେ ବିକ୍ରୟ ହେଉଅଛି ।

ବାଲୁବଜାର ଜୁମାମସଜିଦ ନିକଟ
ବାବୁ ବନମାଧବ ସୁତ୍ରଙ୍କ ଦୋକାନ
ଏବଂ
ଚନ୍ଦ୍ରିବଜାରର ଅମରେଶ୍ୱର ମହାଦେବଙ୍କ ନିକଟ ବାବୁ ଦ୍ୱାରକାନାଥ ସେନ କବିରାଜ ଓ ମୁନସୀ ବାବାଖାନଙ୍କ ଦୋକାନରେ ପାଇ ପାରିବ ।


## ନୋଟିସ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ ଯାଉଅଛି ଯେ ଏଥିପୂର୍ବେ ଆମ୍ଭେ ଆମ୍ଭ ଷ୍ଟେଟର କାର୍ଯ୍ୟ ଚଳାଇବା ସକାଶେ ଶ୍ରୀ ଚନ୍ଦ୍ରାମଣି ପଟ୍ଟନାୟକ, ଶ୍ରୀ ପରଶୁରାମ ପଟ୍ଟନାୟକ ଓ ଶ୍ରୀ ଗଙ୍ଗେଶ୍ୱର ପଟ୍ଟନାୟକମାନଙ୍କୁ କ୍ଷମତା ପତ୍ର ଦେଇଥିଲୁଁ । ବର୍ତ୍ତମାନ ଆମ୍ଭେ ଶ୍ରୀ ବାବୁ ଉଦୟନାଥ ପଶ୍ଚାର୍ଯ୍ୟ । ସା । ସିଦ୍ଧେଶ୍ୱରପୁର । ପ୍ର । ହୋଦଣ୍ଡା । ଜି । କଟକଙ୍କୁ ଆମ୍ଭର ମେନେଜର ସ୍ୱରୂପ ୧୯।୬।୦୯ ରେ ମୁକରର କରି ତାଙ୍କ ନାମେ ନୂତନ କ୍ଷମତାପତ୍ର ଲେଖି ଦେଇଅଛୁଁ ଓ ସାବକ କ୍ଷମତାପତ୍ରମାନ ରଦ କରଅଛୁ । ଆମ୍ଭ ଷ୍ଟେଟ ସମ୍ବନ୍ଧେ ଯାହାଙ୍କର ଯାହା କାର୍ଯ୍ୟ ପଡ଼ିବ ବା ଟଙ୍କା ଦେବାର ହେବ ତାହା ସାବକ କ୍ଷମତା ପ୍ରାପ୍ତ କାରପରଦାଜମାନଙ୍କ ନିକଟରେ ନ କରି ବା ନ ଦେଇ ଆମ୍ଭର ନୂତନ ନିଯୁକ୍ତ ମେନେଜର ଉଦୟନାଥ ବାବୁଙ୍କ ନିକଟ କରିବେ ବା ଦେବେ । ସାବକ କ୍ଷମତା ପ୍ରାପ୍ତ କାରପରଦାଜମାନେ ସାବକ କ୍ଷମତାପତ୍ର ବଳରେ କୌଣସି କାର୍ଯ୍ୟ କରିପାରିବେ ନାହିଁ କିମ୍ବା ସେମାନଙ୍କସଙ୍ଗେ ଉକ୍ତ ଷ୍ଟେଟରୁ ଆମ୍ଭର କ୍ଷମତାପ୍ରାପ୍ତ କାରପରଦାଜ ସ୍ୱରୂପ କେହି କିଛି ବ୍ୟବହାର କଲେ ତହିଁରେ ଆମ୍ଭେ ଦାୟୀ ହେବୁଁ ନାହିଁ । ଇତି ।

( ସ୍ୱାକ୍ଷର )

ବଳରାମପୁର ଗଡ଼ ପୋଃ ଯେଦାପୁର ତା ୧୯।୬।୦୯ } ଶ୍ରୀ ଦାଶରଥି ଧୀର ନାରବର ଦଳବେହେରା ମହାପାତ୍ର ରଜା । ବ । ବଳରାମପୁର । ଜି । କଟକ

## ଉତ୍କଳ ଦୀପିକା ।

ଭାରତ ଶାସନସଂସ୍କାର ସମ୍ବନ୍ଧୀୟ ଅଇନ ବିଲ୍ଲ ପାର୍ଲିଆମେଣ୍ଟର ଉଭୟ ସଭାରେ ଧାର୍ଯ୍ୟ ହୋଇ ଇଂଲଣ୍ଡ ରାଜ ଭାରତ ସମ୍ରାଟଙ୍କ ନିକଟକୁ ପଠାଯିବାରେ ସେ ତହିଁରେ ସମ୍ମତି ପ୍ରଦାନ କରିଅଛନ୍ତି ସୁତରାଂ ଅଇନଟି ନିୟମାନୁସାରେ ବିଧିବଦ୍ଧ ହୋଇଅଛି । ଏହି ଅଇନ ଶୀଘ୍ର କାର୍ଯ୍ୟରେ ପରିଣତ କରିବା କାରଣ ଭାରତ ଗବର୍ଣ୍ଣମେଣ୍ଟ ସମୁଚିତ ଆୟୋଜନ କରୁଅଛନ୍ତି ।

ଗତ ତା ୨୨ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପେଲେଗ ରୋଗରେ ୩୬୧୪ ଜଣ ମରି ପଡ଼ିଥିଲେ ଯେ ତହିଁ ମଧ୍ୟରେ ପଞ୍ଜାବର ମୃତ ସଙ୍ଖ୍ୟା ସର୍ବାପେକ୍ଷା ଅଧିକ ଯଥା ୨୨୫୦ ଥିଲା । ପୂର୍ବ ସପ୍ତାହର ମୃତ ୪୫୨୮ ତହିଁ ଏ ସପ୍ତାହର ଅଙ୍କ ଅନେକ ଊଣା ଅଟେ ଏବଂ ସକଳ ପ୍ରଦେଶରେ ତାହା ଘଟିଅଛି ।

ଗତ ତା ୨୨ ରଖରେ ଶେଷ ହେବା ସପ୍ତାହରେ ପୂର୍ବବଙ୍ଗ ୩୪୪୭ ବଙ୍ଗ ୮୧୪୧୫, ଯୁକ୍ତପ୍ରଦେଶ ୩୭୦୧୧ ମଧ୍ୟପ୍ରଦେଶ ୨୪୦ ଏବଂ ବମ୍ବେ ୮୮୨ ଲୋକ ୧୨୨୯୯୫ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ତହିଁ ପୂର୍ବ ସପ୍ତାହର ଅଙ୍କ ୧୨୯୯୩୩ ଥିଲା । କେବଳ ଯୁକ୍ତପ୍ରଦେଶରେ କିଛି ବୃଦ୍ଧି ମାତ୍ର ଅନ୍ୟ ସକଳ ପ୍ରଦେଶରେ ହ୍ରାସ ହୋଇଥିଲା ।

ରାୟ ପଣ୍ଡିତ ସୁନ୍ଦରଲାଲ ବାହାଦୁର ସିଃ ଆଇଃ ଇଃ ଅଯୋଧ୍ୟାର ଅତିରିକ୍ତ ଯୁଡିସିଅଲ କମିଶନର ପଦରେ ନିଯୁକ୍ତ ହୋଇଥିବାର ସମ୍ବାଦ ମିଳିଲା । ଏ ମହାଶୟ ଯେମନ୍ତ ଯୋଗ୍ୟ ସେମନ୍ତ ଅଲ୍ଲାହାବାଦ ହାଇକୋର୍ଟରେ ଏହାଙ୍କର ଓକାଲତି ଭାରୀ ପସାର ହୋଇଥିଲା । ଏହାଙ୍କ ନିଯୋଗରେ ଦେଶ ସୁଦ୍ଧା ଗୌରବାନ୍ୱିତ ହୋଇଅଛନ୍ତି ବୋଲିବା ବାହୁଲ୍ୟ ।

ଅନେକ ସମ୍ବାଦ ପତ୍ରରେ ପ୍ରଚାର ଯେ କଣ୍ଟକାରୀ ( ଏ ପ୍ରଦେଶରେ ଅଙ୍କରାନ୍ତି ନାମରେ ପରିଚିତ ) ବସନ୍ତ ରୋଗର ଗୋଟିଏ ପ୍ରଧାନ ଔଷଧ ଅଟେ । ଏହି ଗଛର ଚେରର ଛାଲ ୮ ୦ । ବା ଅର୍ଦ୍ଧତୋଳମସା ଓଜନ ଗୋ ୨୧ ଟା ଗୋଲମରିଚ ସଙ୍ଗେ ଜଳରେ ବାଟି ବଟିକା ପ୍ରସ୍ତୁତ କରି ଏକ ବଟିକା ଜଳ ସଙ୍ଗରେ ଏକ ଦିନ ଛଡ଼ା ସେବନ କରିବ । ରୋଗ ମାଡ଼ିବା ସମୟରେ ଏହା ସେବନଦ୍ୱାରା ରୋଗ ଆସି ପାରିବ ନାହିଁ ଏବଂ ରୋଗିର ମଧ୍ୟ ଉପକାର ହେବ । ଏ ପ୍ରଦେଶର ବୈଦ୍ୟମାନେ ଏହି ଔଷଧ ପ୍ରୟୋଗ କରନ୍ତି କି ନାହିଁ ଜାଣିପାରି ନାହୁଁ ।

କଲିକତା ନିକଟ ଶ୍ରୀରାମପୁରର ବଙ୍ଗୀୟ ବୈଦିକ ଶ୍ରେଣୀର ବ୍ରାହ୍ମଣମାନେ ମାନ୍ୟବର ରାୟ କିଶୋରୀଲାଲ ଗୋସ୍ୱାମୀ ବାହାଦୁରଙ୍କର ଆଧ୍ୟକ୍ଷତାରେ ବିବାହ ଶ୍ରାଦ୍ଧ ଓ ଅନ୍ୟାନ୍ୟ ସାମାଜିକ କ୍ରିୟାରେ ଭେଟି ବା ବ୍ୟବହାର ଦେବା ପ୍ରଥା ଉଠାଇ ଦେବାର ଧାର୍ଯ୍ୟ କରିଅଛନ୍ତି । ଏ ପ୍ରଥାଟି ପ୍ରାୟ ସକଳ ସମାଜରେ ପ୍ରଚଳିତ ମାତ୍ର ଏଥିରେ ଅନେକ ଲୋକର ଅସୁବିଧା ହୁଅଇ ସନ୍ଦେହ ନାହିଁ । ସହାନୁଭୂତି ଦେଖାଇବା କାରଣ କ୍ରିୟାରେ ଉପସ୍ଥିତ ହେବା ଅଥବା ଲିଖିତ ବା ମୌଖିକ ସମ୍ବାଦ ଦେବା ଯଥେଷ୍ଟ । ଟଙ୍କା ବା ଦ୍ରବ୍ୟାଦି ବ୍ୟବହାର ପଠାଇବା ତଦପେକ୍ଷା ଶ୍ରେଷ୍ଠ ନୁହେ ଏବଂ କେବଳ ଲୋକଙ୍କୁ ବାଧିବାର କଥା ।

ସ୍ୱର୍ଗୀୟ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତ ସ୍ମୃତି ରକ୍ଷାର୍ଥ ଉତ୍କଳସମ୍ମିଳନୀ ଉତ୍କଳବାସୀ ଶ୍ରୀ ମୃଣାଲଚନ୍ଦ୍ର ପାଲଙ୍କୁ ମାସିକ ଟ ୪୦୯ ବୃତ୍ତି ଦେଇ କଲିକତାରେ ବିଜ୍ଞାନ ପଢ଼ାଉଥିଲେ । ସେ ନ ୩ ର୍ଥ ପଢ଼ି ଏମ, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଆମ୍ଭେମାନେ ବୋଧକରୁଁ ଏହି ବୃତ୍ତି ଚିରସ୍ଥାୟୀ ଅଟେ । ବ ୩ ର୍ଥ ମାତ୍ର ବୃତ୍ତି ଦେଇ ନିବୃତ୍ତ ହେବା ସ୍ମୃତିରକ୍ଷାର ପ୍ରଶସ୍ତ ବିଧାନ ବୋଲାଯାଇ ନ ପାରେ । ଆଉ ଏକମାସରେ କଲେଜମାନ ଫିଟିବ ଏବଂ ଏଥିମଧ୍ୟରେ ଏକଜଣ ଛାତ୍ର ମନୋନୀତ କରି ପଠାଇବାକୁ ହେବ । ମାତ୍ର ଏପର୍ଯ୍ୟନ୍ତ ସମ୍ମିଳନୀ କିଛି ବିଜ୍ଞାପନ ପ୍ରକାଶ ବା ଆୟୋଜନ ନ କରିବାର ଦେଖି ଭାବନା ହେଉଅଛି । ଆଶାକରୁଁ ସମ୍ମିଳନୀର କାର୍ଯ୍ୟନିର୍ବାହକମାନେ ଏ ବିଷୟରେ ଆଉ ବିଳମ୍ବ କରିବେ ନାହିଁ । ଯଦ୍ୟପି ବୃତ୍ତିଟି ସ୍ଥାୟୀ ନ ହେବ ତେବେ ସମ୍ମିଳନୀର ଗୌରବରେ ବାଧା ହେବ ସନ୍ଦେହ ନାହିଁ ।

ଗତ ପୂର୍ବ ଶନିବାର କଲିକତା ବିଶ୍ୱବିଦ୍ୟାଳୟର ସେନେଟ ଦଲର ସଭା ହୋଇଥିଲା । ଅନ୍ୟାନ୍ୟକାର୍ଯ୍ୟ ମଧ୍ୟରେ ଏହା କଲିକତାର ରିପନ କଲେଜ ଛଡ଼ା ଅନ୍ୟ ସମସ୍ତ ଯଥା ସିଟି, ବଙ୍ଗବାସୀ, ମେଟ୍ରପଲିଟନ କଲେଜ ଏବଂ ଶ୍ରୀରାମପୁର କଲେଜରୁ ବି, ଏଲ ପରୀକ୍ଷାର ଅଇନ ଶ୍ରେଣୀ ଉଠିଗଲା । ଏଥି ପୂର୍ବେ ହେତୋଟି କଲେଜର ଅଇନ ଶ୍ରେଣୀ ବିଶ୍ୱବିଦ୍ୟାଳୟରୁ ବହିଷ୍କୃତ ହୋଇଥିଲା । ସୁତରାଂ କେବଳ ରିପନ କଲେଜ ଛଡ଼ା ବଙ୍ଗଳାର କୌଣସି କଲେଜରେ ବି, ଏଲ, ପଢ଼ିବାର ଅଇନ ଶ୍ରେଣୀ ରହିଲା ନାହିଁ । ରିପନ କଲେଜ ମଧ୍ୟ ସମ୍ପ୍ରତି ଦୁଇବର୍ଷ ସକାଶେ ରହିଅଛି । ଦୁଇବର୍ଷ ପରେ ଏହି କଲେଜ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ଇନସ୍ପେକ୍ଟର ରିପୋର୍ଟ ଦେଲେ ତେଣିକି ନ ହେବ ତହିଁର

Split by PDF Splitter



ସ୍ଥିର ହେବ । କଲିକତାରେ ଯେଉଁ ସରକାରୀ କଲେଜ ଅଛନ୍ତି ମାସରେ ଫିଷ୍ଟ ଏ, ଏଲ, ପରୀକ୍ଷା ଦେବା ବ୍ୟକ୍ତିଙ୍କର ଏକମାତ୍ର ସେହି କଲେଜ ଭରସା । ତହିଁରେ କେତେଲୋକ ପଢ଼ିବେ ଦେଖାଯିବ । ସରକାର ବ୍ରହ୍ମଦେଶରେ ସୁଶାସନ ଏବଂ ପ୍ରଜାରକ୍ଷା ସଙ୍ଗେ ସଙ୍ଗେ କ୍ରମାଗତ ଅଧିକ ସ୍ଥିର କରିବା ଏବଂ ଅନ୍ୟ ଦେଶରେ ଅଭିନ- ବିଷ୍କାର ପଥ ସଙ୍କୀର୍ଣ୍ଣ କରିବା କୌଣସିମତେ ନୁହେ କି ?

ତାଳଚେର ରାଜାଙ୍କର ଗତ ଜନ୍ମଦିନ ଉପଲକ୍ଷରେ ଯେଉଁ ଦରବାର ହୋଇଥିଲା ତହିଁରେ ସେ ରାଜ୍ୟର ପ୍ରଜାବର୍ଗ ଏବଂ ଅନେକ ପ୍ରଭୃତି ଭଦ୍ରଲୋକମାନେ ଅଭିନନ୍ଦନ ପତ୍ରମାନ ପ୍ରଦାନ କରିଥିଲେ । ସେ ସମସ୍ତର ଉତ୍ତରରେ ରାଜା ମହୋଦୟ ଅନ୍ୟାନ୍ୟ କଥା ମଧ୍ୟରେ କହିଥିଲେ କି "ମୁଁ ବିଶ୍ୱାସ କରେଁ ଯେ ମନୁଷ୍ୟର ପ୍ରଧାନ ଶାନ୍ତି ଓ ଆନନ୍ଦ ସ୍ୱ ସ୍ୱ କର୍ତ୍ତବ୍ୟ ପାଳନରେ ବିଦ୍ୟମାନ । ପ୍ରତ୍ୟେକ ଲୋକର ସାମାନ୍ୟ କୃଷିଠାରୁ ରାଜା ପର୍ଯ୍ୟନ୍ତ ସ୍ୱ କର୍ତ୍ତବ୍ୟ ରହିଅଛି । * * * ଜୀବନ କର୍ତ୍ତବ୍ୟମୟ । ଏହି କର୍ତ୍ତବ୍ୟମୟ ଜୀବନ ସୁପରଷ୍ଟନରେ ହୋଇ ପରସ୍ପର ପ୍ରୀତି ଓ ଶାନ୍ତି ଅର୍ଜନ କରୁ ଏହା ମୋର ଏକାନ୍ତ ଇଚ୍ଛା" । ରାଜା ମହୋଦୟଙ୍କର ଏହି ଉପଦେଶ ପୂର୍ଣ୍ଣ ବାକ୍ୟ ବଡ଼ ମୂଲ୍ୟବାନ୍ । ସେ ତହିଁର ଗୁରୁତ୍ୱ ଅପଣା କର୍ତ୍ତବ୍ୟ ପାଳନ ନିମନ୍ତେ ନିଜେ ଯେମନ୍ତ ତତ୍ପର ହୋଇଅଛନ୍ତି ଭରସାକରୁଁ ପ୍ରଜାବର୍ଗ ତାହାଙ୍କର ଉଦାହରଣ ଏବଂ ଉପଦେଶରେ ଉତ୍ତେଜିତ ହୋଇ ସେହିପରି କାର୍ଯ୍ୟରେ ରତ ହେବାକୁ ସର୍ବଦା ଚେଷ୍ଟା ଓ ଯତ୍ନ କରିବେ । ପରନ୍ତୁ ପ୍ରଜାବର୍ଗର କର୍ତ୍ତବ୍ୟ ଜ୍ଞାନ ଓ ପ୍ରବୃତ୍ତି ଜନ୍ମାଇବାର ବହୁତ ଶିକ୍ଷା ଦେବାର ଯଥା ସାଧ୍ୟ ସୁବିଧା କରିଦେବା ଏକାନ୍ତ ଆବଶ୍ୟକ । ଅନ୍ୟଥା ଗରିବ ଓ ମୂର୍ଖ ପ୍ରଜାମାନଙ୍କର ସୁଶିକ୍ଷା ଲାଭ ସହଜ ନୁହେ ।

ଇଣ୍ଡୁପ୍ରକାଶରେ ପ୍ରକାଶିତ କଲିକତାର ଏକ ପ୍ରେରିତ ପତ୍ରରେ ଲେଖାଅଛି କି ପରଦସ୍ତର କାକଟ ବାଜିତପୁରରେ ଗତ ଜଳକଷ୍ଟ ହୋଇଥିଲା ଜଳ ଓ ଅର୍ଥ ଅଭାବବଶତଃ ତାହା ନିବାରଣର ଉପାୟ ନ ଦେଖି ସେ ଗ୍ରାମର ଭଦ୍ରଲୋକ- ମାନେ କୋଡ଼ି ଧାଁ କି ଖୋଳାଇ ଇତ୍ୟାଦ ମାଟି- ଖୋଳବାର ଦ୍ରବ୍ୟାଦ ସଂଗ୍ରହ କରି ନିକଟବର୍ତ୍ତୀ ଗ୍ରାମ ସମୂହର ଲୋକମାନଙ୍କ ସଙ୍ଗୀ କରି ୬୦୦ ଜଣ ସେ ସେ ଗ୍ରାମର ଦତ୍ତ ବାବୁଙ୍କ ଘରଠାରେ ଉପସ୍ଥିତ ହୋଇ ସେମାନଙ୍କର ବଡ଼ ପୋଖରୀର ଜଳ ନିତାନ୍ତ ଖରାପ ହୋଇଥିବାରୁ ତାହାକୁ ଖୋଳିବାର ଅନୁମତି ପ୍ରାର୍ଥନା କଲେ । ଦତ୍ତ ବାବୁ ଅନୁମତି ଦଥନ୍ତେ ସେହି ଭଦ୍ରସନ୍ତାନମାନେ ଅତ୍ୟନ୍ତ ଉତ୍ସାହ ଓ ପରିଶ୍ରମ ସହିତ କାର୍ଯ୍ୟରେ ଲାଗିପଡି ଦ ୩ ଦ ମଧ୍ୟରେ ପୁଷ୍କରିଣୀଟି ଏମନ୍ତ ଉତ୍ଖାଳ ଦେଲେ ଯେ ତହିଁର ଜଳ ନିର୍ମଳ ଓ ପାନୋପଯୋଗୀ ହୋଇଅଛି ଏବଂ ଗ୍ରାମବାସି- ମାନେ ଜଳକଷ୍ଟରୁ ରକ୍ଷା ପାଇ ସେମାନଙ୍କୁ ଧନ୍ୟ ଧନ୍ୟ କହୁଅଛନ୍ତି । ଗ୍ରାମର ଭଦ୍ରପିଲ୍ଲା ଓ ନବଯୁବା- ମାନେ ସାଧାରଣ ଯାତ୍ରା ଉତ୍ସବାଦରେ ଯେଉଁ ଉତ୍ସାହ ସହିତ ମାତିବାର ଦେଖାଯାଏ । ସେମାନେ ଯେବେ ସାଧାରଣ ହିତକାର୍ଯ୍ୟରେ ସେହିପରି ଅତ୍ୟନ୍ତ ଉତ୍ସାହରେ ମାତିବେ ତେବେ ଅଶେଷ ଉପକାର ହେବ ସନ୍ଦେହ ନାହିଁ । ଅମ୍ଭେମାନେ ଆନନ୍ଦ ସହିତ ଏହି ଦୃଷ୍ଟାନ୍ତଟି ସେମାନଙ୍କ ସମ୍ମୁଖରେ ଉପସ୍ଥିତ କଲୁଁ ।

ପୁରୀରୁ ଶ୍ରୀ ଗୋପବନ୍ଧୁ ଦାସ ଲେଖିଅଛନ୍ତି କି ସ୍ୱର୍ଗୀୟ ରାମଚନ୍ଦ୍ର ଦାସଙ୍କ ସ୍ମୃତି ରକ୍ଷା ହେବାର ପ୍ରୟୋଜନୀୟତା ଉତ୍କଳର ଶିକ୍ଷିତ ସାଧାରଣ ଉପଲବ୍ଧି କରି ନାନାସ୍ଥାନର ନାନାଶ୍ରେଣୀର ସହୃଦୟ ବ୍ୟକ୍ତିମାନେ ଯେଉଁ ପଠାଉଥିବା ପରମ ସୁଖର ବିଷୟ ଅଟେ । ଦାସ ମହାଶୟ ଗତ ତା ୨୨ ରିଖ ସୁଦ୍ଧା ପାଇଥିବା ଯେତେ ଚାନ୍ଦା ପଠାଇ ପ୍ରକାଶ କରିବା କାରଣ ଅମ୍ଭମାନଙ୍କୁ ଅନୁରୋଧ କରିଅଛନ୍ତି । ମାତ୍ର ସ୍ଥାନାଭାବରୁ ସମସ୍ତ ପ୍ରକାଶ କରି ନ ପାରି ଏକ ଟଙ୍କା ଓ ତଦୁର୍ଦ୍ଧ ଦେବାଦାତାଙ୍କର ନାମ ଏଠାରେ ଲେଖିଲୁଁ । ଯଥା;—ହରିହର ପଣ୍ଡା ଆସିକା ଓ ଜଗନ୍ନାଥ ମହାପାତ୍ର ରମ୍ଭେଇ ଟ ୫୧ ଙ୍କା ଲେଖାଏଁ, କେଶବଚନ୍ଦ୍ର ମିଶ୍ର କେନ୍ଦୁଝର ଟ ୩୧ ଙ୍କା ନର ହରି ଦାସ ଚୌଧୁରୀ ଟ ୪୧ ଙ୍କା କୃଷ୍ଣଚନ୍ଦ୍ର- ପାଲିତ, ଅକ୍ଷୟକୁମାର ଘୋଷ, ଶଙ୍କର ପ୍ରସାଦ ମିଶ୍ର ଓ ଉମାଚରଣ ଦାସ ବି, ଏ, ଙ୍କର ପ୍ରତ୍ୟେକେ ଟ ୨୧ ଙ୍କା ; ସେଖ ମକବୁଲ୍ ଅଲ୍ଲି, ପ୍ରତାପଚନ୍ଦ୍ର ଗୁଣ୍ଡୋଦ୍ୟ, ବ୍ରଜମୋହନ ମିଶ୍ର, ହରି- ଦେବ ଆଚାର୍ଯ୍ୟ, ଜଗନ୍ନାଥ ମିଶ୍ର, ଚନ୍ଦ୍ରଶେଖର ପାଣିଗ୍ରାହୀ, ଗୋପୀନାଥ ରାଜଗୁରୁ, ଚୈତନ୍ୟ ଦାସ, ବାବାଜି ନରସିଂହ ଚରଣ ଦାସସ୍ୱାମୀ ପ୍ରତ୍ୟେକେ ଟ ୧ ୧ ଙ୍କା ।

ଓରଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଆସୁରେନ୍ସକମ୍ପାନି ନାମରେ ବମ୍ବେଠାରେ ଯେଉଁ ଜୀବନବୀମା କମ୍ପାନି ପ୍ରାୟ ୨୫ ବର୍ଷ ହେଲା ସ୍ଥାପିତ ହୋଇଅଛି ଏବଂ ଯହିଁରେ ଗୋଟିଏ ଶାଖା କାର୍ଯ୍ୟାଳୟ ଏ ନଗରରେ ଦୁଇ- ବର୍ଷ ହେଲା ପିଟିଅଛି ସେହି କମ୍ପାନିର ଗତ ୧୯୦୮ ସାଲ ଡିସେମ୍ବର ମାସରେ ଶେଷ ହେବା ବର୍ଷର ବିବରଣୀ ଅମ୍ଭେମାନେ ପାଇବାର କୃତ- ଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଅତ୍ୟନ୍ତ ଅଳ୍ପ କାଳ ବିଷୟ ଯେ ସେହି କମ୍ପାନିର କାର୍ଯ୍ୟ ଫଳରେ ଭଣ୍ଡାର କ୍ରମାଗତ ବଢ଼ୁଅଛି । ଏବର୍ଷ ୨୧ ଲକ୍ଷ ୭୧ ହଜାର ଟଙ୍କା ପାଇଅଛି ଯେ ତହିଁମଧ୍ୟରୁ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ସଞ୍ଚିତ ଧନ- ସଙ୍ଗେ ମିଶି ୩ କୋଟୀ ଟଙ୍କାରୁ ଅଧିକ ହୋଇ- ଅଛି ଏବଂ ତହିଁମଧ୍ୟରୁ ୨ କୋଟୀ ୨ ଲକ୍ଷ ଟଙ୍କା ସରକାରୀ ଋଣପତ୍ର ବା ପ୍ରମିସରିନୋଟରେ ସରକାରୀ ଟ୍ରଷ୍ଟିଙ୍କ ନିକଟରେ ଜମା ରହିଛି । ଏଥିରୁ ବଳ ମାତବର ଜାମିନ ନ ହୋଇପାରେ ? ପ୍ରକୃତରେ ଏହି କମ୍ପାନି ପ୍ରତି ଲୋକଙ୍କର ବିଶ୍ୱାସ କ୍ରମାଗତ ବଢ଼ୁଅଛି ଏବଂ ଦଶକୋଟୀର ଊର୍ଦ୍ଧ୍ୱ ଟଙ୍କାର ବୀମା ହୋଇଅଛି ପଲିସି ବା ଟିପର ସଂଖ୍ୟା ୫୨୧୬୮ ଅଟେ । ବୀମା କରିଥିବା ୬୬୮ ଜଣ ଏବର୍ଷ ମରିଯିବାରେ ସେମାନଙ୍କର ପ୍ରାପ୍ୟ ୧୬ଲକ୍ଷ ୩୨ ହଜାର ଟଙ୍କା ଏବଂ ମିଆଦ ପୂର୍ଣ୍ଣ ହେବା ବାବତ ୨୦୮ ପଲିସିରେ ୫ ଲକ୍ଷ ୪୨ ହଜାର ଟଙ୍କା ସାଏ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯାଇ ଅଛି । ଏବର୍ଷରେ ଆୟ ଟ ୫୩୫୫୬୩୯ ରୁ ବ୍ୟୟ ଟ ୩୧୮୪୧୬୬୧ ଙ୍କା ହୋଇଥିଲା । ଏଥିରୁ ଅଧିକ ଶୁଭଫଳ କି ଆଶା କରଯାଇ ପାରେ । କମ୍ପାନିର କାର୍ଯ୍ୟ ଅତି ସନ୍ତୋଷଜନକରୂପେ ଚାଲୁଅଛି ଏବଂ ଏବର୍ଷ ସହାରେ ଅଂଶିମାନଙ୍କୁ ଶତକଡ଼ା ଟ ୧୮ ଲେଖାଏ ଡିଭିଡେଣ୍ଡ ଦିଆଯିବ, କାରଣ ଡାଇରେକ୍ଟରମାନେ ଅନୁରୋଧ କରି- ଅଛନ୍ତି । ଏଥିରୁ ପାଠକମାନେ ଦେଖିବେ ଯେ ଏହି କମ୍ପାନିପରି ଭାଗ୍ୟବନ୍ତ ବୀମାକମ୍ପାନି ଭାର- ତରେ ଅଳ୍ପ ଅଛି ଏବଂ ଏ କମ୍ପାନିସଙ୍ଗେ କାର- ବାର କରିବା ସମ୍ପୂର୍ଣ୍ଣ ନିରାପଦ ଓ ଲାଭଜନକ ଅଟେ ।

—୦—

ଓଡ଼ିଆ ସମାଜର ମଙ୍ଗଳସାଧନ ଏବଂ ଶୀଘ୍ର ଇଂରାଜୀ ସମ୍ବାଦ ପତ୍ର ପ୍ରକାଶର ଆଲୋଚନା ସକାଶେ ବାବୁ ଗୋକୁଳାନନ୍ଦ ଚୌଧୁରୀଙ୍କ ଘର- ଠାରେ ଗୋଟିଏ ଗୋପନୀୟ ସଭା ହୋଇଥିବାର 'ଷ୍ଟାରଅବଉତ୍କଳ' ପ୍ରକାଶ କରି ତହିଁ ସଙ୍ଗେ ଅମ୍ଭମାନଙ୍କର କଥା ପକାଇବାକୁ ଛାଡ଼ି ନାହାନ୍ତି । ସେ କହୁଅଛନ୍ତି କି ଉତ୍କଳଦୀପିକା ୪୦ ବର୍ଷର ଊର୍ଦ୍ଧ୍ୱ କାଳ ଓଡ଼ିଆଙ୍କର ଶ୍ରେୟ ଲୋଡ଼ିଲା ଉତ୍ତାରୁ ନୂତନ ସମ୍ବାଦ ପତ୍ର ବାହାରିବାର କଳ୍ପନା ଶୁଣି ସମ୍ଭବତଃ ବୃଦ୍ଧ ଗୌରୀଶଙ୍କର କହି ପାରନ୍ତି ଯେ "ମୁଁ ଓଡ଼ିଆଙ୍କର ଯେପରି ସେବା କଲି ସେହିପରି ପରମେଶ୍ୱରଙ୍କ ସେବା କରିଥିଲେ ସେ ମତେ ଏ ବୃଦ୍ଧକାଳରେ ପରିତ୍ୟାଗ କରନ୍ତେ ନାହିଁ" । ସହଯୋଗିଙ୍କର ଅମ୍ଭମାନଙ୍କ ସମ୍ବନ୍ଧରେ ଏପରି ଆକ୍ଷେପ ପଢ଼ି ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁଁ । ସେ ଅମ୍ଭମାନଙ୍କର କଥା ଶୁଣିବାପୂର୍ବେ କହିଁକି ଏମନ୍ତ ଲେଖିଲେ ସ୍ଥିର କରିପାରୁ ନାହୁଁ । ଅମ୍ଭମାନଙ୍କ ପ୍ରତି ଦୟାର୍ଦ୍ର ହୋଇ ଏହି

Digitized by srujanika@gmail.com

ଯେବେ ଲେଖିଅଛନ୍ତି ତେବେ ତାହାଙ୍କର ଦୟାଳୁ ଅମ୍ଭେମାନେ ଭଯ୍ଙ୍କର ମନେ କରୁଁ ଏବଂ ପ୍ରକାଶ୍ୟରେ ଅମ୍ଭମାନଙ୍କପ୍ରତି ଅକୃତଜ୍ଞତା ଅପେକ୍ଷ କରିବାର ପ୍ରକାଶ ପାଉଅଛୁ । ଅମ୍ଭେମାନେ ଯେବେ ସର୍ବଦାଇ ନାନା ବିଘ୍ନ ବାଧା ସହି ଉତ୍କଳ ସେବାରେ ଯଥାମତେ ନିଯୁକ୍ତ ରହିଅଛୁଁ ଏବଂ ଉତ୍କଳୀୟଙ୍କର ସ୍ନେହ ଲୋଡ଼ୁଅଛୁଁ ତେବେ ତହିଁର କାରଣ ଏହି କି ଉତ୍କଳ ଅମ୍ଭମାନଙ୍କର ଜନନୀ ଏବଂ ଉତ୍କଳ ସନ୍ତାନଗଣ ଅମ୍ଭମାନଙ୍କର ଭ୍ରାତା ବୋଲି ସର୍ବଦା ବିଶ୍ୱାସ କରିଅଛୁଁ । ସରଳ ହୃଦୟର ସାଧୁ ସେବା ଯେ ଈଶ୍ୱର ସେବା ତୁଲ୍ୟ ଏହା ଅମ୍ଭେମାନେ ମନେ କରୁ ନା ଏବଂ ଉତ୍କଳୀୟମାନେ ଅଳ୍ପରୁ ଏ ପର୍ଯ୍ୟନ୍ତ ସାହାଯ୍ୟ ଓ ଉତ୍ସାହ ଦାନଦ୍ୱାରା କ୍ରମଶଃ ଉତ୍କଳଦୀପିକାର ଶ୍ରୀବୃଦ୍ଧି କରିଅଛନ୍ତି ସମସ୍ତେ ଦେଖୁଅଛନ୍ତି ଏବଂ ସେଥି ନିମନ୍ତେ ଅମ୍ଭେମାନେ ସର୍ବଦା କୃତଜ୍ଞ । ସମ୍ପାଦକ ଚଳାଇବାର ଯୋଗ୍ୟତା ଅମ୍ଭମାନଙ୍କଠାରେ ନାହିଁ । କେବଳ ଗୋଟିଏ ଅଭାବ ପୂରଣ ଆଶାରେ ଏ ଗୁରୁତର କାର୍ଯ୍ୟରେ ହାତ ଦେଇ ଅଛୁଁ । ଏତାଦୃଶ ଯୋଗ୍ୟତର ବ୍ୟକ୍ତିଦ୍ୱାରା ତାହା ଗ୍ରହଣ ହେଲେ ଅମ୍ଭମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ଉପକାର ହେବ । ସୁତରାଂ ଅମ୍ଭମାନଙ୍କର ପଶ୍ଚାତ୍ତାପ କରିବାର କିଛି ମାତ୍ର ହେତୁ ନାହିଁ । ସ୍ୱଭାବ ମଧ୍ୟରେ ଭେଦ ଜନ୍ମାଇବା ଯାହାଙ୍କର ଅଭିପ୍ରାୟ କେବଳ ସେମାନେ ସେପରି କଳ୍ପନା କରିପାରନ୍ତି ।

---

ବଙ୍ଗଳାର ଜେଲ ସମ୍ବନ୍ଧ ସନ ୧୯୦୮ ମସୀହାର ବିବରଣୀରୁ ପ୍ରକାଶ ଯେ ବର୍ତ୍ତିତ ବର୍ଷରେ ଜେଲଖାନାର କଏଦ ଓ ଦଣ୍ଡ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୧୦୧୮୮୦ ହୋଇଥିଲା ତହିଁ ପୂର୍ବବର୍ଷର ସଂଖ୍ୟା ୭୮,୮୯୧ ଥିଲା । ଏହାବେଳକୁ ପ୍ରାୟ ୩୨୦୦୦ କଏଦୀ ବୃଦ୍ଧି ହେବାରୁ ଜେଲଖାନାମାନଙ୍କରେ ସ୍ଥାନ ଯୋଗାଇବା କଷ୍ଟକର ହୋଇଥିଲା ଏବଂ ସେହି କାରଣରୁ ଅସ୍ୱାସ୍ଥ୍ୟର ବୃଦ୍ଧି ହୋଇଥିଲା । ସନ ୧୯୦୮ ମସୀହାରେ ଜେଲ ସମ୍ବନ୍ଧ ମୃତ୍ୟୁର ପରିମାଣ ହଜାରକେ ୨୬ ଣ ଥିଲା ତାହା କ୍ରମାଗତ ଭଣା ହୋଇ ପ୍ରାୟ ୧୭ ଙ୍କୁ ଖସି ଆସିଥିଲା । ମାତ୍ର ବର୍ତ୍ତିତ ବର୍ଷରେ ମୃତ୍ୟୁର ପରିମାଣ ହଜାରକେ ୩୦ ୮ କଣ ଥିଲା । ଜେଲଖାନାରେ ସ୍ୱାସ୍ଥ୍ୟସମ୍ବନ୍ଧୀୟ ଦୁର୍ଘଟଣା ଦୃଷ୍ଟିପ୍ରାୟ ନହେଲେହେଁ ମୃତ୍ୟୁର ପରିମାଣ ପ୍ରାୟ ଦ୍ୱିଗୁଣ ହୋଇମିବା ଅତ୍ୟାଶ୍ଚର୍ଯ୍ୟଜନକ । ଜେଲଖାନା ବାହାରେ ମୃତ୍ୟୁର ପରିମାଣ ହଜାରକେ ୩୭ ଣ ଥିବା ହେତୁ ଜେଲଖାନାର ମୃତ୍ୟୁର ପରିମାଣ ତହିଁ ଅପେକ୍ଷା ଊଣା ଅଟେ ମାତ୍ର ବାହାରେ ଜେଲଖାନାର ସ୍ୱାସ୍ଥ୍ୟ ବିଧାନର ଦୃଷ୍ଟଚଣା ନାହିଁ । ଏଥିର ଗୋଟିଏ କାରଣସ୍ୱରୂପ ଲେଖାଅଛି ଯେ ଅନେକ ଆସାମୀ ଦୁର୍ଭିକ୍ଷଜନିତ ପୀଡ଼ା ଘେନି ଜେଲଖାନା ମଧ୍ୟକୁ ଆସି ପୀଡ଼ାର ବେଗରେ ମରିଅଛନ୍ତି । ଏଥିରୁ ଦୁର୍ଭିକ୍ଷ ସମୟରେ ଅନଶନକ୍ଲିଷ୍ଟ ହେଉ ଅନେକ ଲୋକଙ୍କ ଉଦ୍ୟୋଗରେ ମୃତ୍ୟୁ ହେଉଥିବାର ଓ ସରକାରୀ ସାହାଯ୍ୟ ଯଥେଷ୍ଟ ନ ଥିବାର ମଧ୍ୟ ବୁଝାଗଲା । ଦେଶରେ ଅଶାନ୍ତି ଏବଂ ଦୁର୍ଭିକ୍ଷ ଏକାବେଳକେ ଉପସ୍ଥିତ ହେବା ଜେଲ ଖାନାର ଲୋକସଂଖ୍ୟା ବୃଦ୍ଧିର ଅବଶ୍ୟମ୍ଭାବୀ କାରଣ ହେଲେହେଁ ଉକ୍ତ ନିବାରଣ କରିବାର ଗଭର୍ଣ୍ଣମେଣ୍ଟଙ୍କର କ୍ଷମତା ଅଛି । ଏଥି ଉତ୍ତାରୁ ବର୍ତ୍ତମାନ ଦେଖାଯାଉଅଛି ଯେ ପୁଲିଶ ଅତ୍ୟାଚାରର ଅନେକ ଅକାରଣ ବନ୍ଦୀକୃତ ହୋଇଥିଲେ । ସରକାରର ପକ୍ଷରୁ ଏ ସମ୍ବନ୍ଧରେ ବିଶେଷ ତଦନ୍ତ ହେବା ଉଚିତ । ଜେଲଖାନାମାନଙ୍କରେ ଅଦ୍ୟାପି ବଡ଼ ଅପରାଧୀଙ୍କ ସହିତ ସାମାନ୍ୟ ବା ନୂତନ ଅପରାଧୀଙ୍କି ରଖାଯାଉଅଛି ଏବଂ ଏହା ସୁନୀତି ବିରୁଦ୍ଧ ଥିବାରୁ ଏମାନଙ୍କୁ ପୃଥକ୍ ରଖିବା ଉଚିତ ଅନେକ ଦିନରୁ କଳ୍ପନା ହେଉଥିଲେହେଁ ଅର୍ଥାଭାବରୁ ତାହା କାର୍ଯ୍ୟରେ ପରିଣତ ହୋଇ ପାରୁ ନାହିଁ । ମାତ୍ର ଏପରି ଗୁରୁତର ବିଷୟରେ ଅର୍ଥାଭାବର ଆପତ୍ତି ଦର୍ଶାଇବା ଅସୁନ୍ଦର ଅଟେ । ଅପରାଧ ନିବାରଣ ଉଦ୍ଦେଶ୍ୟରେ ଯେମନ୍ତ ଶାସ୍ତି ବିଧାନ ବନ୍ଦିବାଧରେ ଚରିତ୍ର ସଂଶୋଧନ ସେମନ୍ତ ମହତ କାର୍ଯ୍ୟ ଅଟେ । ତାହା ନ ହେଲେ ଦେଶ ରକ୍ଷା ଅସମ୍ଭବ । ଅମ୍ଭେମାନେ ଭରସା କରୁଁ ଗଭର୍ଣ୍ଣମେଣ୍ଟ ଏ ବିଷୟରେ ମଧ୍ୟ ଶୀଘ୍ର ସୁବନ୍ଦୋବସ୍ତ କରିବେ ।

---

କଲିକତା ବେଲଗଛିଆଠାରେ ଯେଉଁ ଜାତୀୟ ଚିକିତ୍ସାବିଦ୍ୟାଳୟ [ National Medical College ] ସ୍ଥାପିତ ହୋଇଅଛି ତହିଁରେ ଦୁଃଖୀ ବାଳକମାନଙ୍କ କମିଟି ଆଗାମୀ ଜୁଲାଇ ତା ୮ ରିଖରେ ନାମ ଲେଖାଇଲେ କଲେଜର ପ୍ରତିଷ୍ଠାତା ଡାକ୍ତର ଏସ କେ ମଲ୍ଲିକଙ୍କର ଚେଷ୍ଟାରେ ଗୋଟିଏ ବୃତ୍ତି ଶିକ୍ଷା ହୋଇଅଛି ଯେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣଙ୍କୁ ବାର୍ଷିକ ୧୫୦ ଙ୍କା ଓ ଜଣଙ୍କୁ ୫୦ ଙ୍କା ମିଳିବ ମାତ୍ର ପ୍ରବେଶିକାପରୀକ୍ଷା ପଢ଼ିଥିବା ଛାତ୍ରଙ୍କ ମଧ୍ୟରୁ ଜଣଙ୍କୁ ୫୦ ଙ୍କା ଓ ଅନ୍ୟ ଜଣଙ୍କୁ ୮ ୨୫ ଙ୍କା ମିଳିବ । ଏହି କଲେଜରେ ଉପଯୁକ୍ତ ଏବଂ ଦକ୍ଷ ଶିକ୍ଷକଙ୍କଦ୍ୱାରା ଏଲ, ଏମ, ଏସ ଏବଂ ଏମ୍, ବି ଉପାଧିର ଶିକ୍ଷା ଦିଆଯାଏ । ଏହି କଲେଜର କାର୍ଯ୍ୟନିର୍ବାହ ସଭାରେ ରାଜା ପ୍ୟାରୀମୋହନ ମୁଖୋପାଧ୍ୟାୟ ବାହାଦୁର, ରାୟ ଯତୀନ୍ଦ୍ରନାଥ ସେନ ବାହାଦୁର, ରାୟ ଯୋଗେନ୍ଦ୍ରନାଥ ଚୌଧୁରୀ ବାହାଦୁର ପ୍ରଭୃତି ଗଣ୍ୟ ମାନ୍ୟ ବ୍ୟକ୍ତିମାନେ ଅଛନ୍ତି । ଡାକ୍ତରୀ ଶିକ୍ଷା ଛଡ଼ା ଏଥିରେ ଆୟୁର୍ବେଦ ଶିକ୍ଷା ନିମିତ୍ତ ନୂତନ ଶ୍ରେଣୀ ଫିଟିଅଛି ଏବଂ ତହିଁରେ ଗାଦ ଓ ପଦାର୍ଥ ଏବଂ ରସାୟନ ବିଦ୍ୟା ସାହାଯ୍ୟରେ ଏହି ପୁରାତନ ଶାସ୍ତ୍ର ଶିକ୍ଷା ଦିଆଯାଏ । ଏହି ମାସରେ ଏଠାରେ ଗୋଟିଏ ସ୍ୱାସ୍ଥ୍ୟବିଭାଗ ଖୋଲିବ ଯେ ତହିଁରେ ଉତ୍ତୀର୍ଣ୍ଣ ହେଲେ ଛାତ୍ରମାନେ ସରକାରୀ ସ୍ୱାସ୍ଥ୍ୟ ଇନ୍‌ସପେକ୍ଟର ବା କମିଶନ ପଦରେ ନିଯୁକ୍ତ ହୋଇ ପାରିବେ । ବର୍ତ୍ତମାନ୍ ଉକ୍ତ କଲେଜ ବର୍ଷେକାଳ ଉତ୍ତୀର୍ଣ୍ଣ ହୋଇ ନବବର୍ଷକୁ ଦ୍ୱିଗୁଣ ଅଧିକ ସଙ୍ଗତ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିଅଛି । ବୋଲି ବାହୁଲ୍ୟ ଏଥିରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରମାନେ ବଡ଼ ବଡ଼ ଗୃହସ୍ଥ ପାଉଅଛନ୍ତି । ଅମ୍ଭେମାନେ ଭରସା କରୁଁ ଏହି କଲେଜର କାର୍ଯ୍ୟ ଦେଖି ଏଠା ପିଲାଏ ତହିଁରେ ଶିକ୍ଷାର୍ଜନ କରିବା ସକାଶେ ପ୍ରୟାସୀ ହେବେ । ଅନ୍ତତଃ ମେଡିକାଲ ସ୍କୁଲ୍‌ରେ ପିଲା ହେଉଁଛି ଉଚ୍ଚ ଶ୍ରେଣୀରେ ପାଠ ପଢ଼ି ଆସିବ ଉତ୍କଳ ଏବଂ ସେ ବିଷୟରେ ଏଠା ସଭା ଓ ଜମିଦାରମାନେ ଅଗ୍ରସର ହୋଇ ମେଡିକାଲ ପିଲାଙ୍କୁ ସାହାଯ୍ୟ କରାଇଲେ ଏକାବେଳକେ ବିଦ୍ୟା ଓ ଜୀବନଦାନ ସଙ୍ଗେ ଦେଶର ପ୍ରକୃତ ଉନ୍ନତି ହେବ । ଯାତ୍ରା ଅଥବା ଖେଳ ତାମସାରେ ଯେତେ ଟଙ୍କା ଲୋକେ ଅକାରଣରେ ଖର୍ଚ୍ଚ କରୁଅଛନ୍ତି ତହିଁର ସାମାନ୍ୟ ଅଂଶ ଏଥିରେ ବ୍ୟୟିତ ହେଲେ ଦେଶର ରୂପ ବଦଳ ଯାନ୍ତା ମାତ୍ର ଦୁଃଖର ବିଷୟ ଯେ ସେ ଆଡ଼କୁ କାହାର ଦୃଷ୍ଟି ନାହିଁ । ଏବେ ସୁଦ୍ଧା ଅନେକ ସ୍ଥାନରେ ବୈଦ୍ୟ ଘର ବହୁଦୂରରେ ଥିବାରୁ ଡାକ୍ତରୀ ସୁଦ୍ଧା ଦେଖିବାକୁ ମିଳେ ନାହିଁ ଏବଂ ଲୋକେ ରୋଗ ହେଲେ ଔଷଧ ବିନା ଛଟପଟ ହୋଇ ମରନ୍ତି । ଜମିଦାରମାନେ ଗୃହ ଯାତ୍ରା ଯାତ୍ରା ଅଥବା ଭୋଜିରେ ଖର୍ଚ୍ଚ କରନ୍ତି ତାହା ଏ କାର୍ଯ୍ୟରେ ବ୍ୟୟ କରି ଜଣେ ଦୁଇଜଣ ବୈଦ୍ୟ ଗଢ଼ିଲେ ପ୍ରାଣ ବଞ୍ଚାଇବା ସଙ୍ଗେ ଅଶେଷ କୀର୍ତ୍ତି ଲାଭ କରନ୍ତେ । ଏ ବିଷୟରେ ଲୋକଙ୍କର ଅର୍ଥ ନାହିଁ ବା ଉତ୍ସାହ ନାହିଁ । ଏହା ଶିକ୍ଷାର ଦୋଷ । ଉତ୍କଳସମ୍ମିଳନୀ ଏ ବିଷୟରେ ଯତ୍ନ କଲେ କି କାର୍ଯ୍ୟ ହୁଅନ୍ତା ନାହିଁ ? ମାତ୍ର ତହିଁର ଦଶା—ବର୍ଷକରେ ଥରେ ଶାଏ—ମୁହଁ ମାଡ଼ି ପଡ଼ିଥାଏ । ତାହାର ବର୍ତ୍ତମାନ୍ ଶଯ୍ୟାବସ୍ଥା ।

---

ମେଦିନୀପୁରର ବମ୍ ମୋକଦ୍ଦମା ।

ମେଦିନୀପୁରର ବମ୍ ବା ସରକାର ବିରୁଦ୍ଧରେ ଷଡ଼ଯନ୍ତ୍ର ମୋକଦ୍ଦମାର ଅପିଲ କଲିକତା ହାଇକୋର୍ଟରେ ଗତ ମଙ୍ଗଳବାର ଫଇସଲ ହୋଇଗଲା । ମାନ୍ୟବର ପ୍ରଧାନ ବିଚାରପତି ଜେନ୍‌କିନ

ସାହେବ ଏବଂ ମାଜିଷ୍ଟ୍ରେଟ ବସୁରଥ ଭାଲୁରି ଅଶୁତୋଷ ମୁଖର୍ଜ୍ୟା ଏହି ଅପିଲ ବିଚାର କରି ଏକମତରେ ଅପିଲାଣ୍ଟ ଅସାମୀ ଜ ୩ ଙ୍କୁ ଖଲାସ ଦେଇ ଅଛନ୍ତି । ପାଠକମାନଙ୍କର ସ୍ମରଣ ଅଛି ଯେ ଏହି ମୋକଦ୍ଦମାରେ ନିମ୍ନଅଦାଲତରୁ ପୁଲିସ ଜ ୨୭ ଣ ଅସାମୀ ପଠାଇଥିଲେ । ସର-କାରୀ ବାରିଷ୍ଟର ବାବୁ ଏସ୍, ପି, ସିଂହ ମୋକଦ୍ଦମା ଚଳାଇବା କାରଣ ସରକାର ପକ୍ଷରୁ ନିଯୁକ୍ତ ହୋଇ ପୁଲିସର ପ୍ରମାଣାଦି ଦେଖି ଜ ୨୪ ଣ ଅସାମୀ ବିରୁଦ୍ଧରେ ମୋକଦ୍ଦମା ଉଠାଇ ନେବାର ପରାମର୍ଶ ଦେଲେ । ଅବଶିଷ୍ଟ ଯେଉଁ ତିନିଜଣ ଅପରାଧ ସ୍ୱୀକାର କରିଥିଲେ କେବଳ ସେହିମାନଙ୍କ ନାମରେ ମୋକଦ୍ଦମା ଚଳିଲା ଓ ସେମାନେ ଦଉରାଜଜଙ୍କ ବିଚାରରେ ଦଶବର୍ଷ ଓ ସାତବର୍ଷ ଦ୍ୱୀପାନ୍ତରବାସ ଦଣ୍ଡ ପାଇଲେ । ସେମାନଙ୍କର ନାମ ସନ୍ତୋଷଚନ୍ଦ୍ର ଦାସ, ସୁରେନ୍ଦ୍ର ମୁଖର୍ଜ୍ୟା ଏବଂ ଯୋଗଜୀବନ ଘୋଷ ପ୍ରଥମ ଲିଖିତ ଦୁଇଜଣ ସମ୍ବନ୍ଧରେ ବିଚାରପତି-ମାନେ ଲେଖିଅଛନ୍ତି ସେମାନଙ୍କର ସ୍ୱୀକାର ଅବୈଧରୂପେ ନିଆଯାଇ ଥିଲା । ସେହି ସ୍ୱୀକାର ଉକ୍ତ ମାଜିଷ୍ଟ୍ରେଟ ଅନେକ ଅବସରରେ ଲେଖି ନେଇ ନାହାନ୍ତି ଏବଂ ଅସାମିମାନେ ଇଚ୍ଛାପୂର୍ବକ ସ୍ୱୀକାର କରି ନ ଥିବା ହେତୁରେ ପ୍ରମାଣ ସ୍ୱରୂପ ଗୃହୀତ ହୋଇ ନ ପାରେ, ସୁରେନ୍ଦ୍ର ବିରୁଦ୍ଧରେ ତାହାର ସ୍ୱୀକାର ଛଡ଼ା ଅନ୍ୟ କିଛି ପ୍ରମାଣ ନାହିଁ । ସନ୍ତୋଷର ସ୍ୱୀକାର ଛଡ଼ିଗଲା ଉତ୍ତାରୁ ତାହା ବିରୁଦ୍ଧରେ ଏତିକି ପ୍ରମାଣ ଅଛି ଯେ ତାହା ଘରେ ବହି ପାଇ ଯାଇଅଛି ମାତ୍ର ସେ ଘର ତାହାର ବାପର ଏବଂ ତହିଁରେ ସନ୍ତୋଷ ବାସ କରୁଥିଲେହେଁ ପରିବାରର ଅନ୍ୟବ୍ୟକ୍ତି ଏବଂ ତାହା ବୈଠକଖାନା ଥିବାରୁ ଅନ୍ୟଲୋକ-ମାନେ ବ୍ୟବହାର କରୁଥିଲେ । ସେ ଘରେ ପୁଲିସ ବହି ରଖି ଦେଇଥିବାର ଅସାମୀ ପକ୍ଷର କଥିତ ଅଛି ଏବଂ ଯଦ୍ୟପି ତହିଁର ବଳ ପ୍ରମାଣ ଅଭାବରେ ତାହା ମିଥ୍ୟା ବୋଲାଯାଇ ନ ପାରେ ତଥାପି ମୋକଦ୍ଦମାର ଗତି ଦେଖି ତାହା ଏକା-ବେଳେ ଉଡ଼ାଇ ଦିଆଯାଇ ନ ପାରେ । ଯୋ-ଗଜୀବନ ବ ୧୬ ବର୍ଷର ପିଲା ତାହା ବିରୁଦ୍ଧରେ ଏକା ଅବରୁଦ୍ଧ ଉକ୍ତମାନଙ୍କର ସାକ୍ଷ୍ୟ ବିନା ଅନ୍ୟ କିଛି ପ୍ରମାଣ ନାହିଁ ଏବଂ ତାହା ବିରୁଦ୍ଧରେ ମୋକଦ୍ଦମା ଚଳାଇବାର ଦରକାର ହେତୁ ନ ଥିବାର ସରକାରୀ ବାରିଷ୍ଟର ସୁବିବେଚନା-ପୂର୍ବକ କହିଥିଲେ । ଅତଏବ ଅସାମିମାନଙ୍କୁ ନିର୍ଦ୍ଦୋଷୀ ବୋଲି ମୁକ୍ତି ଦେଇ ବିଚାରପତିମାନେ ପୁଲିସର କାର୍ଯ୍ୟ ପ୍ରଣାଳୀର ତୀବ୍ର ସମାଲୋଚନା କରିଅଛନ୍ତି । ଏ ମୋକଦ୍ଦମାରେ ପ୍ରଥମରୁ ଜନସା-ଧାରଣଙ୍କର ଯାହା ଧାରଣା ଥିଲା ହାଇକୋର୍ଟର ବିଚାରରେ ତାହାହିଁ ପ୍ରମାଣ ହେବାର ଦେଖି ସମସ୍ତେ ହାଇକୋର୍ଟର ଧର୍ମବିଚାରର ଅଶେଷ ପ୍ରଶଂସା କରୁଅଛନ୍ତି ବାସ୍ତବରେ ହାଇକୋର୍ଟର ବିଚାରରେ ଧର୍ମର ଜୟ ଏବଂ ଇଂରାଜ ରାଜତ୍ୱର ନ୍ୟାୟବିଚାରର ମହିମା ରକ୍ଷା ହେଲା ଏହା ଦେଖି କିଏ ଧନ୍ୟ ନ କହିବ ?

———

## ବ୍ରାହ୍ମମତେ ଶ୍ରାଦ୍ଧ ।

ଅସ୍ମମାନଙ୍କର ସ୍ନେହାସ୍ପଦ ବନ୍ଧୁ ରାୟ ମଧୁସୂଦନ ରାଓ ବାହାଦୁରଙ୍କ ପିତା ପରଲୋକ ଗମନ କରି-ଥିବା ବିଷୟ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ସେ ବ୍ରାହ୍ମ ହେଲେହେଁ ତାଙ୍କ ପିତା ହିନ୍ଦୁ ଥିଲେ ଏବଂ ସେଉଁ ପୁତ୍ର ତାଙ୍କ ସହିତ ହିନ୍ଦୁଧର୍ମରେ କାଳ କଟାଇଅଛନ୍ତି ସେ ହିନ୍ଦୁମତରେ ଶ୍ରାଦ୍ଧ କ୍ରିୟା ସମ୍ପନ୍ନ କରିଥିବେ । ମାତ୍ର ଅସ୍ମମାନଙ୍କର ବନ୍ଧୁ ମହୋଦୟ ବ୍ରାହ୍ମଧର୍ମା-ବଲମ୍ବୀ ଥିବାରୁ ଗତ ରବିବାର ଦିନ ସେ ବ୍ରାହ୍ମ-ମତରେ ପିତାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କ୍ରିୟା କରିଥିଲେ ସେ ଦିନ ଦଶାହ ଥିଲା ଏବଂ ଅନ୍ୟ ହିନ୍ଦୁପୁତ୍ରଙ୍କ ପ୍ରାୟ ମଧୁବାବୁ ମଧ୍ୟ ମସ୍ତକ ମୁଣ୍ଡନ କରିଥିଲେ । ତାଙ୍କ ନାତିମାନଙ୍କର ମସ୍ତକ ମୁଣ୍ଡନ ହୋଇନାହିଁ । ମଧୁବାବୁ ସେଦିନ ଏଠାର କେତେକ ଲୋକଙ୍କୁ ଆପଣା ଆବାସକୁ ନିମନ୍ତ୍ରଣ କରିଥିଲେ ଏବଂ ସେଠାରେ ଦ୍ୱିତଳ ଗୃହର ଗୋଟିଏ ଘରେ ବସିଣା ପଢ଼ାହୋଇ ଆଚାର୍ଯ୍ୟ ଓ ଅନ୍ୟ ଦୁଇଜଣ କାର୍ଯ୍ୟକାରୀ ବ୍ରାହ୍ମଗଣ ଅଟ୍ଟୋପର ଉପବିଷ୍ଟ ଥିଲେ ପାର୍ଶ୍ୱରେ ଗାୟକ ସ୍ୱତନ୍ତ୍ର ଆସନରେ ଉପବିଷ୍ଟ ଥାଇ ହାରମୋନିୟମ ସହିତ ଗୀତ ଗାନ କରୁଥିଲେ ଏବଂ ଅନ୍ୟ ପାର୍ଶ୍ୱରେ ମଧୁବାବୁ ଉତ୍କଣ୍ଠିତ ଶୋକମ୍ଲାନ ଚିତ୍ତରେ ଉପବିଷ୍ଟ ଥିଲେ । ଆଚାର୍ଯ୍ୟଙ୍କ ସମ୍ମୁଖରେ ଯେମନ୍ତ ଅଗ୍ନିସ୍ଥାନର ପୁଷ୍ପମଣ୍ଡିତମାନ ଥିଲ ହୋଇଥିଲା ଯେମନ୍ତ ଘରଟି ମଧ୍ୟ ସୁନ୍ଦର ରୂପରେ ପତ୍ର ପୁଷ୍ପା-ଦିରେ ସୁସଜ୍ଜିତ ଥିଲା । ପ୍ରଥମେ ବ୍ରହ୍ମମନ୍ତ୍ର ଉପାସନା ଓ ଗୀତାଦି ହେଲା ପରେ ଆଚାର୍ଯ୍ୟ ଲେଖାଯାଇ ପରଲୋକଗତ ପିତାମହଙ୍କ ଜୀବନୀ ପାଠ କଲେ । ତହିଁରୁ ପ୍ରକାଶ ହେଲା ଯେ ମୃତ ମହାତ୍ମା ହିନ୍ଦୁଧର୍ମରେ ରହି ପ୍ରସାଦରେ ବାସ କରୁଥିଲେହେଁ ସେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶ-ନକୁ ଯାଉ ନ ଥିଲେ ଏବଂ ଯଦିବା ପ୍ରଥମେ ତାଙ୍କର ବ୍ରାହ୍ମଧର୍ମପ୍ରତି ଶ୍ରଦ୍ଧା ନ ଥିଲା ତଥାପି ମୃତ୍ୟୁ-ର କେ ଗର୍ଷ୍ଟନକୁ ଯାଇ ସେଠାରୁ ଫେରିଆସି ତହିଁର କୌଣସି ଶାନ୍ତି ପାଇ ନ ଥିବାର କହି ତାଙ୍କର ଦାରୁଣୀକ କହିଥିଲେ ଯେ ସମ୍ପ୍ରତି ବ୍ରାହ୍ମଧର୍ମହିଁ ଠିକ୍ । ଏଥିଉତ୍ତାରେ ମଧୁବାବୁଙ୍କ କନ୍ୟା ତାଙ୍କ ସମକ୍ଷ ଯାହା ଉପଦେଶ ଲେଖି ଦେଇଥିଲେ ତାହା ପାଠ ହୋଇ ଏବଂ ମଧୁବା-ବୁଙ୍କ ନିବେଦନ ଓ ଆଶୀର୍ବାଦ ହୋଇ ଉପ-ସ୍ଥିତ ବ୍ରାହ୍ମ ଭ୍ରାତା, ଭଗିନୀମାନଙ୍କର ଭୋଜନାନ୍ତେ ସମସ୍ତେ ବିଦାୟ ଗ୍ରହଣ କରିଥିଲେ । ହିନ୍ଦୁ ଅବଶ୍ୟ ଏହା ଦେଖି ଶ୍ରାଦ୍ଧଟା ଶୁଣିଥ ମନେ କରିଥିବେ ମାତ୍ର ଭାବର ମାଧୁର୍ଯ୍ୟ ଦେଖିବାକୁ ଗଲେ ବହୁଦାନସମାକୀର୍ଣ୍ଣ ଶ୍ରାଦ୍ଧ ଅପେକ୍ଷା ଏହା ଶତଗୁଣେ ଶ୍ରେୟସ୍କର । ହିନ୍ଦୁମତରେ ଯେଉଁ-ଠାରେ ଦାନ ଦେବାର ଶକ୍ତି ନାହିଁ ସେଠାରେ ସଗ୍ରରେ ଲୋତକ ବିସର୍ଜନ କଲେସୁଦ୍ଧା ତାହାକୁ ଶ୍ରାଦ୍ଧ ବୋଲାଯିବ । ଏକୋଟି କଥା ଭୁଲି ଦେ-ଖିଲେ ପାଠକ ଶ୍ରାଦ୍ଧର ମର୍ମ ବୁଝିପାରିବେ । “ଶ୍ରଦ୍ଧୟା ଅନ୍ନାଦେର୍ଦାନଂ ଶ୍ରାଦ୍ଧଂ” । ବ୍ରାହ୍ମଣମା-ନଙ୍କ ଯୋଗେ ଅନ୍ନାଦି ଦାନ ବହୁଳ ହେତୁ ହିନ୍ଦୁ ଏ ଋଣ କରି ସୁଦ୍ଧା ବ୍ରାହ୍ମଣାଦିଙ୍କି ଦାନ ଦେଇ ତାଙ୍କ ଶ୍ରାଦ୍ଧଟିକ ପ୍ରକୃତରେ ଅପଣାର ଅଣ୍ଡାଳ କାର୍ଯ୍ୟରେ ପରିଣତ କରିଅଛନ୍ତି । “ସଂସ୍କୃତବ୍ୟଞ୍ଜନାଢ୍ୟଞ୍ଚ ପୟୋଦଧି ଘୃତାନ୍ୱିତଂ । ଶ୍ରଦ୍ଧୟାଦୀୟତେ ଯସ୍ମାତ୍ ଶ୍ରାଦ୍ଧଂ ତେନ ନିଗଦ୍ୟତେ ।” ମୃତବ୍ୟକ୍ତିଙ୍କ ଜୀବନୀ ଓ ସତ୍କାର୍ଯ୍ୟ ସ୍ମରଣ କରି ତଦ୍ରୂପରେ ଆପଣାର ହୃଦୟ ଗଢ଼ି-ବାକୁ କାର୍ଯ୍ୟ କ୍ଷେତ୍ରରେ ଉନ୍ନତିଶୀଳ କରିବା-କାରଣ ବନ୍ଧୁବର୍ଗଙ୍କୁ ନେଇ ତଦ୍ବିଷୟ ଆଲୋ-ଚନାପୂର୍ବକ ପରସ୍ପର ମିଳି ସଂସ୍କୃତ ଭୋଜନ କରିବା ଆଦିଠାରୁ ଶ୍ରେଷ୍ଠତର ଏବଂ ବ୍ରାହ୍ମମା-ନେ ଏହାକୁ ଆଦରିଅଛନ୍ତି । “ହେମାଦ୍ରୌ ପଦୋପକାରାତ୍ ପିତୃଣାଂ ଚତୁର୍ଥ୍ୟାନ୍ତପଦେ-ନୋଦ୍ଦିଶ୍ୟ ଦ୍ରବ୍ୟତ୍ୟାଗଃ ଶ୍ରାଦ୍ଧମ୍ ।” ମଳର ଶାନ୍ତି-ବିଧାନାର୍ଥ ବନ୍ଧୁବର୍ଗଙ୍କୁ ନେଇ ଆର୍ଯ୍ୟମାନେ ଯେଉଁ ହେମନ୍ତ୍ରାସ ଆପଣାରୁ ଓ ବନ୍ଧୁବର୍ଗଙ୍କ ସହିତ ଭୋଜନ ପଙ୍କ୍ତି କରୁଥିଲେ ତାହା ମଧ୍ୟ ଶ୍ରାଦ୍ଧ ଏବଂ ପଞ୍ଚଦାନାଦି ହୋମ କ୍ରିୟା ହେଉ ବୈଜ୍ଞାନିକ ଦୃଷ୍ଟିରେ ଏହା ସର୍ବତୋଭାବେ ଶ୍ରେୟସ୍କର ଅଟେ । ତାହାହେବା କାର୍ଯ୍ୟକୁ ଆମ୍ଭେ-ମାନେ ନିନ୍ଦା କରୁ ନାହୁଁ । ମାତ୍ର ତଦ୍ଦ୍ୱାରା ହିନ୍ଦୁ-ସମାଜର ବିଶେଷ ଅନିଷ୍ଟ ସାଧନ ହେଉଅଛି ।

Split by PDF Splitter
Digitized by srujanika@gmail.com

ବନ୍ଧୁମାନେ ଦାନ ବତ୍ସଳକ୍ଷିତା ଜଗ ସ୍ତବନରେ ବର୍ଷଣ କରୁଅଛନ୍ତି ଏବଂ ତାଙ୍କ ଦେଖା ଦେଖି ଅନ୍ୟ ଅଧମ ଲୋକମାନେ ସୁଦ୍ଧା ଭକ୍ତି ଜଗ ଦାନ ଦେଉଅଛନ୍ତି । ଏ ଦେଶରେ ବ୍ରାହ୍ମଣମାନଙ୍କର ଅଭ୍ୟାସ ଓ ଜ୍ଞାନ ପରଲୋକାଦଙ୍କ କଥା ସହିବାକୁ ହେବ । ଶାସ୍ତ୍ର ପ୍ରକୃତତତ୍ତ୍ୱ ଯେ ସମସ୍ତ ଶାସ୍ତ୍ର ତାହା ବାସ୍ତବ କିନ୍ତୁ ଦେଖୁ ଅଛ ଯାରେ ପରଶର ଦେଉଅଛୁ ଏବଂ ବ୍ରାହ୍ମଣଙ୍କର ଉଦ୍ଧାର କଷ୍ଟ ଲାଭ ହେଉଥିଲେହେଁ ତାହା ସମାଜର ପୁଷ୍ଟିସାଧକ ନୁହଇ । ଏହି କ୍ରିୟା ବନ୍ଧୁଳତା ଯୋଗୁଁ ଲୋକଙ୍କର ହୃଦୟରେ ଅଶ୍ରଦ୍ଧା ଜାତ ହେଉଅଛି ଏବଂ ଯେତେ ଶୀଘ୍ର ଏହିର ସଂସ୍କାର ହୋଇ ପ୍ରକୃତ ଆର୍ଯ୍ୟ ଧର୍ମର ଅନୁଷ୍ଠାନ ହୁଏ ସେତେ ମଙ୍ଗଳ ।

କଲିକତା ବିଶ୍ୱବିଦ୍ୟାଳୟର ଗତ ପ୍ରବେଶିକା ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

ରେଭେନସା କଲେଜିଏଟ୍ ସ୍କୁଲ—୧ମ ଶ୍ରେଣୀ ।

ସୁଧୀରଚନ୍ଦ୍ର ବୋଷ*, ସୁଶୀଲଚନ୍ଦ୍ର ବୋଷ*, ବାଞ୍ଛାମ୍ବର ଦାସ, ପ୍ରମୋଦକୁମାର ଦେ*, ଉଦୟନାଥ ପଟ୍ଟନାୟକ, ଅର୍ଜ୍ଜୁନ ମହାନ୍ତି, ନଟବରଦାସ ମହାନ୍ତି*, ଭଗୀରଥି ମହାନ୍ତି, ହରେକୃଷ୍ଣଦାସ ମହାନ୍ତି, ଦ୍ୱାରକାନାଥ ମହାପାତ୍ର, ପ୍ରାଣକୃଷ୍ଣ ପରିଜା*, ବାଞ୍ଛାନିଧି ପଟ୍ଟନାୟକ*, ଗୋପାଳକୃଷ୍ଣଦାସ ପଟ୍ଟନାୟକ, ଅନନ୍ତକୁମାର ଗୁପ୍ତ, ହରିପଦ ଗୁପ୍ତ, ବୃନ୍ଦାବନ ତ୍ରିପାଠୀ ।

୨ୟ ଶ୍ରେଣୀ

ଭୂତନାଥ ବୋଷ, ଜଗମୋହନ ବେହୁରଥ, ଜଗନ୍ନାଥ ଦାସ, ମଦନମୋହନ ଦାସ, ନୀଳକଣ୍ଠ ଦାସ, ଗୋକୁଳ ଦାସ, ଜ୍ୟୋତିର୍ମୟ ଦାସ ଗୁପ୍ତ, ବୃନ୍ଦାବନକିଶୋର ଦତ୍ତ, ଏକାମଲ୍ ହକ୍, ମଣୀନ୍ଦ୍ରକୁମାର ଗୁପ୍ତ,* ମହମ୍ମଦ ମୁଜିଲ ହାଜର*, ପଦ୍ମଚରଣ ମହାନ୍ତି, ଜ୍ୟୋତିନ୍ଦ୍ରମୋହନ ମିଶ୍ର, ଛବିନ୍ଦ୍ରନାଥ ମିଶ୍ର, ହରିହର ମୁଖୋପାଧ୍ୟାୟ* ସାଧୁଚରଣ ପରିଡା, ନରେନ୍ଦ୍ରକୁମାର ପାଣ୍ଡି* ଅନନ୍ତଚନ୍ଦ୍ର ରଥ, ଭାସ୍କର ରଥ, ଶ୍ୟାମସୁନ୍ଦର ସେନ ।

୩ୟ ଶ୍ରେଣୀ ।

ଯୋଗେଶଚନ୍ଦ୍ର ମୁଖୋପାଧ୍ୟାୟ, ମଧୁସୂଦନ ଚାଟୁଜ୍ୟେ, ସୟଦସଲାଉଦ୍ଦିନ ହୋସେନ,

ପି, ଏମ୍ ଏକାଡେମୀ ସ୍କୁଲ —୧ମ ଶ୍ରେଣୀ ।

ଭବକିଶୋର ଦାସ, ଶୈଳେନ୍ଦ୍ରନାଥ ଘୋଷ* ଶଚୀନ୍ଦ୍ରନାରାୟଣ ଦତ୍ତ, ମଧୁସୂଦନ ମହାପାତ୍ର, ପୀତାମ୍ବର ସାମନ୍ତ, ।

୨ୟ ଶ୍ରେଣୀ ।

ନରେଶଚନ୍ଦ୍ର ବୋଷ, ନରେଶ୍ୱରଚନ୍ଦ୍ର ଚନ୍ଦ୍ର,* ଶିବାନନ୍ଦ ଦାସ, ଦାମୋଧର ଦାସ, ଜଗବନ୍ଧୁ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ନରେନ୍ଦ୍ରନାରାୟଣ ଦତ୍ତ, ଅକ୍ଷୟକୁମାର ଦେ, ଜି, ସୂର୍ଯ୍ୟ ନାରାୟଣ, ବ୍ରଜମୋହନ ଗୁରୁ, ମଦନମୋହନ ମହାନ୍ତି, ପୀତବାସ ମହାନ୍ତି, ବାଞ୍ଛାନିଧି ମିଶ୍ର, ଦୁଃଖିଶ୍ୟାମ ମିଶ୍ର, କେଦାରନାଥ ମିଶ୍ର, ହରିହର ପାଲିତ, ଭଗବାନ ରଥ, ବ୍ରଜବନ୍ଧୁ ଷଡ଼ଙ୍ଗୀ, ଜଗନ୍ନାଥ ପ୍ରସାଦ ସେନ, ନିମାଇଁଚରଣ ସିଂହ, ଦଣ୍ଡପାଣି ତ୍ରିପାଠୀ ।

୩ୟ ଶ୍ରେଣୀ ।

ବାଲକୃଷ୍ଣ ଦାସ, ବ୍ରହ୍ମାନନ୍ଦ ଦାସ, ଗଣେଶ୍ୱର ମହାନ୍ତି, ହରିହର ମିଶ୍ର, ମହମ୍ମଦ କାସିମଅଲି, ଗୌରମୋହନ ପାଢ଼ି, ସ୍ୱପ୍ନେଶ୍ୱର ପାଣ୍ଡି ।

କଟକ ଟାଉନ ଇନଷ୍ଟିଚ୍ୟୁସନ ସ୍କୁଲ—୧ମ ଶ୍ରେଣୀ ।

କୈବଲ୍ୟନାଥ ବନ୍ଦ୍ୟୋପାଧ୍ୟାୟ, ଦୁର୍ଗାଚରଣ ଦାସ, ଗୋପାଳଚରଣ ପଟ୍ଟନାୟକ, ।

୨ୟ ଶ୍ରେଣୀ ।

ବନମାଲୀ ବେହୁରା, ଗିରୀଶ ଗର୍ଗ, ଜଗନ୍ନାଥ ଦାସ. ରାମଚନ୍ଦ୍ର ଦାସ, ଦୁଲାଳଚନ୍ଦ୍ର, ଦତ୍ତ, ହରେଶ୍ୱରଚରଣ ମହାନ୍ତି, ରାଧାଶ୍ୟାମ ମହାନ୍ତି, ପରମାନନ୍ଦ ମଜୁମଦାର, ତ୍ରୈଲୋକ୍ୟନାଥ ମିଶ୍ର* ଅନନ୍ତଚରଣ ଗୁପ୍ତ, ଅତୁଲଚନ୍ଦ୍ର ଗୁପ୍ତ, ସଚ୍ଚିଦାନନ୍ଦ ଗୁପ୍ତ ।

୩ୟ ଶ୍ରେଣୀ ।

ଘନଶ୍ୟାମ ଖାଡ଼ଙ୍ଗା, ଯଦୁନାଥ ମହାନ୍ତି, ରଘୁନାଥ ସେନା, ହରବଲ୍ଲଭ ପଟ୍ଟନାୟକ, ଗଣପତି ରଥ ।

କଟକ ମିଶନ ୧ମ ଶ୍ରେଣୀ

ଅମଣି ଦାସ,* କଷ୍ଟମଣି ଦାସ,* ହାରବନ୍ଧୁ ପାଣ୍ଡି,* ସେକ୍ ଅହ୍ମଦ ବକ୍ସ* ।

୨ୟ ଶ୍ରେଣୀ

ଇନ୍ଦୁମଣି ମହାନ୍ତି, ଲକ୍ଷ୍ମୀମଣି ମହାନ୍ତି, ଦାମୋଦର ମିଶ୍ର, ଅପୂର୍ବ କିଶୋର ସରକାର,* ସୟଦ ହୋସେନ ଶରଫ୍,

୩ୟ ଶ୍ରେଣୀ ।

ପ୍ରଫୁଲ୍ଲକୁମାର ପାଣ୍ଡି,* ସେଖ୍ ଇବ୍ରାହିମ ଅହମ୍ମଦ ।

କେନ୍ଦ୍ରାପଡ଼ା ୧ମ ଶ୍ରେଣୀ

ବୃନ୍ଦାବନ ମହାନ୍ତି, ରାଧଚରଣ ମହାପାତ୍ର, ଦ୍ୱିଜେନ୍ଦ୍ର କୃଷ୍ଣ ମିଶ୍ର, ନାରୁଚରଣ ପଣ୍ଡା ।

୨ୟ ଶ୍ରେଣୀ

କଂସାରି ପରିଡ଼ା, ପ୍ରାଣକୃଷ୍ଣ ଦାସ

୩ୟ ଶ୍ରେଣୀ

ମହମ୍ମଦ ଇସାକ ।

ଯାଜପୁର ସ୍କୁଲ—୧ମ ଶ୍ରେଣୀ ।

କୃଷ୍ଣଚରଣ ମହାନ୍ତି ।

୨ୟ ଶ୍ରେଣୀ ।

ଅକ୍ଷୟକୁମାର ଘୋଷ, ବାଳଧର ମହାପାତ୍ର, ବୈକୁଣ୍ଠନାଥ ମିଶ୍ର, ।

ପୁରୀ ୧ମ ଶ୍ରେଣୀ

ରାଧାକୃଷ୍ଣ ଦାସ, ବୃନ୍ଦାବନ ଚନ୍ଦ୍ର ମୈତ୍ର ବନମାଳିଭୂଷଣ ମଜୁମଦାର, ହରିକୁମାର ନିୟୋଗୀ ମଦନମୋହନ ପଟ୍ଟନାୟକ, ଧର୍ମ୍ମାନନ୍ଦ ତ୍ରିପାଠୀ ।

୨ୟ ଶ୍ରେଣୀ

ସଦାଶିବ ମହାନ୍ତି, ଦାମୋଦର ମିଶ୍ର, ହରିହର ମିଶ୍ର, ହରିକୃଷ୍ଣ ମିଶ୍ର, ଜଗନ୍ନାଥ ରଥ, ଦୁର୍ଯ୍ୟୋଧନ ତ୍ରିପାଠୀ, କମଳାଚରଣ ଚନ୍ଦ ।

ଖୋର୍ଦ୍ଧା ସ୍କୁଲ—୧ମ ଶ୍ରେଣୀ ।

ଗୋବିନ୍ଦ ମହାପାତ୍ର, ପଦ୍ମଚରଣ, ପଟ୍ଟନାୟକ, ଶମ୍ଭୁନାଥ ରାଉତରାୟ, ମଦନମୋହନ ସାମନ୍ତ, ସେଖ୍ ଗହିରୁଦ୍ଦିନ ।

୨ୟ ଶ୍ରେଣୀ ।

ଫୁଲୁଖାନ୍ ଖାଁ, ଚିନ୍ତାମଣି ରାଉତରାୟ,

ବାଲେଶ୍ୱର ଜିଲ୍ଲାସ୍କୁଲ ୧ ମ ଶ୍ରେଣୀ

ଧୀରେନ୍ଦ୍ରକୁମାର ବୋଷ, ଗଜେନ୍ଦ୍ରପ୍ରସାଦ ଦାସ, ରାମକୃଷ୍ଣ ଦାସ, ଉଦୟନାଥ ମିଶ୍ର, ନରେନ୍ଦ୍ରନାଥ ସରକାର, ସୟଦ ଅବଦୁଲ ସତାର, ଜଗଦ୍ବନ୍ଧୁ ଦତ୍ତ ।

୨ୟ ଶ୍ରେଣୀ

ଅବଦୁଲ ରହମ ଖାଁ, ପ୍ରବୋଧଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାଧାରଞ୍ଜନ ଦାସ, ଯନ୍ ହାମୁଏଲ ନାୟକ, ମୋହିନୀମୋହନ ଗୁପ୍ତ, ସୁଧୀରଚନ୍ଦ୍ର ସରକାର, ସେଖ୍ ଫଇଜଅଲ୍ଲା, ସୟଦ ଅବଦୁଲ ଲୁଥଫି ।

୩ୟ ଶ୍ରେଣୀ

ଚନ୍ଦ୍ରଶେଖର ଦାସ, ସାହାମଲ୍ଲା, ରାଧାକୃଷ୍ଣ ସାହା, ମନ୍ମଥନାଥ ସରକାର ।

ବାଲେଶ୍ୱର ଖ୍ରୀଷ୍ଟିୟାନ ସ୍କୁଲ

୨ୟ ଶ୍ରେଣୀ

ବସନ୍ତକୁମାର ଘଟକ, ଅନନ୍ତପ୍ରସାଦ ରଣା ।

୩ୟ ଶ୍ରେଣୀ ।

ପୂର୍ଣ୍ଣଚନ୍ଦ୍ର ମୁରମ୍ ।

ଭଦ୍ରକ ୧ମ ଶ୍ରେଣୀ

ଗୋକୁଳାନନ୍ଦ ନାୟକ

୨ୟ ଶ୍ରେଣୀ

ଅବୋଧଚନ୍ଦ୍ର ଚଟ୍ଟୋପାଧ୍ୟାୟ, ଲୋକନାଥ ମହାନ୍ତି, ମହମ୍ମଦ ଅଲି ସାହା ।

୩ୟ ଶ୍ରେଣୀ

ମୁନ୍ସୀ ଗୋଲାମ ରସୁଲ, ଘନଶ୍ୟାମ ଗୁପ୍ତ-ମହାପାତ୍ର, ରତନ ଦାସ ।

ଲକ୍ଷ୍ମଣ ନାଥ ୧ମ ଶ୍ରେଣୀ

ପଦ୍ମଲୋଚନ ନାୟକ ।

୨ୟ ଶ୍ରେଣୀ

ବ୍ରଜଗୋପାଳ ଘୋଷ, ଲାଲମୋହନ ମହାପାତ୍ର ଯତୀନ୍ଦ୍ରନାଥ ସେନ ।

୩ୟ ଶ୍ରେଣୀ

ରସିକଲାଲ ବୋଷ ।